# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ଜୁନ୍ ୧୦/୨୦୧୯ (୧୬ ପୃଷ୍ଠା) Dhenkanal, Monday, June 10 / 2019 ★★★★★

୧୫ଶ ଭାଗ ୧୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**୩୪ ବର୍ଷରେ ସୋନମ୍**
ଅଭିନେତ୍ରୀ ସୋନମ୍ କପୁର ରବିବାର ୩୪ବର୍ଷରେ ପଦାର୍ପଣ କରିଛନ୍ତି। ଘନିଷ୍ଠ ସାଙ୍ଗସାଥୀ ଏବଂ ପରିବାର ସଦସ୍ୟଙ୍କ ମେଳରେ ସେ ଜନ୍ମଦିନ ପାଳନ କରିଛନ୍ତି। ୦୨

୧୫ **ମ୍ଲାଡେନୋଭିଚ୍‌ଙ୍କୁ ଦ୍ୱିତୀୟ ଫ୍ରେଞ୍ଚ ଓପନ ଟାଇଟଲ**
ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଦ୍ୱିତୀୟ ଥର ଫ୍ରେଞ୍ଚ ଓପନ୍ ଟେନିସ୍ ମହିଳା ଡବଲ୍ସ ଟାଇଟଲ ଜିତିଛନ୍ତି।



## ■ ହାଟବେଳେ ଭୁଶୁଡ଼ିଲା ପରିତ୍ୟକ୍ତ ରାଇସ୍ ମିଲ୍ ପାଚେରି
# ଚପିଗଲା ଚାରି ଜୀବନ

**ଢେଙ୍କାନାଳ ଅଫିସ,୯।୬**

ହାଟର ନାଁ ଅଳସୁଆ। ହେଲେ ହାଟୁଆମାନେ ଆଦୌ ଅଳସୁଆ ନୁହନ୍ତି। ସେଥିପାଇଁ ପ୍ରତି ସପ୍ତାହର ଶେଷ ଦିନରେ ଭାରି ଭିଡ଼ ହୁଏ ଢେଙ୍କାନାଳ ଷ୍ଟେଶନ ବଜାର ରୋଡ୍‌ରେ ଥିବା ଏହି ହାଟରେ। ସବୁଥର ପରି ରବିବାର ବି ବସିଥିଲା ହାଟ। ଭଲ ବେପାର ଆଶାରେ ଆସିଥିଲେ ବ୍ୟବସାୟୀ। ତାଜା ପରିବା ନେବାକୁ ପହଞ୍ଚିଥିଲେ ଗରାଖ। କିଣା ବିକା ଜୋର୍ ଧରୁଥିବା ବେଳେ ହଠାତ୍ ଘଟିଗଲା ଏକ ଦୁର୍ଘଟଣା। ସକାଳ ୮ଟା ୧୫ରେ ଭୁଶୁଡ଼ି ପଡ଼ିଲା ହାଟ ନିକଟରେ ଥିବା ଏକ ପରିତ୍ୟକ୍ତ ରାଇସ୍ ମିଲ୍‌ର ପାଚେରି, ଯାହା ତଳେ ଚପିଗଲା ୪ ବ୍ୟବସାୟୀଙ୍କ ଜୀବନ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ଆହତମାନଙ୍କ ଚିକିତ୍ସା ବିନା ମୂଲ୍ୟରେ କରାଯିବ ବୋଲି ସେ କହିଛନ୍ତି।

ସକାଳ ସାଢ଼େ ୭ଟାରୁ ଆରମ୍ଭ ହୋଇଥିଲା ଢେଙ୍କାନାଳ ପୌର ପରିଷଦ ଅଧୀନରେ ଥିବା ଅଳସୁଆ ହାଟ। ଅପରାହ୍ନ ଯାଏ ଏହା ଚାଲିବାକୁ ଥିବାରୁ ଖରାରୁ ବର୍ତ୍ତିବା ପାଇଁ କେତେଜଣ ବ୍ୟବସାୟୀ ହାଟ ପାର୍ଶ୍ୱ ଡି. ହଂସରାଜ ନାମକ ଏକ ପରିତ୍ୟକ୍ତ ରାଇସ୍‌ମିଲ୍‌ର ପାଚେରି ଛାଇରେ ବସିଥିଲେ। କିଛି ଗ୍ରାହକ ସମ୍ପୃକ୍ତ ବେପାରୀଙ୍କଠାରୁ ପରିବା କିଣୁଥିବା ବେଳେ ୧୦ରୁ ଅଧିକ ବାଇକ୍ ସେଠାରେ ରହିଥିଲା। ଏହି ସମୟରେ ହଠାତ୍ ୪୦ ବର୍ଷ ପୁରୁଣା ଉକ୍ତ ପାଚେରି ଭୁଶୁଡି ପଡିଥିଲା। ଫଳରେ ଏହା ତଳେ ବସିଥିବା ୪ ପରିବା ବ୍ୟବସାୟୀ ସଦର ଥାନା ଚାଇଁପୁରପାଟଣାର ସଂଗ୍ରାମ ସାହୁ(୨୫), ଗେଙ୍ଗୁଟିଆ ଗ୍ରାମର ରାମଚନ୍ଦ୍ର ସାହୁ(୩୨), ଗୁରୁଜଙ୍ଗର ଅଭିମନ୍ୟୁ ବିଶ୍ୱାଳ(୬୫), ଡୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି କମଗରା ସିଦ୍ଧପଡା ଗ୍ରାମର ମାୟାଧର ମଳିକ(୭୦) ଚାପି ହୋଇଯାଇଥିଲେ। ପରିବା ନେବାକୁ ଆସିଥିବା ସୋଗର କଣପାଳ ଗ୍ରାମର କିଶା ବେହେରା(୪୫), ସଦରଥାନା ଗୁଣ୍ଡିଚାପଡା ଗ୍ରୀଡ୍‌ର ସୁରକ୍ଷା କର୍ମୀ ଭାବେ କାମ କରୁଥିବା ଗଁଦିଆ ଥାନା ନୂଆଗଡର କାମେଶ ପାତ୍ର ଓ ରାସୋଳ ଥାନା ଗଞ୍ଜରା ଗ୍ରାମର ଶରତ ରାଉତ (୬୦) ମଧ୍ୟ ପାଚେରି ତଳେ ରହିଯାଇଥିଲେ। ହାଟରେ ଉପସ୍ଥିତ ଲୋକେ ପାଚେରି ତଳୁ ସମସ୍ତଙ୍କୁ ବାହାର କରିବାକୁ ଉଦ୍ୟମ କରୁଥିବା ବେଳେ ଖବରପାଇ ଟାଉନ ଥାନା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଗୁରୁତର ଅବସ୍ଥାରେ ୭ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ୪ ବେପାରୀ ସଂଗ୍ରାମ ସାହୁ, ରାମଚନ୍ଦ୍ର ସାହୁ, ଅଭିମନ୍ୟୁ ବିଶ୍ୱାଳ ଓ ମାୟାଧର ମଳିକଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତୁରନ୍ତ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଘଟଣାରେ ସାମାନ୍ୟ ଆହତ ହୋଇଥିବା ଢେଙ୍କାନାଳ ସହର ଟାଉନ ପ୍ଲାନିଂ ଅଞ୍ଚଳର ୨ଜଣଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଖବରପାଇ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ଏସ୍‌ପି ଅନୁପମା ଜେମ୍‌ସ ପ୍ରମୁଖ ଘଟଣାସ୍ଥଳ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ୨୫ ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୧୯/୨୦୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ମୃତ ବ୍ୟବସାୟୀଙ୍କ ପରିବାରକୁ ଅଧିକ କ୍ଷତିପୂରଣ ଦାବିରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସାମାନ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ସମୟରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାରକୁ ବୁଝାଶୁଝା କରିଥିଲେ। ଅଧିକ ସହାୟତା ପାଇଁ ରାଜ୍ୟ ସରକାରଙ୍କୁ ପ୍ରଶାସନ ପକ୍ଷରୁ ଲିଖିତ ଭାବେ ଜଣାଯାଇଛି ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେବାପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହି ଦୁର୍ଘଟଣା ପରେ ପୌରସଂସ୍ଥା ପକ୍ଷରୁ ତୁରନ୍ତ ଅଳସୁଆ ହାଟ ପାର୍ଶ୍ୱରେ ଥିବା ଉକ୍ତ ପରିତ୍ୟକ୍ତ ପାଚେରିର ଅନ୍ୟ ଅଂଶ ସହ ପରିତ୍ୟକ୍ତ ଘର ଗୁଡିକୁ ଜେସିବି ମେଶିନ ସାହାଯ୍ୟରେ ଭଙ୍ଗା ଯାଇଥିଲା।

ଏ ସମ୍ପର୍କରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ କହିଛନ୍ତି, ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ମୃତ ବ୍ୟବସାୟୀଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରାଯାଇ ତୁରନ୍ତ ରେଡକ୍ରସ ପକ୍ଷରୁ ୨୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। କଟକରେ ୩ ଗୁରୁତରଙ୍କ ଚିକିତ୍ସାର ତଦାରଖ କରାଯାଉଛି। ଯେଉଁମାନେ ସାମାନ୍ୟ ଆହତ ହୋଇଥିଲେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଛାଡି ଦିଆଯାଇଛି। ରାଇସମିଲ୍ କରିଥିବା ସଂସ୍ଥା କିଭଳି ଲିଜ୍ ନେଇଥିଲା ଏବଂ କେବେଠାରୁ ତାହା ବନ୍ଦ ପଡିଥିଲା ସେ ସମ୍ପର୍କରେ ତଦନ୍ତ କରାଯାଇ ନୋଟିସ୍ ଜାରି କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହାଟ ପାର୍ଶ୍ୱରେ ଥିବା ବିପଦସଙ୍କୁଳ ସମସ୍ତ ପାଚେରି, ଘରଗୁଡ଼ିକୁ ଭଙ୍ଗାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।


ପରିତ୍ୟକ୍ତ ରାଇସ୍ ମିଲର ପାଚେରି ଭୁଶୁଡ଼ି ଯାଇଛି।

- ■ କଟକରେ ଚାଲିଛି ୩ ଗୁରୁତରଙ୍କ ଚିକିତ୍ସା
- ■ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଲେଖାଏ ସହାୟତା
- ■ ରେଡକ୍ରସ ପକ୍ଷରୁ ମିଳିଲା ୨୫ ହଜାର ଟଙ୍କା
- ■ ରାଇସ୍ ମିଲ୍ ମାଲିକଙ୍କୁ ନୋଟିସ୍ କରିବ ପ୍ରଶାସନ

# ଧାଓ୍ୱନ ଧମାକା ଭାରତ ବିଜୟୀ



**ଶିଖର ଧାଓ୍ୱନ**
- ■ ୧୧୭ ରନ
- ■ ୧୦୯ ବଲ
- ■ ୧୬ ଚୌକା
- ■ ଷ୍ଟ୍ରାଇକ୍ ହାର ୧୦୭.୩୪

**ଲଣ୍ଡନ, ୯।୬**

ସ୍ଥାନୀୟ କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ କ୍ୟାରିୟରର ଅନ୍ୟତମ ସ୍ମରଣୀୟ ଇନିଂସ ଖେଳି ଭାରତ ବିଜୟର କର୍ଣ୍ଣଧାର ସାଜିଛନ୍ତି ଶିଖର ଧାଓ୍ୱନ। ଚଳିତ ଆଇସିସି ବିଶ୍ୱକପର ରବିବାର ଅନୁଷ୍ଠିତ ମ୍ୟାଚରେ ସେ ଅଷ୍ଟ୍ରେଲିଆ ବୋଲରଙ୍କୁ ଧୂଳେଇ କରି ହାସଲ କରିଥିଲେ ୧୭ତମ ଦିନିକିଆ ଶତକ(୧୧୭ ରନ, ୧୦୯ ବଲ୍, ୧୬ ଚୌକା)। ଧାଓ୍ୱନଙ୍କ ଧମାକାଦାର ଇନିଂସ ବଳରେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୫୨ ରନ କରିଥିବାବେଳେ ଅଷ୍ଟ୍ରେଲିଆ ୫୦ ଓଭରରେ ୩୧୬ ରନରେ ଅଲଆଉଟ ହୋଇ ୩୬ ରନରେ ପରାଜିତ ହୋଇଥିଲା। ଶତକୀୟ ଇନିଂସ ପାଇଁ ଧାଓ୍ୱନ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)

# ପୁଣି ଲେଉଟିଲା ତାତି

**ଭୁବନେଶ୍ୱର,୯।୬(ବ୍ୟୁରୋ)**

**୪୦ ଡିଗ୍ରୀ ଟପିଲା ୯ ସହର**

ପୁଣି ତାତି ଲେଉଟିଛି। ଶନିବାର ଅପେକ୍ଷା ରବିବାର ତାପମାତ୍ରା ବୃଦ୍ଧି ପାଇଛି। ପଶ୍ଚିମ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ଘର ଭିତରେ ମଧ୍ୟ ଗୁଳୁଗୁଳି ଅନୁଭୂତି ହେଉଛି। ରବିବାର ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର, ହୀରାକୁଦ, ଭବାନୀପାଟଣା, ବଲାଙ୍ଗୀର, ଟିଟିଲାଗଡ଼, ମାଲକାନଗିରି, ସୋନପୁର ଆଦି ୯ ସହରରେ ତାପମାତ୍ରା ୪୦ଡିଗ୍ରୀ ଟପିଥିଲା। ସମ୍ବଲପୁର ସର୍ବାଧିକ ୪୩.୬ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ହୀରାକୁଦ ୪୩.୧, ଟିଟିଲାଗଡ଼ ୪୨.୬, ଝାରସୁଗୁଡ଼ା ୪୨.୨, ବଲାଙ୍ଗୀର ୪୨, ମାଲକାନଗିରି ୪୧, ସୋନପୁର ୪୦.୮, ଭବାନୀପାଟଣା ୪୦.୫ ଓ ଅନୁଗୋଳ ୪୦.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ତାପମାତ୍ରା ୩୭.୭ଡିଗ୍ରୀ ରହିଥିବା ବେଳେ କଟକରେ ୩୬.୫ଡିଗ୍ରୀ ରହିଥିଲା। ସେପଟେ କେରଳରେ ମୌସୁମୀ ଛୁଇଁବା ପରେ ଓଡ଼ିଶାରେ ମୌସୁମୀ କେବେ ପହଞ୍ଚିବ, ତାକୁ ନେଇ ସମସ୍ତଙ୍କର ଅପେକ୍ଷା। ଆଉ ୬ଦିନ ମଧ୍ୟରେ ଓଡ଼ିଶାରେ ମୌସୁମୀ ଛୁଇଁବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ ☞ପୃଷ୍ଠା-୪






## ପଶ୍ଚିମବଙ୍ଗରେ ଥମୁନି ରାଜନୈତିକ ହିଂସା
# ସନ୍ଦେଶଖାଲିରେ ୮ କର୍ମୀଙ୍କୁ ହତ୍ୟା

**କୋଲକାତା/ ନୂଆଦିଲ୍ଲୀ, ୯।୬ (ପି.ଟି./ ଆଇଏଏନ୍‌ଏସ୍)**

**ଟିଏମ୍‌ସି-ଭାଜପା ସଂଘର୍ଷ**
- ■ ପୋଲିସ କହୁଛି ୫ ନିହତ
- ■ ନିଖୋଜଙ୍କୁ ଠାବ ପାଇଁ ଚାଲିଛି ତଲାସି
- ■ ପରସ୍ପରକୁ ଦାୟୀ କଲେ ଦୁଇଦଳ
- ■ ଶାନ୍ତି ବଜାୟ ପାଇଁ ନିର୍ଦ୍ଦେଶନାମା ଜାରି କଲା କେନ୍ଦ୍ର

ପଶ୍ଚିମବଙ୍ଗରେ ନିର୍ବାଚନ ପୂର୍ବରୁ କୁହୁଳୁଥିବା ଧୂଆଁର ନିଆଁ ଏବେ ବି ଜଳୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସା ଜାରି ରହିଥିବା ବେଳେ ୨୪ ପ୍ରଗଣା ଜିଲାରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ଦଳର ୮ କର୍ମୀଙ୍କ ଜୀବନ ଯାଇଥିବା ବେଳେ ଅନ୍ୟ କେତେଜଣ ଆହତ ଓ ନିଖୋଜ ହୋଇଯାଇଥିବା କୁହାଯାଉଛି। ଏହି ପ୍ରସଙ୍ଗକୁ ନେଇ ଦୁଇଦଳ ପରସ୍ପର ଉପରେ ଦୋଷାରୋପ କରି ମୁହାଁମୁହିଁ ହୋଇଛନ୍ତି। କେନ୍ଦ୍ର ସରକାର ରବିବାର ଏହାର ନିନ୍ଦା କରିବା ସହ ଆଇନଶୃଙ୍ଖଳା ବଜାୟ ରଖିବା ଲାଗି ପଦକ୍ଷେପ ନେବା ସକାଶେ ରାଜ୍ୟକୁ ଏକ ଆଡଭାଇଜରି ଜାରି କରିଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ପଶ୍ଚିମବଙ୍ଗରେ ଲୋକ ସଭା ନିର୍ବାଚନ ବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଖଣିରେ ମୃତ୍ୟୁ**

**ଆଜିର ମନ୍ତବ୍ୟ**

"ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସାମୂହିକ ଉଦ୍ୟମ ଲୋଡ଼ା।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 09.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 109 | 170 | 180 |
| BLS | 109 | 170 | 180 |
| ANG | 109 | 170 | 180 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers


**କିଛି ତଥ୍ୟ**

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ମାସିକ ୩.୯ କୋଟି ବିଜ୍‌ନେସ ଟୁ ବିଜ୍‌ନେସ୍ (ବିଟୁବି) ଇନଭଏସ୍ ଜେନେରେଟ ହେଉଛି।

– ଜିଏସ୍‌ଟିଏନ୍










“ଶତ୍ରୁଙ୍କ ଘରେ ପଶି ମାରିବୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ବେଳେ କହି ବୁଲୁଥିଲେ। ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ପାକିସ୍ତାନରେ ନୁହେଁ, ବରଂ କଶ୍ମୀରରେ ନିଆଯାଇଛି, ଯାହାକି ଭାରତର ଏକ ଅଙ୍ଗ।

-ଶରଦ ପାୱାର, ଏନ୍‌ସିପି ମୁଖ୍ୟ

### ଥମୁନି ଲଜ୍ଜା: ଆଲିଗଡ଼, ହମିରପୁର ପରେ ଭୋପାଳ

# ନାବାଳିକାଙ୍କୁ ବଳାତ୍କାର, ହତ୍ୟା

ଭୋପାଳ,୯।୬(ପି.ଟି./ ଆଇଏଏନ୍‌ଏସ୍)





ଉତ୍ତରପ୍ରଦେଶର ଆଲିଗଡ଼ ଓ ହମିରପୁର ପରେ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଘଟିଛି ଆଉ ଏକ ଲଜ୍ଜାଜନକ ଘଟଣା। ଭୋପାଳର କମଳାନଗରରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରାଯାଇଛି। ୮ ବର୍ଷୀୟା ଝିଅଙ୍କ ମୃତଦେହ ରବିବାର ଏକ ନାଳରୁ ଉଦ୍ଧାର କରାଯିବା ପରେ ଚାଞ୍ଚଲ୍ୟ ଖେଳିଯାଇଛି। ଏହି ମାମଲାରେ ୬ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି।

ଭୋପାଳସ୍ଥିତ କମଳାନଗର ଥାନା ମଣ୍ଡୱା ବସ୍ତିର ଜଣେ ନାବାଳିକା ଶନିବାର ରାତି ପ୍ରାୟ ୮ଟାରେ କିଛି ସାମଗ୍ରୀ କିଣିବା ପାଇଁ ଘରୁ ବାହାରିଥିଲେ। ସେ ନ ଫେରିବାରୁ ଘର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ତାଙ୍କର ପତ୍ତା ନ ମିଳିବାରୁ ପରିବାର ଲୋକେ କମଳାନଗର ଥାନାରେ ଝିଅ ନିଖୋଜ ଥିବା ନେଇ ରିପୋର୍ଟ କରିଥିଲେ। ହେଲେ ପୋଲିସ ଏହାକୁ ଗମ୍ଭୀରତା ସହ ନେଇ ନ ଥିଲା। ରାତି ୧୧ଟାରେ ଜଣେ କର୍ପୋରେଟରଙ୍କଠାରୁ ଫୋନ୍ କଲ୍ ପାଇବା ପରେ ପୋଲିସର ନିଦ ଭାଙ୍ଗିଲା। ମାତ୍ର କିଛି ଲାଭ ହେଲାନାହିଁ। ରବିବାର ସକାଳ ୫ଟାରେ ସମ୍ପୃକ୍ତ ଅଞ୍ଚଳର ଏକ ନାଳରୁ ନାବାଳିକାଙ୍କ ମୃତଦେହ ମିଳିଲା। ହାମିଦିଆ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ବେଳେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଛି। ନିଖୋଜ ରିପୋର୍ଟ ପାଇବା ପରେ ସମ୍ପୃକ୍ତ ଅଞ୍ଚଳରେ ପୋଲିସ ମୁତୟନ କରାଯାଇ ତଲାସି ଚଳାଇଥିଲେ ଏପରି ଘଟି ନ ଥାନ୍ତା ବୋଲି ପରିବାର ଓ ଉତ୍ୟକ୍ତ ଲୋକେ ଅଭିଯୋଗ କରିଛନ୍ତି। କର୍ତ୍ତବ୍ୟରେ ଅବହେଳା ପାଇଁ ୬ ପୋଲିସ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ନାବାଳିକାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ତାଙ୍କୁ ଧରାଇଦେଲେ ୨୦ ହଜାର ଟଙ୍କା ଦିଆଯିବ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି।

ଏହାର ଦୁଇଦିନ ପୂର୍ବରୁ ଉଜ୍ଜୟିନୀରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗରେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଥିଲା। ମଧ୍ୟପ୍ରଦେଶରେ ନାବାଳିକାଙ୍କ ପ୍ରତି ଯୌନ ଉତ୍ପୀଡ଼ନ ଘଟଣା ରାଜ୍ୟ ରାଜନୀତିକୁ ସରଗରମ କରିଛି। ଭୋପାଳର ନବନିର୍ବାଚିତ ଏମ୍‌ପି ପ୍ରଜ୍ଞା ସିଂ ଠାକୁର ସଦ୍ୟ ଘଟଣାର ନିନ୍ଦା କରିବା ସହ ପୀଡ଼ିତାଙ୍କ ଘରକୁ ଯାଇ ସମବେଦନା ଜଣାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ ମଧ୍ୟ ନାବାଳିକାଙ୍କ ଘରକୁ ଯାଇ ଏହାର ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀ କମଲନାଥ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ୟୁପିର ହମିରପୁର ଜିଲାରେ ଜଣେ ୧୦ ବର୍ଷୀୟା ଝିଅଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଦଳିତ ନାବାଳିକା ଜଣକ ଶୁକ୍ରବାର ରାତିରେ ତାଙ୍କ ଘର ବାହାରେ ମା'ଙ୍କ ସହ ଶୋଇଥିଲେ। କେତେଜଣ ଦୁର୍ବୃତ୍ତ ତାଙ୍କୁ ଉଠାଇନେଇ ଏକ ଶ୍ମଶାନ ଘାଟରେ ଗଣବଳାତ୍କାର ପରେ ହତ୍ୟା କରିଥିଲେ। ନାବାଳିକାଙ୍କ ମୃତଦେହ ଏକ ବୁଦାରୁ ଉଦ୍ଧାର ହୋଇଛି। ୫ ଅଭିଯୁକ୍ତ ଗିରଫ ହୋଇଛନ୍ତି।

**ନାଳରୁ ମିଳିଲା ୮ ବର୍ଷୀୟା ଝିଅଙ୍କ ମୃତଦେହ**

**୬ ପୋଲିସ ନିଲମ୍ବିତ**



## ସାଧ୍ୱୀ ପ୍ରାଚୀଙ୍କୁ ଆଲିଗଡ଼ ମନା

**ଆଲିଗଡ଼,୯।୬(ପି.ଟି.):** ହିନ୍ଦୁତ୍ୱବାଦୀ ନେତା ସାଧ୍ୱୀ ପ୍ରଜ୍ଞା ରବିବାର ଆଲିଗଡ଼ର ତପ୍ପାଲ ସହରକୁ ଯାଉଥିବାବେଳେ ଉତ୍ତେଜନା ଆଶଙ୍କାରେ ତାଙ୍କୁ ରୋକାଯାଇଛି। ହତ୍ୟାର ଶିକାର ହୋଇଥିବା ଅଢ଼େଇ ବର୍ଷୀୟା ଝିଅଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରୁଣ୍ଡ ହୋଇଥିବା ଲୋକଙ୍କୁ ଘଉଡ଼ାଇବା ପାଇଁ ପୋଲିସକୁ ବଳ ପ୍ରୟୋଗ କରିବାକୁ ପଡ଼ିଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କ ପରିବାର ଲୋକେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିବାକୁ ମନା କରିଦେଇଛନ୍ତି। ଗିରଫ ୪ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ମେ ୩୦ରେ ନିଖୋଜ ହୋଇଯାଇଥିବା ନାବାଳିକାଙ୍କ ମୃତଦେହ ଜୁନ୍ ୨ରେ ଏକ ଅଳିଆ ଗଦାରୁ ମିଳିଥିଲା। ୧୦ ହଜାର ଟଙ୍କା ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୁକ୍ତମାନେ ପୋଲିସ ନିକଟରେ ସ୍ୱୀକାର କରିସାରିଛନ୍ତି।



### ବିହାର ବାହାରେ ଏନ୍‌ଡିଏର ନୁହନ୍ତି ନୀତୀଶ

## ୪ ରାଜ୍ୟରେ ଏକାକୀ ଲଢ଼ିବ ଜେଡିୟୁ



ଜେଡିୟୁ କାର୍ଯ୍ୟକାରିଣୀ ବୈଠକରେ ଅଧ୍ୟକ୍ଷ ନୀତୀଶ କୁମାର, ଉପାଧ୍ୟକ୍ଷ ପ୍ରଶାନ୍ତ କିଶୋର ଓ ସାଧାରଣ ସମ୍ପାଦକ କେ.ସି. ତ୍ୟାଗୀ।

ପାଟନା,୯।୬(ଆଇଏଏନ୍‌ଏସ୍)

ଗତ ଲୋକ ସଭା ନିର୍ବାଚନରେ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ସାମିଲ ହୋଇଥିଲା। ନିର୍ବାଚନ ଶେଷ ହେବା ପରେ ବିହାର ମୁଖ୍ୟମନ୍ତ୍ରୀ ତାଙ୍କ ମନୋଭାବରେ ପରିବର୍ତ୍ତନ କରିଛନ୍ତି। ବିହାର ବାହାରେ ନୀତୀଶ ଏନ୍‌ଡିଏର ନୁହନ୍ତି। ଅର୍ଥାତ୍ ବିହାର ଭିନ୍ନ ଅନ୍ୟ ରାଜ୍ୟ ବିଧାନସଭା ନିର୍ବାଚନରେ ଜେଡିୟୁ ଏକାକୀ ଲଢ଼ିବାକୁ ରବିବାର ନିଷ୍ପତ୍ତି ନେଇଛି। ନୀତୀଶଙ୍କ ବାସଭବନରେ ଅନୁଷ୍ଠିତ ଦଳର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଜେଡିୟୁ ଜମ୍ମୁ-କଶ୍ମୀର, ଝାଡଖଣ୍ଡ, ହରିୟାଣା ଏବଂ ଦିଲ୍ଲୀ ବିଧାନସଭା ନିର୍ବାଚନ ଏକାକୀ ଲଢ଼ିବା ଲାଗି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଦଳ ଅଧ୍ୟକ୍ଷ ନୀତୀଶଙ୍କ ସମେତ ଉପାଧ୍ୟକ୍ଷ ପ୍ରଶାନ୍ତ କିଶୋର, ବିଭିନ୍ନ ରାଜ୍ୟର ଜେଡିୟୁ ସଭାପତି ଓ ବରିଷ୍ଠ ନେତା ତଥା ଏମ୍‌ପି ଓ ବିଧାୟକମାନେ ଯୋଗଦେଇଥିଲେ।

ଲୋକ ସଭା ନିର୍ବାଚନରେ ଏନ୍‌ଡିଏ ସହଯୋଗୀ ଭାବେ ଜେଡିୟୁ ବିହାରରେ ୧୭ ଆସନରେ ଲଢ଼ି ୧୬ଟିରେ ଜିତିଥିଲା। ତେବେ ଗୋଟିଏ ମନ୍ତ୍ରୀ ପଦ ଯଚାଯିବାରୁ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇ ନ ଥିଲା। ଏବେ ଅନ୍ୟ ରାଜ୍ୟରେ ଜେଡିୟୁ ଏକାକୀ ଲଢ଼ିବା ନିଷ୍ପତ୍ତି ଭାଜପାକୁ ବିହାର ମୁଖ୍ୟମନ୍ତ୍ରୀଙ୍କ ଠିକଣା ଜବାବ ବୋଲି କୁହାଯାଉଛି। ବିହାର ବାହାରେ ଦଳକୁ ସୁଦୃଢ଼ କରିବା ଲାଗି ନୀତୀଶ ଜେଡିୟୁ କର୍ମୀ ଓ ନେତାମାନଙ୍କୁ ଅନୁରୋଧ କରିଛନ୍ତି। ମାସେବ୍ୟାପୀ ହେବାକୁ ଥିବା ନୂଆ ସଦସ୍ୟ ସଂଗ୍ରହ ଅଭିଯାନ ଉପରେ ଗୁରୁତ୍ୱ ଦେବା ଲାଗି ସେ ପରାମର୍ଶ ଦେଇଛନ୍ତି। ଗତବର୍ଷ ୫୦ ଲକ୍ଷ ନୂଆ ସଦସ୍ୟ ସଂଗ୍ରହ ଲାଗି ଦଳ ଲକ୍ଷ୍ୟଧାର୍ଯ୍ୟ କରିଥିଲା। ପଞ୍ଚାୟତଠାରୁ ଆରମ୍ଭ କରି ଜାତୀୟ ସ୍ତର ପର୍ଯ୍ୟନ୍ତ ନୂଆ ସଦସ୍ୟ ସଂଗ୍ରହ ମାଧ୍ୟମରେ ଦଳକୁ ମଜଭୂତ କରିବାକୁ ଜେଡିୟୁ ଯୋଜନା କରିଛି।

### ଯୋଗୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ

## ଟିଭି ଚ୍ୟାନେଲ୍ ମୁଖ୍ୟ, ସମ୍ପାଦକ ଜେଲ ଗଲେ

ନୋଇଡା,୯।୬(ପି.ଟି.)

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ମାନହାନିକାରୀ କାର୍ଯ୍ୟକ୍ରମ ପ୍ରସାରଣ କରି ଏକ ଘରୋଇ ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲ ମୁଖ୍ୟ ଏବଂ ଏହାର ସମ୍ପାଦକ ଜେଲ୍ ଯାଇଛନ୍ତି। ନେଶନ ଲାଇଭ୍ ଚ୍ୟାନେଲ ମୁଖ୍ୟ ଇଶିକା ସିଂ ଏବଂ ସମ୍ପାଦକ ଅନୁଜ ଶୁକ୍ଳାଙ୍କୁ ଶନିବାର ପୋଲିସ ଗିରଫ କରିଥିଲା। ରବିବାର ତାଙ୍କୁ ସ୍ଥାନୀୟ ଅଦାଲତରେ ହାଜର କରାଯିବା ପରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଗୌତମବୁଦ୍ଧ ନଗର ଏସ୍‌ଏସ୍‌ପି ବୈଭବ କ୍ରିଷ୍ଣା କହିଛନ୍ତି। ନୋଇଡାର ଏହି ଟିଭି ଚ୍ୟାନେଲରେ ୬ ତାରିଖରେ ଏକ ବିତର୍କ କାର୍ଯ୍ୟକ୍ରମରେ ଜଣେ ମହିଳା ଆଦିତ୍ୟନାଥଙ୍କ ବିରୋଧରେ ମାନହାନିକାରକ ମନ୍ତବ୍ୟ ଦେଇଥିଲେ। ମହିଳାଙ୍କ ମନ୍ତବ୍ୟର ସତ୍ୟାସତ୍ୟ ଯାଞ୍ଚ ନ କରି ଏହାକୁ ପ୍ରସାରଣ କରିଥିବାରୁ ଏକ ରାଜନୈତିକ ଦଳର କର୍ମୀଙ୍କ ଅଭିଯୋଗ କ୍ରମେ ଉକ୍ତ ଚ୍ୟାନେଲ ମୁଖ୍ୟ ଓ ସମ୍ପାଦକଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ଉକ୍ତ ଚ୍ୟାନେଲର ଆବଶ୍ୟକ ଲାଇସେନ୍ସ ନ ଥିବା ଜଣାପଡିବାରୁ ଆଇପିସିର ଧାରା ୪୨୦ ଏବଂ ୪୬୭ରେ ମାମଲା ରୁଜୁ ହୋଇଛି।

## ମାଳଦ୍ୱୀପ ଅଫିସରଙ୍କୁ ପ୍ରଶିକ୍ଷଣ ଦେବ ଭାରତ

ନୂଆଦିଲ୍ଲୀ,୯।୬(ପି.ଟି.)

ଭାରତର ପ୍ରମୁଖ ସିଭିଲ୍ ସର୍ଭିସ ପ୍ରଶିକ୍ଷଣ ଅନୁଷ୍ଠାନ ନ୍ୟାଶନାଲ୍ ସେଣ୍ଟର ଫର୍ ଗୁଡ୍ ଗଭର୍ନାନ୍ସ (ଏନ୍‌ସିଜିଜି) ମାଳଦ୍ୱୀପର ୧୦୦୦ ଅଫିସରଙ୍କୁ ଆଗାମୀ ୫ ବର୍ଷ ମଧ୍ୟରେ ପ୍ରଶିକ୍ଷଣ ଯୋଗାଇଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ଅବସରରେ ମାଳଦ୍ୱୀପ ସିଭିଲ୍ ସର୍ଭିସେସ୍ କମିଶନ ଏଥିପାଇଁ ଏନ୍‌ସିଜିଜି ସହ ରାଜିନାମା ସ୍ୱାକ୍ଷର କରିଛି। ମାଳଦ୍ୱୀପ ଏହାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରତିକ୍ଷଣ ପାଇଁ ମନୋନୀତ କରି ପଠାଇବ।

### ଶ୍ରୀଲଙ୍କା ନେତାଙ୍କୁ ଭେଟିଲେ ମୋଦି

## ଆତଙ୍କବାଦ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନ ଆହ୍ୱାନ

କଲମ୍ବୋ,୯।୬(ପି.ଟି.)



କଲମ୍ବୋରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶ୍ରୀଲଙ୍କା ପ୍ରତିପକ୍ଷ ରାନିଲ ବିକ୍ରମସିଂଘେ ସ୍ୱାଗତ କରୁଛନ୍ତି।

ଦ୍ୱିରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ଚରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କଲମ୍ବୋରେ ପହଞ୍ଚି ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ଓ ଅନ୍ୟ ଶୀର୍ଷ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ଆତଙ୍କବାଦ ଉଭୟଙ୍କ ପାଇଁ ବିପଦ ବୋଲି ସେମାନେ ଏକମତ ହେବା ସହ ଏହା ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ଗତ ଏପ୍ରିଲରେ ଇଷ୍ଟର ପାଳନ ବେଳେ ଶ୍ରୀଲଙ୍କାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୫୦ ଜଣ ନିହତ ହୋଇଥିଲେ। ଏହାପରେ ପ୍ରଥମ ବିଦେଶୀ ନେତା ଭାବେ ପ୍ରଧାନମନ୍ତ୍ରୀ ମୋଦି ସେଠାକୁ ଯାଇ ଆକ୍ରମଣରେ କ୍ଷତିଗ୍ରସ୍ତ ଚର୍ଚ୍ଚ ପରିଦର୍ଶନ କରିବା ସହ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଶ୍ରୀଲଙ୍କାରେ ଜଣେ ମୁସଲମାନ ପ୍ରଭାକରନ ମୁଣ୍ଡ ଟେକୁଥିବା ରାଷ୍ଟ୍ରପତି ସିରିସେନା ସତର୍କ କରାଇଦେବା ସହ ଏହା ବିରୋଧରେ ସବୁ ସମ୍ପ୍ରଦାୟ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ, ଏଲ୍‌ଟିଟିଇର ପ୍ରତିଷ୍ଠାତା ଭେଲାପିଲାଇ ପ୍ରଭାକରନ୍ ଶ୍ରୀଲଙ୍କାରେ ହଜାର ହଜାର ଲୋକଙ୍କ ଜୀବନ ନେଇଥିଲା। ଦୀର୍ଘଦିନର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ୨୦୦୯ରେ ପ୍ରଭାକରନ ନିହତ ହୋଇଥିଲା। ଯଦି ଆମେ ଏକାଠି ନ ହେବା ପୁଣି ଏକ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡିବ ବୋଲି ସିରିସେନା କହିଛନ୍ତି।

କଲମ୍ବୋରେ ପହଞ୍ଚିବା ପରେ ମୋଦିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୋଦି ରାଷ୍ଟ୍ରପତି ଭବନ ପରିସରରେ ଏକ ଅଶୋକ ଚାରା ରୋପଣ କରିଥିଲେ। ରାଷ୍ଟ୍ରପତି ସିରିସେନା ଓ ମୋଦିଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ସମ୍ମାନାର୍ଥେ ସିରିସେନା ଏକ ଭୋଜିର ଆୟୋଜନ କରିବା ସହ ତାଙ୍କୁ ଧ୍ୟାନରତ ବୁଦ୍ଧ ପ୍ରତିମୂର୍ତ୍ତିର ଏକ ପ୍ରତିକୃତି ଉପହାର ଦେଇଥିଲେ।

ପ୍ରଧାନମନ୍ତ୍ରୀ କଲମ୍ବୋରେ ରହୁଥିବା ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେମାନଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ଗତ ୫ ବର୍ଷ ମଧ୍ୟରେ ଭାରତର ଛବିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଏହା ପଛରେ ପ୍ରବାସୀ ଭାରତୀୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ପ୍ରଧାନମନ୍ତ୍ରୀ କହିଥିଲେ।




## ୩ ବଗି ଜଳିଗଲା

ସିଲ୍‌ଚର(ଆସାମ),୯।୬(ଆଇଏଏନ୍‌ଏସ୍)

ଆସାମର ସିଲ୍‌ଚର ଷ୍ଟେଶନରେ ରବିବାର ଛିଡ଼ାହୋଇଥିବା ଏକ ଏକ୍ସପ୍ରେସ୍ ଟ୍ରେନ୍‌ର ୩ଟି ବଗି ଜଳିଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ସିଲ୍‌ଚର-ତ୍ରିଭେନ୍ଦ୍ରମ୍ ଏକ୍ସପ୍ରେସ୍ ଶନିବାର ମଧ୍ୟରାତ୍ରରେ ସିଲ୍‌ଚର ଷ୍ଟେଶନରେ ପହଞ୍ଚିଥିଲା। ମଙ୍ଗଳବାର ସକାଳେ ଏହା ସିଲ୍‌ଚର ଛାଡ଼ିଥାନ୍ତା। ରବିବାର ସକାଳେ ଏହାର ସ୍ଲିପର କ୍ଲାସ୍ ବଗିରେ ନିଆଁ ଲାଗି ଅନ୍ୟ ବଗିକୁ ବ୍ୟାପିଯାଇଥିଲା। ନିଆଁ ଲାଗିବାର କାରଣ ଜଣାପଡି ନାହିଁ।

## ଅନ୍ତର୍ଜାତୀୟ କିଡ୍‌ନୀ ର୍‌ୟାକେଟ୍‌ରେ ୧୩ ଡାକ୍ତର

ନୂଆଦିଲ୍ଲୀ,୯।୬(ଆଇଏଏନ୍‌ଏସ୍)

ଦିଲ୍ଲୀର ୧୩ ଜଣ ଜଣାଶୁଣା ଘରୋଇ ସର୍ଜନ ଅନ୍ତର୍ଜାତୀୟ କିଡ୍‌ନୀ ପ୍ରତିରୋପଣ ର୍‌ୟାକେଟରେ ସମ୍ପୃକ୍ତ ଥିବା ଜଣାପଡିବା ପରେ ସେମାନେ ଏବେ ଉତ୍ତରପ୍ରଦେଶ ପୋଲିସ୍‌ର ତଦନ୍ତ ପରିସରକୁ ଆସିଛନ୍ତି। ସେମାନଙ୍କ ମଧ୍ୟରେ କେତେଜଣ ୟୁରୋଲୋଜିଷ୍ଟ ମଧ୍ୟ ଅଛନ୍ତି। ଏହି ର୍‌ୟାକେଟ୍‌ର ଚେର ତୁର୍କୀ ଏବଂ କେତେକ ମଧ୍ୟପ୍ରାଚ୍ୟ ଦେଶକୁ ଲମ୍ବିଛି। କିଡ୍‌ନୀ ର୍‌ୟାକେଟରେ ସମ୍ପୃକ୍ତି ଅଭିଯୋଗରେ ପୁଷ୍ପାୱତି ସିଙ୍ଘାଣିଆ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ପିଏସ୍‌ଆର୍‌ଆଇ)ର ସିଇଓ ଡ. ଦୀପକ ଶୁକ୍ଳାଙ୍କୁ ଗିରଫ କରାଯାଇଥିବାବେଳେ ଫୋର୍ଟିସ୍ ହସ୍ପିଟାଲ୍‌ର ଦୁଇଜଣ ପ୍ରମୁଖ ଡାକ୍ତରଙ୍କୁ ନୋଟିସ୍ ଜାରି ହୋଇଛି। କେନ୍ଦ୍ରୀୟ ଦିଲ୍ଲୀରେ ଥିବା ଅନ୍ୟତମ ପ୍ରମୁଖ ହସ୍ପିଟାଲ ବିରୋଧରେ ମଧ୍ୟ ତଦନ୍ତ ଜାରି ରହିଥିବାରୁ ଖୁବ୍‌ଶୀଘ୍ର ଅଧିକ ଡାକ୍ତର ଗିରଫ ହେବା ସମ୍ଭାବନା ରହିଛି। ମାନବ ଅଙ୍ଗ ପ୍ରତିରୋପଣ ଆଇନର ଉଲ୍ଲଂଘନ ଅଭିଯୋଗରେ ଫର୍ଟିସ୍ ହସ୍ପିଟାଲକୁ ନୋଟିସ ଜାରି ହୋଇଥିବା କାନପୁର ଏସ୍‌ଏସ୍‌ପି ଅନନ୍ତ ଦେଓ କହିଛନ୍ତି। ଦଲାଲଙ୍କ ମାଧ୍ୟମରେ ଗରିବ ରୋଗୀଙ୍କୁ ଶୋଷଣ କରୁଥିବା ଦିଲ୍ଲୀର ଅନ୍ୟ ଏକ ହସ୍ପିଟାଲ ବିରୋଧରେ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। କେତନ କୌଶିକ୍ ନାମକ ଡାକ୍ତରଙ୍କୁ ପୋଲିସ ଖୋଜୁଛି। କିଡ୍‌ନୀ ପ୍ରତିରୋପଣ ପାଇଁ ସେ ତୁର୍କୀ, ୟୁଏଇ ଏବଂ ଅନ୍ୟ ମଧ୍ୟପ୍ରାଚ୍ୟ ଦେଶରୁ ରୋଗୀଙ୍କୁ ଆଣିଥାନ୍ତି। ଉକ୍ତ ର୍‌ୟାକେଟରେ ବିଭିନ୍ନ ଅଞ୍ଚଳ ପାଇଁ ଭିନ୍ନ ଭିନ୍ନ ଗ୍ରୁପ୍ କାମ କରୁଥିବା ଏସ୍‌ଏସ୍‌ପି କହିଛନ୍ତି।

ଇତିହାସର ଆଇନାରେ

## ଜୁନ୍ ୧୦ର ପ୍ରମୁଖ ଘଟଣା

୧୯୬୭ ଜୁନ୍ ୧୦ରେ ଇସ୍ରାଏଲ୍ ଏବଂ ସିରିଆ ମଧ୍ୟରେ ୬ ଦିନ ଯୁଦ୍ଧର ପରିସମାପ୍ତି ପରେ ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ଏହି ଯୁଦ୍ଧକୁ ଜୁନ୍ ୱାର ମଧ୍ୟ କୁହାଯାଏ। ୧୯୬୭ ଜୁନ୍ ୫ରୁ ୧୦ ମଧ୍ୟରେ ଇସ୍ରାଏଲ୍ ଏବଂ ଇଜିପ୍ଟର ପଡୋଶୀ ଦେଶ ଜୋର୍ଡାନ୍ ଓ ସିରିଆ ମଧ୍ୟରେ ଯୁଦ୍ଧ ସଂଗଠିତ ହୋଇଥିଲା।

୧୯୮୦ ଜୁନ୍ ୧୦ରେ ଦକ୍ଷିଣ ଆଫ୍ରିକୀୟ ନେତା ନେଲ୍‌ସନ ମାଣ୍ଡେଲାଙ୍କ ଆହ୍ୱାନରେ ଆଫ୍ରିକୀୟ ନ୍ୟାଶନାଲ କଂଗ୍ରେସ ବର୍ଣ୍ଣବିଦ୍ୱେଷ ବିରୋଧରେ ଲଢ଼େଇ ପାଇଁ ପ୍ରସ୍ତୁତ ହୋଇଥିଲା। ଆଫ୍ରିକୀୟ ନ୍ୟାଶନାଲ କଂଗ୍ରେସ (ଏଏନ୍‌ସି) ହେଉଛି ରିପବ୍ଲିକ୍ ଅଫ୍ ସାଉଥ୍ ଆଫ୍ରିକାର ଗଭର୍ନିଂ ପଲିଟିକାଲ ପାର୍ଟି। ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବିଦ୍ୱେଷ ଆନ୍ଦୋଳନ ପରେ ଏହା ଦେଶର ଶାସକ ଦଳ ହୋଇ ରହିଆସିଥିଲା।

## ସାଥୀଙ୍କ ଗହଣରେ ଜନ୍ମଦିନ ପାଳିଲେ ସୋନମ୍



ମୁମ୍ବାଇ: ଅଭିନେତ୍ରୀ ସୋନମ୍ କପୁର ରବିବାର ୩୪ବର୍ଷରେ ପଦାର୍ପଣ କରିଛନ୍ତି। ଏଥିପାଇଁ ଘନିଷ୍ଠ ସାଙ୍ଗସାଥୀ ଏବଂ ପରିବାର ସଦସ୍ୟଙ୍କ ମେଳରେ ସେ ଜନ୍ମଦିନ ପାଳନ କରିଛନ୍ତି। ତାଙ୍କ ମାତାପିତା ସୁନୀତା ଓ ଅନିଲ କପୁର, ଭଉଣୀ ରେହା କପୁର, ବାନ୍ଧବୀ ମାସାବା ଗୁପ୍ତା, ପୂଜା ଧିଙ୍ଗ୍ରା, ସମ୍ଯୁକ୍ତ ନାୟର, କୁନାଲ ରାୱଲ ଏବଂ ଶେହଲା ଖାନ୍ ଜନ୍ମଦିନ ଉତ୍ସବର ମଜା ଉଠାଇଛନ୍ତି। ଅନିଲଙ୍କ ବନ୍ଧୁ ଅନୁପମ ଖେର ମଧ୍ୟ ସୋନମ୍‌ଙ୍କ ପାର୍ଶ୍ୱରେ ଥାଇ ପୋଜ୍ ଦେଇଛନ୍ତି। ଅନିଲ ତାଙ୍କ କନ୍ୟାଙ୍କ ଜନ୍ମଦିନରେ ସୋସିଆଲ ମିଡିଆରେ ସ୍ୱତନ୍ତ୍ର ବାର୍ତ୍ତା ପୋଷ୍ଟ କରିଛନ୍ତି। ସୋନମ୍‌ଙ୍କୁ ହାପି ବାର୍ଥ ଡେ ଜଣାଇ ଅନିଲ ଲେଖିଛନ୍ତି, 'ତୋ ପାଇଁ ଆମେ କେତେ ଗର୍ବିତ ତାହା ଭାଷାରେ ବର୍ଣ୍ଣନା କରିପାରିବୁ ନାହିଁ।' ରେହା ମଧ୍ୟ ଭଉଣୀକୁ ଅଭିନନ୍ଦନ ଜଣାଇ ଇନ୍‌ଷ୍ଟାଗ୍ରାମ୍‌ରେ ବାର୍ତ୍ତା ଦେଇଛନ୍ତି, 'ତୋ ବିନା ମୁଁ ବଞ୍ଚିପାରିବି ନାହିଁ।' ସୋନମଙ୍କ ସ୍ୱାମୀ ମଧ୍ୟ ଏକ ଫଟୋ ପୋଷ୍ଟ କରି 'ଚିରଦିନର ଗର୍ଲଫ୍ରେଣ୍ଡ' ବୋଲି ବର୍ଣ୍ଣନା କରିଛନ୍ତି। 'ବୀର ଦି ୱେଡିଂ'ର ସହ-ଅଭିନେତା ସ୍ୱରା ଭାସ୍କର ମଧ୍ୟ ସୋନମଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୋନମ୍‌ଙ୍କ ଅଭିନୀତ ଅନେକ ଫିଲ୍ମ ମଧ୍ୟରୁ ଚର୍ଚ୍ଚିତ ସିନେମାଗୁଡିକ ହେଉଛି, 'ପ୍ରେମ ରତନ ଧନ ପାୟୋ', 'ଏକ ଲଡ୍‌କୀ କୋ ଦେଖା ତୋ ଐସା ଲଗା', 'ଖୁବ୍‌ସୁରତ୍', 'ରନ୍‌ଝାନା', 'ସାୱାରିୟା' ଏବଂ 'ଐଶା'।




# ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୬(ବ୍ୟୁରୋ)

- ୧୧ରେ ମୋଦିଙ୍କୁ କରିବେ ସାକ୍ଷାତ୍
- ୧୫ରେ ନୀତି ଆୟୋଗ ବୈଠକରେ ଯୋଗଦାନ
- ଏକାଧିକ ପ୍ରସଙ୍ଗରେ କରିପାରନ୍ତି ଆଭିମୁଖ୍ୟ ସ୍ପଷ୍ଟ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ୫ମ ଥର ଶପଥ ନେବା ପରେ ପ୍ରଥମଥର ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ଆସନ୍ତା ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଚଳିତ ମାସ ୧୫ରେ ନୀତି ଆୟୋଗରେ ବୈଠକରେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ବାଦ୍ ଦେଲେ ବିଭିନ୍ନ ମନ୍ତ୍ରଣାଳୟ ଯାଇ ରାଜ୍ୟରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଅଗ୍ରଗତି ଏବଂ ବକେୟା କେନ୍ଦ୍ରୀୟ ଅର୍ଥ ରାଶି ନେଇ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

ସଂଘୀୟ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ କୌଣସି ନୂଆ କଥା ନୁହେଁ। ହେଲେ ସାମ୍ପ୍ରତିକ ପରିସ୍ଥିତିରେ କେନ୍ଦ୍ର-ରାଜ୍ୟ ମଧ୍ୟରେ ବିବାଦ ରହିଥିବା କିଛି ପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଆଶା କରାଯାଉଛି। ସେହିଦୃଷ୍ଟିରୁ ବିଚାର କଲେ ଆୟୁଷ୍ମାନ ଯୋଜନା ଏବଂ ପିଏମ୍-କିଷାନ ଯୋଜନା ନେଇ ଆଲୋଚନା ହେବାର ଆଭାସ ମିଳୁଛି। ପ୍ରଥମେ ରାଜ୍ୟ ଆୟୁଷ୍ମାନ ଯୋଜନାକୁ ନେଇ ନାସ୍ତିବାଣୀ ଶୁଣାଇଥିଲା। ହେଲେ ନିକଟରେ କେନ୍ଦ୍ରୀୟ ଟିମ୍ ସହ ପ୍ରଥମ ପର୍ଯ୍ୟାୟ ଆଲୋଚନା ସରିଛି। ରାଜ୍ୟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହ ଆୟୁଷ୍ମାନର ମିଶ୍ରଣକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ତେଣୁ ଓଡ଼ିଶା ରଖିଥିବା ସର୍ତ୍ତରେ କେନ୍ଦ୍ର ରାଜି ହୋଇଗଲେ, ଆୟୁଷ୍ମାନ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେବା ନେଇ ବାଟ ଫିଟିବ ବୋଲି କୁହାଯାଉଛି। ସେହିପରି ପିଏମ୍-କିଷାନ ତାଲିକାକୁ ନେଇ କେନ୍ଦ୍ର-ରାଜ୍ୟ ବିବାଦ ରହିଛି। ଓଡ଼ିଶା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତାଲିକା ଦେବ କି ନାହିଁ, କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପିଏମ୍-କିଷାନ ପରି ରାଜ୍ୟ ସରକାର କାଳିଆ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତେଣୁ କେନ୍ଦ୍ର ମାଗୁଥିବା ମୁତାବକ ତାଲିକା ନେଇ ରାଜ୍ୟର ଆଭିମୁଖ୍ୟ ଉପରେ ଓଡ଼ିଶାର ନଜର ରହିବ। ନିକଟରେ ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ଓଡ଼ିଶା ଉପକୂଳ ବହୁଳ କ୍ଷତିଗ୍ରସ୍ତ ହୋଇଛି। ପୁରୀ ଜିଲାର ପର୍ଯ୍ୟଟନ ଏବଂ ବିଦ୍ୟୁତ ଭିତ୍ତିଭୂମି ଧ୍ୱଂସ ପାଇଛି, ଏହାର ପୁନରୁଦ୍ଧାର ପାଇଁ ଆବଶ୍ୟକ କେନ୍ଦ୍ରୀୟ ସହଯୋଗ ଓ ଅତିରିକ୍ତ ସହାୟତା ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିପାରନ୍ତି। ସେହିପରି ନୀତି ଆୟୋଗରେ ବୈଠକରେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା, କୋଇଲା ରୟାଲଟି ବୃଦ୍ଧି ନେଇ ଦାବି ଉପସ୍ଥାପନ କରିବେ ବୋଲି କୁହାଯାଇଛି।

ସରକାରୀ କାମକୁ ବାଦ୍ ଦେଲେ ବିଜେଡି ସଭାପତି କିଛି ରାଜନୈତିକ ପ୍ରସଙ୍ଗରେ କେନ୍ଦ୍ର ଏବଂ ଅନ୍ୟାନ୍ୟ ଦଳ ସହ ଆଲୋଚନା କରିପାରନ୍ତି। କିଛିଦିନ ହେବ ଲୋକ ସଭାର ଉପ ବାଚସ୍ପତି ପଦ ନେଇ ବିଜେଡିକୁ କିଛି ଜାତୀୟ ଗଣମାଧ୍ୟମ ଚର୍ଚ୍ଚାକୁ ଆଣିଥିଲା। ସେ ନେଇ ଭାଜପା-ବିଜେଡି ପକ୍ଷରୁ କିଛି ସୂଚନା ଆସିବା ପୂର୍ବରୁ ଶିବସେନା ପ୍ରତିକ୍ରିୟାଶୀଳ ହୋଇଥିଲା। ତେଣୁ ଉପବାଚସ୍ପତି ପଦ ଯଦି ଭାଜପା ପକ୍ଷରୁ ବିଜେଡିକୁ ଦିଆଯିବ ବୋଲି ଚିନ୍ତା କରାଯାଇଥିବ, ତେବେ ଏ ସମ୍ପର୍କରେ ନବୀନଙ୍କ ସହ ମୋଦି ଆଲୋଚନା କରିବାର ଆଶା ରହିଛି। ହେଲେ ବିଜେଡିର ସଂଖ୍ୟା, ଏନ୍‌ଡିଏ ସହଯୋଗୀଙ୍କ ଦାବିକୁ ଅନୁଧ୍ୟାନ କଲେ ଏହି ପଦ ବିଜେଡି ହାତକୁ ଆସିବା ସମ୍ଭାବନା କମ୍ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ଏପ୍ରିଲ ୨୯ରେ ନିର୍ବାଚନ ସରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ହେଲେ ସାମୁଦ୍ରିକ ଝଡ଼ର ପୂର୍ବ ପ୍ରସ୍ତୁତି କାରଣରୁ ଅଧାରୁ ଗସ୍ତ ବାତିଲ କରି ମୁଖ୍ୟମନ୍ତ୍ରୀ ରାଜ୍ୟକୁ ଫେରିଥିଲେ।

# ଦୁର୍ଘଟଣାରେ ଯୁବକ ମୃତ

କୁଚିଣ୍ଡା, ୯।୬ (ଡି.ଏନ୍.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ନିକଟ ପତ୍ରାପାଲି ସ୍କୁଲ ନିକଟରେ ଶନିବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ଗୋଟିଏ ୧୦ ଚକିଆ ଟ୍ରକ୍ ଧକ୍କା ଦେଇଛି। ଫଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାରସୁଗୁଡା ଜିଲା ଠେଲକୋଲି ଥାନା ଲପଙ୍ଗା ନିକଟ ତିଲେଇମାଳ ଗ୍ରାମର କୁମରମଣି ମାଝି (୪୦)। କୁମରମଣିଙ୍କ ସହ ବାଇକ୍‌ରେ ବସିଥିବା ଜିତେନ୍ଦ୍ର ପଟ୍ଟା ମଧ୍ୟ ଗୁରୁତର ହୋଇଛନ୍ତି। ରବିବାର ବ୍ୟବଚ୍ଛେଦ ପରେ କୁମରମଣିଙ୍କ ମୃତଦେହକୁ କୁଚିଣ୍ଡା ପୋଲିସ ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

# ବୁଝାଇବାକୁ ଥାନାକୁ ଡାକି ପୋଲିସ ମାରିଦେବା ଘଟଣା
# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର,୯।୬(ବ୍ୟୁରୋ)

ଅନୁଗୋଳ ଜିଲା କଣିହାଁ ଥାନା ପୋଲିସ ଏକ ପାରିବାରିକ ଝଗଡ଼ାର ସମାଧାନ ପାଇଁ ଡାକି ମାଡ଼ ମାରିବା ଓ ଏଥିରେ ଦୀପକ ବାରିକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ରବିବାର ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଅନ୍‌ଲାଇନ୍ ମାଧ୍ୟମରେ ଜାତୀୟ ମାନବାଧିକାର କମିଶନ ଏନଏଚ୍‌ଆରସି)ରେ ଅଭିଯୋଗ କରିଛନ୍ତି। ମୃତ ଦୀପକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ଦୋଷୀ ପୋଲିସ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, କଣିହାଁ ଥାନା ବଡ଼ଗୁଣ୍ଡୁରୀ ଅଞ୍ଚଳର ଦୀପକ ଓ ସ୍ତ୍ରୀ ଡଲି ବାରିକଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏନେଇ ଡଲି ଥାନାରେ ମୌଖିକ ଅଭିଯୋଗ କରିବା ପରେ ଉଭୟଙ୍କୁ କାଉନସେଲିଂ ପାଇଁ ଥାନାକୁ ଡାକିଥିଲେ। ଶୁକ୍ରବାର ପୂର୍ବାହ୍ନ ସାଢେ ୧୦ଟାରେ ଦୀପକ, ସ୍ତ୍ରୀ ଡଲି ଓ ସମ୍ପର୍କୀୟ ଥାନାରେ ପହଞ୍ଚିଥିଲେ। ବହୁ ସମୟ ଅପେକ୍ଷା କରିବା ପରେ ଜଣେ ପୋଲିସ ଅଧିକାରୀ ଦୀପକ ଓ ଡଲିଙ୍କୁ କାଉସେଲିଂ କରିଥିଲେ। ଏହି ସମୟରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ପୋଲିସ ସେମାନଙ୍କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶେଷରେ ପୋଲିସ ଅଧିକାରୀ ଜଣକ ଦୀପକଙ୍କୁ ଏକ ଶକ୍ତ ଚାପୁଡା ମାରିଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇ ସେଠାରେ ପଡ଼ିଯାଇଥିଲା। ତାଙ୍କୁ ତୁରନ୍ତ କଣିହାଁ ଡାକ୍ତରଖାନାରେ ଭର୍ତ୍ତି କରାଯଇଥିଲା, ମାତ୍ର ଡାକ୍ତର ଦୀପକଙ୍କୁ ମୃତ ଘୋଷଣା କରିଥିଲେ।



FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: ANGUL: Shree Durga TVS, Ph: 9861222572. DHENKANAL: Orissa TVS, Ph.: 8260250728. Authorised Dealers: Pallahara, Phalguni Motors, Ph.: 06765279020; Kamakhyanagar, Priya Motors, Ph.: 9437332936; Talcher, Shree Durga Motors, Ph: 06760-241799; Gondia : Mohapatra Motors, Ph : 7008092305 ; Rasol : S.B.Motors, Ph : 9437663780; Jiral, Subham Automobiles, Ph : 7894884668, 9437549916; Parjang,Devi Motors, Ph : 9777112004; Mahaveer Motors, Banarpal, Ph : 9040267959; Mahidharpur, Urmila Motors, Ph : 9777930551; Bhuban, Vicky Auto, Ph : 06769-272720, 9937707823.
dentsuindia/dha ang/17/19




Attractive Finance Offers
- 100% ପର୍ଯ୍ୟନ୍ତ ଅନ୍-ରୋଡ଼ ଫଣ୍ଡିଂ*
- ଅବଧି 84 ମାସ ପର୍ଯ୍ୟନ୍ତ *

| MODELS | HEXA | NEXON | TIAGO | TIGOR |
|---|---|---|---|---|
| Ex-Showroom Price | ₹13.26L* | ₹6.72L* | ₹4.50L* | ₹5.63L* |
| Maximum Benefit | ₹68,000* | ₹53,000* | ₹67,000* | ₹68,000* |

TATA NEXON ଭାରତର ନିରାପଦ କାର GLOBAL NCAP #SAFERCARSFORINDIA
ଏଏମ୍‌ଟିରେ ଉପଲବ୍ଧ

To know more, visit http://drivethefuture.tatamotors.com | Toll free number: 18002098282 | /tatamotorsgroup /tatamotors

Special offers for Government / Corporate Employees, Police Dept. , LIC Employee & Agents , Government Hospital - Doctors & Staff, Hardware & Paint Shop Owners*

SPECIAL OFFERS FOR CSD EXCHANGE THROUGH TATA MOTORS ASSURED

Authorised Tata Motors Dealers:
BHUBANESWAR- Trupti Enterprises- 8527232272 | PURI /KENDRAPADA - Trupti Enterprises- 8527232272 | BERHAMPUR - Trupti Enterprises- 8527232272. | NAYAGARH- Trupti Enterprises- 8527232272 | PARADIP- Trupti Enterprises- 8527232272 | CUTTACK/KEONJHAR/JAJPUR - Gugnani Autocars: 9667952020. | ANGUL/DHENKANAL Monalisha Motors: 8884498968 | BALASORE/BHADRAK/ BARIPADA/MAYURBHANJ: Gramps Autotech : 7328835610. | JEYPORE- Laxmi Sales & Service- 8448994722.

*Terms and Conditions Apply. All offers are at the discretion of TATA Motors Limited. Insurance offers are the discretion of TATA Motors Insurance and are subject to change without any prior notice. Finance offers mentioned above are solely at the discretion of the Finance Company. Price is Ex-Showroom Bhubaneswar.

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସୋହନ
ପରିବାରବର୍ଗ



ଆରୁଷି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖାଇବାକୁ ମାଗିବାରୁ ଗରମ ପେୟ ଫୋପାଡ଼ିଲେ ସ୍ତ୍ରୀ

ଯାଜପୁର ଟାଉନ,୯ ।୬(ଡିଏନଏ)- ସ୍ୱାମୀଙ୍କ ଉପରକୁ ସ୍ତ୍ରୀ ଗରମ ପେୟ ଫୋପାଡ଼ିବାରୁ ସ୍ୱାମୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲା ଯାଜପୁର ଥାନା ଖଣ୍ଡରା ପଞ୍ଚାୟତ ଇନ୍ଦାସ ଗ୍ରାମରେ। ଖାଇବାକୁ ମାଗିବା ନେଇ ବଚସା ହେବା ପରେ ସ୍ତ୍ରୀ ଉତ୍କ୍ଷିପ୍ତ ହୋଇ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଏ ନେଇ ଯାଜପୁର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଇନ୍ଦାସ ଗ୍ରାମର ପ୍ରଶାନ୍ତ ରାଉତ (୩୫) ମୀନାକ୍ଷୀଙ୍କୁ ଖାଇବାକୁ ମାଗିଥିଲେ। ମୀନାକ୍ଷୀ ଭାତ ରନ୍ଧା ସରିଛି, କିନ୍ତୁ ତରକାରି ସରି ନାହିଁ ବୋଲି କହିବାରୁ ପ୍ରଶାନ୍ତ ତାଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଏହାପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇ ଉଗ୍ରରୂପ ଧାରଣ କରିଥିଲା। ମୀନାକ୍ଷୀ ଉତ୍କ୍ଷିପ୍ତ ହୋଇ ପ୍ରଶାନ୍ତଙ୍କ ଉପରେ ଗରମ ପେୟ ଫୋପାଡ଼ି ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶୁକ୍ର ନକ୍ଷତ୍ରସ୍ଥ ଚନ୍ଦ୍ର ଅର୍ଥ ସମ୍ପର୍କିତ ଚିନ୍ତା, ବିଳାସବ୍ୟସନ ଦିଗରେ ମନକୁ ନିମଜ୍ଜିତ କରାଇବ। ତୃତୀୟସ୍ଥ ରାହୁ ସହ ମଙ୍ଗଳଙ୍କ ଭ୍ରାତୃ, ନିକଟ ସମ୍ପର୍କୀୟମାନଙ୍କ ସହ ବିବାଦ ବୃଦ୍ଧି କରିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବୃଷ** ଆଜି ରବିଙ୍କ ନକ୍ଷତ୍ରସ୍ଥ ଶୁକ୍ର ରାଶିରେ ରହି ଆତ୍ମୀୟମାନଙ୍କୁ ଆପଣେଇ ନେବାରେ ସାହାଯ୍ୟ କରିବେ। କେତେକ ଅତୀତ ଘଟଣା, ସ୍ୱାସ୍ଥ୍ୟହାନି ଯୋଗୁ ସାମୟିକ ମନ ଉଦାସ ରହିପାରେ। ଆର୍ଥିକ ସ୍ଥିତିରେ ଉନ୍ନତି, ସ୍ଥଗିତ କାର୍ଯ୍ୟର ଅଗ୍ରଗତି ଘଟିବାର ସମ୍ଭାବନା ରହିଛି। ନୂତନ କର୍ମାରମ୍ଭ କ୍ଷେତ୍ରରେ ବିଶେଷ ଅସୁବିଧା ନ ହୋଇପାରେ।

**ମିଥୁନ** ବୁଧ ଉଚ୍ଚସ୍ଥ ରାହୁଙ୍କ ନକ୍ଷତ୍ରରେ ଅବସ୍ଥାନ କରି ସମସ୍ୟାକୁ ପ୍ରତିହତ କରିବା ସାଙ୍ଗକୁ ବିବାଦରେ ବିଜୟୀ କରାଇବ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ** ଧନସ୍ଥାନରେ ରାଶ୍ୟାଧିପତି ଆର୍ଥିକ ଉନ୍ନତି କରାଇବ ସହ ଦୈହିକ ସୁସ୍ଥତାକୁ ଅକ୍ଷୁର୍ଣ୍ଣ ରଖିବ। ରାହୁ ସହ ମଙ୍ଗଳ ପ୍ରଭାବରୁ ଜମା ଭଲ ପଡୁ ନ ଥିବା କୌଣସି ବ୍ୟକ୍ତି ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆଲୋଚନା କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ ଓ ଯାତ୍ରା, ବାଣିଜ୍ୟରେ ପ୍ରତିବନ୍ଧକ ଲାଗି ରହିବ।

**ସିଂହ** କର୍ମସ୍ଥାନରେ କର୍ମାଧିପତି ସହ ରାଶ୍ୟାଧିପତି ଚେଷ୍ଟା କରୁଥିବା କ୍ରମେ ସଫଳତା ହାସଲ କରିବେ। ବାଣୀକାରକ ବୁଧ ପାପାକ୍ରାନ୍ତ ଯୋଗୁ ଅଫିସ୍ କାମରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଦୂରଯାତ୍ରା ସାଙ୍ଗକୁ ଦେବଦର୍ଶନର ସୁଯୋଗ ପାଇବେ। ଶିଳ୍ପ, ବାଣିଜ୍ୟ, ସଭାସମିତି, ଆନୁଷ୍ଠାନିକ କାମରେ ମନୋନିବେଶ କରିପାରନ୍ତି।

**କନ୍ୟା** ବୁଧ ଯୁକ୍ତ ରାହୁ ଓ ମଙ୍ଗଳ ଚତୁର୍ଥସ୍ଥାନକୁ ପ୍ରଭାବିତ କରୁଥିବାରୁ ପାରିବାରିକ କ୍ଷେତ୍ର ବିବାଦୀୟ ରହିବ। କର୍ମକ୍ଷେତ୍ର, ସାମାଜିକ କାର୍ଯ୍ୟ, ବନ୍ଧୁ ପରିଜନ ଓ ପରିବହନ କ୍ଷେତ୍ର ମଧ୍ୟ ସମସ୍ୟା ବହୁଳ ରହିପାରେ। ଏଣେ ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀତିଗତ କାମ ଓ ବନ୍ଧୁମିଳନରୁ ଖୁସି ରହିପାରନ୍ତି।

**ତୁଳା** ଲାଭାଧିପତିଙ୍କ ଧନଭାବ ପ୍ରତି ସମ୍ବନ୍ଧ ଅର୍ଥଲାଭର ସୂଚନା ପ୍ରଦାନ କରେ। ଆଜି ଆପଣ ଅଫିସ୍ କାମରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସାମାଜିକ ସ୍ତରରେ ଅନ୍ୟମାନଙ୍କୁ ସୁହାଇଲା ଭଳି କଥାକହି ଲକ୍ଷ୍ୟ ହାସଲ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାରସାମ୍ୟ ରଖି ଚଳିବା ନିତାନ୍ତ ଜରୁରୀ ହୋଇପଡ଼ିବ।

**ବିଛା** ବଳହୀନ ରାଶ୍ୟାଧିପ ଅଷ୍ଟମରେ ସ୍ୱାସ୍ଥ୍ୟହାନି ସହ ବିଭିନ୍ନ ସମସ୍ୟାରେ ବିବ୍ରତ କରାଇବ। ଅବଶ୍ୟ ରବିଙ୍କ ସଫଳତା କାରଣରୁ ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସହାୟତା ପାଇ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିପାରନ୍ତି। ସମ୍ପର୍କୀୟ ବନ୍ଧୁବର୍ଗ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି।

**ଧନୁ** ବୃହସ୍ପତି ପରମୁହୂର୍ତ୍ତରେ ଅବସ୍ଥା ସ୍ୱାଭାବିକ ହେଲେ ମଧ୍ୟ ପାରିବାରିକ କ୍ଷେତ୍ର ଭୁଲ୍‌ବୁଝାମଣା ମଧ୍ୟରେ ବିଶୃଙ୍ଖଳିତ ରହିପାରେ। ମାଲିମକଦ୍ଦମା,ରାଜନୀତି କିମ୍ବା ପ୍ରଶାସନିକ ସ୍ତରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ବକେୟା ପରିଶୋଧ କରିବାରେ ବିଫଳ ହେବେ।

**ମକର** ଆଜିର ଅଷ୍ଟମଚନ୍ଦ୍ର ରାଶିସ୍ଥ କେତୁଙ୍କ ନକ୍ଷତ୍ରସ୍ଥ ହେତୁ ମାନସିକ ଦୁଶ୍ଚିନ୍ତାରେ ମନ ଉଦ୍ୱେଳିତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ,ସଭାସମିତି ତଥା ପ୍ରଶାସନିକ ସ୍ତରରେ କିମ୍ବା ପ୍ରକାଶନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ କିନ୍ତୁ ସେପରି କିଛି ବିଶେଷ ଅସୁବିଧା ହେବ ନାହିଁ।

**କୁମ୍ଭ** କର୍ମାଭାବରୁ ଅଷ୍ଟମସ୍ଥ କର୍ମାଧିପତି ଯୋଗୁ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବନାହିଁ। ତଥାପି ଶୁକ୍ରଙ୍କ ସୁପ୍ରଭାବରୁ ନୂତନ ଯୋଜନାଟିକୁ ଆରମ୍ଭ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ନିଜର ଦକ୍ଷତା ହେତୁ ପ୍ରଶଂସିତ ହୋଇପାରନ୍ତି।

**ମୀନ** ଆଜିର ଗ୍ରହସ୍ଥିତି ପ୍ରଭାବରେ ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁମାନଙ୍କ ଆଦର, ଅଭ୍ୟର୍ଥନା ମଧ୍ୟରେ ଦିନଟି ଉପଭୋଗ୍ୟ ରହିବ। ସକାଳୁ ସକାଳୁ ଆଜିର ଯାତ୍ରା,କାମର ଶୈଳୀ, ବନ୍ଧୁମାନଙ୍କ ସଦିଚ୍ଛାରୁ ମନ ପ୍ରାୟତଃ ଖୁସି ରହିବ। ପାରିବାରିକ କ୍ଷେତ୍ରକୁ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରିବେ ବାସ୍ତବରେ ସେପରି କିଛି ହେବନି।

ଆଜି ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ ସୋମବାର, ଜୁନ୍ ୧୦ ତାରିଖ, ରାଶି ନକ୍ଷତ୍ର-ଦିବା, ଘ୨ ।୫୨ମି. ପର୍ଯ୍ୟନ୍ତ ପୂର୍ବଫାଲ୍‌ଗୁନୀ/ସିଂହ, ବୃଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୬ ।୫୦ମି. ମଧ୍ୟେ, ଘ୧ ।୨୬ମି. ଗତେ ଘ୩ ।୦୫ମି. ମଧ୍ୟେ, ଘ୪ ।୪୪ମି. ଗତେ ଘ୬ ।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୨୯ମି. ଗତେ ଘ୧୦ ।୦୮ମି. ମଧ୍ୟେ, ଦିବା ଘ୩ ।୦୫ମି. ଗତେ ଘ୪ ।୪୪ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୬ ।୪୯ମି. ଗତେ ଘ୮ ।୨୮ମି. ମଧ୍ୟେ ରାହୁକାଳ।


ପ୍ରଥମ ପୃଷ୍ଠାରୁ...


## ସନ୍ଦେଶଖଲିରେ...

ସବୁଠୁ ଅଧିକ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ନିର୍ବାଚନ ପରେ ବି ଏହି ଧାରା ଜାରି ରହିଛି। ୨୪ ପ୍ରଗଣା ଜିଲା ସନ୍ଦେଶଖଲି ବିଧାନସଭା ଆସନ ଅନ୍ତର୍ଗତ ହାଟଗାଛି ଅଞ୍ଚଳରେ ଶନିବାର ଅପରାହ୍ଣରେ ଭାଜପାର ଏକ ପତାକାକୁ ଜୋରଜବରଦସ୍ତ ହଟାଇବାକୁ ନେଇ ଟିଏମ୍‌ସି ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ବିବାଦ ହୋଇଥିଲା। କିଛି ସମୟ ପରେ ଏହା ହିଂସାର ରୂପ ନେଇ ଗୁଳି ଫୁଟିବା ଆରମ୍ଭ ହୋଇଥିଲା। ଟିଏମ୍‌ସି ସମର୍ଥକଙ୍କ ପକ୍ଷରୁ କରାଯାଇଥିବା ଗୁଳିମାଡ଼ରେ ଭାଜପାର ୫ କର୍ମୀ ନିହତ ହୋଇଛନ୍ତି ଏବଂ ଅନ୍ୟ ୧୮ ଜଣ ନିଖୋଜ ହୋଇଯାଇଛନ୍ତି ବୋଲି ଗୈରିକ ଦଳ ପକ୍ଷରୁ କୁହାଯାଇଛି। ନିହତ ଭାଜପା କର୍ମୀ ହେଲେ ପ୍ରଦୀପ ମଣ୍ଡଳ, ତପନ ମଣ୍ଡଳ, ସୁକାନ୍ତ ମଣ୍ଡଳ, ଦେବବ୍ରତ ମଣ୍ଡଳ ଓ ଶଙ୍କର ମଣ୍ଡଳ। ଅନ୍ୟପକ୍ଷରେ ଟିଏମ୍‌ସିର ବୁଥ୍ ସ୍ତରୀୟ ବୈଠକ ବେଳେ ଭାଜପା ପକ୍ଷରୁ ଆକ୍ରମଣ କରାଯାଇଥିଲା। ସଂଘର୍ଷ ବେଳେ ଟିଏମ୍‌ସି କର୍ମୀ କ୍ୱାୟୁମ୍ ମୋଲ୍ଲା(୨୬)ଙ୍କୁ ଘୋଷାଡ଼ି ନେଇ ଛୁରାମାଡ଼ କରି ହତ୍ୟା କରାଯାଇଥିଲା। ଏହାସହ ଅନ୍ୟ ଦୁଇଜଣଙ୍କୁ ନଦୀ ଭିତରକୁ ଫିଙ୍ଗି ଦିଆଯାଇଛି। ଆକ୍ରମଣରେ ୬ ମହିଳାଙ୍କ ସମେତ ୮ କର୍ମୀ ଆହତ ହୋଇଛନ୍ତି ବୋଲି ପଶ୍ଚିମବଙ୍ଗ ମନ୍ତ୍ରୀ ତଥା ଟିଏମ୍‌ସିର ଜିଲା ସଭାପତି ଜ୍ୟୋତିପ୍ରିୟ ମଲିକ ଦାବି କରିଛନ୍ତି। ତେବେ ଏହି ହିଂସାରେ ଭାଜପାର ୨ ଓ ଟିଏମ୍‌ସିର ଜଣେ କର୍ମୀ ନିହତ ହୋଇଥିବା ପୋଲିସ ସଷ୍ଟ କରିଛି। ନିଖୋଜ ହୋଇଯାଇଥିବା କର୍ମୀଙ୍କୁ ଠାବ କରିବା ପାଇଁ ପୋଲିସ ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି।

ସନ୍ଦେଶଖଲି ସଂଘର୍ଷରେ ନିହତ କର୍ମୀମାନଙ୍କ ଗ୍ରାଫିକ୍ ଚିତ୍ର ସୋସିଆଲ ମିଡିଆରେ ପୋଷ୍ଟ କରାଯିବା ପରେ ଏହା ଭାଇରାଲ ହୋଇଛି। ଭାଜପା ନେତା ମୁକୁଲ ରୟ ଏହି ହିଂସା ପାଇଁ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ପ୍ରତ୍ୟକ୍ଷ ଭାବେ ଦାୟୀ କରିଛନ୍ତି। ଭାଜପା ଏମ୍‌ପିଙ୍କ ଏକ ପ୍ରତିନିଧି ଦଳ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିବ ବୋଲି ମୁକୁଲ ଟୁଇଟ୍ କରିଛନ୍ତି। ଏହାସହ ସେ ଶାହଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଅବଗତ କରାଇଥିବା ଜଣାପଡ଼ିଛି। ସେହିପରି କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ ଘଟଣାର ନିନ୍ଦା କରିବା ସହ ରାଜ୍ୟବାସୀ ଖୁବଶୀଘ୍ର ଟିଏମ୍‌ସି ବର୍ବରତାର ଅନ୍ତ ଘଟାଇବେ ବୋଲି ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଭାଜପା ଆଇନଶୃଙ୍ଖଳା ପରିସ୍ଥିତି ବିଗାଡ଼ି ଗୁଣ୍ଡାରାଜ ଚଳାଇଛି ବୋଲି ପଶ୍ଚିମବଙ୍ଗ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ ସମାଲୋଚନା କରିଛନ୍ତି। ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଟିଏମ୍‌ସିର ବସିରହାଟ ଏମ୍‌ପି ନୁସରତ ଜାହାଁ ଅନୁରୋଧ କରିଛନ୍ତି। ଉତ୍ତେଜନା ଲାଗିରହିଥିବାରୁ ସ୍ୱରାଷ୍ଟ୍ରମନ୍ତ୍ରଣାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ରାଜ୍ୟର ଆଇନ ପ୍ରବର୍ତ୍ତନକାରୀ ବ୍ୟବସ୍ଥା ବିଫଳ ହୋଇଥିବା ଏଥିରେ ଦର୍ଶାଯାଇଛି। ସ୍ୱାଭାବିକ ସ୍ଥିତି ଫେରାଇଆଣିବା ଲାଗି ସବୁ ପ୍ରକାର ପଦକ୍ଷେପ ନେବା ପାଇଁ ଆଡ୍‌ଭାଇଜରିରେ ନିର୍ଦ୍ଦେଶ ଦିଆଯାଇଛି।

## ପୁଣି ଲେଉଟିଲା...

କରାଯାଇଛି। ତେବେ ବର୍ତ୍ତମାନ ପ୍ରାକ୍ ମୌସୁମୀ ବର୍ଷା ରାଜ୍ୟର ବିଭିନ୍ନ ସହରରେ ହେଉଛି। ରବିବାର ଉପକୂଳ ଓଡ଼ିଶା ସହ ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କୋରାପୁଟ ଆଦି ସହରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହୋଇଥିବା ଜଣାପଡ଼ିଛି। ସୋମବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଗଜପତି, ଗଞ୍ଜାମ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ। ବାକି ସବୁ ଜିଲାରେ ପାଗ ଶୁଖିଲା ରହିବ ବୋଲି ପାଣପାଗ କେନ୍ଦ୍ର ଅନୁମାନ କରିଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ମୟୂରଭଞ୍ଜ, ବାଲେଶ୍ୱର, ଗଜପତି ଓ ଗଞ୍ଜାମ ଜିଲାରେ କାଳବୈଶାଖୀ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏ ସବୁ ଜିଲାରେ ବର୍ଷା ସହ ବଜ୍ରପାତ ହେବା ସମ୍ଭାବନା ରହିଛି। ତେଣୁ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି।

## କାନ୍ଥ ପଡ଼ି ୪ ବ୍ୟବସାୟୀଙ୍କ ମୃତ୍ୟୁ




# ଛୁଆ ହାତୀ ମୃତଦେହ ଉଦ୍ଧାର

ରାଇକିଆ,୯।୬(ଡ଼ି.ଏନ.ଏ)

କନ୍ଧମାଳ ଜିଲା ରାଇକିଆ ରେଞ୍ଜ କରଡ଼ା ବନାଞ୍ଚଳର ନୀଳମାଧବ ଜଙ୍ଗଲରୁ ରବିବାର ଏକ ଛୁଆ ହାତୀର ମୃତଦେହ ଉଦ୍ଧାର କରାଯାଇଛି। କନ୍ଧମାଳ-ଗଞ୍ଜାମ ଜିଲା ସୀମାନ୍ତରେ ଥିବା ଏହି ଜଙ୍ଗଲରେ ଏକ ପୋଖରୀ ନିକଟରେ ଛୁଆ ହାତୀ ମୃତଦେହ ପଡ଼ିଥିବା କୌଣସି ସୂତ୍ରରୁ ସୂଚନା ପାଇ କନ୍ଧମାଳ ଡିଏଫଓ ଲକ୍ଷ୍ମୀ ନାରାୟଣ ବେହେରା ଏବଂ ରାଇକିଆ ବନ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତଦେହଟି ବ୍ୟବଚ୍ଛେଦ କରାଯାଇଥିଲା।

# ୧୩ବର୍ଷୀୟା ନାବାଳିକା ୫ମାସ ଗର୍ଭବତୀ
# ବିଭାଗୀୟ ଅପାରଗତା, ହୋଇପାରିନି ଗର୍ଭପାତ

ବରଗଡ଼ ଅଫିସ୍, ୯।୬

- ହାଇକୋର୍ଟ ଅନୁମତି ବିନା ଗର୍ଭପାତ ଅସମ୍ଭବ
- ଆଇନ ସହାୟତା ନେବାକୁ ଜିଲାପାଳଙ୍କ ନିର୍ଦ୍ଦେଶ
- ହୋଇନି ହାଇକୋର୍ଟରେ ଆବେଦନ

ବରଗଡ଼ ଜିଲା ବରପାଲି ଥାନା ଅଞ୍ଚଳରେ ଜଣେ ୧୩ବର୍ଷ ବୟସ୍କା ନାବାଳିକା ୫ମାସର ଗର୍ଭବତୀ ହେବା ଘଟଣା ଜିଲାବ୍ୟାପୀ ଆଲୋଡ଼ନ ଖେଳାଇ ଦେଇଛି । ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଯୁବକ ନିମାଇଁ ଦୀପ(୩୨)ଙ୍କୁ ଗିରଫ କରିଛି । ତାଙ୍କ ବିରୋଧରେ ବରପାଲି ଥାନାରେ ଦଫା ୩୭୬(୨), ୩୭୬(୩), ୬ପକ୍ସୋ (ଦି ପ୍ରୋଟେକ୍ସନ ଅଫ ଚିଲଡ୍ରେନ ଫ୍ରମ ସେକ୍ସୁଆଲ ଅଫେନ୍ସ ଆକ୍ଟ) ଏବଂ ୫୦୬ ଆଇପିସିରେ ଏକ ମାମଲା(ନଂ.୧୨୯/୧୯) ରୁଜୁ ହୋଇଛି । ଅଭିଯୁକ୍ତ ଏବେ ବରଗଡ଼ ସବ୍‌ଜେଲରେ ଅଛନ୍ତି । ମାତ୍ର ବିଭାଗୀୟ ଅପାରଗତା ଯୋଗୁ ପୀଡ଼ିତା ନାବାଳିକାଙ୍କ ଗର୍ଭପାତ ହୋଇପାରି ନାହିଁ। ଏହାକୁ ନେଇ ପୀଡ଼ିତା ଏବଂ ତାଙ୍କ ପରିବାର ଲୋକେ ମାନସିକ ଭାରସାମ୍ୟ ହରାଇ ବସିଥିବାବେଳେ ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

ପ୍ରକାଶ ଯେ, ନାବାଳିକାଙ୍କ ଦେହ ଅସୁସ୍ଥ ଥିବା ଯୋଗୁ ଗତମାସ ୨୨ତାରିଖରେ ତାଙ୍କ ବାପା ବରପାଲି ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ଚିକିତ୍ସାବେଳେ ସେ ଗର୍ଭବତୀ ଥିବା ଡାକ୍ତର କହିବା ପରେ ନାବାଳିକାଙ୍କୁ ପରିବାର ଲୋକେ ଘଟଣା ସମ୍ପର୍କରେ ପଚାରିଥିଲେ। ଘଟଣା ସମ୍ପର୍କରେ ଜାଣି ପରିବାର ଲୋକେ ଥାନାରେ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଉଭୟଙ୍କ ଡାକ୍ତରୀ ମାଇନା କରିଥିଲା। ଏ ନେଇ ପୋଲିସ ଜିଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲୁସି)କୁ ଜଣାଇଥିଲା । ତେବେ ନାବାଳିକା ଜଣକ ଗର୍ଭବତୀ ହେବା ସମୟ ୫ମାସ ଅତିକ୍ରମ କରିଯାଇ ଥିବାଯୋଗୁ ହାଇକୋର୍ଟଙ୍କ ଅନୁମତି ବିନା ଗର୍ଭପାତ ସମ୍ଭବ ହେଉ ନ ଥିବା ଦୃଷ୍ଟିରୁ ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସିଡବ୍ଲୁସିକୁ ଅବଗତ କରିଥିଲେ । ସିଡବ୍ଲୁସି ସେ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ଗୁରୁବାର ଜିଲାପାଳ ଗର୍ଭପାତ ପାଇଁ ଆଇନର ଆଶ୍ରୟ ନେବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ହାଇକୋର୍ଟରେ ଗର୍ଭପାତ ଅନୁମତି ପାଇଁ ଆବେଦନ ହୋଇପାରି ନାହିଁ । ଏ ସମ୍ପର୍କରେ ଡିସିପିଓ ମଞ୍ଜୁ ଏକ୍କାଙ୍କୁ ପଚାରିବାରୁ ସେ କହିଥିଲେ, ଜିଲାପାଳଙ୍କ ନିର୍ଦ୍ଦେଶ ମିଳିଛି । ସୋମବାର ସେ ଏବଂ ଲିଗାଲ ପ୍ରୋବେଶନାଲ ଅଫିସର ସରକାରୀ ଓକିଲଙ୍କୁ ଦେଖା କରି ଆବଶ୍ୟକ ପରାମର୍ଶ ନେଇ ଆଗକୁ ବଢ଼ିବେ । ଗର୍ଭପାତ ଅନୁମତି ପାଇଁ ପୀଡ଼ିତାଙ୍କ ପରିବାର ଲୋକେ ହାଇକୋର୍ଟରେ ଆବେଦନ କରିବେ । ଡିସିପିୟୁ(ଜିଲା ଶିଶୁ ସୁରକ୍ଷା ୟୁନିଟ୍) ସେଥିରେ କେବଳ ତାଙ୍କୁ ସହଯୋଗ କରିବେ ବୋଲି ସେ କହିଥିଲେ।

# ଶବଗୃହ ଫ୍ରିଜ, ଲାଇଟ୍ ଅଚଳ

## ଏସ୍‌ସିବିରେ ସଙ୍ଗୀନ ପରିସ୍ଥିତି

କଟକ ଅଫିସ, ୯।୬- ଏସ୍‌ସିବି ମେଡିକାଲ ଶବଗୃହରେ ଥିବା ଫ୍ରିଜ ଓ ଲାଇଟ୍ ପ୍ରାୟ ୬ ମାସ ହେବ ଅଚଳ ହୋଇପଡ଼ିଛି। ଶବଗୃହଟି ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଥିବା ବେଳେ ଶବ ସଂରକ୍ଷଣରେ ବାଧା ଉପୁଜୁଛି। ଶବଗୃହକୁ ଲାଗିକରି ଚର୍ମରୋଗ ବିଭାଗ, ଡାଇରିଆ ୱାର୍ଡ ଓ ଶରୀର ଗଠନ ବିଭାଗ ରହିଛି। ଯେହେତୁ ଶବଗୃହ ଫ୍ରିଜ ଅଚଳ ରହିଛି ତେଣୁ ଶବଗୁଡ଼ିକୁ ଫ୍ରିଜରରେ ରଖା ନ ଯାଇ ବାହାରେ ରଖାଯାଉଛି। ଫଳରେ ଉକ୍ତ ଅଞ୍ଚଳରେ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏହାକୁ ନେଇ ସାମାଜିକ ସଂଗଠକ ଅଚ୍ୟୁତ କୁମାର ସାହୁ ଓ ଦୀପକ କୁମାର ଆଚାର୍ଯ୍ୟ ରାଜ୍ୟ ସ୍ୱାସ୍ଥ୍ୟ ସଚିବ, କେନ୍ଦ୍ରାଞ୍ଚଳ ଆର୍‌ଡିସି ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସେମାନେ ପୂର୍ବରୁ ବହୁବାର ଅଧୀକ୍ଷକଙ୍କ ନଜରକୁ ଆଣିଥିଲେ ମଧ୍ୟ ଏହାର ସମାଧାନ କରାଯାଇ ନ ଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ବିଶେଷକରି ଏସ୍‌ସିବିରେ ମୃତ୍ୟୁବରଣ କରୁଥିବା ଅସହାୟ ଅପରିଚିତ ରୋଗୀଙ୍କ ମୃତଦେହକୁ ମୃତ୍ୟୁର ୯୬ ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିବାର ନିୟମ ରହିଛି। ମାତ୍ର ଫ୍ରିଜର ଅଚଳ ଯୋଗୁ ଏହି ମୃତଦେହଗୁଡ଼ିକ ସଂରକ୍ଷିତ ରହିବା ବଦଳରେ ପଚୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତି କୁହନ୍ତି, ଏହାର ସମାଧାନ ପାଇଁ ବ୍ୟବସ୍ଥା କରାଯାଉଛି।

# ସ୍ତ୍ରୀଙ୍କୁ ହାତୁଡ଼ିରେ ଛେଚି ହତ୍ୟା, ସ୍ୱାମୀ ଗିରଫ

କ.ନୂଆଗାଁ/ଶଙ୍କରାଖୋଲ/ବାଲିଗୁଡ଼ା, ୯।୬(ଡି.ଏନ୍.ଏ.)

କନ୍ଧମାଳ ଜିଲା ସାରଙ୍ଗଗଡ଼ ଥାନା ଅନ୍ତର୍ଗତ ପାଡାଙ୍ଗି ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ପାଡଙ୍ଗି ପଞ୍ଚାୟତର ପଦାସାହିରେ ଶନିବାର ରାତିରେ ସ୍ତ୍ରୀଙ୍କ ମୁଣ୍ଡକୁ ସ୍ୱାମୀ ପ୍ରଶାନ୍ତ ନାୟକ ହାତୁଡ଼ିରେ ପିଟି ଦେବାରୁ ଘଟଣାସ୍ଥଳରେ ସ୍ତ୍ରୀ ସୁଦେଷ୍ଣା ନାୟକଙ୍କ ମୃତ୍ୟୁ ଘଟିଛି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, ପ୍ରଶାନ୍ତଙ୍କର ୩ ପୁଅ ଓ ଗୋଟିଏ ଝିଅ। ଦୁଇ ପୁଅ ଓ ଝିଅଙ୍କ ବିବାହ ସରିଛି। ବିବାହିତ ୨ ପୁଅ ବାହାର ରାଜ୍ୟକୁ ଯାଇ କାମ କରୁଛନ୍ତି। ସାନପୁଅ ଶ୍ରବଣ ମଧ୍ୟ ନିକଟସ୍ଥ ଅନ୍ୟ ଏକ ଗାଁରେ ରହି କାମ କରନ୍ତି। ଏଭଳି ପରିସ୍ଥିତିରେ ସ୍ତ୍ରୀଙ୍କ ସହ ପ୍ରଶାନ୍ତଙ୍କର ବିଭିନ୍ନ କଥାକୁ ନେଇ ମଝିରେ ମଝିରେ ଯୁକ୍ତିତର୍କ ହୁଏ। ଶନିବାର ରାତିରେ କୌଣସି ଏକ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ପୁଣି ପାଟିତୁଣ୍ଡ ହୋଇଥିଲା। ଏଥିରେ ପ୍ରଶାନ୍ତ ରାଗିଯାଇ ଘରେ ଥିବା ଏକ ହାତୁଡ଼ିରେ ସୁଦେଷ୍ଣାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସାନ ପୁଅ ଶ୍ରବଣ ଏହି ଖବରପାଇ ରବିବାର ସକାଳେ ଥାନାରେ ଏତଲା ଦେଇଥିଲେ। ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ନଂ. ୩୨/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।

# ଜୁଲାଇ ୧୬ରେ ଚନ୍ଦ୍ରଗ୍ରହଣ

ପୁରୀ ଅଫିସ, ୯।୬: ଆସନ୍ତା ଜୁଲାଇ ୧୬ ତାରିଖ ଆଷାଢ଼ ପୂର୍ଣ୍ଣିମାରେ ଖଣ୍ଡଗ୍ରାସ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ୧୬ ତାରିଖ ରାତି ୧ଟା ୩୦ ମିନିଟ୍ ୫୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇ ରାତି ୪ଟା ୩୦ରେ ସର୍ବମୋକ୍ଷ ହେବ। ଗ୍ରହଣ ସ୍ପର୍ଶ ହେଉଥିବାରୁ ଅପରାହ୍ଣ ୪ଟା ୩୧ ମିନିଟ୍‌ରୁ ଅନ୍ନଭୋଜନ, ପାକତ୍ୟାଗ ଓ ଦେବନୀତି ନିଷେଧ। ଦିବା ୪ଟା ୩୧ ମିନିଟ୍ ପୂର୍ବରୁ ଦେବନୀତି ଶେଷ କରିବାକୁ ପଡିବ। କିନ୍ତୁ ଶ୍ରୀମନ୍ଦିରରେ ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ସମୟକୁ ଦେଖି ଅନ୍ୟାନ୍ୟ ନୀତିମାନ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ସକାଳ ୬ଟାରେ ଦ୍ୱାରଫିଟା ଯାଇ ୭ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିବ। ପୂର୍ବାହ୍ଣ ସାଢେ ୧୦ଟାରୁ ସାଢେ ୧୧ଟା ମଧ୍ୟରେ ସକାଳ ଧୂପ, ୧୦ଟା ୪୫ରୁ ଅପରାହ୍ଣ ସାଢେ ୧ଟା ମଧ୍ୟରେ ଭୋଗମଣ୍ଡପ ଉଠିବ। ୨ଟାରୁ ୩ଟା ମଧ୍ୟରେ ମଧ୍ୟାହ୍ନ ଧୂପ ଏବଂ ୨ଟା ୧୫ରୁ ଅପରାହ୍ଣ ୪ଟା ମଧ୍ୟରେ ଦ୍ୱିତୀୟ ଭୋଗ ମଣ୍ଡପ ସରି ୪ଟାରେ ମଇଲମ ଏବଂ ସାଢେ ୪ଟା ତଡ଼ପଲାଗି ହେବ ବୋଲି ନିର୍ଘଣ୍ଟ ହୋଇଛି।


classifieds Everyday 0674-2580101, 2549302



SALE

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ ରେ ମିଳୁଛି। ଯୋଗାଯୋଗ 8908492594. D-12707

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 9348817649, 8144706560. D-66702


ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30'road boundary wall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12852

1500sqft. (6nos), 2000sqft (7nos) mainroad side plot, infront Tata Ariana Ghatikia, Sankarpur, Bhubaneswar 30ft. road, electricity, supply water available- 8114744495, 8328943165. D-66485



Monalisa club full body massage with hiprofile smart lady air-condition rooms available hurry up ! 9708545108. D-12867

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Medical registration- BAMS, BHMS, BUMS, BDS, D.Pharma, ANM, GNM (ଘରେରହି Course କରିପାରିବେ). Call: 9893869473. D-66564



Get electronics & grocery product of 40% discount. Call: 07478268108. D-12792

### ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



ଆରୁଷି ଦାସ
ନୟାଗଡ଼, ନାଗମୁଣ୍ଡଲୀ

ଷଷ୍ଠ ଜନ୍ମବାର୍ଷିକୀ ଉପଲକ୍ଷେ ତୋତେ ଅନେକ ଶୁଭେଚ୍ଛା ଓ ଶୁଭ ଆଶୀର୍ବାଦ। ପ୍ରଭୁ ଜଗନ୍ନାଥ ଓ ମା ମଙ୍ଗଳାଙ୍କ କୃପାରୁ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏହାହିଁ ପ୍ରାର୍ଥନା।

ଶୁଭେଚ୍ଛା ସହ:
ଜେଜେ, ଜେଜେମା, ଅଜା, ବାବା, ମାମା, ବାପା, ମାମୁ, ରାଜା, ରିଙ୍କୁ, ରିତା, ବନ୍ଧୁ ଓ ପରିବାରବର୍ଗ।

ଧ-୬୫୯୦୬

### ଜନ୍ମଦିନ ଶୁଭେଚ୍ଛା




ଅରମାନ୍ (ସୋହନ)

ଆଜି ତୋର ପ୍ରଥମ ବାର୍ଷିକ ଜନ୍ମଦିନରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛା ସହ:
ବଡ଼ବାପା, ବଡ଼ମାମା, ବାପା, ମାମା, ଜେଜେ ମା, ଅପା, ବିଷ୍ଣୁ ପିଇସା, ବେବି ପିଇସୀ, ରୁବି, କିଶନ ଭାଇ, ଶୁଭମ ଭାଇ, ରୋଶନ ଭାଇ।

ଧ-୧୪୫୬୬

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ.୨୧୦/-ରେ। ବିବାହ ଶୁଭେଚ୍ଛା ଟ.୩୧୫/- (ଫଟୋ ସହ) ଏବଂ ଟ.୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।










ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୮ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ରାଜଭବନ ନିକଟ ଏଲ୍ଆଇସି ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମ। ଏହି ଅବସରରେ ଉପସ୍ଥିତ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଓ ଜନସାଧାରଣ।

# ‘ନନ୍ଦିନୀ ଶତପଥୀଙ୍କର ଏକ ରାଷ୍ଟ୍ରୀୟ ପରିଚୟ ଥିଲା’

ଭୁବନେଶ୍ୱର, ୯।୬(ବ୍ୟୁରୋ)

ନନ୍ଦିନୀ ଶତପଥୀ ଓଡ଼ିଶାର ବିଶିଷ୍ଟ ଜନନେତ୍ରୀ ଥିଲେ। ତାଙ୍କର ଏକ ରାଷ୍ଟ୍ରୀୟ ପରିଚୟ ଥିଲା। ତାଙ୍କ ପ୍ରଶାସନିକ ଦକ୍ଷତା ଓ ଦୃଢ଼ ନେତୃତ୍ୱ ନୂଆ ପିଢ଼ି ପାଇଁ ପ୍ରେରଣାଦାୟକ ହୋଇପାରିଛି। ଓଡ଼ିଶା ରାଜନୈତିକ ଇତିହାସ ତଥା ଭାରତୀୟ ରାଜନୀତିରେ ସେ ଓଡ଼ିଶାର ନାଁ ବଢ଼ାଇବାରେ ଥିଲେ ଜଣେ ନିଆରା ମଣିଷ। ଲମ୍ବା ସମୟର ପ୍ରତିନିଧି ଭାବେ ରାଜ୍ୟ ଓ ଦେଶର ନେତୃତ୍ୱ ନେଇଥିବା ବ୍ୟକ୍ତିତ୍ୱ ଥିଲେ ନନ୍ଦିନୀ । ଆଜିର ଦିନରେ ମଧ୍ୟ ତାଙ୍କ ଅଞ୍ଚଳରେ ବୁଲିଲେ କିମ୍ବା ରାଜ୍ୟର ବିଶେଷ କିଛି ଘଟଣାକୁ ମନେପକାଇଲେ, ନନ୍ଦିନୀ ଦେବୀଙ୍କ ପ୍ରଶାସନିକ ଦକ୍ଷତାକୁ ସ୍ୱୀକାର କରିବା ପାଇଁ ସମସ୍ତେ ବାଧ୍ୟ ହୁଅନ୍ତି। ନନ୍ଦିନୀ ଦେବୀଙ୍କ ଆଦର୍ଶ ସମସ୍ତଙ୍କୁ ରାଜନୈତିକ ତଥା ସାମାଜିକ କାର୍ଯ୍ୟ ଓ ବିଚାରଧାରାରେ ପ୍ରେରଣା ଦେଉ। ରବିବାର ପୂର୍ବାହ୍ନରେ ଭୁବନେଶ୍ୱର ରାଜଭବନ ନିକଟ ଏଲ୍ଆଇସି ଛକସ୍ଥିତ

## ୮୮ତମ ଜୟନ୍ତୀରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଓଡ଼ିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୮ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ, ବିଭିନ୍ନ କ୍ଷେତ୍ରରେ ନନ୍ଦିନୀ ଦେବୀଙ୍କ ପାରଦର୍ଶିତା ଥିଲା। ସାମାଜିକ କ୍ଷେତ୍ରରେ ସେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ। ରାଜନୀତି ଓ ସାହିତ୍ୟକୁ ସେ ଯୁଗଳବନ୍ଦୀ କରିଥିଲେ। ଆଗାମୀ ଦିନରେ ମହିଳା ପିଢ଼ି ତାଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହେବେ। ନନ୍ଦିନୀ ଆମର ପଥ ପ୍ରଦର୍ଶକ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି। ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ନନ୍ଦିନୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କର ଜନସେବା, ସାହସ, ରାଜନୈତିକ ବିଚକ୍ଷଣତାକୁ ମନେପକାଇଥିଲେ। ଭାଜପା ନେତା ଜଗନ୍ନାଥ ପ୍ରଧାନ, ବାବୁ ସିଂ, ଟଙ୍କଧର ତ୍ରିପାଠୀ, କର୍ପୋରେଟର ଶ୍ରୀଧର ବେହେରା ଓ ଦେବାଶିଷ ଶିଟ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ‘ଧରିତ୍ରୀ’ ଓ ‘ଓଡ଼ିଶା ପୋଷ୍ଟ’ ସମ୍ପାଦକ ତଥା ନନ୍ଦିନୀଙ୍କ ସୁପୁତ୍ର ତଥାଗତ ସତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଡାଇରେକ୍ଟର (ମାର୍କେଟିଂ) ହିମାଂଶୁ ହୋତାଙ୍କ ସମେତ ଅନ୍ୟମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଏହି ଉପଲକ୍ଷେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ପକ୍ଷରୁ ମଧ୍ୟ ନନ୍ଦିନୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି କହିଥିଲେ ଯେ, ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଶାରେ ପ୍ରଥମଥର ପାଇଁ ଉତ୍କଳ ଦିବସ ସରକାରୀ ଭାବେ ପାଳନ ହୋଇଥିଲା। ସେହିଦିନଠାରୁ ପ୍ରତ୍ୟେକ ବର୍ଷ ଉତ୍କଳ ଦିବସ ସରକାରଙ୍କ ପକ୍ଷରୁ ପାଳନ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଶାଖା ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦିକା ବାସନ୍ତୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ନନ୍ଦିନୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ।

### ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୯।୬(ବ୍ୟୁରୋ)

ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କର ୮୮ତମ ଜନ୍ମଜୟନ୍ତୀ ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଟୁଇଟ୍ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ଲେଖିକା ନନ୍ଦିନୀ ଶତପଥୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ପ୍ରଗତି ପାଇଁ ତାଙ୍କ ଅବଦାନ ଏବଂ ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରୁଥିବା ତାଙ୍କ ସୃଷ୍ଟି ସର୍ବଦା ସ୍ମରଣୀୟ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୮ତମ ଜନ୍ମଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ଭାରତୀୟ ରାଜନୀତିରେ ଓଡ଼ିଶାର ନାଁକୁ ବଢେଇଥିବା ବ୍ୟକ୍ତିତ୍ୱ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି, କଂଗ୍ରେସ ନେତା କୈଳାସ ଆଚାର୍ଯ୍ୟ ପ୍ରମୁଖ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# ରାଜ୍ୟ ଭାଜପାର ନିର୍ବାଚନୀ ସମୀକ୍ଷା

- ୧୨୦ ମିଶନ ଫେଲ୍‌ର କାରଣ ଖୋଜିବ ଦଳ
- ୧୬ ଓ ୧୭ରେ ଲୋକ ସଭାସ୍ତରରୁ ସମୀକ୍ଷା
- ପ୍ରତି ଲୋକ ସଭା ଆସନ ପାଇଁ ୨ ନେତାଙ୍କୁ ଦାୟିତ୍ୱ
- ଜୁଲାଇରୁ ସଭ୍ୟ ସଂଗ୍ରହ ଚାଲିବ, ଅଗଷ୍ଟରେ ଆସିପାରନ୍ତି ନୂଆ ସଭାପତି
- ବିଜେପୁର, ପାଟକୁରା ନେଇ ଗୁପ୍ତ ମନ୍ତ୍ରଣା

ଭୁବନେଶ୍ୱର, ୯।୬(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନରେ ଭାଜପା ରାଜ୍ୟରେ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିପାରିଛି। ଦଳ ରାଜ୍ୟରେ ସରକାର ଗଠନ କରିବାର ଯେଉଁ ଦମ୍ଭୋକ୍ତି ଦେଖାଇଥିଲା, ସେଥିରେ ବିଫଳ ହୋଇଛି। ପ୍ରଥମଥର ବିରୋଧୀ ଦଳ ମାନ୍ୟତା ପାଇବାରେ ସକ୍ଷମ ହୋଇଛି। ଲୋକ ସଭା କ୍ଷେତ୍ରରେ ମଧ୍ୟ ଭାଜପା ୮ଟି ଆସନରେ ବିଜୟୀ ହୋଇଛି। ଓଡିଶାର ଦୁଇ ନେତାଙ୍କୁ ଏଥର କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି। କେନ୍ଦ୍ରମନ୍ତ୍ରୀ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଷଡଙ୍ଗୀ ଶନିବାର ଓଡିଶା ଫେରିଛନ୍ତି। ଦୁଇ ନେତାଙ୍କ ସହ ବିଜୟୀ ହୋଇଥିବା ଅନ୍ୟ ଏମ୍‌ପି ଏବଂ ବିଧାୟକମାନଙ୍କୁ ଦଳୀୟ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଥିଲା। ରବିବାର ସବୁ ବରିଷ୍ଠ ନେତାମାନେ ବସି ଦଳର ନିର୍ବାଚନ ପ୍ରଦର୍ଶନ ସମ୍ପର୍କରେ ଆଲୋଚନା କରିଛନ୍ତି। ଦଳର ୧୨୦ ମିଶନ୍ ବିଫଳ ହେବାନେଇ ଭାଜପା ସବୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଖସଡା ପ୍ରସ୍ତୁତ କରିଛି। ଏଥିପାଇଁ ବହୁ ବରିଷ୍ଠ ନେତାଙ୍କ ମଧ୍ୟରେ ଦାୟିତ୍ୱ ବାଣ୍ଟି ଦିଆଯାଇଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ୨୦୧୯ ସାଧାରଣ ନିର୍ବାଚନରେ ଦଳର ପ୍ରଦର୍ଶନ ନେଇ ଦୁଇଟି ପର୍ଯ୍ୟାୟରେ ଆଲୋଚନା ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦଳର କୋର୍ କମିଟି ବୈଠକ ବସିଥିଲା। ବରିଷ୍ଠ ନେତା ତଥା କୋର୍ କମିଟି ସଦସ୍ୟମାନେ ବସି ଦଳର ନିର୍ବାଚନ ଫଳ ସମ୍ପର୍କିତ ଆଲୋଚନା ହୋଇଥିଲା। ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ପ୍ରଭାରୀ ଅରୁଣ ସିଂ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାସହ ଆଗକୁ ହେବାକୁ ଥିବା ପାଟକୁରା ନିର୍ବାଚନ ଏବଂ ବିଜେପୁର ଉପନିର୍ବାଚନ ନେଇ ଆଲୋଚନା ହୋଇଛି। ଏହି ଦୁଇ ଆସନରେ କେଉଁ ନେତାମାନଙ୍କୁ ଦାୟିତ୍ୱ ଦିଆଯିବ ସେ ନେଇ ମଧ୍ୟ ବିସ୍ତୃତ ଆଲୋଚନା ପର୍ଯ୍ୟାଲୋଚନା ସରିଛି। ଖୁବ୍‌ଶୀଘ୍ର ଏହି ଦୁଇ ଆସନ ଲାଗି ବହୁ ନେତାଙ୍କୁ ଦାୟିତ୍ୱ ବାଣ୍ଟି ଦିଆଯିବ ବୋଲି ଜଣାପଡିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ରାଜ୍ୟ ପଦାଧିକାରୀ ଏବଂ ଜିଲା ସଭାପତିମାନଙ୍କ ସହ ବୈଠକ ବସିଥିଲା। ବୈଠକରେ ୧୨୦ ମିଶନ କାହିଁକି ବିଫଳ ହେଲା ତା’ ଉପରେ ଆଲୋଚନା ହୋଇଛି। ଦଳ ୮ଟି ଲୋକ ସଭା ଆସନରେ ସଫଳତା ପାଇଥିବା ବେଳେ ନିଶ୍ଚୟ ଜିତିବା ସମ୍ଭାବନା ଥିବା କେତୋଟି ଆସନରେ କାହିଁକି ଖରାପ ପ୍ରଦର୍ଶନ ହେଲା ସେ ନେଇ ମଧ୍ୟ ଆଲୋଚନା ହୋଇଛି। ଏଥିପାଇଁ ଦଳ ପକ୍ଷରୁ ଦୁଇଟି ତାରିଖ ମଧ୍ୟ ଧାର୍ଯ୍ୟ କରାଯାଇଛି। ଦଳର ରାଜ୍ୟ ନେତାମାନଙ୍କ ମଧ୍ୟରୁ ପ୍ରତି ଲୋକ ସଭା କ୍ଷେତ୍ର ପାଇଁ ଦୁଇଜଣ ନେତାଙ୍କୁ ଦାୟିତ୍ୱ ବଣ୍ଟାଯିବ। ସେମାନେ ଆସନ୍ତା ୧୬ ଏବଂ ୧୭ ତାରିଖରେ ପ୍ରତି ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ର ଗସ୍ତ କରିବେ। ସେଠାରେ ଦଳର ପ୍ରଦର୍ଶନ ସମ୍ପର୍କିତ ରିପୋର୍ଟ ସଂଗ୍ରହ କରିବେ। ଯେଉଁସବୁ ସ୍ଥାନରେ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରାର୍ଥୀଙ୍କ ବିରୋଧରେ କାମ କରିଥିବାର ତଥ୍ୟ ମିଳିବ ତା’ର ମଧ୍ୟ ସମୀକ୍ଷା କରିବେ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି।

ଯେଉଁ ନେତାଙ୍କୁ ଦାୟିତ୍ୱ ମିଳିଛି ସେମାନେ ରିପୋର୍ଟ ସଂଗ୍ରହ କରି କୋର୍ କମିଟିରେ ଦାଖଲ କରିବେ। ପୁନର୍ବାର କୋର୍ କମିଟି ବୈଠକ ବସି ସେହି ରିପୋର୍ଟ ଉପରେ ଆଲୋଚନା କରାଯିବ। ଏହାପରେ ଦଳ ବିରୋଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରାଯିବ।



## ଜିଲା ଚିଠି
## ବରଗଡ଼

# ପିସିରେ ପେଷି ହେଉଛନ୍ତି ଚାଷୀ

ସାଧାରଣତଃ ସରକାରଙ୍କ ଗୃହ ନିର୍ମାଣ ଯୋଜନା, ରାସ୍ତାଘାଟ, ପୋଲ, କେନାଲ ନିର୍ମାଣ, ମରାମତି ଆଦିରେ ପିସି(ପରସେଣ୍ଟେଜ ବା କମିଶନ) କାରବାର କଥା ଉଠିଥାଏ। ସେଥିପାଇଁ ସେହି ପ୍ରକଳ୍ପଗୁଡ଼ିକର କାମ ନିମ୍ନମାନର ହୋଇଥିବା ଅଭିଯୋଗ ଉଠେ। ଏହାକୁ ନେଇ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରେ। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ତୁମ୍ବିତୋଫାନ ହୁଏ। ତେବେ ଧାନ କିଣାବିକା ପ୍ରକ୍ରିୟାରୁ ମଧ୍ୟ ପିସି କାରବାର ବାଦ୍ ପଡ଼ିନାହିଁ। ଧାନ କିଣାବିକାରେ ପିସି କାରବାର ପ୍ରସଙ୍ଗ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ଏଥିରେ ଅନିୟମିତତା ଓ ଅଭାବୀ ବିକ୍ରି ଏହାର ମୂଳ କାରଣ। ଧାନ କିଣାବିକା ପ୍ରକ୍ରିୟା ଆରମ୍ଭର ଅବ୍ୟବହିତ ପୂର୍ବରୁ ଏଥିପାଇଁ ଯୋଜନା ପ୍ରସ୍ତୁତ ହୁଏ। ଏଥିରେ ଜଣେ କିମ୍ବା ଦୁଇଜଣ ନୁହନ୍ତି ତଳୁ ଉପର ପର୍ଯ୍ୟନ୍ତ ସରକାରୀ କଳର ଅନେକ ଅଧିକାରୀ, କର୍ମଚାରୀ ସମ୍ପୃକ୍ତ ଥାଆନ୍ତି। ସେହିପରି ଏଭଳି ଅନିୟମିତତା ପଛରେ ଚାଷ ଓ ଚାଷୀ ପ୍ରସଙ୍ଗକୁ ମୁଖ୍ୟ ଆୟୁଧ କରି ନିର୍ବାଚନ ବୈତରଣୀ ପାରି ହେଉଥିବା କେତେକ ଜନପ୍ରତିନିଧିଙ୍କ ଭୂମିକା ମଧ୍ୟ କିଛି କମ୍ ନୁହେଁ। ଯେଉଁ ଚାଷୀଙ୍କ ଭୋଟ୍ ପାଇ ଅଞ୍ଚଳର ଜନପ୍ରତିନିଧି ଭାବେ ନିର୍ବାଚିତ ହେଉଛନ୍ତି ସେହି ଚାଷୀଙ୍କ କଷ୍ଟୋପାର୍ଜିତ ଧାନର ଲବ୍ଧ ରାଶିରୁ ପିସି ନେବାକୁ ସେମାନେ ପଛାଉ ନାହାନ୍ତି। ଏଥିପାଇଁ ବିଭିନ୍ନ ସମୟରେ ସେହି ନିର୍ବାଚିତ ଜନପ୍ରତିନିଧିମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ନିୟୋଜିତ ଅଧିକାରୀ, କର୍ମଚାରୀଙ୍କ ଉପରେ ଚାପ ପକାଉଛନ୍ତି। ଆଉ କାର୍ଯ୍ୟାନୁଷ୍ଠାନ ଭୟରେ ସମ୍ପୃକ୍ତ କର୍ମଚାରୀମାନେ ସେହି ଜନ ପ୍ରତିନିଧିଙ୍କ ପାଇଁ ମଧ୍ୟ ପିସି ନିର୍ଦ୍ଧାରଣ କରୁଛନ୍ତି। ତେବେ ବିଭିନ୍ନ କର୍ମଚାରୀ, ଅଧିକାରୀଙ୍କ ସମେତ ନିର୍ବାଚିତ ଜନ ପ୍ରତିନିଧିଙ୍କ ପାଇଁ ପିସି ଅଲଗା ରହିଥାଏ। କୁଇଣ୍ଟାଲ ପ୍ରତି ୧ଟଙ୍କାରୁ ଆରମ୍ଭ କରି ୧୦ଟଙ୍କା ପର୍ଯ୍ୟନ୍ତ ଭାଗ ପଡ଼ିଥାଏ। ଆଉ ଏହା କିଭଳି ଅସୁଲି ହେବ ସେଥିପାଇଁ ମଧ୍ୟ ଖସଡ଼ା ପ୍ରସ୍ତୁତ ହୋଇଥାଏ। ଧାନ କିଣାବିକାକୁ ଜାଣିଶୁଣି ବିଭିନ୍ନ ଆଳରେ ବିଳମ୍ବ କରିବା, ନିର୍ଦ୍ଧାରିତ ସମୟରେ ଚାଷୀ ପରିଚୟପତ୍ର ନ ଦେବା, ଆର୍ଦ୍ରତା ଓ ଗୁଣମାନ ଆଳରେ କଟ୍‌ନିଛଟନି କରିବା, ମଣ୍ଡିରୁ ଦୀର୍ଘଦିନ ଧରି ଧାନ କ୍ରୟ ନ ହେବା କିମ୍ବା ସେଠାରେ ପଡ଼ିଥିବା ଧାନକୁ ନ ଉଠାଇବା ଆଦି ଗୋଟିଏ ଗୋଟିଏ ଦୃଷ୍ଟାନ୍ତ। ତେବେ ଅନେକ ସମୟରେ ଅଭାବୀ ବିକ୍ରି କଥା ଉଠିଲେ ଚାଷୀଙ୍କ ଆକାଉଣ୍ଟକୁ ପି-ପାସ୍ (ପ୍ୟାଡି ପ୍ରକ୍ୟୋରମେଣ୍ଟ ଅଟୋନମସ୍ ସିଷ୍ଟମ) ମାଧ୍ୟମରେ ସେମାନଙ୍କ ବିକ୍ରିଧାନର ପ୍ରାପ୍ୟରାଶି ଯାଉଥିବାରୁ ଅଭାବୀ ବିକ୍ରି ହୋଇ ନ ଥିବା ନେଇ ବିଭାଗୀୟ ଅଧିକାରୀମାନେ ଯୁକ୍ତି ବାଢ଼ିଥାନ୍ତି। ପି-ପାସ୍ ଜରିଆରେ ଚାଷୀଙ୍କ ଆକାଉଣ୍ଟକୁ ବିକ୍ରିଧାନର ପ୍ରାପ୍ୟରାଶି ଆସିବା ସତ। ହେଲେ ସେହି ରାଶି ଜମା ହେବା ପୂର୍ବରୁ ମଣ୍ଡିକୁ ଆସିଥିବା ଧାନରୁ କୁଇଣ୍ଟାଲ ପ୍ରତି ୩/୪କିଗ୍ରା କାଟ୍‌ଛାଣ୍ଟ ହେବା, ମଣ୍ଡିକୁ ନ ଆସି ସିଧାସଳଖ ରାଇସ୍ ମିଲକୁ ଯାଇଥିବା ଧାନକୁ ଫଲ୍ସ ଏଣ୍ଟ୍ରି କରାଯିବା, ଅନେକ ସମୟରେ ନକଲି ଚାଷୀ ସୃଷ୍ଟି କରି ଧାନ କିଣାବିକା ହେବା ଘଟଣା ମଧ୍ୟ ମିଛ ନୁହେଁ। ଏଭଳି ଅନେକ ନଜିର ରହିଛି। ଏଥିରୁ ଜିଲାର ଧାନ କିଣାବିକାରେ କେତେ ସ୍ୱଚ୍ଛତା ରହିଛି, ତାହା ସ୍ପଷ୍ଟ ହୋଇ ଯାଇଛି। ସେହିପରି ଜିଲାରୁ ଖରିଫରେ ପାଖାପାଖି ୫ଲକ୍ଷ ମେଟ୍ରିକ ଟନ୍ ଏବଂ ରବି ଋତୁରେ ସାଢ଼େ ୪ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ ଟନ୍ ଧାନ ସଂଗ୍ରହ ହେଉଥିବା ଯୋଗୁ କାହା ଭାଗରେ କେତେ ପିସି ଟଙ୍କା ପଡୁଥିବ, ତାହା ସହଜରେ ଅନୁମେୟ।

-ପ୍ରେମାନନ୍ଦ ଖମାରୀ

ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ।
-ଶ୍ରୀଅରବିନ୍ଦ

# ଖଣିରେ ମୃତ୍ୟୁ

ବେଆଇନ ଖଣି ଖନନ ଭାରତରେ ଏକ ଦୀର୍ଘସ୍ଥାୟୀ ସମସ୍ୟା ଭାବେ ରହିଆସିଛି। ଏ ନେଇ ଯେତେ ପଦକ୍ଷେପ ନିଆଗଲେ ମଧ୍ୟ ସ୍ଥାନୀୟ ପ୍ରଶାସନର ଅପାରଗତା ବେଆଇନ କାର୍ଯ୍ୟକୁ ରୋକିପାରୁ ନାହିଁ। ଏଥିସହିତ ଦେଶର ବିଭିନ୍ନ ଭାଗରେ ଏ ସଂକ୍ରାନ୍ତ ଦୁର୍ଘଟଣା ଖବର ବର୍ଷତମାମ ଶୁଣିବାକୁ ମିଳିଥାଏ। ୧୩ ଡିସେମ୍ବର ୨୦୧୮ରେ ମେଘାଳୟର ଜୟନ୍ତିଆ ପାର୍ବତ୍ୟାଞ୍ଚଳରେ ବେଆଇନ କୋଇଲା ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ମଧ୍ୟରୁ ୨ ଜଣଙ୍କ ଜୀବନ ଯାଇଥିବା ବେଳେ ୧୩ ନିଖୋଜ ଥିବା ବିଷୟ ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା। ଖଣି ମାଲିକ ଓ ଦଲାଲମାନେ ଅତ୍ୟନ୍ତ ଅବୈଜ୍ଞାନିକ ଉପାୟରେ ଶ୍ରମିକମାନଙ୍କୁ ସୁଡ଼ଙ୍ଗ ଭିତରେ ପ୍ରବେଶ କରାଇ କୋଇଲା ଚୋରିକୁ ପ୍ରୋତ୍ସାହିତ କରି ଚାଲୁଥିବାରୁ ଏଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗରିବ ଶ୍ରମିକମାନେ ପେଟ ପାଇଁ ନିଜର ସୁରକ୍ଷାକୁ ବାଜି ଲଗାଇ ଦେବା ଯୋଗୁ ଦୁର୍ଘଟଣା ଘଟୁଛି। ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ ଚିନ୍ତା କରାଯାଏ ଯେ, ମେଘାଳୟ ଘଟଣା ସମ୍ପୂର୍ଣ୍ଣ ଭାବେ ଲୋକଙ୍କ ମାନସପଟରୁ ଉଭେଇ ଗଲାଣି। ଗଣମାଧ୍ୟମରେ ଯେତେଶୀଘ୍ର କାହାଣୀ ବଦଳୁଛି, ଦେଶର ନାଗରିକ ମଧ୍ୟ ସେତେଶୀଘ୍ର ପୂର୍ବ ଘଟଣାକୁ ଭୁଲି ଯାଉଛି।

ପ୍ରାକୃତିକ ସମ୍ପଦରେ ଭରପୂର ଓଡ଼ିଶାରେ ବେଆଇନ ଖଣି ଖନନ ସଂକ୍ରାନ୍ତ ମାମଲା ସୁପ୍ରିମକୋର୍ଟ ଯାଏ ଯାଇଛି। ଏଥିଲାଗି ବିଭିନ୍ନ ସମୟରେ ଖଣି ମାଲିକମାନଙ୍କୁ ତାଗିଦ୍ କରାଯାଇ ସେମାନଙ୍କ ଉପରେ ଜରିମାନା ଲଦାଯାଇଛି। ଲିଜ୍ ଅଞ୍ଚଳ ବାହାରକୁ ଯାଇ ପ୍ରାକୃତିକ ସମ୍ପଦ ହରିଲୁଟ୍ କରିବାର ନଜିର ଅନେକ ରହିଛି। ୮ ଜୁନ୍‌ରେ କେନ୍ଦୁଝରଠାରୁ ୭ କିଲୋମିଟର ଦୂର ତୁଳସୀଚଉରା ଗ୍ରାମ ନିକଟରେ ଥିବା ପଥର ଖଣିରୁ ମୋରମ ଉତ୍ତୋଳନ ହେଉଥିବା ବେଳେ ଏହା ଧସିଯିବାରୁ ୩ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଶୁଣିବାକୁ ମିଳିଛି ଯେ, ୫ ବର୍ଷ ତଳେ ଜଣେ ଠିକାଦାର ରାସ୍ତା କାମ ପାଇଁ ଏହି ଖଣି ଖୋଲିଥିଲେ। ଦୀର୍ଘ ଦିନ ଧରି ଏହା ବନ୍ଦ ରହିଥିବା ବେଳେ ୮ ଜୁନ୍‌ରେ ମୋରମ ଆଣିବା ପାଇଁ କେତେ ଜଣ ଶ୍ରମିକ ଏହି ଖଣିର ନିମ୍ନଭାଗ ଦେଇ ଭିତରକୁ ପଶି ଖୋଳା ଆରମ୍ଭ କରିଥିଲେ। ଏହି ସମୟରେ ଅତଡ଼ା ଧସିଯିବାରୁ ୪ ଶ୍ରମିକ ଏହା ତଳେ ପୋତି ହୋଇ ଯାଇଥିଲେ। ଉକ୍ତ ଅଞ୍ଚଳରୁ ଆଖପାଖ ଇଲାକାର ଠିକାଦାର, କ୍ରଶର ମାଲିକ ପଥର ଓ ମୋରମ ଖୋଳି ଆସୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନର କୌଣସି ଅଙ୍କୁଶ ରହୁ ନ ଥିବାରୁ ଏପରି ଦୁର୍ଘଟଣା ଘଟିଚାଲିଛି। କେବଳ କେନ୍ଦୁଝର ନୁହେଁ, ଏହାର ପାଖ ଜିଲା ଯାଜପୁରରେ ବେଆଇନ ପଥର ଚାଲାଣ ହୋଇଆସୁଛି। ବିଶେଷକରି ଡଙ୍କାରୀ ପାହାଡ଼ ପଦା ହୋଇ ଯାଉଥିବାରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ବେଆଇନ ଖଣି କାର୍ଯ୍ୟ କରିଥିବା ବ୍ୟକ୍ତି ଓ ସେମାନଙ୍କୁ ଭିତିରିଆ ପ୍ରୋତ୍ସାହନ ଦେଉଥିବା ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କଠାରୁ ୨୫ କୋଟି ଟଙ୍କାର ଜରିମାନା ଆଦାୟ କରିବା ଲାଗି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶରେ କୁହାଯାଇଥିଲା ଯେ, ଯେଉଁ ପ୍ରଶାସନିକ ଅଧିକାରୀଙ୍କ ସମୟରେ ଏଭଳି କାର୍ଯ୍ୟ ହୋଇଥିଲା ; ସେମାନଙ୍କଠାରୁ ମଧ୍ୟ ଜରିମାନା ଅର୍ଥ ଆଦାୟ କରାଯିବା ବାଞ୍ଛନୀୟ। ଆଦାୟ ଅର୍ଥ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ନିକଟରେ ଦାଖଲ କରାଯିବାକୁ କୁହାଯାଇଥିଲା। ହେଲେ ଏନ୍‌ଜିଟିଙ୍କ ଏଭଳି ନିର୍ଦ୍ଦେଶ ବିରୋଧରେ ଜିଲା ପ୍ରଶାସନ ସୁପ୍ରିମକୋର୍ଟ ଯାଇଛନ୍ତି, ଯାହାକି ଏବେ ବିଚାରାଧୀନ ରହିଛି। ଭାଇ ବିରାଦରି ହେଉ ବା ଅର୍ଥ ଆଦାୟ କରିବାର ଜଞ୍ଜାଳରୁ ଦୂରେଇ ରହିବା ପାଇଁ ବର୍ତ୍ତମାନର ଅଧିକାରୀମାନେ ଅଦାଲତ ଆଶ୍ରୟକୁ ସହଜ ବାଟ ଭାବେ ଧରି ପୂର୍ବ ଅଧିକାରୀଙ୍କ କୁକର୍ମକୁ ସୁରକ୍ଷା ଯୋଗାଇ ଚାଲିଛନ୍ତି। ଏଥିରୁ ବୁଝିବାକୁ ହେବ ଯେକୌଣସି ଏକ ବେଆଇନ କାର୍ଯ୍ୟକୁ ରୋକିବା ଲାଗି ପ୍ରଶାସନିକ ତତ୍ପରତା ଦେଖାଯାଉ ନାହିଁ। ସ୍ଥାନୀୟ ଅଞ୍ଚଳର ଖଣି ଦଲାଲଙ୍କ ସହ ଅଧିକାରୀମାନଙ୍କ ମଧୁଚନ୍ଦ୍ରିକା ଯୋଗୁ ଆଜି ପ୍ରାକୃତିକ ସମ୍ପଦ ମାଟିତଳୁ ଲୁଟ୍ ହେବାରେ ଲାଗିଛି। ସେହିଭଳି ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ଦେଖିବାକୁ ମିଳୁଛି। ନିର୍ମାଣ ଶିଳ୍ପ ତିଷ୍ଠିବାକୁ ହେଲେ ବାଲି ଓ ପଥର ଉପରେ ଏହା ଅତ୍ୟନ୍ତ ନିର୍ଭରଶୀଳ। ସରକାରୀ ନିୟମାବଳୀ ଅନୁଯାୟୀ ଉତ୍ତୋଳନ କରାଗଲେ ପ୍ରାକୃତିକ ସମ୍ପଦକୁ ନିୟନ୍ତ୍ରଣ ମଧ୍ୟରେ ରଖାଯାଇପାରନ୍ତା। ଏଠାରେ କେବଳ ସରକାର ସବୁକିଛି କରିବେ ବୋଲି ଆଶା ରଖିବା ଠିକ୍ ନୁହେଁ। ଏହିସବୁ କାମରେ ସମ୍ପୃକ୍ତ ଠିକାଦାର ଏବଂ ତାଙ୍କ କର୍ମଚାରୀ ମଧ୍ୟ ଉତ୍ତରଦାୟୀ ହେବା ଉଚିତ। ଯେହେତୁ କାହାରି କାନ୍ଧରେ ଦାୟିତ୍ୱ ପଡୁନାହିଁ, ସେହେତୁ ସବୁ ଦିଗରେ ବିନା ଲଗାମରେ କାର୍ଯ୍ୟ କରାଯାଉଛି। ପରିସ୍ଥିତି ଦେଖିଲେ କେହି ପ୍ରକୃତି କିମ୍ବା ସରକାରୀ ନିୟମକୁ ମାନିଲା ଭଳି ମନେ ହେଉନାହିଁ। ବେଆଇନ କାର୍ଯ୍ୟକୁ ରୋକିବାକୁ ହେଲେ କଡ଼ା ଆଇନ କରିଦେଲେ ଚଳିବ ନାହିଁ, ଏହାକୁ କାର୍ଯ୍ୟକାରୀ କରୁଥିବା ବ୍ୟକ୍ତିଙ୍କ ପ୍ରତିବଦ୍ଧତା ମଧ୍ୟ ରହିବା ଦରକାର। ଏହା ନ ହେବାଯାଏ ପ୍ରାକୃତିକ ସମ୍ପଦ ଲୁଟେରା ମାଲାମାଲ ହେଉଥିବେ ଓ ଶ୍ରମିକ ଶ୍ରେଣୀ ମୃତ୍ୟୁ ଜାଲରେ ପଡୁଥିବେ। ସର୍ବୋପରି ପ୍ରାକୃତିକ ଅସନ୍ତୁଳନ ଜନସାଧାରଣଙ୍କ ପାଇଁ ବିପଦ ଡାକି ଆଣୁଥିବ।

## ଚିରନ୍ତନୀ

ସଂଗ୍ରାମ ନିଶା ପିଇ
ସର୍ବହରାର ସୈନିକ ଆଜି ମାଟିରୁ ଉଠଇ ଜୀଇଁ
ଶୋଷକ ଭିତରେ ସରିଛି ଲଢ଼େଇ
ଆବର ରହିଛି ବାକି
ଶୋଷିତ ଉଠିଛି ଡାକି! (ଅଗଣିତ ଆଗୁଆନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 4 | | | | 0 | | | A | 7 | | |
| 6 | | 4 | C | | | | 2 | 9 | 5 | | | | | E |
| | | | 6 | | | | 7 | | | | | A | C | 5 |
| | | | | | 1 | | | 8 | | D | | | 0 | 2 |
| | | | 8 | | E | | | | | | | | | |
| | C | | | | | B | | | 1 | E | | | | |
| A | 3 | | 5 | | C | D | | | | | 4 | 8 | 1 | |
| | | 9 | | D | | | | | | 7 | | | | |
| 1 | | | | 7 | | | 9 | | 6 | | | 3 | D | |
| 4 | | | | B | | | | 6 | | 2 | C | | | |
| | | 6 | | | | | 0 | | 4 | 5 | | B | | 8 |
| D | E | | | | | 3 | | 7 | | | | | | |
| | | 3 | 2 | 1 | | C | D | | | 9 | | 4 | 7 | |
| B | | C | | | 0 | | 8 | | D | A | | | 5 | |
| 2 | | 5 | 4 | 9 | | | B | | 0 | 3 | | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 2 | 3 | 4 | B | 7 | 1 | D | 8 | 5 | 9 | 6 | A | 0 | E |
| E | 1 | 0 | D | 8 | 5 | 9 | B | A | C | 2 | 7 | 3 | 4 | 6 |
| 8 | 6 | B | 2 | A | C | 4 | 0 | 7 | D | 3 | E | 9 | 5 | 1 |
| A | D | 5 | E | 6 | 9 | 3 | C | 2 | 1 | 4 | 0 | 8 | B | 7 |
| 4 | 7 | 9 | 3 | 1 | 0 | E | 6 | 5 | 8 | A | B | 2 | C | D |
| B | 8 | 2 | 7 | 4 | E | C | A | 1 | 0 | D | 3 | 5 | 6 | 9 |
| 3 | C | 1 | B | D | 8 | 6 | 4 | E | A | 5 | 9 | 7 | 2 | 0 |
| 7 | A | 4 | 5 | 0 | 6 | D | 8 | 9 | 2 | E | C | 1 | 3 | B |
| 9 | 5 | E | C | 2 | 1 | 7 | 3 | 0 | 6 | B | 8 | 4 | D | A |
| 6 | 0 | D | A | 9 | 3 | 5 | 2 | B | 4 | 7 | 1 | E | 8 | C |
| 5 | 3 | A | 1 | C | B | 8 | E | D | 9 | 6 | 2 | 0 | 7 | 4 |
| 1 | B | C | 6 | 7 | 4 | 0 | 9 | 3 | E | 8 | 5 | D | A | 2 |
| 0 | E | 6 | 8 | 3 | A | 2 | 7 | 4 | B | 1 | D | C | 9 | 5 |
| D | 4 | 8 | 9 | 5 | 2 | B | 1 | C | 7 | 0 | A | 6 | E | 3 |
| 2 | 9 | 7 | 0 | E | D | A | 5 | 6 | 3 | C | 4 | B | 1 | 8 |

ଗତକାଲିର ଉତ୍ତର

# ଭିନ୍ନ ପ୍ରକାର ସନ୍ତ୍ରାସବାଦ



ବିପିନ ବିହାରୀ ମିଶ୍ର

ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ର ଓ ମହାରାଷ୍ଟ୍ରରେ ବର୍ତ୍ତମାନ ପରିସ୍ଥିତିରେ ସନ୍ତ୍ରାସବାଦ ଶବ୍ଦ ଶୁଣିବା ମାତ୍ରେ ସର୍ବସାଧାରଣଙ୍କ ମନକୁ ଆସିଯାଏ ମାଓବାଦୀଙ୍କ ଉପଦ୍ରବ। ଏହି ସରକାରମାନେ ପରସ୍ପର ସହିତ ସମନ୍ୱୟ ରଖି ମାଓବାଦୀଙ୍କ ସହିତ ଲଢ଼େଇ କରି ଆସୁଛନ୍ତି ଏବଂ ସେମାନଙ୍କ ଉପଦ୍ରବ କମିବାରେ ଲାଗିଛି। କଶ୍ମୀରରେ ପାକିସ୍ତାନ ପ୍ରରୋଚିତ ସନ୍ତ୍ରାସବାଦ ୧୯୯୦ ମସିହାରୁ ଲାଗିରହିଛି। କିନ୍ତୁ ଏବେ ପୋଲିସ, ସାମରିକ, ଅର୍ଦ୍ଧସାମରିକ ବାହିନୀ ଓ ବିଭିନ୍ନ ଗୁଇନ୍ଦା ବିଭାଗର ମିଳିତ ଚେଷ୍ଟାରୁ ସନ୍ତ୍ରାସବାଦର ମାତ୍ରା କମୁଛି। କଶ୍ମୀର ଉତ୍ତର-ପୂର୍ବର କେତୋଟି ରାଜ୍ୟ ଯଥା ଅରୁଣାଚଳ, ଆସାମ, ମଣିପୁର ଓ ନାଗାଲାଣ୍ଡ ଇତ୍ୟାଦିରେ କାଁ ଭାଁ ସନ୍ତ୍ରାସବାଦ ଦେଖାଦେଉଛି। ଏହି ସମସ୍ତ ସନ୍ତ୍ରାସବାଦୀଙ୍କର କାର୍ଯ୍ୟ ହେଉଛି ନିରୀହ ଜନତା ଓ ସରକାରୀ ଅଫିସର, ପୋଲିସ, ସାମରିକ, ଅର୍ଦ୍ଧସାମରିକ ବାହିନୀର ସଦସ୍ୟମାନଙ୍କୁ ମାରିବା, ଭୟ ସୃଷ୍ଟି କରିବା ଓ କେତେକ ସ୍ଥାନ ନିଜ ଦଖଲରେ ରଖିବା। ଏମିତି ଅଳ୍ପକେତେକ ସ୍ଥାନ ଅଛି ଯେଉଁ ସ୍ଥାନକୁ ସୁରକ୍ଷାକର୍ମୀଙ୍କ ବିନା ସହାୟତାରେ ଯାଇହେବ ନାହିଁ। ସନ୍ତ୍ରାସବାଦୀଙ୍କ ଶିକାର ହୋଇଛନ୍ତି ସ୍ୱର୍ଗତ ରାଜୀବ ଗାନ୍ଧୀ ଓ ସେମାନଙ୍କ ପ୍ରରୋଚନାରେ ଶିକାର ହୋଇଛନ୍ତି ସ୍ୱର୍ଗତା ଇନ୍ଦିରା ଗାନ୍ଧୀ।

ବିଶ୍ୱର ଅନେକ ସ୍ଥାନରେ ସନ୍ତ୍ରାସବାଦ ରାଜୁତି କରୁଛି ଓ ବର୍ତ୍ତମାନ ସନ୍ତ୍ରାସବାଦର ମୁଖ୍ୟକେନ୍ଦ୍ର ହୋଇଛି ପାକିସ୍ତାନ। ଭାରତ, ଆଫଗାନିସ୍ତାନ, ଇରାନ ଏହି ସନ୍ତ୍ରାସବାଦ ବିରୋଧରେ ଲଢୁଛନ୍ତି। ଆମେ ଏଇ ପ୍ରକାର ବିଦେଶୀ ସନ୍ତ୍ରାସବାଦୀ ଓ ଆମ ଦେଶର ସନ୍ତ୍ରାସବାଦୀଙ୍କ ସହିତ ଲଢେଇ କରୁଛୁ। ସମସ୍ୟାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି ଅଥଚ ଆମ ସମାଜ ଓ ସରକାରୀ କଳରେ ପ୍ରଚଳିତ ସନ୍ତ୍ରାସବାଦ (ଭିନ୍ନପ୍ରକାର)କୁ ସେତିକି ଗୁରୁତ୍ୱ ଦିଆଯାଉନି।

ନିକଟ ଅତୀତରେ ଉତ୍ତର ଭାରତର ଏକ ବିଖ୍ୟାତ ମେଡିକାଲ କଲେଜରୁ ଚାରିପାଞ୍ଚ ଜଣ ଉଜ୍ଜ୍ୱଳ ଛାତ୍ର ପଳେଇଯିବା ପାଇଁ ବାଧ୍ୟ ହେଲେ। ସେମାନେ ଏମ୍‌ବିବିଏସ୍ କରି ଯାଇଥିଲେ ପଢ଼ିବା ପାଇଁ ଏମ୍‌ଡି କିମ୍ବା ଏମ୍‌ଏସ୍ କିନ୍ତୁ ଦେଖିଲା ବେଳକୁ ପ୍ରାୟ ସବୁ ପ୍ରଫେସର (ଡାକ୍ତର) ସିନିୟର ପିଲାଙ୍କୁ ପଠାଉଛନ୍ତି ତାଙ୍କର ବେନାମୀ କ୍ଲିନିକ୍‌କୁ କାମ କରିବା ପାଇଁ ଓ ଜୁନିୟରମାନଙ୍କୁ ନିଜ ପାଠ ସହିତ ସିନିୟରମାନଙ୍କ କାମ କରିବା ପାଇଁ ବାଧ୍ୟ କରୁଛନ୍ତି। ଏହି ଅନ୍ୟାୟ ଆଦେଶ ପାଳନ ନ କଲେ ତୁମେ ଜୀବନରେ କେବେ ଡାକ୍ତର ହୋଇପାରିବ ନାହିଁ ବୋଲି ସିନିୟରମାନେ ଧମକ ଦେଉଛନ୍ତି। ଜଣେ ଛାତ୍ରଙ୍କ ବାପା ପ୍ରଫେସରଙ୍କୁ ଦେଖାକରି ଅଭିଯୋଗ କରିବାରୁ ସେ ଓଲଟି କହିଲେ ପିଲା ଅଧିକ ଅଭିଜ୍ଞତା ପାଇବ, ଦୃଢ଼ ହେବ, ଅଯଥା ଅଭିଯୋଗ କାହିଁକି କରୁଛନ୍ତି। ଏଣେ ପିଲା ଯେ ଦିନକୁ ଅଠର ଘଣ୍ଟା କାମ କରୁଛି, ଖାଇବା ପାଇଁ ହଷ୍ଟେଲକୁ ଯାଇପାରୁନାହିଁ। ଖରାଦିନ ହେଲେ ମଧ୍ୟ ଗାଧୋଇ ପାରୁନାହିଁ। ଏସବୁ ଉକ୍ତ ପ୍ରଫେସରଙ୍କ ପାଇଁ ଗ୍ରହଣୀୟ। ସେ ପିଲାଟି ଟି.ସି. ନେଇ ପଳେଇଲା। ସେ ଆରବର୍ଷ ଆଉ କେଉଁଠି ଆଡମିଶନ ପାଇବ କାରଣ ସେ ବେଶ୍ ଉଜ୍ଜ୍ୱଳ ଛାତ୍ର। କିନ୍ତୁ ପ୍ରଫେସରଙ୍କ ସନ୍ତ୍ରାସବାଦର ଶିକାର ହେବାରୁ ତା'ର ବର୍ଷେ ନଷ୍ଟ ହେଲା। ତା' ଛଡା କଲେଜକୁ ଚାରିଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପଡ଼ିଲା।

ବିଭିନ୍ନ କଲେଜ ବିଶେଷତଃ ଇଞ୍ଜିନିୟରିଂ ଓ ମେଡିକାଲ କଲେଜରେ ର୍‍ୟାଗିଂ ହେବା ଏକ ଜଣାଶୁଣା କଥା। କଲେଜ କର୍ତ୍ତୃପକ୍ଷ ଆଖି ବୁଜି ଦିଅନ୍ତି ଓ ସଫେଇ ଦିଅନ୍ତି ଯେ ଏ ବର୍ଷ ର୍‍ୟାଗିଂ ସହିଯାଆନ୍ତୁ ଆରବର୍ଷ ସେମାନେ କରିବେ। ଏଭଳି ର୍‍ୟାଗିଂ ସମ୍ଭାଳି ନ ପାରି ନିକଟ ଅତୀତରେ ମହାରାଷ୍ଟ୍ରରେ ଜଣେ ଛାତ୍ରୀ ଆତ୍ମହତ୍ୟା କଲା ଓ ତା'ର ଆତ୍ମହତ୍ୟାର ଲେଖାକୁ ଭିତ୍ତିକରି ପୋଲିସ ତିନିଜଣ ବରିଷ୍ଠ ମହିଳା ଡାକ୍ତରଙ୍କୁ ଗିରଫ କରିବାକୁ ଖୋଜୁଛନ୍ତି। କିଛିମାସ ତଳେ ଓଡ଼ିଶାର ଏକ ମେଡିକାଲ କଲେଜର କେତେକ ଛାତ୍ର ପ୍ରଫେସର ତାଙ୍କୁ ପାଠ ନ ପଢ଼େଇ ତାଙ୍କ କ୍ଲିନିକ୍‌ରେ କାମ କରାଉଛନ୍ତି କହି ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ତଦନ୍ତ ହୋଇ ଡାକ୍ତରଙ୍କ ବଦଳି ହୋଇଥିଲା। ତା'ପରେ କ'ଣ ହେଲା ଜଣା ନାହିଁ। ରୋଗୀଙ୍କୁ ଡରେଇ ଅତ୍ୟଧିକ ପଇସା ଆଦାୟ କରିବା କାମ ମଧ୍ୟ କେତେକ ଡାକ୍ତର କରୁଛନ୍ତି। ଅସ୍ତ୍ରୋପଚାର କରିବେ ନାହିଁ ଓ ରୋଗୀକୁ ଶୁଣେଇ ଶୁଣେଇ କହିବେ ଡାକ୍ତରଖାନାର ଅଧସ୍ତନ କର୍ମଚାରୀ (ଡାକ୍ତରଙ୍କ ପ୍ରରୋଚନାରେ)- ଆରେ ଅମୁକ ବେଡରେ ସେ ପେସେଣ୍ଟର ଅପରେଶନ ଡେରି ହେଲା ବୋଲି ମରିଗଲା, ଜାଣିଛ କି ନାହିଁ? କିନ୍ତୁ ପାଖ ବେଡ୍ ରୋଗୀ ଠିକ୍ ସମୟରେ ଡାକ୍ତରଙ୍କ କ୍ଲିନିକ୍‌ରେ ଅପରେଶନ କରେଇଲା ଓ ଭଲ ହୋଇଗଲା। ଏଇଭଳି ସନ୍ତ୍ରାସବାଦଭରା ଶବ୍ଦରେ ଇଙ୍ଗିତ ପାଇ ପେସେଣ୍ଟ ଯାଏ କ୍ଲିନିକ୍‌କୁ ଏବଂ ହଜାର ହଜାର ଟଙ୍କା ଖର୍ଚ୍ଚ କରେ। ଅନେକ ସମୟରେ ପଇସା ଦେଲେ ହସ୍ପିଟାଲରେ ଅପରେଶନ କରାଯାଏ। ଏସବୁ ଦୁର୍ନୀତି ହେଲା ଭିନ୍ନ ପ୍ରକାର ସନ୍ତ୍ରାସବାଦ ଓ ଏହା ନକ୍ସଲମାନେ କାଁ ଭାଁ ହତ୍ୟା କରୁଥିବାଠାରୁ ବେଶି ଭୟଙ୍କର। ପଇସା ନ ଦେଇପାରି ଉପଯୁକ୍ତ ଚିକିତ୍ସା ନ ପାଇ କେତେ ଯେ ରୋଗୀ ମରୁଛନ୍ତି ତା'ର ହିସାବ କିଏ ରଖୁଛି?

ଏସବୁ ବିଷୟରେ କିଛି ଅଭିଯୋଗ ପାଇ ମୁଁ ଜଣେ ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକଙ୍କୁ କହୁଥିବା ବେଳେ ସେ କହିଲେ- ସାର୍, ଜାଣିଛନ୍ତି ଆମର ପିଏଚ୍‌ଡି ପାଇବା ପାଇଁ କେତେ କ'ଣ କରିବାକୁ ପଡ଼େ? ଖୁବ୍ କମ୍ ପ୍ରଫେସରଙ୍କୁ ଛାଡିଦେଲେ ସମସ୍ତେ ଆମକୁ ଖଟାନ୍ତି। ଦୋକାନରୁ ଜିନିଷ ଆଣିବା, ରେଲୱେ ଟିକେଟ କରିବା, ପ୍ରଫେସର କେଉଁଠୁ ଫେରୁଛନ୍ତି ତାଙ୍କୁ ପାଛୋଟି ଆଣିବା, ମଝିରେ ମଝିରେ ପଇସା ଦେବା ଇତ୍ୟାଦି କରିବାକୁ ପଡ଼େ। ଯେତେବେଳେ ଇଣ୍ଟରଭ୍ୟୁ ହୁଏ ଓଡ଼ିଶା ବାହାରୁ ଜଣେ ପ୍ରଫେସର ଆସନ୍ତି ଓ ତାଙ୍କୁ ବିଶ୍ୱବିଦ୍ୟାଳୟ ଟ୍ରେନ୍‌ରେ ଯିବାଆସିବା ଖର୍ଚ୍ଚ ଓ ଦୈନିକ ଭତ୍ତା ଦିଅନ୍ତି। ସେ ଭଦ୍ରଲୋକ (ପ୍ରାୟ ସବୁ କ୍ଷେତ୍ରରେ) ପିଏଚ୍‌ଡି ପ୍ରାର୍ଥୀଙ୍କୁ ଖବର ଦିଅନ୍ତି ପ୍ଲେନ୍ ଟିକେଟ କରିଦେବା ପାଇଁ। ସେ ବିଶ୍ୱବିଦ୍ୟାଳୟ ଅତିଥି ଗୃହରେ ନ ରହି ହୋଟେଲରେ ରୁହନ୍ତି। ଟ୍ୟାକ୍ସି ଧରି ବ୍ରହ୍ମାଣ୍ଡ ଭ୍ରମଣ କରନ୍ତି। ଇଣ୍ଟରଭ୍ୟୁ ବିଭାଗର କକ୍ଷରେ ନୁହେଁ, କୌଣସି ଏକ ଭଲ ହୋଟେଲରେ ହୁଏ, ଯେଉଁଠି ବିଭାଗର ସମସ୍ତ ଅଧ୍ୟାପକ ଉପସ୍ଥିତ ରୁହନ୍ତି। ଖାଦ୍ୟ ଓ ପାନୀୟର ସମସ୍ତ ଖର୍ଚ୍ଚ ବିଚରା ପ୍ରାର୍ଥୀ ବହନ କରନ୍ତି। ଆଜିକାଲି ଛତୁ ଭଳି ଫୁଟୁଥିବା ବିଭିନ୍ନ କଲେଜକୁ ସ୍ୱୀକୃତି ଦେବା ପାଇଁ ବିଶ୍ୱବିଦ୍ୟାଳୟ ଓ ସରକାରୀ ଟିମ୍‌ମାନେ ଯାଆନ୍ତି ଓ ବହୁ କ୍ଷେତ୍ରରେ କଲେଜ ତରଫରୁ ତାଙ୍କର ଚର୍ଚ୍ଚା କରାଯାଏ। ବିଶ୍ୱବିଦ୍ୟାଳୟ ଘୋଷିତ ହୋଇଥିବା କଲେଜ କିମ୍ବା ସ୍ୱୟଂଶାସିତ କଲେଜ ପରିଦର୍ଶନରେ ଆସନ୍ତି ୟୁଜିସି ଦ୍ୱାରା ପ୍ରେରିତ ଏକ ଟିମ୍। ସେମାନଙ୍କ ଉପଯୁକ୍ତ ଚର୍ଚ୍ଚା କରାଯାଏ। ସେ ଟିମ୍‌ରେ ଗଲେ ବହୁତ ଲାଭ ହୁଏ ବୋଲି ଜଣେ ଅବସରପ୍ରାପ୍ତ ପ୍ରଫେସର କହିଲେ। ଯଦି ଉପଯୁକ୍ତ ଚର୍ଚ୍ଚା ନ ହୁଏ ତେବେ ସେହି ବିଶ୍ୱବିଦ୍ୟାଳୟର ଭବିଷ୍ୟତ ଅନ୍ଧକାରମୟ।

ସରକାରଙ୍କ ଅନ୍ୟ ବିଭାଗଗୁଡ଼ିକ କଥା ଦେଖନ୍ତୁ। ଥରେ ଜଣେ ସିନିୟର ଓଏଏସ ଅଫିସର ମୋତେ ଆସି କହିଲେ- ସାର, ମୁଁ ଆଇଏଏସ୍ ହୋଇପାରିବି ନାହିଁ। କାରଣ ମୋର ଦୁଇବର୍ଷର ସିସିଆର ବାକି ଅଛି। କଥାଟାକୁ ହାଲୁକା ଭାବି ମୁଁ କହିଲି- ଯାହାଙ୍କ ପାଖେ ବାକି ଅଛି ତାଙ୍କୁ ଦେଖାକରି କହୁନ କାହିଁକି? ତାଙ୍କ ଉତ୍ତର ଶୁଣି ମୁଁ ଅବାକ୍ ହୋଇଗଲି। ତାଙ୍କ ଉପରିସ୍ଥ ହାକିମଙ୍କର ପ୍ରଶ୍ନ ଥିଲା ତୁମେ ଆଇଏଏସ୍ ପାଇଲେ ମୋର ଲାଭ କ'ଣ ହେବ? ଏ ବାବୁଙ୍କର ଅପଖ୍ୟାତି ଥିଲା ଯେ ପଇସା ଦେଲେ ଭଲ ସିସିଆର ଲେଖିବେ। ଅଧିକ ପଇସା ଦେଲେ ତୁମର ଉପରିସ୍ଥ କର୍ମଚାରୀଙ୍କ ସିସିଆର ଖରାପ କରିଦେବେ। ମୁଁ ଭିଜିଲାନ୍ସରେ ଥିବା ବେଳେ ଏଭଳି ଅନେକ ଅଭିଯୋଗ ପାଇ ତାଙ୍କ ନାଁରେ କେସ୍ କରିଥିଲି ଓ ବର୍ତ୍ତମାନ ସୁଦ୍ଧା ସେ ତାଙ୍କ ଅପକର୍ମର ଫଳ ଭୋଗୁଛନ୍ତି। ଏଇଭଳି ସନ୍ତ୍ରାସବାଦ ଚାଲିଛି ସବୁ ବିଭାଗରେ। ପୋଷ୍ଟିଂ ପାଇଁ ପଇସା, ଅଡୁଆ ସ୍ଥାନକୁ କିମ୍ବା ଅଡୁଆ ସମୟରେ ବଦଳି କରିବାର ଧମକ, ସିସିଆର ଖରାପ କରିଦେବାର ପ୍ରଚ୍ଛନ୍ନ ଧମକ କିମ୍ବା ଛୋଟ ଛୋଟ କଥାରେ ପ୍ରୋସିଡିଂ କରିଦେବାର ଧମକ ଇତ୍ୟାଦି ଦୁର୍ଦ୍ଦଶା ଭୋଗୁଛନ୍ତି ବହୁତ ଓ ଲାଭ ପାଉଛନ୍ତି ଅନେକ। ଏ ସବୁକୁ ଅତ୍ୟାଚାର କୁହନ୍ତୁ ବା ସନ୍ତ୍ରାସବାଦ, ପ୍ରଭାବ ପରୋକ୍ଷରେ ପଡୁଛି ସର୍ବସାଧାରଣଙ୍କ ଉପରେ। କାହା ପାଖକୁ ଯିବେ? ସାମାଜିକ ସଂଗଠନ କି ଗଣମାଧ୍ୟମରେ ଯଥେଷ୍ଟ ସଚ୍ଚୋଟ କିମ୍ବା ନିଷ୍ଠାବାନ ଲୋକ ନାହାନ୍ତି। ଗଣମାଧ୍ୟମ ମଧ୍ୟ ସନ୍ତ୍ରାସବାଦର ଶିକାର। ସେଥିରୁ ଅଧିକାଂଶ ହେଉଛନ୍ତି ବ୍ୟବସାୟୀ ଓ ରାଜନୀତିଜ୍ଞ। ସେମାନେ ମନ୍ତ୍ରୀ ଓ ନେତାମାନଙ୍କୁ ତୁଷ୍ଟ କରି କିମ୍ବା ବ୍ଲାକ୍‌ମେଲ କରି ପରିପୁଷ୍ଟ ହେଉଛନ୍ତି। ସାମାଜିକ ସଂଗଠନ ଅଧିକାଂଶ ନିଜ ଲାଭରେ ଥାଆନ୍ତି।

ଏ ସନ୍ତ୍ରାସବାଦ ଆଗରେ ନକ୍ସଲଙ୍କ ସନ୍ତ୍ରାସବାଦ ଫିକା। ନକ୍ସଲଙ୍କ ଜବାବ ଆମେ ଦେଉଛୁ ବନ୍ଧୁକ ଓ ଗୁଳିରେ। କିନ୍ତୁ ଏମାନଙ୍କ ସନ୍ତ୍ରାସବାଦ ଦୂର କରିବା ପାଇଁ କୌଣସି ଉପାୟ ବାହାର କରାଯାଇନାହିଁ। ଶହେ ସ୍ଥାନରେ ଦୁର୍ନୀତି ହେଲେ ଗୋଟିଏ ସ୍ଥାନରୁ ଅଭିଯୋଗ ଆସେ। ଯଦି ଯଥେଷ୍ଟ ପ୍ରମାଣ ଥାଏ ତେବେ ଦଣ୍ଡ ମିଳିପାରେ ଦଶ ପନ୍ଦର ବର୍ଷ ପରେ। ଅଥଚ ନକ୍ସଲଙ୍କୁ ଦଣ୍ଡ ମିଳିଥାଏ ଏନ୍‌କାଉଣ୍ଟର ମାଧ୍ୟମରେ ସଙ୍ଗେ ସଙ୍ଗେ।

ମୋ-୯୦୪୦୪୧୨୩୭୮

# ଭାରତର ଜୀବନରେଖା ଦକ୍ଷିଣ-ପଶ୍ଚିମ ମୌସୁମୀ

ଶାରଦା ପ୍ରସନ୍ନ ବେହେରା

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଳମ୍ବରେ ପହଞ୍ଚିବ ଓ କମ୍ ବର୍ଷିବ ବୋଲି ପାଣିପାଗ ବିଜ୍ଞାନୀମାନେ ଭବିଷ୍ୟବାଣୀ କରିବା ପରେ ଏହି ମୌସୁମୀ ବାୟୁକୁ ନେଇ ସାଧାରଣରେ ଅନେକ ଚର୍ଚ୍ଚା ସୃଷ୍ଟି ହୋଇଛି। ଆଜକୁ ପ୍ରାୟ ୫୦ ନିୟୁତ ବର୍ଷ ପୂର୍ବେ ଏସିଆ ସହ ଭାରତର ମିଶ୍ରଣ ଯୋଗୁ ତିବ୍ବତୀୟ ମାଳଭୂମି ସୃଷ୍ଟି ଦ୍ୱାରା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୃଢ଼ୀଭୂତ ହୋଇଥିଲା। ଭୂତତ୍ତ୍ୱ ବୈଜ୍ଞାନିକଙ୍କ କହିବା ଅନୁଯାୟୀ ଚାଇନାର ଲୋଏସ୍ ମାଳଭୂମିରୁ ବାୟୁ ପ୍ରବାହ ଯୋଗୁ ଜମାହୋଇ ରହିଥିବା ଧୂଳିକଣାକୁ ଆଧାର କରି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରଭାବ ପ୍ରାୟ ୮ ନିୟୁତ ବର୍ଷ ପୂର୍ବେ ଦୃଢ଼ୀଭୂତ ହୋଇଥିଲା। ଜଳବାୟୁ ପରିବର୍ତ୍ତନ ମୌସୁମୀର ଗତି ଓ ଶକ୍ତି ଉପରେ ପ୍ରଭାବ ପକାଉଥିବାବେଳେ ତିବ୍ବତୀୟ ମାଳଭୂମିର ଉତ୍ପତ୍ତି ବେଳେ ପ୍ରାୟ ୨୪ ନିୟୁତ ବର୍ଷ ପୂର୍ବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କ୍ରିୟାଶୀଳ ହୋଇଛି। ଲଘୁଚାପ ଓ ଗୁରୁଚାପ ଭଳି ବାୟୁମଣ୍ଡଳର ଜାଗତିକ କ୍ରିୟାରେ ମୌସୁମୀର ସୃଷ୍ଟି ହୋଇଥାଏ। ପ୍ରାୟ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ମୌସୁମୀର ପ୍ରଭାବ ବ୍ୟାପକତା ଧାରଣ କରିଥାଏ।

ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଯେତେବେଳେ କୌଣସି ସମୁଦ୍ର ଉପକୂଳବର୍ତ୍ତୀ ଭୂଖଣ୍ଡର ବାୟୁମଣ୍ଡଳ ଉତ୍ତପ୍ତ ହୋଇ ଉପରକୁ ଉଠିଯାଏ ତାହାର ଶୂନ୍ୟସ୍ଥାନ ପୂରଣ କରିବାକୁ ସମୁଦ୍ର ଉପରେ ଥିବା ଶୀତଳ ବାୟୁ ଧାଇଁ ଆସିଥାଏ। ଖାଲି ସ୍ଥାନ ପୂରଣ କରିବାକୁ ସମୁଦ୍ର ଉପରେ ପ୍ରଭାବିତ ହୋଇ ଆସିଥିବା ବାୟୁମଣ୍ଡଳ ସାଙ୍ଗରେ ସମୁଦ୍ର ଜଳ ନେଇ ପ୍ରବଳ ଆର୍ଦ୍ର ହୋଇସାରିଥାଏ। ଭୂଖଣ୍ଡରେ ପହଞ୍ଚିବା ପରେ ଅନେକ ବଡ଼ ବଡ଼ ପାହାଡ଼ ପର୍ବତ ଏହି ବାୟୁର ବାଟ ରୋକିଥାନ୍ତି। ଫଳରେ ଏହାର ତାପମାତ୍ରା ବୃଦ୍ଧି ପାଇବା ସହ ଏହା ଘନୀଭୂତ ହେବାକୁ ଲାଗେ। ଅଧିକ ଘନୀଭୂତ ହେବା ପରେ ମୌସୁମୀ ବାୟୁ ଜଳକଣା ରୂପ ନେଇ ବର୍ଷିବା ଆରମ୍ଭ କରିଥାଏ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଭାରତଠାରୁ ୩ହଜାର କିଲୋମିଟର ଦୂରରେ ଥିବା ଦକ୍ଷିଣ-ପୂର୍ବ ଆଫ୍ରିକା ଉପକୂଳବର୍ତ୍ତୀ ଭାରତ ମହାସାଗରରେ ଥିବା ମାଡାଗାସ୍କର ଦ୍ୱୀପପୁଞ୍ଜ ନିକଟରେ ଜନ୍ମ ନେଇଥାଏ। ଭାରତ ଉପରେ ମୌସୁମୀ ବାୟୁ ପହଞ୍ଚିବା ପାଇଁ ବିଭିନ୍ନ ରାସ୍ତା ଧରିଥାଏ। ସେ ସ୍ଥାନରୁ ଗୁରୁଚାପରୁ ପ୍ରବାହିତ ବାୟୁ ପ୍ରଥମେ ମାଡାଗାସ୍କର ଦେଇ ଆଫ୍ରିକା ମହାଦେଶର ସୋମାଲିଆରେ ପହଞ୍ଚିଥାଏ। ସେଠାରେ ପହଞ୍ଚିଲା ବେଳକୁ ଅର୍ଥାତ୍ ମେ ମାସର ପରବର୍ତ୍ତୀ ସମୟରେ ଭାରତ ମହାସାଗର ଦେଇ ଯାଇଥିବା ଏହି ବାୟୁରେ ପରିବର୍ତ୍ତନ ଘଟି ଏହା ଜେଟ୍ ଷ୍ଟ୍ରିମ୍‌ର ରୂପ ନେଇଥାଏ। ସେଠାରୁ ଏହା ଅଧିକ କ୍ଷମତାଶାଳୀ ହୋଇ ଦକ୍ଷିଣ-ପଶ୍ଚିମ ଦିଗରେ ଏସିଆ ମହାଦେଶ ଆଡ଼କୁ ମୁହାଁଇଥାଏ। ଭାରତ ଉପକୂଳରେ ଏହା ସମୁଦ୍ର ପତ୍ତନର ପନ୍ଦର କିଲୋମିଟର ଉପରେ ପ୍ରବାହିତ ହୋଇଥାଏ।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ବୈଜ୍ଞାନିକ ଦିଗ ହେଉଛି ଭାରତରେ ମେ' ମାସରେ ଗ୍ରୀଷ୍ମ ପ୍ରବାହ ଚାଳିଶରୁ ପଚାଶ ଡିଗ୍ରୀ ମଧ୍ୟରେ ପହଞ୍ଚି ସାରିଥାଏ। ଉତ୍ତରଭାରତର ବହୁ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇ ଭାରତର ସବୁଠୁ ବଡ଼ ମରୁଭୂମି ଥର୍ ଅଞ୍ଚଳରେ ବହୁ ଉଚ୍ଚରେ ଏହାର ପ୍ରଭାବ ରହିଥାଏ। ଉତ୍ତର ମଧ୍ୟଭାରତ ଭୂଭାଗରେ ଏକ ଲଘୁଚାପ ସ୍ଥିତି ସୃଷ୍ଟି ହୋଇ ସେହି ସମୟରେ ସୋମାଲିଆରୁ ଏସିଆ ଅଭିମୁଖେ ଆସୁଥିବା ମୌସୁମୀ ବାୟୁ ଭାରତ ଭୂଭାଗ ଉପର ବାୟୁମଣ୍ଡଳରେ ସୃଷ୍ଟି ହୋଇଥିବା ଖାଲି ସ୍ଥାନ ପୂରଣ କରିବାକୁ ତୀବ୍ର ବେଗରେ ଗତି କରିଥାଏ। ବାଟରେ ଏହା ବଙ୍ଗୋପସାଗର ଓ ଆରବ ସାଗର ଉପରେ ଆସି ଅଧିକ ଶକ୍ତିଶାଳୀ ହୋଇଥାଏ। ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ପାଖାପାଖି ମେ ୧୫ରେ ପହଞ୍ଚି ଏହା ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରେ। ଜୁନ୍ ପହିଲା ବେଳକୁ ଏହା କେରଳ ଛୁଇଁସାରିଥାଏ। ସେଠାରୁ ମୌସୁମୀ ବାୟୁ ଉତ୍ତରକୁ ଗତି କରି ଦକ୍ଷିଣରୁ ଉତ୍ତର ଭାରତକୁ ବର୍ଷାରେ ଭିଜାଇଥାଏ। ବଙ୍ଗୋପସାଗରରୁ ଜଳ ନେଇ ଉତ୍ତରଭାରତକୁ ଗତି କରୁଥିବା ମୌସୁମୀ ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡ଼ିଶାରେ ନିଜର ଉପସ୍ଥିତି ଜାହିର କରି ଜୋରଦାର ବର୍ଷା କଷି ଦେଇଥାଏ। ମୌସୁମୀ ଭାରତରେ ଅଧିକ ସମୟ ଘୂରି ବୁଲିଥାଏ।

ଭାରତରେ ମୋଟ ବର୍ଷାର ସିଂହଭାଗ ଅର୍ଥାତ୍ ୮୦ ଭାଗ ପାଖାପାଖି ଦକ୍ଷିଣ-ପଶ୍ଚିମ ମୌସୁମୀରୁ ହିଁ ହୋଇଥାଏ। ଭାରତର ଚାଷୀ ପାଇଁ ଏହି ମୌସୁମୀ ବର୍ଷା ବଡ଼ ଆଶୀର୍ବାଦ, ଯାହାଦ୍ୱାରା ଖାଦ୍ୟ ଉତ୍ପାଦନ ବ୍ୟାପକ ହୋଇଥାଏ। ଜୁଲାଇ ସୁଦ୍ଧା ରାଜସ୍ଥାନ ଅଞ୍ଚଳରେ ମୌସୁମୀ ପହଞ୍ଚି ସାରିଥାଏ । ପରିଶେଷରେ ୧୫ ଜୁଲାଇ ପରେ ପରେ ମୌସୁମୀ ଭାରତର ପଡ଼ୋଶୀ ଦେଶ ପାକିସ୍ତାନକୁ ପ୍ରବେଶ କରିଥାଏ। ବାତ୍ୟାଭଳି ସ୍ଥିତିରେ ଆର୍ଦ୍ରତା ହରାଇ ବସିଥିବା ପଶ୍ଚିମ ମୌସୁମୀ ବାୟୁ ତିବ୍ବତୀୟ ଗୁରୁଚାପ ଅଞ୍ଚଳକୁ ଧାଇଁ ଯାଏ। ଶେଷରେ ମୌସୁମୀ ବାୟୁ ପୁଣି ତା'ର ଉତ୍ପତ୍ତି ସ୍ଥଳ ମାଡାଗାସ୍କରକୁ ପ୍ରତ୍ୟାବର୍ତ୍ତନ କରି ନିଶ୍ଚିହ୍ନ ହୋଇଯାଏ। ପ୍ରାୟ ପ୍ରତିବର୍ଷ ମୌସୁମୀ ବର୍ଷାରେ ଭାରତର ବହୁ ରାଜ୍ୟ ବନ୍ୟାରେ ଭାସିଥାଏ। ସେହିପରି ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହୋଇ ବ୍ୟାପକ ଧନଜୀବନ ହାନି ଘଟିଥାଏ। ଚାଷୀକୁଳ ପାଇଁ ମୁଖ୍ୟ ଅବଦାନ ରଖିଥାଏ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଇଏ ଭାରତର ଜୀବନରେଖା। ମୌସୁମୀର ଆଗମନକୁ କିଛି କ୍ଷତି ସତ୍ତ୍ୱେ ସମସ୍ତେ ଚାତକ ଭଳି ଚାହିଁ ବସିଥାନ୍ତି।

ବିରଜା କଲୋନୀ, ଯୋବ୍ରା, କଟକ,
ଦୂରଭାଷ : ୭୬୫୭୦୭୧୯୬୭

## ଏଇ ଭାରତରେ

ଜଣେ ମହିଳାଙ୍କ ଦୃଢ଼ ଇଚ୍ଛାଶକ୍ତି ଏବେ ଦେଖିବାକୁ ମିଳିଛି ଆଗ୍ରାରେ। ସ୍ଥାନୀୟ କାଗାରୋଲରେ ରହୁଥିବା ପ୍ରିୟଙ୍କା ବର୍ମା ନାମକ ଜଣେ ମହିଳା ସନ୍ତାନ ଜନ୍ମଦେବାର ମାତ୍ର ୮ ଘଣ୍ଟା ପରେ ଡିଏଲ୍‌ଇଡି (ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେଶନ)ର ତୃତୀୟ ସେମିଷ୍ଟର ପରୀକ୍ଷା ଦେଇଛନ୍ତି। ପ୍ରସବ ପରବର୍ତ୍ତୀ ଯନ୍ତ୍ରଣା ଥାଇ ମଧ୍ୟ ତାଙ୍କର ଦୃଢ ଇଚ୍ଛାଶକ୍ତି ଆଗରେ ସବୁକିଛି ହାର ମାନିଥିଲା। ଜୁନ୍‌ରେ ଆରମ୍ଭ ହୋଇଥିବା ଏହି ପରୀକ୍ଷାର ପ୍ରଥମ ଦିନରେ ପ୍ରିୟଙ୍କା ଶୁକ୍ରବାର ୨ଟି ସିଟିଂ ପରୀକ୍ଷା ଦେଇଥିଲେ। ଏହାପରେ ତାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ରାତିରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବା ବେଳେ ଶନିବାର ପୁଣିଥରେ ପ୍ରସବର ମାତ୍ର ଆଠଘଣ୍ଟା ମଧ୍ୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ତୃତୀୟ ସିଟିଂରେ ପରୀକ୍ଷା ଦେଇଥିଲେ। ଏଥିରେ ତାଙ୍କୁ ଡାକ୍ତର, ପରୀକ୍ଷା କେନ୍ଦ୍ରର କର୍ମଚାରୀ ଓ ପରିବାର ଲୋକେ ସହାୟତା କରିଥିଲେ। ତେବେ ଡାକ୍ତରଙ୍କ କହିବା କଥା ହେଲା ସାଧାରଣ ପ୍ରସବ ପରେ ଜଣେ ମହିଳାଙ୍କୁ ଅତିକମ୍‌ରେ ୪୮ ଘଣ୍ଟା ବିଶ୍ରାମ ଆବଶ୍ୟକ ହୋଇଥାଏ। ହେଲେ ପ୍ରିୟଙ୍କାଙ୍କ ଦୃଢ ମନୋବଳ ଯୋଗୁ ସେ ପରୀକ୍ଷା କେନ୍ଦ୍ରରେ ବସି ପରୀକ୍ଷା ଦେଇ ପାରିଛନ୍ତି। ପ୍ରିୟଙ୍କା ଚଳିତବର୍ଷ ପରୀକ୍ଷା ଦେଇ ନ ଥିଲେ ତାଙ୍କର ଗୋଟିଏ ବର୍ଷ ନଷ୍ଟ ହୋଇ ଯାଇଥାଆନ୍ତା। ସୋମବାର ସେ ଆଉ ଏକ ପରୀକ୍ଷା ଦେବେ। ପ୍ରିୟଙ୍କାଙ୍କ ଦୃଢ଼ ମନୋବଳ ଅନ୍ୟମାନଙ୍କ ପାଇଁ ଉଦାହରଣ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜୁନ୍ ୧୯୯୪

- ରୋଜର ମୁର, ସିନ କନେରୀଙ୍କ ପରେ ଆୟର୍ଲାଣ୍ଡର ୪୧ ବର୍ଷ ବୟସ୍କ ପି.ଏସ୍. ବ୍ରସନ୍ୟାନ ନୂଆ 'ଜେମ୍‌ସ ବଣ୍ଡ' ରୂପେ ମନୋନୀତ ହୋଇଛନ୍ତି।
- ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ବୃଦ୍ଧି କରିବାକୁ ଭାରତ ଓ ଅଷ୍ଟ୍ରିଆ ସହମତ।
- ଗୃହଯୁଦ୍ଧ ଆରମ୍ଭ ହେବା ପରଠାରୁ ରୁଆଣ୍ଡାରେ ଥିବା ପ୍ରାୟ ୧.୫ ମିଲିୟନ ଶରଣାର୍ଥୀ ନିଖୋଜ ଅଛନ୍ତି ବୋଲି ଅନ୍ତର୍ଜାତୀୟ ସହାୟତା ଏଜେନ୍ସି ଅଟକଳ କରିଛି।

## ଆମ ସମସ୍ୟା

### କାଡାନାଳ ପୁନରୁଦ୍ଧାର ହେଉ

ମହାଶୟ,

ଭୂ-ସଂସ୍କାର ପାଇଁ ଚକବନ୍ଦୀ ଓ କାଡ଼ା ଜଳସେଚନ ଉପରେ ଗୁରୁତ୍ୱ ଦିଆଗଲା। ଖଣ୍ଡିତ ଜମିଗୁଡ଼ିକୁ 'ଚକ' ଗଠନ କରିବା ଏବଂ କାଡାନାଳ ମାଧ୍ୟମରେ ଜଳସେଚନ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଚକରାସ୍ତା/ଚକନାଳ ନିମନ୍ତେ ଭୂମି ଅଧିକାରୀ ପ୍ରତ୍ୟେକ ୦.୦୨ ଡେସିମିଲ କରି ଦାନ ଦେଇଥିଲେ। ପରବର୍ତ୍ତୀ ସମୟରେ ଦେଖାଗଲା କେତେକ ବ୍ୟକ୍ତି କାଡା ନାଳକୁ ହାଣି ତାଙ୍କ ଜମିରେ ମିଶାଇଦେଲେ। ଏହା ପରେ ପାଣିମଡାକୁ କେନ୍ଦ୍ରକରି ଲୋକମାନେ ଗଣ୍ଡଗୋଳ କରୁଛନ୍ତି। ଏଣୁ କାଡାନାଳ ପୁନରୁଦ୍ଧାର କରାଯିବା ବ୍ୟବସ୍ଥା ହେଉ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

### ରାଶନରେ ଡାଲି ମିଳୁ

ରାଶନକାର୍ଡଧାରୀଙ୍କୁ ବିନା ମୂଲ୍ୟରେ କିମ୍ବା ସ୍ୱଳ୍ପ ମୂଲ୍ୟରେ ଡାଲି ଯୋଗାଇ ଦିଆଯାଉ। ବାତ୍ୟା ଯୋଗୁ ଦୁର୍ଦ୍ଦଶାରେ ରହିଥିବା ହିତାଧିକାରୀଙ୍କ ପାଇଁ ଜରୁରୀ। ଦୈନନ୍ଦିନ ଚଳିବା ପାଇଁ ଯେପରି ଚାଉଳ ଅପରିହାର୍ଯ୍ୟ ସେହିପରି ଡାଲି ମଧ୍ୟ ଆବଶ୍ୟକ। ବାତ୍ୟା ପ୍ରପୀଡ଼ିତ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଆଇନ ବଳରେ ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଇଦେବା ଉଚିତ। ଗୋରୁଙ୍କୁ ଖାଦ୍ୟ, ଚାଷୀମାନଙ୍କୁ କ୍ଷତିପୂରଣ ଯଥାଶୀଘ୍ର ଯୋଗାଇଦେବା ସହ ଧାନବିହନ, ସାର ଏବଂ କୀଟନାଶକ ସ୍ୱଳ୍ପ ମୂଲ୍ୟରେ ଦିଆଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଜୁନ୍ ୨-ପୁରୀ ଏମ୍‌ପି ପିନାକୀ ମିଶ୍ର ଲୋକ ସଭାରେ ବିଜେଡିର ସଂସଦୀୟ ଦଳ ନେତାଭାବେ ମନୋନୀତ ହୋଇଛନ୍ତି।
୩- ବିଶିଷ୍ଟ ହାସ୍ୟ ଅଭିନେତା ସଲିଲ ମିତ୍ରଙ୍କର ପରଲୋକ। ଉତ୍ତରପ୍ରଦେଶର ଏସ୍‌ପି ଓ ବିଏସ୍‌ପି ମେଣ୍ଟ ଭାଙ୍ଗିଲା।
୪- ବିଶିଷ୍ଟ ବୈଜ୍ଞାନିକ ମୃତ୍ୟୁଞ୍ଜୟ ମହାପାତ୍ର ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି।
୫- ବିଶିଷ୍ଟ ହାସ୍ୟ ଅଭିନେତା ଦିନ୍‌ୟାର୍ କଣ୍ଟ୍ରାକ୍ଟରଙ୍କର ୭୯ ବର୍ଷ ବୟସରେ ପରଲୋକ।
୬- ବେଆଇନ ଲଟେରୀ ଲଞ୍ଚ କରିବା ମାମଲାରେ ଥାଇଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଥକ୍‌ସିନ ସିନାୱାତ୍ରାଙ୍କୁ ଦୁଇବର୍ଷର ଜେଲ ଦଣ୍ଡାଦେଶ ମିଳିଛି।
୭- ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର୍ କଂଗ୍ରେସ ଅଧ୍ୟକ୍ଷ ତଥା ନୂତନ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କ ସରକାରରେ ୫ଟି ସମ୍ପ୍ରଦାୟରୁ ପାଞ୍ଚଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି, ଯାହା ଦେଶରେ ପ୍ରଥମ।

## ସଂକ୍ଷେପରେ

### ମଦ ଜବତ, ୨ ଗିରଫ



ତାଳଚେର/ଛେଣ୍ଡିପଦା, ୯।୬(ନି.ପ୍ର.)- ତାଳଚେର ପୋଲିସ ରବିବାର ଏକ କାର ସହ ୩୫୦ ଲିଟର ଦେଶୀମଦ ଜବତ କରିଛି। ଏଥିସହ ପରଜଙ୍ଗ ଥାନା ଆମ୍ବପଳାଶ ଗ୍ରାମର ବାପୁନ ସାହୁ (୨୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବାପୁନ ଏକ ନମ୍ବର ବିହୀନ କାରରେ ମଦ ନେଇ ଆସୁଥିବା ବେଳେ ଜେଲ ରୋଡରେ ପୋଲିସ ହାତରେ ଧରା ପଡିଥିଲେ। ଏ ନେଇ ତାଳଚେର ଥାନାରେ ନଂ. ୧୪୪/୧୯ରେ ମାମଲା ରୁଜୁ ହୋଇଛି। ସେହିପରି ନିଶା ଶିଳ୍ପାଞ୍ଚଳ ଥାନା କଙ୍କରେଇ ଗ୍ରାମ ନିକଟରୁ ପୋଲିସ ରବିବାର ୧୦ ଲିଟର ଦେଶୀ ମଦ ଜବତ କରିବାସହ ଜଣକୁ ଗିରଫ କରିଛି। ଗିରଫ ଜଣକ ହେଲେ କଙ୍କରେଇ ଗ୍ରାମର ଶିବଦତ୍ତ ସାହୁ (୨୭)। ପୋଲିସ କହିଛି, କଙ୍କରେଇ ଗ୍ରାମ ରାସ୍ତାରେ ପାଟ୍ରୋଲିଂ ଚାଲିଥିବା ସମୟରେ ଶିବଦତ୍ତ ସାଇକେଲରେ ମଦ ନେଇ ଯାଉଥିବାବେଳେ ଧରାପଡିଥିଲେ। ଏ ନେଇ ନିଶା ଶିଳ୍ପାଞ୍ଚଳ ଥାନାରେ ନଂ. ୧୦୭/୧୯ ମାମଲା ରୁଜୁ ହୋଇଛି।

### ପାଟଣାଗଡ ବିଧାୟକଙ୍କୁ ଗିରଫ ଦାବି

ବନ୍ତଲା, ୯।୬ (ଡି.ଏନ୍.ଏ)- ଜଣେ ଯନ୍ତ୍ରୀଙ୍କୁ ସର୍ବ ସମ୍ମୁଖରେ ଖରାପ ବ୍ୟବହାର କରିବା ଓ କାନ ଧରି ବସ୍‌ଉଠ କରାଇବା ଅଭିଯୋଗରେ ବଲାଙ୍ଗୀର ଜିଲା ପାଟଣାଗଡ଼ ବିଧାୟକ ସରୋଜ ମେହେରଙ୍କୁ ଗିରଫ କରାଯିବାକୁ ଦାବି କରିଛି ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ। ଜଣେ ସରକାରୀ ଅଧିକାରୀ କାର୍ଯ୍ୟ ନିର୍ବାହ କରୁଥିବା ସମୟରେ ସର୍ବସାଧାରଣରେ ତାଙ୍କୁ ଅପମାନିତ କରିଥିବାରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସଂଘ କହିଛି। ଏଥିରେ ବିଳମ୍ବ କଲେ ରାଜ୍ୟ ସଂଘ ବାଧ ହୋଇ ବିକଳ୍ପ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦିଆଯାଇଛି।

### ହଣ୍ଡପା ରେଞ୍ଜରେ ହାତୀ ଉପଦ୍ରବ

ବଇଣ୍ଡା, ୯।୬(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଜାମୁନାଳୀ, ଅଶ୍ବୁବାହାଲ, ନାଗାଝରଣ, ଗୋଳାସର, ମଧପୁର ଆଦି ଗ୍ରାମଗୁଡ଼ିକରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ହାତୀପଲ ନିକଟସ୍ଥ ଜଙ୍ଗଲରୁ ଗ୍ରାମାଭିମୁଖୀ ହୋଇ ବିଭିନ୍ନ ପନିପରିବା ଚାଷ ନଷ୍ଟ କରିବା ସହ ଆମ୍ବ, କଦଳୀ ଗଛ ଭାଙ୍ଗି ଦେଉଛନ୍ତି। ବାରମ୍ବାର ହାତୀ ଉପଦ୍ରବ ଲାଗି ରହିଥିଲେ ମଧ ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି। ଏ ନେଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କହିଛନ୍ତି, ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି।

■ମୁଖ୍ୟ ଚିକିତ୍ସାଳୟରେ ଗୁଡ ସାମାରିଟାନ୍ ରେଜିଷ୍ଟର ଉଭାନ

# ସହାୟତାକାରୀଙ୍କୁ କର୍ତ୍ତୃପକ୍ଷଙ୍କ ଅଣଦେଖା

**ଅନୁଗୋଳ ଅଫିସ, ୯।୬**

■ନାମ ପଞ୍ଜୀକରଣ କରିପାରୁନାହାନ୍ତି ସାମାଜିକ କର୍ମୀ

■ଆରଟିଓ କହିଲେ ମେଡିକାଲ ଖାତା ଦେଉନି

ଦୁର୍ଘଟଣାରେ ଆହତଙ୍କୁ ତ୍ୱରିତ ଚିକିତ୍ସା ପାଇଁ ମେଡିକାଲ ନେଲେ ମିଳିବ ପ୍ରୋତ୍ସାହନ ଓ ପୁରସ୍କାର। ପୋଲିସକୁ ମଧ୍ୟ ଏଥିପାଇଁ କୌଣସି କୈଫିୟତ ଦେବାକୁ ପଡିବନି। ଏହାଦ୍ୱାରା ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବା ସହ ଆହତଙ୍କ ପାଇଁ ସାଧାରଣ ଲୋକେ ଅଧିକ ସହଯୋଗର ହାତ ବଢାଇବେ। ସହାୟତା କରିଥିବା ବ୍ୟକ୍ତିଙ୍କୁ ସଡ଼କ ସୁରକ୍ଷା ସପ୍ତାହରେ ସମ୍ବର୍ଦ୍ଧିତ କରାଯିବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ହେଲେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ସହାୟତାକାରୀଙ୍କୁ ପୁରସ୍କୃତ କରାଯିବା ତ ଦୂର କଥା ସେମାନଙ୍କ ନାମ ପଞ୍ଜୀକରଣ ମଧ୍ୟ କରାଯାଉ ନ ଥିବା ଅଭିଯୋଗ ଆଣିଛନ୍ତି ସାମାଜିକକର୍ମୀ। ଏପରିକି ମେଡିକାଲରେ ଅଧିକାଂଶ ସମୟରେ ଗୁଡ ସାମାରିଟାନ ରେଜିଷ୍ଟର ଉଭାନ ହୋଇଯାଉଛି। ଫଳରେ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା କରୁଥିବା ସାଧାରଣ ଲୋକଙ୍କ ନାଁ ପଞ୍ଜୀକରଣ ହେଉ ନ ଥିବାରୁ ସେମାନଙ୍କ ମଧ୍ୟରେ ଉତ୍ସାହ ବଢୁ ନ ଥିବା ଜିଲାର କେତେଜଣ ସାମାଜିକ କର୍ମୀ ଅଭିଯୋଗ କରିଛନ୍ତି।

ଜିଲାରେ ବିଭିନ୍ନ ସ୍ଥାନରେ ଦୁର୍ଘଟଣାରେ ଆହତଙ୍କୁ ଲୋକେ ଅନୁଗୋଳ ଚିକିତ୍ସାଳୟରେ ଭର୍ତ୍ତି କରୁଛନ୍ତି। ହେଲେ ସେମାନଙ୍କ ବିଷୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ତଥ୍ୟ ପହଞ୍ଚିପାରୁନି। ତେଣୁ ସଡ଼କ ସୁରକ୍ଷା ସପ୍ତାହ ପାଳନବେଳେ ପ୍ରକୃତ ସହାୟତାକାରୀଙ୍କୁ ଚିହ୍ନଟ କରାଯାଇପାରୁ ନ ଥିବାରୁ ସେମାନେ ପୁରସ୍କାର ଓ ପ୍ରୋତ୍ସାହନରୁ ବଞ୍ଚିତ ହେଉଛନ୍ତି। ସମ୍ବର୍ଦ୍ଧନା ନ ହେଲେ ବି ପ୍ରଶାସନ ସହଯୋଗକାରୀଙ୍କୁ ପ୍ରଶଂସା କରିବା ଆବଶ୍ୟକ ବୋଲି ସାମାଜିକର୍ମୀମାନେ କହିଛନ୍ତି। ଏହାଦ୍ୱାରା ଯୁବପିଢି ତଥା ନୂତନ ଭାବେ ସମାଜ ସେବାରେ ସାମିଲ ହେଉଥିବା ବ୍ୟକ୍ତିମାନେ ଉତ୍ସାହିତ ହେବେ। ହେଲେ ଏହା କରା ନ ଯାଇ ମେଡିକାଲରେ ସେମାନଙ୍କୁ ଅଣଦେଖା କରାଯାଉଥିବା ସାମାଜିକ କର୍ମୀମାନେ ଅଭିଯୋଗ ଆଣିଛନ୍ତି। ଚିକିତ୍ସାଳୟରେ ଅନେକ ସମୟରେ ରେଜିଷ୍ଟର ରହୁ ନ ଥିବାବେଳେ ପଞ୍ଜୀକରଣ ହୋଇଥିବା ନାଁ ମଧ୍ୟ ପରିବହନ କାର୍ଯ୍ୟାଳୟରେ ପହଞ୍ଚୁନାହିଁ। ଏଥିପ୍ରତି ଡାକ୍ତରଖାନା ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

ଏ ସମ୍ପର୍କରେ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଧନଞ୍ଜୟ ସେନାପତି କହିଛନ୍ତି, ଆମ ନିକଟକୁ ସାମାଜିକ କର୍ମୀଙ୍କ ନାମ ଆସିପାରୁ ନାହିଁ। ତେଣୁ ସମସ୍ତଙ୍କୁ ଏହି ପ୍ରୋତ୍ସାହନ ରାଶି ମିଳିପାରୁନାହିଁ। ଏପରି କି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆଞ୍ଚଳିକ ପରିବହନ କାର୍ଯାଳୟକୁ କୌଣସି ତଥ୍ୟ ପ୍ରଦାନ କରାଯାଉ ନ ଥିବା ସେ କହିଛନ୍ତି। ଫଳରେ ସହାୟତାକାରୀଙ୍କୁ ପୁରସ୍କୃତ କରିବାରେ ସମସ୍ୟା ଉପୁଜୁଥିବା ସେନାପତି ପ୍ରକାଶ କରିଛନ୍ତି।

ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ଭାରପ୍ରାପ୍ତ ସିଡିଏମ୍‌ଓ ପ୍ରତାପ କୁମାର ବେହେରା କହିଛନ୍ତି, ସାମାଜିକ କର୍ମୀଙ୍କ ନାମ ଲିପିବଦ୍ଧ କରାଯାଉଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ କାହିଁକି ନାଁ ପଠାଯାଉ ନାହିଁ ସେ ବିଷୟରେ ଏଡିଏମ୍‌ଓଙ୍କ ସହ ଆଲୋଚନା କରିବା ପରେ କହିବେ ବୋଲି ସେ ପ୍ରକାଶ କରିଥିଲେ। ଅନୁଗୋଳର ସାମାଜିକ କର୍ମୀ ପ୍ରତାପ ମହାପାତ୍ର, ବ୍ରହ୍ମଜ୍ୟୋତି ମିଶ୍ର ଓ ପର୍ଶୁରାମ ଦାସ କହିଛନ୍ତି, ଅନେକଥର ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ରାସ୍ତା କଡ଼ରୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛୁ। ଏପରି କି ନିଜ ହାତରୁ ଗାଡ଼ି ଭଡ଼ା କରି ଲୋକଙ୍କୁ ମେଡିକାଲ ଆଣିଛୁ। ହେଲେ କେବେ ହେଲେ ଗୁଡ ସାମାରିଟାନ ରେଜିଷ୍ଟରରେ ନାଁ ଲିପିବଦ୍ଧ ହୋଇନାହିଁ। ଅନ୍ୟ ଜିଲାଗୁଡିକରେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସହାୟତା କରିଥିବା ବ୍ୟକ୍ତିଙ୍କୁ ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ସମ୍ବର୍ଦ୍ଧିତ କରାଯାଉଥିବା ବେଳେ ଅନୁଗୋଳରେ ଗତ ଏକ ବର୍ଷ ମଧ୍ୟରେ ତାହା ହୋଇ ନ ଥିବାରୁ ଅସନ୍ତୋଷ ଉପୁଜୁଛି।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ତାଳଚେର, ୯।୬ (ନି.ପ୍ର.)**

ତାଳଚେର ବ୍ଲକ ନୂଆପଡ଼ା ଗ୍ରାମର ରାମେଶ୍ୱର ମନ୍ଦିର ପରିସରରେ ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୫ ଶହ ମହିଳା ପୁରୁଷ ପାରମ୍ପରିକ ରୀତି ଅନୁଯାୟୀ ଛତି, ତରାସ, ଘଣ୍ଟୁଆ, ଢୋଲ, ମହୁରୀ ବାଦ୍ୟ, ସଂକୀର୍ତ୍ତନରେ ସନ୍ଥପଡ଼ା ନିକଟସ୍ଥ ବ୍ରାହ୍ମଣୀ ନଦୀଘାଟରୁ ପୂଜାର୍ଚ୍ଚନା କରି କଳସରେ ପାଣି ଆଣି ମନ୍ଦିରସ୍ଥଳୀରେ ସ୍ଥାପନ କରିଥିଲେ। ପରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଅଙ୍କୁର ରୋପଣ, ଅଗ୍ନି ସ୍ଥାପନ ଓ ରତ୍ନ ମୁଦ କରାଯାଇଥିଲା। ଶୁକ୍ରବାର ବିଗ୍ରହମାନଙ୍କ ଷୋଡ଼ଷ ଉପଚାରରେ ସ୍ନାନ ନୀତି କରାଯାଇ ନ୍ୟାସ, ଅର୍ଚ୍ଚନା ସ୍ଥାପନ ପରେ ପୂର୍ଣ୍ଣାହୁତି ଯଜ୍ଞାଦି କାର୍ଯ୍ୟ ସମାପିତ ହୋଇଥିଲା। ଶେଷ ଦିବସରେ ନାମ ସଂକୀର୍ତ୍ତନ ସହ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନ ପ୍ରତିନିଧି, ଗ୍ରାମବାସୀ, ସ୍ୱେଚ୍ଛାସେବୀ ଏବଂ ନିକଟସ୍ଥ ୮ ପଞ୍ଚାୟତର ଲୋକେ ଉତ୍ସବରେ ଯୋଗଦେଇଥିଲେ। ଉଦ୍ୟୋକ୍ତା ବିଜୟ କୁମାର ପ୍ରଧାନ, ନୂଆହତା ଗ୍ରାମର ଆନନ୍ଦ ସାହୁ, ଅରୁଣ ଗଡ଼ନାୟକ, ଗଦାଧର ପ୍ରଧାନ, ଜୁଗୁନୁ ଭୁତିଆ, ବସନ୍ତ ଭୁତିଆ, ବସନ୍ତ ସାମଲ, ମାଧବ ସାମଲ, ବାବୁଲି ପ୍ରଧାନ ପୂଜା କାର୍ଯ୍ୟରେ ଆଚାର୍ଯ୍ୟ ବିଘ୍ନେଶ୍ୱର ମିଶ୍ରଙ୍କୁ ସହଯୋଗ କରିଥିଲେ। ରବୀନ୍ଦ୍ର କୁମାର ପଣ୍ଡା, ଅଜୟ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ବାଦୀଦଣ୍ଡ ପରିବେଷଣ କରାଯାଇଥିଲା।

# ମିଳିତ ପାଲାମଞ୍ଚ ସମନ୍ୱୟ କମିଟିର ବୈଠକ



ବୈଠକରେ ମଞ୍ଚର କାର୍ଯ୍ୟକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୯।୬**

ଅନୁଗୋଳ ବ୍ଲକ ତଳଗଡ଼ ଗ୍ରାମରେ ଢେଙ୍କାନାଳ-ଅନୁଗୋଳ ମିଳିତ ପାଲାମଞ୍ଚ ସମନ୍ୱୟ କମିଟିର ସପ୍ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ମାନସ ରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ତଳଗଡ଼ ପାଲା କମିଟିର ବରିଷ୍ଠ ସଦସ୍ୟ ସୁରେଶ ଚନ୍ଦ୍ର ଦେହୁରୀ ବୈଠକ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ (ତଳମୂଳ) ପ୍ରଦୀପ ଦାଶ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ତଳଗଡ଼ ଗ୍ରାମର ବରିଷ୍ଠ ନାଗରିକ ତଥା ଶିକ୍ଷକ ସର୍ବେଶ୍ୱର ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ବିଶ୍ୱାଳ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ମଞ୍ଚରୁ ଆସିଥିବା ସଦସ୍ୟମାନେ ସେମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। କମିଟି ପଞ୍ଜୀକରଣ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସମସ୍ୟା ସୃଷ୍ଟି କରୁଥିବା ପାଲାଗାୟକଙ୍କୁ କୌଣସି ମଞ୍ଚ ନିମନ୍ତ୍ରଣ ନ କରିବା ପାଇଁ ସ୍ଥିର ହୋଇଥିଲା। ଆଲୋଚନାରେ ନୀଳାଚଳ ପ୍ରଧାନ, ଦେବହରି ସାହୁ, ବାଉରୀବନ୍ଧୁ ସାହୁ, ପ୍ରକାଶ ଚନ୍ଦ୍ର ପ୍ରଧାନ, ପର୍ଶୁରାମ ତ୍ରିପାଠୀ, ପ୍ରଶାନ୍ତ କୁମାର ନାଥ, ରୋହିତ କୁମାର ନାଥ, ଜନାର୍ଦ୍ଦନ କବି, ବୈଦ୍ୟନାଥ ସାହୁ, ଜୟନ୍ତ କୁମାର ନାଥ, ଲୋକନାଥ ମାଝୀ, ପବିତ୍ର ମୋହନ ସାହୁ ଓ ଛବିନ୍ଦ୍ର କୁମାର ବେହେରା ପ୍ରମୁଖ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

## କଣିହାଁ କୋଇଲା ଖଣି କାର୍ଯ୍ୟ ବନ୍ଦ, ଥାନାରେ ମାମଲା

**କଣିହାଁ,୯।୬(ଡି.ଏନ.ଏ.)**

କଣିହାଁ ବ୍ଲକସ୍ଥିତ ଏମ୍‌ସିଏଲର କୋଇଲା ଖଣି କାର୍ଯ୍ୟ ରବିବାର ବନ୍ଦ ରହିଛି। କ୍ଷତିଗ୍ରସ୍ତଙ୍କ ସମସ୍ୟା ସମାଧାନ ପାଇଁ ଶନିବାର ଆୟୋଜିତ ବୈଠକ ବିଫଳ ହେବାରୁ ଅଞ୍ଚଳବାସୀ ଖଣି କାମ ବନ୍ଦ କରାଇଥିବା ଜଣାପଡିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ, ଜରଡ଼ା ପଞ୍ଚାୟତ ଜମାନିଆ ଗ୍ରାମ ସହ ଅଞ୍ଚଳବାସୀ ରାସ୍ତା, ପୋଖରୀ, ନିଯୁକ୍ତି ସମସ୍ୟାକୁ ନେଇ ହନ୍ତସନ୍ତ ହେଉଛନ୍ତି। ଏ ନେଇ ଅଭିଯୋଗ ପରେ ସମାଧାନ ପାଇଁ କ୍ଷତିଗ୍ରସ୍ତ, ସେଠାରେ ମାଟି ଉଠା କାମରେ ନିୟୋଜିତ ଏକ ଠିକସଂସ୍ଥା କର୍ତ୍ତୃପକ୍ଷ ଓ ଖଣି ଅଧିକାରୀଙ୍କ ମଧ୍ୟରେ ଶନିବାର ଆଲୋଚନା ହୋଇଥିଲା। ହେଲେ ବୈଠକରେ ଖଣିର ଜଣେ କର୍ମଚାରୀ ରଣଜିତ ସାମଲ ଓ ଠିକାସଂସ୍ଥା ମ୍ୟାନେଜରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ବୈଠକ ବିଫଳ ହୋଇଥିଲା।

କଣିହାଁ ଥାନା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଖଣି ଜିଏମଙ୍କ ଆଲୋଚନା କକ୍ଷରେ ଠିକାସଂସ୍ଥା ମ୍ୟାନେଜର ଓ ରଣଜିତ୍ ସାମଲଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବିଶୃଙ୍ଖଳା ଯୋଗୁ ଖଣି କାର୍ଯ୍ୟବନ୍ଦ ରହିଛି। ଅଭିଯୋଗକୁ ନେଇ ୧୦୧/୧୯ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ଶେଷ ହେଲା ଅଲଚିକି ପରୀକ୍ଷା



**ଅନୁଗୋଳ ଅଫିସ, ୯।୬**

ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ ଗତ ୭ ତାରିଖରୁ ଚାଲିଥିବା ସାନ୍ତାଳି ଭାଷା ଅଲଚିକି ପରୀକ୍ଷା ରବିବାର ଶେଷ ହୋଇଛି। ବୋର୍ଡ ଅଫ୍ ସାନ୍ତାଳି ଏଜୁକେଶନ, ରାଇରଙ୍ଗପୁର, ଓଡ଼ିଶା ପକ୍ଷରୁ ପରୀକ୍ଷାକୁ ପରିଚାଳନା କରାଯାଇଥିଲା। ରବିବାର ଛାତ୍ରୀଛାତ୍ରମାନଙ୍କ ମୌଖିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୋଳର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦା, ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଦର ମାରାଣ୍ଡି, ପିଥ ମାଣ୍ଡି, ବିଶ୍ୱନାଥ କିସ୍କୁ, ଅନୁଗୋଳ ସାନ୍ତାଳୀ ଭାଷା ପରିଚାଳନା ଶାଖା ଓ ଅନାଦି ବାସ୍କେ ସିନିୟର ଓଭରମ୍ୟାନ, ତାଳଚେର ଏମ୍‌ସିଏଲ୍ ପ୍ରମୁଖ ପରୀକ୍ଷା ପରିଚାଳନାରେ ଅଂଶଗ୍ରହଣ କରିଥିଲେ। ସାନ୍ତାଳି ଭାଷା ଅଲଚିକି ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ୱୀକୃତି ପାଇବା ପର ଠାରୁ ଆଦିବାସୀ ସାନ୍ତାଳି ଭଉଣୀ ଓ ଭାଇମାନଙ୍କ ମନରେ ଅଲଚିକି ଶିଖିବାର ଆଗ୍ରହ ବଢୁଥିବା ଦେଖାଯାଇଛି। ସାଓଁ ହେଦ୍ (ସାହିତ୍ୟ, ନାଗାମ, ଇତିହାସ), ଅତନଅ (ଭୂଗୋଳ, ଚିତାର, ଚିତ୍ରାଙ୍କନ), ଏଲଖା (ଗଣିତ ଓ ମୌଖିକ) ଏହି ୬ଟି ବିଷୟରେ ଲିଖିତ ଓ ମୌଖିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ ସାହିତ୍ୟ ପୂର୍ଣ୍ଣ ନମ୍ବର ୮୦ ଥିବାବେଳେ ଇତିହାସରେ ୫୦, ଭୂଗୋଳରେ ୫୦, ଚିତ୍ରାଙ୍କନରେ ୧୦୦, ଗଣିତ ୧୦୦ରେ ଓ ମୌଖିକ ପରୀକ୍ଷାରେ ୨୦ ନମ୍ବର ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି।

# ୨ୟ ବିବାହ ଅଭିଯୋଗ, ମାମଲା ରୁଜୁ

**ଅନୁଗୋଳ ଅଫିସ, ୯।୬**

ଅନୁଗୋଳ ଥାନା ତୁରଙ୍ଗ ଅଞ୍ଚଳର ଜଣେ ଯୁବକ ପ୍ରଥମ ସ୍ତ୍ରୀ ଥାଇ ଦ୍ୱିତୀୟ ବିବାହ କରିଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୪୧୩/୧୯ରେ ମାମଲା ରୁଜୁ କରିଛି। ଅଭିଯୋଗରୁ ଜଣାଯାଏ, ତୁରଙ୍ଗର ସୁଜିତ ଧର ୯ ବର୍ଷ ପୂର୍ବରୁ ଢେଙ୍କାନାଳ ଜିଲା ମୋଟଙ୍ଗ ଥାନା ମୁହାଦିଆ ଗ୍ରାମର ବବିତା ରାଉତଙ୍କୁ ବିବାହ କରିଥିଲେ। ଉଭୟଙ୍କର ୭ ବର୍ଷର କନ୍ୟା ଥିବାବେଳେ ସୁଜିତ ପୁରୀ ଜିଲା ପିପିଲି ଥାନା ଅଞ୍ଚଳର ଜଣେ ଯୁବତୀ ଜଣଙ୍କୁ ବିବାହ କରିଛନ୍ତି। ଏପରିକି ସୁଜିତ ତାଙ୍କୁ ୩ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ କହି ନିର୍ଯାତନା ଦେଉଥିବା ବବିତା ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି।

# ସମୀର ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ମ୍ୟାଚରେ ଖେଳାଳିମାନେ।

**ବଅଁରପାଳ,୯।୬(ଡି.ଏନ.ଏ.)**

ବଅଁରପାଳ ବ୍ଲକ ଗିରାଙ୍ଗ କ୍ଲବ ପକ୍ଷରୁ ସମୀର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୭ ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ ବ୍ୟବସାୟୀ ପ୍ରଦୀପ ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ସଦନ ଆଟାକ ଓ ବ୍ଲାକ ରିୟୁନୋ ମଧ୍ୟରେ ଖେଳାଯାଇଥିଲା। ସଦନ ଆଟାକ ପ୍ରଥମେ ବ୍ୟାଟିଂ କରି ୭୨ ରନ କରିଥିଲା। ଜବାବରେ ବ୍ଲାକ ରିୟୁନୋ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ନିରଞ୍ଜନ ନାୟକ, ବିକାଶ ଗଡ଼ନାୟକ ଖେଳ ପରିଚାଳନା କରିଥିଲେ।

■ଜରପଡା ପିଆଜ ସଂରକ୍ଷଣ କେନ୍ଦ୍ର

# ନିର୍ମାଣ ସତ୍ତ୍ୱେ କାର୍ଯ୍ୟକ୍ଷମ ହେଉନି

**ଛେଣ୍ଡିପଦା, ୯।୬(ଡି.ଏନ.ଏ.)**

■ବିତିଗଲାଣି ୧୯ ବର୍ଷ

■ଶହେ ଟନ୍ ପିଆଜ ସଂରକ୍ଷଣ କ୍ଷମତା

■ଅଭାବୀ ବିକ୍ରି ସମସ୍ୟାରେ ଚାଷୀ

ପିଆଜ ସଂରକ୍ଷଣ ଓ ଚାଷୀଙ୍କୁ ଅଭାବୀ ବିକ୍ରି ସମସ୍ୟାରୁ ଦୂରେଇ ରଖିବା ଲକ୍ଷ୍ୟରେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡା ହାଟପଦାଠାରେ ନିର୍ମାଣ ହୋଇଛି ଏକ ପିଆଜ ସଂରକ୍ଷଣ କେନ୍ଦ୍ର। ହେଲେ କେନ୍ଦ୍ର ନିର୍ମାଣ ଶେଷ ହେବାର ୧୯ ବର୍ଷ ପରେ ବି ଅଦ୍ୟାବଧି ଏହାକୁ କାର୍ଯ୍ୟକାରୀ କରାଯାଇ ନାହିଁ। ଫଳରେ ସଂରକ୍ଷଣ କେନ୍ଦ୍ର ନିର୍ମାଣ ଲକ୍ଷ୍ୟପଥରୁ ଦୂରେଇ ଯାଇଥିବାବେଳେ ପିଆଜ ଚାଷ ବହୁଳ ଅଞ୍ଚଳ ଜରପଡା ଚାଷୀଙ୍କ ଦୁଃଖ ବଢିଛି। ନିର୍ବାଚିତ ଜନ ପ୍ରତିନିଧି ତଥା ବିଭାଗୀୟ ଅଧିକାରୀ ଅହେତୁକ ଅବହେଳା ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ରାଜ୍ୟ ମାର୍କେଟିଂ ବୋର୍ଡ ଆର୍ଥିକ ଅନୁଦାନ କ୍ରମେ ତଥା ଅନୁଗୋଳ ନିୟନ୍ତ୍ରିତ ବଜାର କମିଟି ତତ୍ତ୍ୱାବଧାନରେ ୧୯୯୮ରେ ଏହି ପିଆଜ ସଂରକ୍ଷଣ କେନ୍ଦ୍ରର ନିର୍ମାଣ ଆରମ୍ଭ ହୋଇଥିଲା। ୨୦୦୦ ମସିହାରେ କେନ୍ଦ୍ରର ନିର୍ମାଣ କାମ ଶେଷ ହୋଇଥିଲା। ପ୍ରାୟ ଶହେ ଟନ୍ ପିଆଜ ସଂରକ୍ଷଣର କ୍ଷମତା ରଖିଥିବା ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚାଷୀଙ୍କୁ ଅଭାବୀ ବିକ୍ରି ସମସ୍ୟାରୁ ମୁକୁଳାଇବା ସହ ସେମାନଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ କରିବା। ହେଲେ ଆଶ୍ଚର୍ଯ୍ୟର ବିଷୟ ଦୀର୍ଘ ୧୯ ବର୍ଷ ପରେ ବି ଏହାକୁ କାର୍ଯ୍ୟକ୍ଷମ କରାଯାଇନାହିଁ। ଜରପଡା ଥାନା ଅଞ୍ଚଳରେ ଅଧିକାଂଶ ଚାଷୀ ପିଆଜ ଚାଷ କରୁଥିବାରୁ ଏଠାରେ ଏହି କେନ୍ଦ୍ର ନିର୍ମାଣ ବେଶ୍ ଗୁରୁତ୍ୱ ବହନ କରେ। ବହୁ ସଂଖ୍ୟାରେ ଚାଷୀ ଉନ୍ନତମାନର ପିଆଜ ଚାଷ କରୁଥିଲେ ହେଁ ସେମାନଙ୍କ ଉତ୍ପାଦନର ମୂଲ୍ୟ ପାଇପାରୁନାହାନ୍ତି। ସରକାରୀ ଖର୍ଚ୍ଚ ଅଯଥାରେ ପାଣିରେ ପଡିଥିବା ବେଳେ ଏହା ଚାଷୀଙ୍କ କାମରେ ଲାଗୁ ନ ଥିବା ଯୋଗୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପିଆଜ ଅମଳ ସମୟରେ କମ୍ ଟଙ୍କାରେ ଫସଲ ବିକ୍ରି କରି ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଅନ୍ୟପକ୍ଷରେ ନିଅଣ୍ଟିଆ ସମୟରେ ଖୋଦ୍ ଚାଷୀ ଅଧିକ ଦରରେ ପିଆଜ କିଣୁଛନ୍ତି। ପ୍ରଶାସନ କିମ୍ବା ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଏପରି ପରିସ୍ଥିତି ଉପୁଜୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରା ନ ଗଲେ ଆନ୍ଦୋଳନ ଚେତାବନୀ ଦିଆଯାଇଛି।

ଏ ସମ୍ପର୍କରେ ଅନୁଗୋଳ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପ୍ରଧାନ କୁହନ୍ତି, ପିଆଜ ସଂରକ୍ଷଣ କେନ୍ଦ୍ରଟିକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଏ ନେଇ ଅବଗତ କରାଯାଇଛି। ଏହାସହ ପିପିପି ମୋଡରେ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ସୁଯୋଗ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଅସଜଡ଼ା କ୍ଷତିଗ୍ରସ୍ତ ବିଦ୍ୟାଳୟ

## ଫନୀ ମାଡ଼ରେ ପ୍ରଭାବିତ ଶିକ୍ଷା ବ୍ୟବସ୍ଥା

- ସପ୍ତାହକ ପରେ ସରିବ ଖରାଛୁଟି
- ପିଲାଙ୍କ ପଢ଼ାକୁ ନେଇ ଚିନ୍ତାରେ ଅଭିଭାବକ
- ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି:ମନ୍ତ୍ରୀ



ଭୁବନେଶ୍ୱର,୯।୬(ଅନିଲ କୁମାର ଦାସ)

ସାମୁଦ୍ରିକ ଝଡ଼ ଫନୀର ଶକ୍ତ ପ୍ରହାରରେ ଛାରଖାର ହୋଇଯାଇଛି ସମଗ୍ର ପୁରୀ ଜିଲା। କେବଳ ଯେ, ଘରଦ୍ୱାର, ନଡ଼ିଆ, କଦଳୀ, କାଜୁ ବଗିଚା କିମ୍ବା ଧାନ ଖେତ ନୁହେଁ କୁନିକୁନି ପିଲାଙ୍କ ଭବିଷ୍ୟତ ମଧ୍ୟ ବିଶେଷଭାବେ ପ୍ରଭାବିତ ହୋଇଛି। ଘର, ବାଡ଼ିବଗିଚା ଓ ନିଜର ବେଉସା ହରାଇ ମାତାପିତା ଗରିବୀ ଜ୍ୱାଳାରେ ଛଟପଟ ହେଉଥିବାବେଳେ ପିଲାମାନଙ୍କ ଶିକ୍ଷା ସେମାନଙ୍କ ଚିନ୍ତାକୁ ଆହୁରି ବଢାଇ ଦେଇଛି। ଦିନ କେଇଟା ପରେ ଶେଷ ହେବ ଖରାଦିନ ଛୁଟି। ଆସନ୍ତା ୧୮ ତାରିଖରେ ରାଜ୍ୟର ସମସ୍ତ ସ୍କୁଲ ଖୋଲି ଯିବ। ନୂଆ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ପାଠପଢା ଆରମ୍ଭ କରିବେ। ହେଲେ ବାତ୍ୟାରେ ଛାରଖାର ହୋଇଥିବା ଆଜବେଷ୍ଟସ ନିର୍ମିତ ସ୍କୁଲ ଘର ଫନୀମାଡ଼ରେ ଉଡ଼ିଯାଇଛି। ବାତ୍ୟାକୁ ମାସେ ୧୦ଦିନ ପରେ ମଧ୍ୟ ବିଦ୍ୟାଳୟର ବଖରାଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଆଁ କରି ରହିଛି। ଜିଲାର ସ୍କୁଲ ଅବସ୍ଥା ପରଖିବାକୁ ଧରିତ୍ରୀ ପକ୍ଷରୁ ସତ୍ୟବାଦୀ, ନିମାପଡ଼ା, ବ୍ରହ୍ମଗିରି, କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରାଯାଇଥିଲା। ସତ୍ୟବାଦୀ ବ୍ଲକରେ ଦେଉଳି ସାହି ପ୍ରାଥମିକ ସ୍କୁଲ ହେଉ କିମ୍ବା ବ୍ରହ୍ମଗିରିର ବାଲିହରଚଣ୍ଡୀ ନୋଡାଲ ଉ.ପ୍ରା. ବିଦ୍ୟାଳୟ ସବୁଠି ଶୋଚନୀୟ ଅବସ୍ଥା। ସ୍କୁଲ ଘରର ଆଜବେଷ୍ଟସ ଉଡ଼ି କେଉଁଆଡେ ଚାଲିଯାଇଥିବାବେଳେ ଘରର କେବଳ କାଠ ପଞ୍ଜରା ପଡ଼ି ରହିଛି। ମାସେ ପରେ ମଧ୍ୟ ସ୍କୁଲ ଗୃହ ମରାମତି ପାଇଁ ସରକାରଙ୍କ ପକ୍ଷରୁ କୌଣସି ଧ୍ୟାନ ଦିଆଯାଇନାହିଁ। ସରକାର କିମ୍ବା ବେସରକାରୀ ସଂସ୍ଥା ସେ ଦିଗକୁ ଆଡ଼ ଆଖିରେ ଚାହିଁ ନାହାନ୍ତି। ଏବେ ବି ସ୍କୁଲ ଘରେ ଭଙ୍ଗା ଆଜବେଷ୍ଟସ ବିଛାଡ଼ି ହୋଇ ପଡିଛି। ଆଉ କେତେ କୋଠାଘର ଥିବା ସ୍କୁଲକୁ ବେଘର ହୋଇଥିବା ଲୋକମାନେ ମାଡ଼ି ବସିଛନ୍ତି। ପିଲାମାନଙ୍କର ଶିକ୍ଷା ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଗୋଟିଏ ପଟେ ବାତ୍ୟାରେ ପାଠ୍ୟପୁସ୍ତକ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟପକ୍ଷରେ ଉଜୁଡ଼ା ସ୍କୁଲ ଗୃହ ସମଗ୍ର ଜିଲାର ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରି ଦେଇଛି। ବ୍ରହ୍ମଗିରି, ବାଲିହରଚଣ୍ଡୀ ନୋଡାଲ ସ୍କୁଲରେ ପଢୁଥିବା ଛାତ୍ର ମାନସ ପଲାଇ କହିଛନ୍ତି, ଘରେ ପାଣି ପଶିବାରୁ ବହିପତ୍ର ଓଦା ହୋଇ ନଷ୍ଟ ହୋଇଯାଇଛି। ବାତ୍ୟା ପରଠାରୁ ମୁଁ ବହି ଦେଖି ନାହିଁ। ହୋମୱାର୍କ କିଛି କରି ନାହିଁ। କେବେ ସ୍କୁଲ ଖୋଲିବ ସେନେଇ କିଛି ଜଣାପଡୁ ନ ଥିବା ମାନସ କହିଛନ୍ତି। ଜିଲାରେ ବିଦ୍ୟାଳୟଗୁଡ଼ିକର କ୍ଷୟକ୍ଷତିକୁ ନେଇ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଆକଳନ କରାଯାଇଥିଲା। ୨୦୮.୭୪କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ଏକ ରିପୋର୍ଟ ଜିଲା ପ୍ରଶାସନକୁ ସର୍ବଶିକ୍ଷା ଅଭିଯାନ ପ୍ରଦାନ କରିଛି। ଜିଲା ପ୍ରଶାସନ ମଧ୍ୟ ଉକ୍ତ ରିପୋର୍ଟକୁ ସରକାରଙ୍କ ନିକଟରେ ଦାଖଲ କରିଛି। କିନ୍ତୁ ବାସ୍ତବ ସ୍ଥିତିରେ କିଛିଟା ପରିବର୍ତ୍ତନ ହୋଇ ଥିବା ଜଣାପଡୁ ନାହିଁ। ସ୍କୁଲ ଗୃହ ମରାମତିକୁ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଡୁଆରେ ପଡିଥିବାବେଳେ ସରକାର ଏନେଇ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। କେଉଁ ସ୍କୁଲ ଗୃହ କେଉଁ ବିଭାଗ ମରାମତି କରିବ ତାହା ମଧ୍ୟ ଏଯାଏଁ ଚୂଡ଼ାନ୍ତ ହୋଇନାହିଁ। ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲ ଗୃହ ମରାମତି ପାଇଁ ସରକାର ଅର୍ଥ ଦେବାର ବ୍ୟବସ୍ଥା ଥିବା ବେଳେ ବ୍ଲକ ଗ୍ରାଣ୍ଟ ସ୍କୁଲ ପାଇଁ କୌଣସି ଯୋଜନା ନାହିଁ। ପୁରୀ ଜିଲାରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ବ୍ଲକଗ୍ରାଣ୍ଟ ସ୍କୁଲ ରହିଛି। ଏହି ବର୍ଗର ସମସ୍ତ ସ୍କୁଲ ଆଜବେଷ୍ଟସରେ ନିର୍ମିତ ଏବଂ ସମସ୍ତ ସ୍କୁଲ ବାତ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏଗୁଡ଼ିକରେ ପଢୁଥିବା ପିଲାମାନଙ୍କ ଭବିଷ୍ୟତ ଏକ ପ୍ରକାର ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଭୂତି ପୋଖରୀ ଗ୍ରାମର ରଞ୍ଜିତା ସେନାପତି କହିଛନ୍ତି ସ୍କୁଲ ଖୋଲିବା ସମୟ ପାଖେଇ ଆସୁଛି। ମାସେ ହେବ ପିଲାମାନେ ବୁଲୁଛନ୍ତି। ଘର ନାହିଁ କେବେ ପାଠପଢା ହେବ ତାହା କିଏ କହିବ। ସରକାର ଏ ନେଇ ତୁରନ୍ତ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ପୁରୀ ଜିଲାର ଶିକ୍ଷା ଓ ସ୍କୁଲ ଗୃହ ମରାମତି ସମ୍ପର୍କରେ ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି ଯେ, ଭାଙ୍ଗି ଯାଇଥିବା ସ୍କୁଲ ଘର ମରାମତି ପାଇଁ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଯେଉଁଠି ସ୍କୁଲ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି ସେହି ପିଲାଙ୍କୁ ନିକଟସ୍ଥ ସ୍କୁଲରେ ପଢାଇବା ବ୍ୟବସ୍ଥା କରାଯିବ। ବ୍ଲକ ଗ୍ରାଣ୍ଟ ସ୍କୁଲ ଘର ନିର୍ମାଣ ପାଇଁ କୌଣସି ଅର୍ଥ ବ୍ୟବସ୍ଥା ନାହିଁ। ସେ ନେଇ ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି।

ରଥଖଳାରୁ...

## ସରିଲା ଚକ ନିର୍ମାଣ

ପୁରୀ ଅଫିସ, ୯।୬: ରଥଯାତ୍ରା ପାଖେଇ ଆସୁଥିବା ବେଳେ ରଥ ନିର୍ମାଣ କାର୍ଯ୍ୟ ଯୋରସୋରରେ ଚାଲିଛି। ରବିବାର ତିନି ରଥର ୪୨ଟି ଚକ ତିଆରି ସରିଛି। ସେଥିରୁ ନନ୍ଦିଘୋଷର ୧୬ଟି, ତାଳଧ୍ୱଜର ୧୪ଟି ଓ ଦର୍ପଦଳନର ୧୨ଟି ଚକ ରହିଛି। ରଥଖଳା ବାହାରେ ଦଣ୍ଡା କାମ ଚାଲିଛି। ମହାରଣା ମାନେ ତୁମ୍ବରେ ଅର ବିନ୍ଧ କରୁଛନ୍ତି। ମୁହାଁଟ, ପାର୍ଶ୍ୱ ମୁହାଁଟ କାମ ସରିଛି। ଗରାଗରା କାଠ ହଣା ଚାଲିଛି। ରଥଖଳା ବାହାରେ ଅଖ ହଣା ଚାଲିଛି। ସେପଟେ ରୁପକାର ମାନେ କଣଗୁଜ କରୁଛନ୍ତି। ବଡଠାକୁରଙ୍କ ରଥର ରୁପକାର ସେବକ ପଞ୍ଚାନନ ମହାପାତ୍ର କୁହନ୍ତି, ତିନିରଥର ୪୮ଟି କଣଗୁଜ କରାଯିବ। ରବିବାର ସୁଦ୍ଧା ନନ୍ଦିଘୋଷ ରଥର ୧୬ରୁ ୧୨, ତାଳଧ୍ୱଜର ୧୬ରୁ ୧୦ ଓ ଦର୍ପଦଳନର ୧୨ରୁ ୮ଟି ମୋଟ ୩୦ଟି କଣଗୁଜ ସରିଛି। ଆଗକୁ ନାଟଗୋଡ ଓ ସିଂହସନା, ପଟାଗୁଜ କାମ ଆରମ୍ଭ ହେବ। ତିନିରଥର ୩ଟି ସିଂହାସନ ତିଆରି କରାଯିବ। ସେଥିରେ ଗଛ, ତାଳପତ୍ର, ପଦ୍ମପାଖୁଡା ଆଦି ପ୍ରସ୍ତୁତ କରାଯିବ। ତିନି ରଥର ୩୪ଟି ପଟାଗୁଜ ଆବଶ୍ୟକ। ଏଥିରେ ଗଜବିରାଳ, ସିଂହବିରାଳ ଓ ନର ବିରାଳ କରାଯିବ ବୋଲି ମହାପାତ୍ର କହିଛନ୍ତି। ଦୋଳବେଦିକୋଣ କମାର ଚାଳିରେ କମାର ସେବକ ଜୋଖା, ଗୟଲ କଣ୍ଟା ପ୍ରସ୍ତୁତ କରୁଛନ୍ତି। କରତି ସେବକ ଗୟଳ କାଠ ଚିରଟ କରୁଛନ୍ତି। ସେପଟେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଭୋଇ ସେବକ ତିନି ରଥର ୧୨ଟି ଚକରେ ପଙ୍କ୍ତି ଚାଳି ପ୍ରସ୍ତୁତ କରିଥିଲେ। ପଞ୍ଚ ମହାଦେବ ଶ୍ରୀ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, କପାଳମୋଚନ ଓ ନୀଳକଣ୍ଠେଶ୍ୱର ବିମାନରେ ସିଂହଦ୍ୱାର ସମ୍ମୁଖରୁ ବିରାଟ ଶୋଭାଯାତ୍ରାରେ ବାହାରି ଜଗନ୍ନାଥ ବଲ୍ଲଭ ମଠକୁ ଯାଇଥିଲେ। ସେଠାରୁ ଶ୍ରୀନଅରରେ ପଙ୍କ୍ତି ସାରି ଭୋଇ ସେବକଙ୍କ ଦ୍ୱାରା ପଙ୍କ୍ତି ଚାଳିରେ ପଙ୍କ୍ତି ଖାଇ ଫେରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ମୁହଁରୁ ତିନିକଥା**
**ଶୁଣିଲେ ହୁଏ ମୁଣ୍ଡ ବ୍ୟଥା ।**

ଜଣେ ଗୋଟିଏ ବିଷୟକୁ ତିନିଥରରେ ବିଚିତ୍ର କରି ବର୍ଣ୍ଣନା କଲେ ଅନ୍ୟର ମୁଣ୍ଡବ୍ୟଥା ହୋଇଥାଏ। ଫଳସ୍ୱରୂପ ଶୁଣିବା ଲୋକ କେଉଁଟା ସତ କେଉଁଟା ମିଛ ଜାଣି ନ ପାରି ଅଯଥାରେ ଦ୍ୱନ୍ଦ୍ୱରେ ପଡ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏ ଅଟେ ଅନିତ୍ୟ ସଂସାର**
**କିମ୍ବା ଏ କପଟ ବେଭାର ?**

କୂଟ, କପଟ ମଣିଷକୁ ମଣିଷ ହୋଇ ରହିବାକୁ ଦେଇ ନ ଥାଏ। ମଣିଷକୁ ପଶୁଠାରୁ ହୀନ କରି ଦେଇଥାଏ। ଏ ସଂସାର ଯେହେତୁ ଅନିତ୍ୟ, ସେଠାରେ ବାସକରୁଥିବା ମଣିଷ ମନରେ ଏପରି କପଟ ଆଚରଣ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଲକ୍ଷ୍ମୀ ମିଶ୍ର**
ସ୍ୱାମୀ- ସ୍ୱର୍ଗତ ନାରାୟଣ ମିଶ୍ର
ଆବିର୍ଭାବ: ୦୨।୦୯।୧୯୩୦
ତିରୋଧାନ: ୦୧।୦୬।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ହତଭାଗ୍ୟ ନାତି, ନାତୁଣୀ ଓ ବୋହୂ
ନୀଳାଦ୍ରି, ଶାନ୍ତା ଓ ଶ୍ରଦ୍ଧା।
ନାରାୟଣ ମିଶ୍ର & Co. ବଡ଼ଦାଣ୍ଡ, ପୁରୀ।
7894458684
ଧ-୬୩୭୭୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଧର୍ମାନନ୍ଦ ମଲ୍ଲିକ**
ଗୋବିନ୍ଦରାମ ପାଟଣା, କଟକ
ଆବିର୍ଭାବ: ୨୦।୦୬।୧୯୩୨
ତିରୋଧାନ: ୨୦।୦୬।୨୦୧୮
ବାପା ଚାହୁଁ ଚାହୁଁ ଆପଣଙ୍କ ଦେହାନ୍ତ ହେବାର ଏକ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା ଓ ସମସ୍ତଙ୍କୁ ଭଲପାଇବା ଆମେ ଭୁଲିପାରୁ ନାହୁଁ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶ୍ରଦ୍ଧାଞ୍ଜଳି ସହ:**
ପତ୍ନୀ- ଲକ୍ଷ୍ମୀ, ପୁତ୍ର- ବାବୁଲି, ବୋହୂ- ମିତା, ଝିଅ- ମନି, ରେନି, କୁନି, ଜ୍ୱାଇଁ- ଶଙ୍କର, ମଦନ, ରମେଶ, ଭାଇ- କାଳନ୍ଦୀ, ଚନ୍ଦ୍ରମଣି, ନାତି, ନାତୁଣୀ, ପୁତୁରା, ଝିଆରୀ ଓ ପ୍ରିୟବନ୍ଧୁ ଓ ପରିବାରବର୍ଗ।
ଧ-୧୨୮୧୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରଞ୍ଜିତା ଦାସ**
ସ୍ଥାନ- ଚଣାହାଟ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୪।୦୬।୧୯୬୨
ତିରୋଧାନ: ୨୦।୦୬।୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା। ତୁମର ଅନାବିଳ ସ୍ନେହ, ଆଦର୍ଶ, ବ୍ୟକ୍ତିତ୍ୱ ଆମ୍ଭମାନଙ୍କ ନିକଟରେ ଚିର ସ୍ମରଣୀୟ ହୋଇ ରହିଥାଉ।
**ଶୋକସନ୍ତପ୍ତ:**
ବନ୍ଧୁ ଓ ପରିବାରବର୍ଗ।
ଧ-୫୯୫୩୨

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ମନ୍ମଥ କୁମାର ସାହୁ**
(ପି.କେ. ଆର.ଆଇ.ଟି କଲୋନୀ, ପୁରୀ)
ଆବିର୍ଭାବ: ୧୪।୦୪।୧୯୫୨
ତିରୋଧାନ: ୦୫।୦୬।୨୦୧୪
ବହୁ ଘାତ ପ୍ରତିଘାତ ଭିତରେ ଗତିକରି ଆପଣ ଏ ଜୀବନ ଜିଇଲେ। ଶେଷରେ ବହୁ ଯନ୍ତ୍ରଣା ସହି ଆମକୁ ଛାଡ଼ି ଚାଲିଗଲେ। ଜୀବନତମାମ ମନେରହିବ ଆପଣଙ୍କ କର୍ତ୍ତବ୍ୟପରାୟଣତା ଓ ଅନାବିଳ ସ୍ନେହ, ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପାଖରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପତ୍ନୀ-ନିର୍ମଳା, ପୁତ୍ର- ଲିଙ୍ଗରାଜ ଓ ଦେବରାଜ, ପୁତ୍ରବଧୂ- ଲକ୍ଷ୍ମୀ ଓ ସୁଭଦ୍ରା, ଝିଅ- ମିଲି, ଜାମାତା- ସୁରେଶ, ଆଦରର- ନାରାୟଣୀ, ଜଗନ୍, ଜୟ ଓ ଶୁଭଶ୍ରୀ।
ଧ-୬୩୭୭୪


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347






ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

LOAN
ମହିଳା ମିତ୍ର ସମୂହ ଋଣ
2500 - 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ ସହଜ ସାପ୍ତାହିକ/ମାସିକ କିସ୍ତିରେ
ରୋଶ୍‌ନୀ - 9119072218
ଶାଲିନୀ - 9084922848
ମୁସ୍କାନ - 9119093228
ଦିବ୍ୟା - 9084869022
ରିତୁ - 8868967322
M/S SARATHI ENTERPRISES
Ashok Nagar, East Delhi, Delhi - 110096

All INDIA FINANCIAL SERVICES
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74



BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,000 + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରିମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

## ସଂକ୍ଷେପରେ

### ଚନ୍ଦ୍ରକୁ ମଙ୍ଗଳର ଅଂଶ କହି ଟ୍ରମ୍ପ ହଟହଟା



ସାନ୍ ଫ୍ରାନ୍ସିସ୍କୋ,୯।୬(ଆଇଏଏନ୍ଏସ୍): ମହାକାଶ ଓ ବ୍ରହ୍ମାଣ୍ଡ ସମ୍ପର୍କରେ ନିଜର ଅଜ୍ଞତାକୁ ପ୍ରକାଶ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସମସ୍ତଙ୍କୁ ବିସ୍ମିତ କରିଛନ୍ତି। ଚନ୍ଦ୍ର ମଙ୍ଗଳ ଗ୍ରହର ଅଂଶବିଶେଷ ବୋଲି କହି ସେ ଅନ୍ୟମାନଙ୍କୁ ହସର ଖୋରାକ ଯୋଗାଇଛନ୍ତି। ଏକ ଟୁଇଟ୍‌ରେ ଶୁକ୍ରବାର ରାତିରେ ସେ କହିଛନ୍ତି ଯେ, ଆମେ ଯେତେ ଅର୍ଥ ଖର୍ଚ୍ଚ କରିଛୁ, ଆମେରିକା ମହାକାଶ ଗବେଷଣା ସଂସ୍ଥା (ନାସା) କେବଳ ଚନ୍ଦ୍ରକୁ ଯିବା ବିଷୟ କହିବା ଅନୁଚିତ। ତାହା ଆମେ ୫୦ ବର୍ଷ ତଳେ କରିସାରିଛୁ। ନାସା ମଙ୍ଗଳ (ଚନ୍ଦ୍ର ଯାହାର ଅଂଶବିଶେଷ) ଭଳି ବଡ଼ ସଫଳତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ସୋସିଅଲ ମିଡିଆରେ ଟ୍ରମ୍ପଙ୍କ ଏଭଳି ବିବୃତି ବିଶ୍ୱବ୍ୟାପୀ ଟ୍ରୋଲ ହୋଇଥିବା ଦେଖିବାକୁ ମିଳିଛି।

### ଯୁକ୍ତ୨ ବିଜ୍ଞାନରେ ଶୂନ ଫଳାଫଳ କରିଥିବା ୯ କଲେଜ ଉପରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୯।୬(ବ୍ୟୁରୋ): ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଶୂନ ରେଜଲ୍ଟ କରିଥିବା ୯ କଲେଜ ଉପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେଗୁଡ଼ିକ ହେଲା ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ମଣ୍ଡଳସ୍ଥିତ ଶ୍ରୀଜଗନ୍ନାଥ ଦେବ ହାଇସ୍କୁଲ, ଅନୁଗୋଳ ଜିଲା ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ, ଢେଙ୍କାନାଳ ଜିଲା ସଦର ବ୍ଲକ୍‌ର ସରାଙ୍ଗିଆସ୍ଥିତ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ଆର୍ଟ ଆଣ୍ଡ କଲ୍‌ଚର, ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ବେଲଗୁଣ୍ଠା ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ କେ. ପି. ଡି. ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱରର ଏସ୍.ଆର୍.ଏମ୍. ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱରର ନାନୋ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ସମ୍ବଲପୁରସ୍ଥିତ ଶ୍ରୀ ଅରବିନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିଗ୍ରାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ, ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ରାଉରକେଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ ହାୟର ସେକେଣ୍ଡାରୀ ସ୍କୁଲ। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୬ଟି କଲେଜରେ ନାମଲେଖା ଉପରେ ରୋକ୍ ଲଗାଯାଇଥିବାବେଳେ ବାକି ୩ଟି କଲେଜ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ନାମଲେଖା ବନ୍ଦ ନିର୍ଦ୍ଦେଶ ଦିଆଯାଇଥିବା କଲେଜଗୁଡ଼ିକ ମଧ୍ୟରୁ ୪ଟିରେ ଗତବର୍ଷଠାରୁ ନାମଲେଖା ବନ୍ଦ ରହିଛି। ତେବେ ବଲାଙ୍ଗୀର ଜିଲା ବେଲପଡ଼ାର ଶ୍ରୀଜଗନ୍ନାଥ ଦେବ ହାଇସ୍କୁଲ ଓ ନୟାଗଡ଼ ଜିଲା ଦଶପଲାସ୍ଥିତ କେ.ପି.ଡି. ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ ଚଳିତ ବର୍ଷଠାରୁ ନାମଲେଖା ଉପରେ ରୋକ୍ ଲଗାଯାଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ ସର୍ବାଧିକ ଆତ୍ମହତ୍ୟାପ୍ରବଣ

କଟକ ଅଫିସ,୯।୬

ପୂର୍ବରୁ ଭାରତରେ ଆତ୍ମହତ୍ୟାକୁ ଏକ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯାଉଥିଲା। ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୦୯ ଅନୁଯାୟୀ, ଏଥିପାଇଁ ଦଣ୍ଡବିଧାନର ବ୍ୟବସ୍ଥା ମଧ୍ୟ ଥିଲା। ମାତ୍ର ୨୦୧୭ରେ ପ୍ରଣିତ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଅଧିନିୟମ (ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ)ରେ ଏହି ଦଣ୍ଡବିଧାନକୁ ଉଚ୍ଛେଦ କରାଯାଇଥିଲା। କାରଣ ଆତ୍ମହତ୍ୟା ଉଦ୍ୟମ କରୁଥିବା ବ୍ୟକ୍ତିଙ୍କୁ ଏହି ସମୟରେ ସାହାଯ୍ୟ ସହଯୋଗର ଆବଶ୍ୟକତା ରହିଥାଏ। ମାତ୍ର ଦଣ୍ଡବିଧାନ ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଅଧିକ ମାନସିକ ଚାପ ପଡୁଥିବାରୁ ତାଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଥିବା ଦର୍ଶାଇ ଏହି ସଂଶୋଧନ କରାଯାଇଥିଲା। ତଥାପି ଦେଶରେ ଆତ୍ମହତ୍ୟା ଥମୁନାହିଁ। କାରଣ ଏସ୍‌ସିବି ମେଡିକାଲ ମାନସିକ ରୋଗ ପ୍ରତିଷ୍ଠାନର ରେକର୍ଡ କହୁଛି ଏଠାକୁ ଚିକିତ୍ସା ନିମନ୍ତେ ଆସୁଥିବା ସମୁଦାୟ ରୋଗୀଙ୍କ ମଧ୍ୟରୁ ପାଖାପାଖି ୨୦ ପ୍ରତିଶତ ଆତ୍ମହତ୍ୟା ଉଦ୍ୟମ କରିଥିବା ରୋଗୀ ବୋଲି ଜଣାପଡ଼ିଛି।

ବିଶ୍ୱରେ ପ୍ରତିବର୍ଷ ୮ଲକ୍ଷ ଲୋକ ଆତ୍ମହତ୍ୟା କରୁଥିବାବେଳେ ସେଥିରୁ ଭାରତର ସଂଖ୍ୟା ୧ଲକ୍ଷ ୩୫ହଜାର ରହିଛି ବୋଲି ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି)ର ତଥ୍ୟରୁ ଜଣାପଡ଼ିଛି। ଅର୍ଥାତ୍ ସମୁଦାୟ ଆତ୍ମହତ୍ୟାର ୧୭ ପ୍ରତିଶତ କେବଳ ଭାରତରେ ଘଟୁଛି। ଏସ୍‌ସିବି ମେଡିକାଲ ମାନସିକ ରୋଗ ପ୍ରତିଷ୍ଠାନର ସହକାରୀ ପ୍ରଫେସର ଡା. ସତ୍ୟକାମ ମହାପାତ୍ରଙ୍କ କହିବାନୁଯାୟୀ, ମହାରାଷ୍ଟ୍ର, ତାମିଲନାଡୁ ଓ କର୍ଣ୍ଣାଟକ ରାଜ୍ୟରେ ଆତ୍ମହତ୍ୟାର ହାର ଅଧିକ। ଏନ୍‌ସିଆର୍‌ବି ତଥ୍ୟ କହୁଛି ପ୍ରତିବର୍ଷ ୫୦ରୁ ଅଧିକ ଆତ୍ମହତ୍ୟା ଘଟଣା ଘଟୁଥିବା ରାଜ୍ୟଗୁଡ଼ିକ ମଧ୍ୟରେ ନାଗାଲାଣ୍ଡ ଓ ମଣିପୁର ଥିବାବେଳେ ୫୦ରୁ ୩୦୦ ଆତ୍ମହତ୍ୟା ଘଟୁଥିବା ରାଜ୍ୟ ମଧ୍ୟରେ

- ଓଡ଼ିଶାର ହାର ଉଦ୍‌ବେଗଜନକ
- ୧୫ରୁ ୩୫ ବର୍ଷ ବୟସର ଯୁବତୀଯୁବକଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଅଧିକ
- ଉପଯୁକ୍ତ କାଉନ୍‌ସେଲିଂ ଅବ୍ୟର୍ଥ ଚିକିତ୍ସା



ଜମ୍ମୁ- କଶ୍ମୀର, ଉତ୍ତରାଖଣ୍ଡ, ମେଘାଳୟ, ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରହିଛି। ସେହିପରି ୩୦୦ରୁ ୨୦୦୦ ଆତ୍ମହତ୍ୟା ଘଟୁଥିବା ରାଜ୍ୟ ମଧ୍ୟରେ ପଞ୍ଜାବ, ଝାଡଖଣ୍ଡ, ହିମାଚଳପ୍ରଦେଶ ରହିଛି। ୨୦୦୦ରୁ ୧୦ହଜାର ମଧ୍ୟରେ ଓଡ଼ିଶା, ଛତିଶଗଡ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଦିଲ୍ଲୀ, ରାଜସ୍ଥାନ, ଗୁଜରାଟ ଭଳି ରାଜ୍ୟ ରହିଛି। ୧୦ହଜାରରୁ ଅଧିକ ଆତ୍ମହତ୍ୟା ଘଟୁଥିବା ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁ, କର୍ଣ୍ଣାଟକ ଓ ମହାରାଷ୍ଟ୍ର ରହିଛି।

ମାନସିକ ରୋଗ ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ଭାରତରେ ୧୯୮୭ରୁ ୨୦୦୭ ମଧ୍ୟରେ ପ୍ରତି ୧ଲକ୍ଷ ଲୋକଙ୍କ ମଧ୍ୟରେ ଆତ୍ମହତ୍ୟା ହାର ୭.୯ ପ୍ରତିଶତରୁ ୧୦.୩ ପ୍ରତିଶତକୁ ବୃଦ୍ଧି ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପରିସଂଖ୍ୟାନ ଅନୁଯାୟୀ, ଭାରତରେ ପ୍ରତି ୧ଲକ୍ଷ ମହିଳାରେ ୧୬.୪ ପ୍ରତିଶତ ଆତ୍ମହତ୍ୟା କରୁଛନ୍ତି। ଏହି ହାରରେ ଭାରତ ବିଶ୍ୱରେ ଷଷ୍ଠ ସ୍ଥାନରେ ରହିଛି। ସେହିପରି ପ୍ରତି ୧ଲକ୍ଷ ପୁରୁଷରେ ୨୫.୮ ପ୍ରତିଶତ ଆତ୍ମହତ୍ୟା କରୁଛନ୍ତି ଯାହା ବିଶ୍ୱରେ ୨୨ତମ ସ୍ଥାନରେ ରହିଛି। ଏନ୍‌ସିଆରବି ତଥ୍ୟ ଅନୁଯାୟୀ, ୨୦୧୫ରେ ଭାରତରେ ୧,୩୩,୬୨୩ଜଣ ଆତ୍ମହତ୍ୟା କରିଥିଲେ। ୨୦୧୪ ତୁଳନାରେ ତାହା ୧.୪ ପ୍ରତିଶତ ଅଧିକ ଥିଲା। ଏହି କ୍ରମରେ ଓଡ଼ିଶାକୁ ଦେଖିଲେ ଉକ୍ତ ବର୍ଷ ଆତ୍ମହତ୍ୟା ସଂଖ୍ୟା ୪୧୬୦ ଥିଲା।

ଆତ୍ମହତ୍ୟାର କାରଣଗୁଡ଼ିକ ସମ୍ପର୍କରେ ଡାକ୍ତରମାନେ ଯେଉଁ ତଥ୍ୟ ଦେଉଛନ୍ତି ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଡା. ମହାପାତ୍ରଙ୍କ କହିବାନୁଯାୟୀ, ଏହା ଏକ ଜଟିଳ ସାମାଜିକ ସମସ୍ୟା। ଯେତିକି ଲୋକ ଆତ୍ମହତ୍ୟା ଜନିତ ମୃତ୍ୟୁବରଣ କରୁଛନ୍ତି ତାହାଠାରୁ ୨୦ଗୁଣ ଅଧିକ ଲୋକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଭାରତରେ ୧୫ରୁ ୩୫ବର୍ଷ ବୟସର ଯୁବତୀଯୁବକଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଅଧିକ ବୋଲି ଡା. ମହାପାତ୍ର କହିଛନ୍ତି। ମୋଟ୍ ଆତ୍ମହତ୍ୟା ଘଟଣାରୁ ୯୦ ପ୍ରତିଶତ କେବଳ ବିଭିନ୍ନ ମାନସିକ ସମସ୍ୟା କାରଣରୁ କରିଥାନ୍ତି। ସେଗୁଡ଼ିକ ହେଲା ସ୍କିଜୋଫ୍ରେନିଆ (ଦୀର୍ଘସ୍ଥାୟୀ ମାନସିକ ବିଶୃଙ୍ଖଳା), ମାନସିକ ଉଦ୍‌ବେଗ (ଏଙ୍ଗଜାଇଟି) ଓ ବ୍ୟକ୍ତିତ୍ୱ ବିକାର ରୋଗ। ବେରୋଜଗାରୀ, ଫସଲହାନି, ଆତ୍ମୀୟଙ୍କ ମୃତ୍ୟୁ, ପ୍ରେମରେ ବିଫଳତା ଓ ବିବାହ ବିଚ୍ଛେଦ ଆଦି ପ୍ରମୁଖ କାରଣ। ଏସ୍‌ସିବି ମେଡିକାଲକୁ ଅଧିକାଂଶ ଏହିଭଳି ରୋଗୀ ଆସୁଥିବା ଡା. ମହାପାତ୍ର କହିଛନ୍ତି। ଏଭଳି ଲକ୍ଷଣ ପ୍ରକାଶ ପାଉଥିବା ରୋଗୀଙ୍କୁ ତୁରନ୍ତ ଡାକ୍ତରଙ୍କ ପାଖକୁ ଆଣିବା ଉଚିତ୍ ବୋଲି ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି। ଉଦାହରଣ ଦେଇ ମହାପାତ୍ର କହିଛନ୍ତି, ଜଣେ ୩୦ ବର୍ଷୀୟ ଯୁବକ ଆର୍ଥିକ ସଙ୍କଟରେ ପଡ଼ିଥିଲେ। ଏହାକୁ ନେଇ ତାଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବଢିବା ସହିତ ସେ ଉଦ୍ୟମ ମଧ୍ୟ କରିଥିଲେ। ମାତ୍ର ତାଙ୍କ ପରିବାର ଲୋକେ ତାଙ୍କୁ ଡାକ୍ତରଙ୍କ ପାଖକୁ ଆଣିବା ଦ୍ୱାରା ସେ ଉପକୃତ ହୋଇଥିଲେ। ଉପଯୁକ୍ତ କାଉନସେଲିଂ ଏହାର ଏକ ଅବ୍ୟର୍ଥ ଚିକିତ୍ସା ବୋଲି ଡା. ମହାପାତ୍ର କହିଛନ୍ତି।

# ସାଢ଼େ ୯ରେ ପହଣ୍ଡି, ୪ଟାରେ ରଥଟଣା

ପୁରୀ ଅଫିସ, ୯।୬

ଆସନ୍ତା ଜୁଲାଇ ୪ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଏହାକୁ ସୁରୁଖୁରରେ ସମ୍ପନ୍ନ କରିବା ଲାଗି ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସନ ସଅଳ ନୀତି ନିର୍ଘଣ୍ଟ କରିଛି। ପ୍ରାତଃ ୬ଟାରେ ମଙ୍ଗଳ ଆଳତି କରାଯାଇ ଠାକୁରଙ୍କ ଅନ୍ୟାନ୍ୟ ନୀତି ଚାଲିବ। ସକାଳ ୯ଟାରେ ରଥ ପ୍ରତିଷ୍ଠା, ୯ଟା ୧୫ରେ ମଙ୍ଗଳାର୍ପଣ ହୋଇ ସାଢେ ୯ଟାରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ସାଢେ ୧୨ଟା ସୁଦ୍ଧା ପହଣ୍ଡି ସରି ରଥ ଉପରକୁ ମଦନମୋହନ ବିଜେ ହେବେ। ଏହାପରେ ଚିତାଲାଗି ନୀତି ଓ ଠାକୁରଙ୍କ ବେଶ ସମ୍ପନ୍ନ ହେବ। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଗଜପତି ମହାରାଜା ତିନି ରଥରେ ଛେରା ପହଁରା କରିବେ। ୩ଟାରୁ ୪ଟା ମଧ୍ୟରେ ଚାରମାଳ ଫିଟା ହୋଇ ଘୋଡା, ସାରଥୀ ଲାଗିବ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ। ରବିବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହାକୁ ମୋହର ମାରିବା ପରେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବ। ଆବଶ୍ୟକ ପଡିଲେ ପରିଚାଳନା କମିଟି ଏଥିରେ ପରିବର୍ତ୍ତନ ଆଣିପାରିବ। ଗତ ୪ ତାରିଖ ନୀତି ସବ୍ କମିଟି ବୈଠକରେ ଶ୍ରୀମନ୍ଦିର ପ୍ରଶାସନ ରାଜେନ୍ଦ୍ରାଭିଷେକଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ନୀତି ସମ୍ପର୍କରେ ଆଲୋଚନା କରାଯାଇ ଏହାକୁ ପ୍ରସ୍ତୁତ କରାଯାଇଥିଲା। ଛତିଶା ନିଯୋଗ ବୈଠକରେ ଏଥିରେ ସାମାନ୍ୟ ପରିବର୍ତ୍ତନ ଅଣାଯାଇ ନିର୍ଘଣ୍ଟ ହୋଇଛି।



ଛତିଶାନିଯୋଗ ବୈଠକରେ ଉପସ୍ଥିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଏବଂ ଅନ୍ୟମାନେ।

**ରଥଯାତ୍ରା ପାଇଁ ନୀତି ନିର୍ଘଣ୍ଟ**

ଆସନ୍ତା ୧୭ରେ ଦେବସ୍ନାନ ପୂର୍ଣ୍ଣିମା। ଏହିଦିନ ୧୦୮ ଗରା ଜଳରେ ସ୍ନାନ ସାରି ମହାପ୍ରଭୁ ଭକ୍ତଙ୍କୁ ହାତୀବେଶରେ ଦର୍ଶନ ଦେବେ। ଏହା ପରେ ଅସୁସ୍ଥ ହୋଇଥିବା ଦାରୁଦିଅଁ ଜୁଲାଇ ୨ ତାରିଖରେ ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ନବଯୌବନ ଦର୍ଶନ ପାଇଁ ନୀତି ନିର୍ଘଣ୍ଟ ହୋଇଛି। ମଧ୍ୟାହ୍ନ ୧୨ଟା ୧୫ରେ ଚକା ଅପସର ହୋଇ ମଙ୍ଗଳ ଆଳତି ହେବ। ଅପରାହ୍ନ ସାଢେ ଗୋଟାଏରେ ଦଶାବତାର ଠାକୁରଙ୍କ ବାହୁଡା ବିଜେ ହୋଇ ତାଟି ଫିଟିବ। ଏହାପରେ ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ଭିତରକାଠ ପରିମାଣିକ ଦର୍ଶନ ହେବ। ପରେ ସାଢେ ୩ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ଭିତରଠାକରେ ଠାକୁରଙ୍କୁ ସର୍ବସାଧାରଣ ଦର୍ଶନ କରିବେ। ବାହୁଡା ନୀତି ନିର୍ଘଣ୍ଟ ଉପରେ ମଧ୍ୟ ବିଶେଷ ଆଲୋଚନା ହୋଇଛି। ଭୋର ୪ଟାରୁ ମଙ୍ଗଳ ଆଳତି ହୋଇ ସକାଳ

| ରଥଯାତ୍ରା ନୀତି ନିର୍ଘଣ୍ଟ | |
|---|---|
| ଜୁନ ୨୮ | ଚକାବିଜେ |
| ଜୁନ ୨୯ | ଖଳିଲାଗି ଏକାଦଶୀ |
| ଜୁନ ୩୦ | ରାଜପ୍ରସାଦ ବିଜେ |
| ଜୁଲାଇ ୧ | ଘଣାଲାଗି/ବନକଲାଗି |
| ଜୁଲାଇ ୨ | ନବଯୌବନ ଦର୍ଶନ |
| ଜୁଲାଇ ୪ | ରଥଯାତ୍ରା |
| ଜୁଲାଇ ୫ | ଠାକୁରଙ୍କ ଗୁଣ୍ଡିଚା ମନ୍ଦିରକୁ ପହଣ୍ଡି |
| ଜୁଲାଇ ୮ | ହେରାପଞ୍ଚମୀ |
| ଜୁଲାଇ ୯ | ଦକ୍ଷିଣୀମୋଡ଼ |
| ଜୁଲାଇ ୧୧ | ସନ୍ଧ୍ୟା ଦର୍ଶନ |
| ଜୁଲାଇ ୧୨ | ବାହୁଡା ଯାତ୍ରା |
| ଜୁଲାଇ ୧୩ | ସୁନାବେଶ |
| ଜୁଲାଇ ୧୪ | ଅଧରପଣା |
| ଜୁଲାଇ ୧୫ | ନୀଳାଦ୍ରିବିଜେ |

୬ଟା ୪୫ ସୁଦ୍ଧା ଗୋପାଳ ବଲ୍ଲଭ ଓ ସକାଳଧୂପ ଶେଷ ହେବ। ସକାଳ ୭ଟାରୁ ୧୧ଟା ମଧ୍ୟରେ ମହାପ୍ରଭୁଙ୍କୁ ସେନାପଟା ଲାଗି ହେବ। ୧୧ଟା ୪୫ରେ ମଙ୍ଗଳାର୍ପଣ ହୋଇ ମଧ୍ୟାହ୍ନ ୧୨ଟାରୁ ବାହୁଡା ପହଣ୍ଡି ଆରମ୍ଭ ହେବ। ଅପରାହ୍ନ ସାଢେ ୨ଟା ସୁଦ୍ଧା ପହଣ୍ଡି ସମ୍ପନ୍ନ ହେବ। ଏହି ସମୟ ମଧ୍ୟରେ ତିନିରଥରେ ଠାକୁରଙ୍କ ବେଶ ସମ୍ପନ୍ନ କରାଯିବ। ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ମଧ୍ୟରେ ଛେରାପହଁରା ସରିବ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ।

ଏହା ପରଦିନ ସୁନାବେଶ ରହିଥିବାରୁ ତିନିରଥ ଯେଭଳି ସନ୍ଧ୍ୟା ସୁଦ୍ଧା ସିଂହଦ୍ୱାରରେ ଲାଗିବେ ତା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ୧୩ ତାରିଖରେ ମହାପ୍ରଭୁଙ୍କ ସୁନାବେଶ। ସକାଳ ୬ଟାରେ ତିନିରଥରେ ଠାକୁରଙ୍କ ମଙ୍ଗଳ ଆଳତି ହେବ। ଏହାପରେ ଦୈନନ୍ଦିନ ନୀତି ବଢିବ। ଅପରାହ୍ନ ୪ଟାରେ ମହାପ୍ରଭୁଙ୍କ ସୁନାବେଶ ଆରମ୍ଭ ହୋଇ ସାଢେ ୫ଟା ସୁଦ୍ଧା ବେଶ ସରିବ। ସର୍ବସାଧାରଣ ଦର୍ଶନ ପରେ ରାତ୍ର ୧୧ଟାରୁ ୧୨ଟା ମଧ୍ୟରେ ସୁନାବେଶ ମଇଲମ (ଓଲାଗି) କରାଯିବ। ପରେ ଅନ୍ୟାନ୍ୟ ନୀତି ବଢିବ। ଭୋର ୨ଟାରେ ଗରୁଡ଼ ଶୟନ ନୀତି ସମ୍ପନ୍ନ ହୋଇ ମହାପ୍ରଭୁଙ୍କ ପହୁଡ ହେବ। ୧୪ ତାରିଖ ମହାପ୍ରଭୁଙ୍କ ଅଧରପଣା ନୀତି। ତିନିରଥରେ ରାତ୍ର ୮ଟା ସୁଦ୍ଧା ଅଧରପଣା ନୀତି ସମ୍ପନ୍ନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଜୁଲାଇ ୧୫ ତାରିଖ ରଥଯାତ୍ରାର ଶେଷପର୍ବ ବା ନୀଳାଦ୍ରିବିଜେ। ମହାପ୍ରଭୁ ନବଦିନାତ୍ମକ ଯାତ୍ରା ସାରି ରତ୍ନସିଂହାସନକୁ ବିଜେ କରିବେ। ଏହା ପରଦିନ ଅର୍ଥାତ୍ ଜୁଲାଇ ୧୬ ତରିଖରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଏହାକୁ ନଜରରେ ରଖି ନୀଳାଦ୍ରିବିଜେ ପହଣ୍ଡି ସମେତ ସବୁ ନୀତିକୁ ସଅଳ କରାଯାଇଛି। ନୀଳାଦ୍ରିବିଜେ ଦିନ ଭୋର ୪ଟାରେ ତିନିରଥ ଉପରେ ମଙ୍ଗଳ ଆଳତି ହେବ। ସକାଳ ୭ଟାରୁ ୮ଟା ମଧ୍ୟରେ ସକାଳ ଧୂପ, ପୂର୍ବାହ୍ନ ସାଢେ ୧୦ଟାରୁ ସାଢେ ୧୧ଟା ମଧ୍ୟରେ ମଧ୍ୟାହ୍ନ ଧୂପ ଏବଂ ମଧ୍ୟାହ୍ନ ୧୨ଟା ୧୫ ସୁଦ୍ଧା ସନ୍ଧ୍ୟା ଆଳତି ଶେଷ କରାଯିବାକୁ ସ୍ଥିର ହୋଇଛି। ଅପରାହ୍ନ ୪ଟାରୁ ନୀଳାଦ୍ରିବିଜେ ପହଣ୍ଡି ଆରମ୍ଭ ହୋଇ ରାତି ୧୦ଟାରେ ଠାକୁର ରତ୍ନସିଂହାସନରେ ପହଞ୍ଚିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ନୀଳାଦ୍ରିବିଜେ ରାତିରେ ଠାକୁରଙ୍କୁ ପହୁଡ଼ କରିବାକୁଚେଷ୍ଟା କରାଯିବ। ଫଳରେ ଏହା ପରଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ମଧ୍ୟାହ୍ନ ଧୂପ ପରେ ଅପରାହ୍ନ ୪ଟା ବେଳକୁ ପାକତ୍ୟାଗ କରାଯିବ। ନୀତି ତ୍ୱରାନ୍ୱିତ ହେଲେ ପାକଛାଡ ପୂର୍ବରୁ ଭକ୍ତମାନେ ମହାପ୍ରସାଦ ସେବନ କରିପାରିବେ। ଏହାକୁ ଦୃଷ୍ଟିରେ ରଖି ନିଳାଦ୍ରୀବିଜେ ନୀତି ନିର୍ଘଣ୍ଟ ହୋଇଛି ।

ଏହି ବୈଠକରେ ଜିଲାପାଳ ତଥା ଶ୍ରମନ୍ଦିର ଉପମୁଖ୍ୟ ପ୍ରଶାସକ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ ପ୍ରମୁଖଙ୍କ ସହିତ ଛତିଶା ନିଯୋଗର ସଦସ୍ୟମାନେ ଯୋଗଦେଇଥିଲେ।

- ମଧ୍ୟାହ୍ନ ୧୨ରୁ ବାହୁଡା ପହଣ୍ଡି
- ଅପରାହ୍ନ ୪ଟାରୁ ସୁନାବେଶ
- ଗ୍ରହଣ ଯୋଗୁ ସଅଳ ନୀଳାଦ୍ରିବିଜେ ପହଣ୍ଡି

### ସର୍ଭିସ ବନ୍ଧୁକରୁ ଗୁଳି ଫୁଟାଇ ଯବାନଙ୍କ ଆତ୍ମହତ୍ୟା

ନାକଟିଦେଉଳ,୯।୬(ଡି.ଏନ.ଏ.): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନାରେ କାର୍ଯ୍ୟରତ ଜଣେ ଯବାନ ରବିବାର ସକାଳେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଓଏସଏପି (ଓଡିଶା ଷ୍ଟେଟ ଆର୍ମଡ ପୋଲିସ) ପ୍ରଥମ ବାଟାଲିୟନର ଅମିର କୁମାର ସାହୁ(୩୬)। ତାଙ୍କ ଘର ବରଗଡ଼ ଜିଲା ଗାଇସିଲେଟ ଥାନା ଶରଧାପାଲି ଗ୍ରାମରେ। ଡ୍ୟୁଟିରେ ଥାଇ ନିଜ ବନ୍ଧୁକରୁ ସେ ବେକକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ମାଓବାଦୀ ଦମନ ନିମନ୍ତେ ଅମିର ୬ମାସ ହେବ କିସିଣ୍ଡା ଥାନାରେ ନିୟୋଜିତ ଥିଲେ। ରବିବାର ଭୋର ୪ଟାରେ ସେ ଥାନା କୋଠା ଛାତ ଉପରେ ସେଣ୍ଟ୍ରି ଡ୍ୟୁଟିରେ ଥିଲେ। ତେବେ ସକାଳ ପ୍ରାୟ ୫ଟା୫୫ରେ ନିଜର ଇନସାସ୍ ସର୍ଭିସ ବନ୍ଧୁକରୁ ବେକକୁ ୩ ରାଉଣ୍ଡ ଗୁଳି ଫୁଟାଇଥିଲେ। ଗୁଳି ଫୁଟିବା ଶବ୍ଦ ଶୁଣି ସହକର୍ମୀମାନେ ପହଞ୍ଚିଲା ବେଳକୁ ସେଠାରେ ଅମିରଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ରହିଥିଲା। ଖବର ପାଇ ରେଢାଖୋଲ ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ, ପ୍ରଥମ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ବିଷ୍ଣୁପଦ ଦାସ, କିସିଣ୍ଡା ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପୋଲିସ ଘଟଣାର ଛାନଭିନ କରିଛି। ନାକଟିଦେଉଳ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଇଜଲୁସ ବିନୟ କୁଲୁଙ୍କ ଉପସ୍ଥିତିରେ ଅମୀରଙ୍କ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଯାଇଛି। ସନ୍ଧ୍ୟା ହୋଇଯାଇଥିବାରୁ ସୋମବାର ବ୍ୟବଚ୍ଛେଦ କରାଯିବ। ଏ ନେଇ କିସିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩/୧୯)ରୁଜୁ କରାଯାଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣା ପଡ଼ିନାହିଁ। ପାରିବାରିକ ସମସ୍ୟାକୁ ନେଇ ଅମିର ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ ପ୍ରକାଶ କରିଛନ୍ତି।

## ୧୯ରେ ଖୋଲିବ ସ୍କୁଲ: ପିଲାଙ୍କ ପାଖରେ ନାହିଁ ପାଠ୍ୟପୁସ୍ତକ

**ଫନୀରେ ୩୦ ହଜାରରୁ ଉର୍ଦ୍ଧ୍ୱ ବହି ନଷ୍ଟ**



ଗୋପ, ୯।୬(ଡି.ଏନ୍.ଏ.)

ଫନୀରେ ଗୋପ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ୩୦ ହଜାରରୁ ଉର୍ଦ୍ଧ୍ୱ ପାଠ୍ୟପୁସ୍ତକ ନଷ୍ଟ ହୋଇଥିବାବେଳେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ନେଇ ଆଶଙ୍କା ଉପୁଜିଛି। ୧୯ରେ ସ୍କୁଲ ଖୋଲିବାକୁ ଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଖରେ ପାଠ୍ୟପୁସ୍ତକ ପହଞ୍ଚି ନାହିଁ। ଏ ନେଇ ଅଭିଭାବକ ଓ ଛାତ୍ରୀଛାତ୍ର ଚିନ୍ତାରେ ଅଛନ୍ତି। ଫନୀରେ ଗୋପ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହି କ୍ଷୟକ୍ଷତିରେ ହଜାର ହଜାର ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ପକ୍ଷରୁ ମିଳିଥିବା ପାଠ୍ୟପୁସ୍ତକ ନଷ୍ଟ ହୋଇଯାଇଥିବା ଭଳି ଅଭିଯୋଗ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୋପ ବ୍ଲକରେ ଥିବା ସମସ୍ତ ସ୍କୁଲକୁ ପ୍ରାୟ ୪୦ ଭାଗ ବହିପତ୍ର ଯୋଗାଇ ଦିଆଯାଇଥିବାବେଳେ ସେଥି ମଧ୍ୟରୁ ଶିକ୍ଷକମାନେ ପିଲାମାନଙ୍କୁ ୨୦ ଭାଗ ବହି ବଣ୍ଟନ କରିଥିଲେ। ଏ ସମ୍ପର୍କରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ପ୍ରଭାସ ଚନ୍ଦ୍ର କରଣଙ୍କୁ ପଚାରିବାରେ ଶିକ୍ଷାବର୍ଷ ଆରମ୍ଭରୁ ଗୋପ ବ୍ଲକ୍‌ର ସମସ୍ତ ସ୍କୁଲ ଜରିଆରେ ଛାତ୍ରୀଛାତ୍ରମାନଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ବହିପତ୍ର ଦିଆଯାଇଥିଲା। ଆମ କାର୍ଯ୍ୟାଳୟରେ ଥିବା ଅବଶିଷ୍ଟ ୩୦ ହଜାର ବହି ନଷ୍ଟ ହୋଇଯାଇଥିବାରୁ ନୂଆ ବହି ଯୋଗାଇ ଦେବା ଲାଗି ସରକାରଙ୍କୁ ଚିଠି ଲେଖାଯାଇଛି। ବହିପତ୍ର ଆସିଲେ ତୁରନ୍ତ ପିଲାମାନଙ୍କୁ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

# ଚିକିତ୍ସା ଅବହେଳାରୁ ଭିନ୍ନକ୍ଷମ ନାବାଳିକାଙ୍କ ମୃତ୍ୟୁ

ବାରିପଦା ଅଫିସ,୯।୬

ପେଟ ବ୍ୟଥା ହେଉଥିବାରୁ ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣେ ୧୬ ବର୍ଷ ବୟସ୍କା ଭିନ୍ନକ୍ଷମ ନାବାଳିକାଙ୍କ ଚିକିତ୍ସା ଅବହେଳା ଯୋଗୁ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଡାକ୍ତର ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଠିକ ସମୟରେ ଚିକିତ୍ସା ନ କରିବାରୁ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ରବିବାର ସକାଳେ ମେଡିକାଲ ମୁଖ୍ୟ ଫାଟକ ସମ୍ମୁଖରେ ନାବାଳିକାଙ୍କ ମୃତଦେହକୁ ରଖି ପରିବାରବର୍ଗ କର୍ମଚାରୀ ଓ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଣରାଜନୈତିକ ସଂଗଠନ ଭଞ୍ଜ ସେନାର କର୍ମୀମାନେ ଏହି ଦାବିକୁ ସମର୍ଥନ ଜଣାଇ ଧାରଣାରେ ବସିଥିଲେ। ଏନେଇ ଡାକ୍ତରଖାନା ପରିସରରେ ତୀବ୍ର ଉତ୍ତେଜନା ଲାଗି ରହିଥିଲା। ମୃତା ନାବାଳିକାଙ୍କ ମାମୁ ଶିବ ପାତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ଜଣେ ଡାକ୍ତର ଓ ୨ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ନାମରେ ଥାନାରେ ମାମଲା (ନଂ.୧୩୧/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ହସ୍ପିଟାଲ ମ୍ୟାନେଜର ଡାକ୍ତର ସମୀର ମହାପାତ୍ର ଘଟଣାସ୍ଥଳକୁ ଆସି ବିଭାଗୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ମୃତଦେହକୁ ମେଡିକାଲ କଲେଜ ସମ୍ମୁଖରେ ରଖି ଧାରଣାରେ ବସିଛନ୍ତି ମୃତକଙ୍କ ପରିବାର ଲୋକ ଓ ଭଞ୍ଜ ସେନାର କର୍ମକର୍ତ୍ତା।

ବାରିପଦା ଟାଉନ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ଚାନ୍ଦୁଆ ଥାନା ଅଧୀନ ଚାଲୁଣିଆ ଗ୍ରାମର ବୀରେନ୍ଦ୍ର ପାତ୍ରଙ୍କ ଭିନ୍ନକ୍ଷମ ଝିଅ ରୀତା(୧୬)ଙ୍କ ପେଟ ବ୍ୟଥା ହେବାରୁ ତାଙ୍କୁ ଶନିବାର ଅପରାହ୍ନରେ ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆରମ୍ଭରୁ ଡାକ୍ତର କିମ୍ବା ନର୍ସ ଠିକ ଭାବେ ଚିକିତ୍ସା କରି ନ ଥିଲେ। ଏଥିଲାଗି ରୀତାଙ୍କ ପେଟବ୍ୟଥା ବଢ଼ିଥିଲା। ରାତି ପ୍ରାୟ ୧୦ ଟା ୩୦ ବେଳକୁ ନାବାଳିକାଙ୍କ ମାମୁ ଶିବ ନର୍ସଙ୍କ ଡ୍ୟୁଟି ରୁମକୁ ଯାଇ ରୋଗୀଙ୍କ ଅବସ୍ଥା ଖରାପ ହେଉଥିବା ଜଣାଇଥିଲେ। ତାଙ୍କ କଥା କେହି ଶୁଣି ନ ଥିଲେ। ସେ ୨ରୁ ୩ ଥର ଆସି ଡାକିବାରୁ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ବିରକ୍ତି ପ୍ରକାଶ କରି ରୋଗୀ ଦେଖିବାକୁ ଯାଇ କୌଣସି ଏକ ଇଞ୍ଜେକ୍ସନ ଦେଇଥିଲେ। ସେଥିରେ ରୀତାଙ୍କ ପେଟ ବ୍ୟଥା ନ କମିବାରୁ ତାଙ୍କ ମାମୁ ପୁନର୍ବାର ଡାକ୍ତରଙ୍କୁ ଡାକିବାକୁ ଯାଇଥିଲେ। ସେତେବେଳେ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ତାଙ୍କ କଥା ଶୁଣି ନ ଥିଲେ। ଜଣେ ମୋବାଇଲରେ କଥା ହେବାରେ ବ୍ୟସ୍ତ ଥିବା ବେଳେ ଅନ୍ୟ ଜଣେ ସୋସିଆଲ ମିଡିଆରେ ମାତିଥିଲେ। ଦୀର୍ଘ ସମୟ ପରେ ଡାକ୍ତର ଆସିଲା ବେଳକୁ ରୀତାଙ୍କ ମୃତ୍ୟୁ ହୋଇସାରିଥିଲା।

- ପିଆରଏମ ମେଡିକାଲ କଲେଜରେ ଉତ୍ତେଜନା
- କାର୍ଯ୍ୟାନୁଷ୍ଠାନ ଦାବିରେ ମୃତଦେହ ରଖି ଧାରଣା
- ଡାକ୍ତର ଓ ଦୁଇ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ ମାମଲା

ଏହି ଘଟଣା ପ୍ରଚାରିତ ହେବା ପରେ ରବିବାର ସକାଳେ ମେଡିକାଲ କଲେଜ ପରିସର ଅଶାନ୍ତ ହୋଇଉଠିଥିଲା। ନାବାଳିକାଙ୍କ ପରିବାରକୁ ସମବେଦନା ଜଣାଇ ଭଞ୍ଜ ସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂ, ରାକେଶ ବେହେରା, ଜ୍ୟୋତି ରଞ୍ଜନ ପୃଷ୍ଟି ଓ ରବୀନ୍ଦ୍ର ସାହୁ ପ୍ରମୁଖ ଦାୟିତ୍ୱରେ ଅବହେଳା କରିଥିବା କର୍ମଚାରୀ ଓ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମେଡିକାଲ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ନାବାଳିକାଙ୍କ ମୃତଦେହକୁ ରଖି ସକାଳ ୭ ଟା ବେଳେ ସେମାନେ ଧାରଣା ଦେଇଥିଲେ। ଖବରପାଇ ବାରିପଦା ସଦର ଏସଡିପିଓ କୃଷ୍ଣପ୍ରସାଦ ପଟ୍ଟନାୟକ ଓ ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଉତ୍ତେଜନା ଲାଗି ରହିଥିଲା। ଶେଷରେ ହସ୍ପିଟାଲ ମ୍ୟାନେଜର ସେଠାକୁ ଯାଇ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପୂର୍ବାହ୍ନ ୯ ଟାରେ ଆନ୍ଦୋଳନକାରୀମାନେ ଧାରଣାରୁ ଉଠିଥିଲେ। ମୃତା ନାବାଳିକା ନାଗରାଶୋଳ ହାଇସ୍କୁଲରେ ଏଥର ନବମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ସେ ଭଲ ପାଠ ପଢୁଥିଲେ ବୋଲି ତାଙ୍କ ପରିବାର ଲୋକ କହିଛନ୍ତି।

# ଛାଇ ହୋଇ ଛକି ବସିଥିଲା ମୃତ୍ୟୁ



ସକାଳୁଆ ଖରା ହେଲେ ବି ତାତି କିଛି କମ୍ ନ ଥିଲା। ଗୁଳୁଗୁଳି ଯୋଗୁ ଗମ୍ ଗମ୍ ହୋଇ ଝାଳ ବୋହି ଯାଉଥିଲା। ଅପରାହ୍ନଯାଏ ବେପାର କରିବାକୁ ଥିବାରୁ ଛାଇଟିକେ ଖୋଜିଥିଲେ ପରିବା ବ୍ୟବସାୟୀ। ଏହି ସମୟରେ ନଜର ପଡ଼ିଥିଲା ୨୨ ଫୁଟିଆ ଉଚ୍ଚ ରାଇସ୍‌ମିଲ୍‌ର ପୁରୁଣା ପାଚେରି ଉପରେ। ପରିତ୍ୟକ୍ତ ହୋଇଥିଲେ ବି ତାହା ଅପରିଚିତ ନ ଥିଲା। ତେଣୁ ଭଲ-ମନ୍ଦ ବିଚାର ନ କରି ସେହି ପାଚେରି ତଳ ଛାଇରେ ସେମାନେ ଆରମ୍ଭ କରିଦେଇଥିଲେ ବେପାର। ହାଟକୁ ଆସିଥିବା ଖାଉଟିମାନେ ମଧ୍ୟ ତାଜା ପରିବା କିଣିବାରେ ବିଳମ୍ବ କରି ନ ଥିଲେ। କିଏ ବାଇକ୍ ରଖି ବ୍ୟାଗ ଧରି ଠିଆ ହୋଇଥିଲେ ତ ଆଉ କିଏ ବସି ପରିବା ବାଛୁଥିଲେ। ଭିଡ଼ ବଢ଼ି ଚାଲିଥିବା ବେଳେ ହଠାତ୍ ଜୋର୍‌ରେ ଶବ୍ଦ କରି ଭୁଶୁଡ଼ି ପଡ଼ିଥିଲା ରାଇସ୍‌ମିଲ୍‌ର ସେହି ପୁରୁଣା ତଥା ପରିତ୍ୟକ୍ତ ପାଚେରି। କେହି କିଛି ବୁଝିବା ପୂର୍ବରୁ ଛାଇ ହୋଇ ଛକି ବସିଥିବା ମୃତ୍ୟୁର ଜାଲରେ ଛନ୍ଦି ହୋଇସାରିଥିଲା ୪ ବ୍ୟବସାୟୀଙ୍କ ଜୀବନ।



# ବିଳମ୍ବରେ ଆରମ୍ଭ ହେଉଥିବାରୁ 'ଅଳସୁଆ'




ଢେଙ୍କାନାଳ ଷ୍ଟେଶନ ବଜାର ହାଟ ରୋଡରେ ରହିଛି ଅଳସୁଆ ହାଟ। ଅବିଭକ୍ତ ଢେଙ୍କାନାଳ ଜିଲାରେ ଏହି ହାଟର ଐତିହ୍ୟ ରହିଛି। ପ୍ରାୟ ୩୦୦ ବର୍ଷ ତଳୁ ଏହା ଆରମ୍ଭ ହୋଇଥିଲା। ପ୍ରତି ସପ୍ତାହର ରବିବାର ବିଳମ୍ବରେ ଆରମ୍ଭ ହୁଏ ବୋଲି ଏହାର ନାମ ଅଳସୁଆ ହାଟ ରଖାଯାଇଥିବା ଲୋକ କଥାରୁ ଜଣାପଡ଼ିଛି। ଏହି ହାଟକୁ ଢେଙ୍କାନାଳ ଆଖପାଖ ଅଞ୍ଚଳର ବହୁ ଗ୍ରାମରୁ ପରିବା ବ୍ୟବସାୟୀ ଆସିଥାନ୍ତି। ବିଶିଷ୍ଟ ଗବେଷକ ତଥା ସ୍ତମ୍ଭକାର ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ତଥ୍ୟ ଅନୁଯାୟୀ, ୧୬୦୦ରୁ ୧୭୦୦ ମସିହା ମଧ୍ୟରେ ରାଜା ନୃସିଂହ ଭ୍ରମରବରଙ୍କ ସମୟରେ ଅଳସୁଆ ହାଟ ଆରମ୍ଭ ହୋଇଥିଲା। ସେହିପରି ୧୯୩୮ ମସିହା ପ୍ରଜାମଣ୍ଡଳ ଆନ୍ଦୋଳନ ବେଳେ ଏହି ହାଟ ପଡିଆରେ ଆନ୍ଦୋଳନକାରୀଙ୍କ ଉପରେ ଗୁଳିମାଡ଼ ହୋଇଥିଲା। ତେଣୁ ଏହା ଏକ ସଂଗ୍ରାମୀ ପୀଠ ବୋଲି ମଧ୍ୟ ଗବେଷକମାନେ ମତବ୍ୟକ୍ତ କରନ୍ତି।

## ଆର୍‌ଏମ୍‌ସିରୁ ପୌରସଂସ୍ଥା ଯାଏ ଅବହେଳା

୪ ଏକର ଜାଗାରେ ପ୍ରତିଷ୍ଠିତ ଏହି ଐତିହ୍ୟ ସମ୍ପନ୍ନ ଅଳସୁଆ ହାଟ ପ୍ରଥମେ ଢେଙ୍କାନାଳ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନରେ ରହିଥିଲା। ଏହାର ଉନ୍ନତୀକରଣ ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ମାଟି ଗାଣ୍ଡୁଆଟିଏ ପକାଯାଇ ନ ଥିଲା। ବ୍ୟବସାୟୀଙ୍କ ବସିବା ପାଇଁ ପିଣ୍ଡିଟିଏ କରାଯାଇ ନ ଥିଲା। ଫଳରେ ପ୍ରବଳ ଖରାରେ ପରିବା ବିକ୍ରି କରୁଥିବା ବ୍ୟବସାୟୀମାନେ ଏହାର ବିକାଶ ପାଇଁ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ୨୦୧୮ ମେ'ରେ ଜିଲାପାଳଙ୍କ ସହିତ ଆଲୋଚନା ପରେ ନିୟନ୍ତ୍ରିତ ବଜାର କମିଟି ହାଟକୁ ପୌରସଂସ୍ଥାକୁ ହସ୍ତାନ୍ତର କରିଥିଲା ଏବଂ ବ୍ୟବସାୟୀଙ୍କ ଠାରୁ ଆଦାୟ ହୋଇଥିବା ୮ ଲକ୍ଷ ଟଙ୍କା ମଧ୍ୟ ପୌରସଂସ୍ଥାକୁ ପ୍ରଦାନ କରିଥିଲା। ଏହାପରେ ତୁରନ୍ତ ବ୍ୟବସାୟୀଙ୍କ ବସିବା ପାଇଁ ଏଠାରେ ସୁବିଧା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ପୌରସଂସ୍ଥା ପକ୍ଷରୁ ହାଟର କୌଣସି ଆଖିଦୃଶିଆ ବିକାଶ କରାଯାଇ ନାହିଁ। ବ୍ୟବସାୟୀଙ୍କ ପାଇଁ ନିର୍ମାଣାଧୀନ ଭେଣ୍ଡିଂ ଜୋନ୍ ଅଧପନ୍ତରିଆ ହୋଇ ପଡ଼ିରହିଥିବା ବେଳେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଭିତ୍ତିପ୍ରସ୍ତର ହୋଇଥିବା କଂସେଇଖାନା ଏଯାଏ ନିର୍ମାଣ ହୋଇପାରି ନାହିଁ। ଅନ୍ୟପଟରେ ହାଟକୁ ଲାଗି ରହିଥିବା ବିପଦସଙ୍କୁଳ ପାଚେରି ଓ ଘରଗୁଡ଼ିକ ପ୍ରତି ପୌରସଂସ୍ଥା ଦୃଷ୍ଟି ଦେଇ ନ ଥିଲା। ଉକ୍ତ ଅଞ୍ଚଳରେ ଯାଇଥିବା ଡ୍ରେନ୍‌ର ଉନ୍ନତୀକରଣ ହେଉ ନ ଥିବାରୁ ପାଣି ପାଚେରି କଡରେ ଜମିରହି ବିପଦର ଏକ କାରଣ ସାଜିଥିଲା ବୋଲି ଆଲୋଚନା ହେଉଛି।

ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିଥିବା ଭେଣ୍ଡିଂଜୋନ୍।




## ଦାନା ଦେଉଥିଲା, ଜୀବନ ନେଲା

ପାଚେରି ତଳେ ଚାପିହୋଇ ପ୍ରାଣ ହରାଇଥିବା ୪ ପରିବା ବ୍ୟବସାୟୀ ସେମାନଙ୍କ ପରିବାରର ଏକମାତ୍ର ରୋଜଗାରିଆ ମଣିଷ ଥିଲେ। ତେଣୁ ପରିବାର ମୁଖିଆଙ୍କ ଏପରି ମୃତ୍ୟୁକୁ ନେଇ ଭାଙ୍ଗି ପଡିଛନ୍ତି ଅନ୍ୟ ସଦସ୍ୟମାନେ। ଆର୍ଥିକ ଅବସ୍ଥା ଅତି ଦୟନୀୟ ହୋଇଥିବାରୁ ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇ ସେମାନେ କେମିତି ପରିବାର ଚଳାଇବେ ସେହି ଚିନ୍ତା ଏବେ ସଦସ୍ୟମାନଙ୍କୁ ଘାରିଛି। ୧୦/୧୨ ବର୍ଷ ହେଲା ଯେଉଁ ହାଟ ସେମାନଙ୍କ ପେଟକୁ ଦାନା ଦେଉଥିଲା ତାହା ଯେ ତାଙ୍କ ନିଜ ଲୋକଙ୍କ ମୃତ୍ୟୁର କାରଣ ହେବ ତାହାକୁ ବିଶ୍ୱାସ କରିପାରୁନାହାନ୍ତି ପରିବାରବର୍ଗ।

## ଦୁର୍ଘଟଣା ପରେ ଚେତା ଉଦୟ


ପରିତ୍ୟକ୍ତ ରାଇସମିଲ

ଦୀର୍ଘ ୩୦ରୁ ୪୦ ବର୍ଷ ହେଲା ବନ୍ଦ ହୋଇ ପଡ଼ିରହିଛି ରାଇସମିଲ୍। ହାଟ ପାର୍ଶ୍ୱରେ ଥିବା ଏହାର ଘର ଓ ପାଚେରି ଅତ୍ୟନ୍ତ ପରିତ୍ୟକ୍ତ ଅବସ୍ଥାକୁ ଆସିସାରିଛି। ଏ ସମ୍ପର୍କରେ ପ୍ରଶାସନ ଓ ପୌରସଂସ୍ଥା ଅବଗତ ଥିଲେ ବି ତାହାକୁ ଭାଙ୍ଗିବାକୁ ଆଗ୍ରହ ପ୍ରକାଶ କରି ନ ଥିଲା। ଫଳରେ ଏତେବଡ଼ ଦୁର୍ଘଟଣା ଘଟି ୪ ନିରୀହ ଜୀବନ ଚାଲିଗଲା। ଏବେ ପ୍ରଶାସନର ଚେତା ଉଦୟ ହୋଇଛି। ଦୁର୍ଘଟଣାର କିଛି ସମୟ ପରେ ହିଁ ପୌରସଂସ୍ଥା ପକ୍ଷରୁ ଅଳସୁଆ ହାଟ ପାର୍ଶ୍ୱରେ ଥିବା ପରିତ୍ୟକ୍ତ ପାଚେରିର ଅନ୍ୟ ଅଂଶ ସହ ବିପଦସଙ୍କୁଳ ହୋଇପଡ଼ିଥିବା ଘରଗୁଡ଼ିକୁ ଜେସିବି ମେଶିନ ସାହାଯ୍ୟରେ ଭାଙ୍ଗି ଦିଆଯାଇଛି। ଏପରି ପଦକ୍ଷେପ ପୂର୍ବରୁ ନିଆଯାଇଥିଲେ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଥାନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।




ଅଳସୁଆ ହାଟରେ ଥିବା ପରିତ୍ୟକ୍ତ ଘରଗୁଡ଼ିକୁ ପୌରସଂସ୍ଥା ପକ୍ଷରୁ ଭଙ୍ଗାଯାଉଛି।

## ରାଇସ୍‌ମିଲ ସମ୍ପର୍କରେ ଖୋଳତାଡ଼ ଆରମ୍ଭ

ଦୀର୍ଘ ବର୍ଷରୁ ଅଳସୁଆ ହାଟକୁ ଲାଗି ରହିଥିବା ଡି. ହଂସରାଜ ରାଇସ୍‌ମିଲର ମାଲିକାନା କାହା ନାମରେ ଅଛି, ତାହାକୁ ନେଇ ପ୍ରଶାସନ ଓ ପୋଲିସ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ରାଇସ୍‌ମିଲର ମାଲିକଙ୍କ ପରିବାର ଲୋକ କଟକ ଏବଂ ଦେଶ ବାହାରେ ରହୁଥିବା ଅଞ୍ଚଳବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ଢେଙ୍କାନାଳର ଜଣେ ବ୍ୟକ୍ତି ଏହାର ଦେଖାରଖା କରୁଛନ୍ତି। ବହୁବର୍ଷ ହେଲା ପରିଚାଳନାଗତ ତ୍ରୁଟି ଯୋଗୁ ରାଇସ୍‌ମିଲ ବନ୍ଦ ପଡିଥିବାରୁ ଏହାର ପରିସରରେ ଥିବା ଘରଗୁଡିକ ଭୂତ କୋଠିରେ ପରିଣତ ହୋଇଛି। ସେହିପରି ପାଚେରିଗୁଡିକ ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ତଦନ୍ତ କରାଯାଇ ମିଲ୍ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରିକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।


ଜିଲା ମୁଖ୍ୟ ଚିକିତ୍ସାଳୟରେ ଏମ୍‌ପି ମହେଶ ସାହୁ ଓ ବିଧାୟକ ସୁଧୀର କୁମାର ସାମଲ ମୃତକଙ୍କ ପରିବାରକୁ ସହାୟତା ସମ୍ପର୍କରେ ଆଲୋଚନା କରୁଛନ୍ତି।

## ତଦନ୍ତ ଦାବି କଲେ ଜନପ୍ରତିନିଧି

ହାଟରେ ଦୁର୍ଘଟଣା ଖବର ବିଜୁଳି ବେଗରେ ପ୍ରଚାରିତ ହୋଇଯାଇଥିଲା। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଦୁର୍ଘଟଣାସ୍ଥଳରେ ସହରବାସୀଙ୍କ ଗହଳି ବଢ଼ି ଯାଇଥିଲା। ଶହ ଶହ ଲୋକ ଜମା ହୋଇଯିବାରୁ ଚାପା ଉତ୍ତେଜନା ଦେଖାଦେଇଥିଲା। ବିଶେଷକରି ମେଡିକାଲରେ ପହଞ୍ଚିଥିବା ସାଧାରଣ ଲୋକ ମୃତକଙ୍କ ପରିବାର ସଦସ୍ୟଙ୍କ ସହ ସ୍ୱର ମିଳାଇ ଅଧିକ ସହାୟତା ଦାବି କରିଥିଲେ। ପ୍ରଶାସନ ଦେଇଥିବା ସାହାଯ୍ୟ ପର୍ଯ୍ୟାପ୍ତ ନୁହେଁ ବୋଲି ସେମାନେ କହିବା ସହ ତୁରନ୍ତ ଏ ନେଇ ବ୍ୟବସ୍ଥା କରିବାକୁ ଜୋର ଦେଇଥିଲେ। ତେବେ ସ୍ଥିତି ଅଧିକ ବିଗିଡ଼ିବା ପୂର୍ବରୁ ଡାକ୍ତରଖାନାରେ ପହଞ୍ଚିଥିଲେ ଢେଙ୍କାନାଳର ନବ ନିର୍ବାଚିତ ଏମ୍‌ପି ମହେଶ ସାହୁ ଓ ବିଧାୟକ ସୁଧୀର କୁମାର ସାମଲ। ସେମାନେ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଏଥିସହ ମୃତକଙ୍କ ପରିବାରକୁ ଅଧିକ ସହାୟତା ପାଇଁ ପ୍ରଶାସନ ସହିତ ଆଲୋଚନା କରି ସରକାରଙ୍କୁ ଜଣାଇବେ ବୋଲି ସୂଚନା ଦେଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ମଧ୍ୟ ସେମାନେ ଦାବି କରିଥିଲେ।

## ପ୍ରଶାସନ ଉପରେ ଦୋଷ ଲଦିଲା ଭାଜପା

ଅଳସୁଆ ହାଟରେ ଦୁର୍ଘଟଣା ପାଇଁ ଜିଲା ଭାଜପା ପକ୍ଷରୁ ପ୍ରଶାସନ ଉପରେ ଦୋଷ ଲଦାଯାଇଛି। ପ୍ରଶାସନର ଖାମଖିଆଲ ନୀତି ଓ ଦାୟିତ୍ୱହୀନତା ଯୋଗୁ ରାଇସମିଲ ପାଚେରି ଭୁଶୁଡି ୪ ଗରିବ ପରିବା ବେପାରୀଙ୍କ ମୃତ୍ୟୁ ଘଟିଛି ବୋଲି ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏହା ଅତ୍ୟନ୍ତ ଦୁଃଖଦ ଘଟଣା ଏବଂ ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ମୃତକଙ୍କ ପରିବାରବର୍ଗ ଓ ଗୁରୁତରମାନଙ୍କୁ ପର୍ଯ୍ୟାପ୍ତ ପରିମାଣର କ୍ଷତିପୂରଣ ଦେବା ପାଇଁ ଭାଜପାର ବରିଷ୍ଠ ନେତା ତଥା ରାଜ୍ୟ ସଭାର ପୂର୍ବତନ ସଦସ୍ୟ ରୁଦ୍ର ନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଓ ମିଡିଆସେଲ ପ୍ରଭାରୀ ନବକିଶୋର ଗୁରୁ ପ୍ରମୁଖ ଦାବି କରିଛନ୍ତି।


ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଆହତମାନଙ୍କୁ କଟକ ପଠାଇବା ପାଇଁ ବ୍ୟବସ୍ଥା କରୁଛନ୍ତି।

## ପ୍ରଶାସନ ପକ୍ଷରୁ ୨୫ ହଜାର ସହାୟତା

ଦୁର୍ଘଟଣା ପରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଓ ଏସ୍‌ପି ଅନୁପମା ଜେମ୍‌ସଙ୍କ ସହିତ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଘଟଣାସ୍ଥଳ ସହ ଚିକିତ୍ସାଳୟକୁ ଯାଇ ସ୍ଥିତି ପରଖି ଥିଲେ। ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ମୃତ ପରିବା ବ୍ୟବସାୟୀଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ରେଡକ୍ରସ ପକ୍ଷରୁ ପ୍ରଥମେ ମୃତକଙ୍କ ପରିବାରଙ୍କୁ ୨୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଅଧିକ ସହାୟତା ପାଇଁ ସରକାରଙ୍କୁ ପ୍ରଶାସନ ପକ୍ଷରୁ ଲିଖିତ ଭାବେ ଜଣାଯାଇଛି ବୋଲି ସୂଚନା ଦିଆଯାଇଥିଲା।

ରିପୋର୍ଟ-ରତନ ନାୟାର, ଫଟୋ- ମାନସ ତ୍ରିପାଠୀ

# ୫୦ ଦିନ ଗଲାନି ୫୦ ଲକ୍ଷର ଅମୃତ ପାର୍କ

- ପାର୍କ ଏବେ ଅଳିଆଗଦା
- ବୋଟ୍‌ରେ ଉଇ ଲାଗିଲାଣି
- ପଦାରେ ପଡ଼ିଲା ନିମ୍ନମାନର କାର୍ଯ୍ୟ
- ୫ ମାସ ଧରି ଝୁଲୁଛି ତାଲା

**ଭଦ୍ରକ ଅଫିସ, ୯।୬**

ଭଦ୍ରକ ପୌରପାଳିକାର ୨ ନମ୍ବର ୱାର୍ଡ ଅନ୍ତର୍ଗତ ରହଣିଆଠାରେ ପ୍ରତିଷ୍ଠା କରାଯାଇଥିବା ଅମୃତ ପାର୍କକୁ ବର୍ଷେ ନ ପୂରୁଣୁ ସୌନ୍ଦର୍ଯ୍ୟ ହରାଇ ବସିଛି। ପ୍ରାୟ ୫୦ ଲକ୍ଷ ଟଙ୍କାର ଏହି ପାର୍କ ୫୦ ଦିନ ବି ରହିଲାନି। ଦୁଇମାସ ମଧ୍ୟରେ ପାର୍କର ବିଭିନ୍ନ ଅଂଶ ଭାଙ୍ଗିରୁଜି ଯିବା ପୌରପାଳିକାର ନିମ୍ନମାନର କାର୍ଯ୍ୟ ଓ ଅଧିକାରୀଙ୍କ ତଦାରଖ ଅଭାବକୁ ପଦାରେ ପକାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ଯୋଜନା ମୂଳ ଉଦ୍ଦେଶ୍ୟଠାରୁ ଦୂରେଇ ଯାଉଥିବା କୁହାଯାଉଛି।

ଉଲ୍ଲେଖନୀୟ ଯେ, ଭଦ୍ରକ ପୌରାଞ୍ଚଳବାସୀଙ୍କ ଅବସର ବିନୋଦନ ପାଇଁ ଅମୃତ ଯୋଜନା ଅଧୀନରେ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ଚରମ୍ପା ରହଣିଆଠାରେ ଏକ ଏକର ୪୦ ଡେସିମିଲ ଜାଗାରେ ଅମୃତ ପାର୍କ ନିର୍ମିତ ହୋଇଛି। ୨୦୧୮ ଜୁଲାଇ ୧୯ରେ ତତ୍କାଳୀନ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାସହିତ ନିକଟରେ ଥିବା ୧୨ ଏକର ରହଣିଆ ପୋଖରୀରେ ବୋଟିଂ କ୍ଲବ ଏକାଦିନରେ ଉଦ୍‌ଘାଟିତ ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ, ତତ୍କାଳୀନ ପୌରପାଳ ମାନସ କୁମାର ମହାନ୍ତି, ଉପାଧ୍ୟକ୍ଷା କୌଶରା ବେଗମ୍, ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ହିତାଂଶୁ ଶେଖର ସାମଲ ଓ କାଉନସିଲର ବନ୍ଦନା ରାଉତ, ପ୍ରୀତିଭାରତୀ ନାୟକ ଉପସ୍ଥିତ ଥିଲେ। ପାର୍କ ଉଦ୍‌ଘାଟନ ସମୟରେ ସହରବାସୀ ବେଶ୍ ଖୁସିବ୍ୟକ୍ତ କରିଥିଲେ। କିନ୍ତୁ ଦୁଇମାସ ମଧ୍ୟରେ ପାର୍କର ବିଭିନ୍ନ ଅଂଶ ଭାଙ୍ଗିରୁଜି ଗଲା। ପାର୍କ ଏବେ ଅଳିଆଗଦା ପାଲଟିଛି। ବୋଟିଂ କ୍ଲବ ଅକାମୀ ହୋଇପଡ଼ିଛି। ବୋଟିଂ ପାଇଁ ଉଦ୍ଦିଷ୍ଟ ରହଣିଆ ପୋଖରୀ ଦଳରେ ଆଚ୍ଛାଦିତ ହୋଇ ଖେଳପଡ଼ିଆର ଭ୍ରମ ସୃଷ୍ଟି କରୁଛି। ୩ଟି ବୋଟ୍ ଏବେ ଉଇ ଲାଗି ନଷ୍ଟ ହେବାକୁ ବସିଛି। ମୁଖ୍ୟ ଆକର୍ଷଣ କୁହାଯାଉଥିବା ବୋଟିଂ କ୍ଲବ ଏତେ ଟଙ୍କା ଖର୍ଚ୍ଚ ପରେ ମଧ୍ୟ କାମରେ ଲାଗିପାରୁନି। ଟୁରିଷ୍ଟ ବୋଟ୍‌ଗୁଡ଼ିକ ଖତ ଖାଉଛି। ସେଠାରେ ନିୟୋଜିତ ଥିବା କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳା କାରଣରୁ ପାର୍କରେ ଲାଗିଥିବା ଲାଇଟ୍ ସବୁ ଭାଙ୍ଗିଯାଇଛି। ପାର୍କକୁ ବିଦ୍ୟୁତ୍ ସଂଯୋଗ କରୁଥିବା ଟ୍ରାନ୍ସଫର୍ମର ଦୀର୍ଘମାସ ଧରି ପୋଡ଼ିଯାଇଥିବା ଜଣାପଡ଼ିଛି। ପିଲାଙ୍କ ପାଇଁ ଥିବା ଖେଳ ସାମଗ୍ରୀ ଏତେ ନିମ୍ନମାନର ଥିଲା ଯେ ଦିନେ ଦୁଇଦିନ ମଧ୍ୟ ପିଲା ଖେଳିପାରିଲେ ନାହିଁ। ପାର୍କ ଭିତରେ ଥିବା ଫୁଲୱାରା(ଫାଉଣ୍ଟେନ) ଦିନଟିଏ ମଧ୍ୟ କାର୍ଯ୍ୟକ୍ଷମ ନ ହୋଇ ଅଚଳ ହୋଇଗଲା। ଚେୟାର୍ ଓ ଡଷ୍ଟବିନ ଭାଙ୍ଗିରୁଜି ଗଲାଣି। ପାର୍କ ସମ୍ମୁଖରେ କରାଯାଇଥିବା ଟିକେଟ କାଉଣ୍ଟର ଗୃହ କାର୍ଯ୍ୟ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିଲାନି। ଏପରିକି ୫ ମାସ ଧରି ପାର୍କରେ ତାଲା ଝୁଲୁଛି। ନବନିର୍ମିତ ପାର୍କର ଏଭଳି ଅବ୍ୟବସ୍ଥା ପାଇଁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ପୌରପାଳିକା କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବାସିନ୍ଦା ରଶ୍ମିରଞ୍ଜନ ସାହୁ, ରମେଶ ବେହେରା, ସୁଧାଂଶୁ ଶେଖର ମହାନ୍ତି, ପ୍ରତାପ ନାୟକ ପ୍ରମୁଖ ପାର୍କକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଭଦ୍ରକ ତହସିଲଦାର ପ୍ରଦୀପ ସାହୁଙ୍କୁ ପଚାରିବାରୁ ଆସନ୍ତା ୧୫ରୁ ୨୦ ଦିନ ମଧ୍ୟରେ ଉକ୍ତ ପାର୍କ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି।



ବୋଟିଂ ପାଇଁ ଉଦ୍ଦିଷ୍ଟ ପୋଖରୀ ଦଳରେ ପରିପୂର୍ଣ୍ଣ।



ପାର୍କ ଗେଟ୍‌ରେ ତାଲା ପଡ଼ିଛି।

## ଫ୍ଲାଏଓଭର ନିର୍ମାଣ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

**ଭଣ୍ଡାରିପୋଖରୀ ୯।୬ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପାଳଦାବାଙ୍କ ଦୁର୍ଘଟଣା ପ୍ରବଣ ଅଞ୍ଚଳ। ଏଠାରେ ଫ୍ଲାଏଓଭର ବ୍ରିଜ ନିର୍ମାଣ ପାଇଁ ବହୁଦିନରୁ ଦାବି ହୋଇଆସୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି। ବର୍ତ୍ତମାନ ଚଣ୍ଡିଖୋଲରୁ ଭଦ୍ରକ ୬ ଲେନ ବିଶିଷ୍ଟ ରାଜପଥ ନିର୍ମାଣ କାମ ଚାଲିଥିବା ବେଳେ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଫ୍ଲାଏଓଭର ନିର୍ମାଣ କଥା ଭୁଲି ଯାଇଥିବା ଅଭିଯୋଗ ହୋଇଛି। ପାଳଦାବାଙ୍କଠାରେ ଫ୍ଲାଏଓଭର ନିର୍ମାଣ ଦାବି କରି ଶନିବାର ଅଞ୍ଚଳବାସୀ ଠିକାସଂସ୍ଥାର କାମକୁ ବନ୍ଦ କରିବା ପାଇଁ ଅଡ଼ି ବସିଥିଲେ। ଠିକାସଂସ୍ଥା ଭଣ୍ଡାରିପୋଖରୀଠାରେ କାମ ବନ୍ଦ ରଖିଛନ୍ତି। ରବିବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ବାଲେଶ୍ୱର ଗସ୍ତ ସମୟରେ ପାଳଦାବାଙ୍କଠାରେ ଶତାଧିକ ଲୋକ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଏଠାରେ ଫ୍ଲାଏଓଭର ବ୍ରିଜ ନିର୍ମାଣ ସକାଶେ ଏକ ଦାବିପତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଜାତୀୟ ରାଜପଥ ୧୬ ନମ୍ବର ୧୦୮/୩୦୦ ପାଳଦା ଛକଠାରୁ ଭଣ୍ଡାରିପୋଖରୀ–ମଣିନାଥପୁର ଓଡିଆର୍ ରୋଡ୍ ଯାଜପୁର ସଦରମହକୁମାକୁ ସଂଯୋଗ କରୁଛି। ଏହାଛଡ଼ା ତହସିଲ, ବ୍ଲକ, ଥାନା, ଡାକ୍ତରଖାନା, ହାଇସ୍କୁଲ ଓ ବିଭିନ୍ନ ବ୍ୟାଙ୍କ ଆଦି ରହିଛି। ଜିଲା ସଦରମହକୁମା ଭଦ୍ରକକୁ ଏହା ଏକମାତ୍ର ରାସ୍ତା। ସୁବାସ ନନ୍ଦ, ରଣଜିତ ସ୍ୱାଇଁ, ଶ୍ରୀକାନ୍ତ ରାଉତ, ତାପସ ସ୍ୱାଇଁ, ସୁଜିତ ଜେନା, କୈଳାସ ଦାଶ, ଶରତ ସ୍ୱାଇଁ, ସଞ୍ଜୟ ସାହୁ ପ୍ରମୁଖ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ଓଲଟିଲା ଗୋରୁ ବୋଝେଇ ଗାଡ଼ି



**ବାସୁଦେବପୁର, ୯।୬ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର-ସୁଦର୍ଶନପୁର ରାସ୍ତାର ଉଚ୍ଚଡିହା ଛକଠାରେ ରବିବାର ସକାଳେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ମଝିରେ ଓଲଟି ପଡ଼ିଥିଲା। ପିକ୍‌ଅପ୍‌ରେ ଥିବା ୭ ଗୋରୁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ଉକ୍ତ ପିକ୍‌ଅପ୍(ନଂ ଓଡି୦ଏଏ ୪୧୪୮)ରେ ମାଟିପକା ଅଞ୍ଚଳରୁ ଗୋରୁଙ୍କୁ ଲୋଡ୍ କରି ସୋର ଅଭିମୁଖେ ନିଆଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଡ୍ରାଇଭର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ହେଲ୍‌ପରଙ୍କୁ ନେଇ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରୁଛି। ଉଦ୍ଧାର ଗୋରୁଙ୍କୁ ସ୍ଥାନୀୟ ଲୋକେ ନିଜ ଜିମାରେ ରଖିଥିବା ଜଣାପଡ଼ିଛି।

### ଯୁବକଙ୍କୁ ଆକ୍ରମଣ, ୨ ଗିରଫ

ଅନୁଗୋଳ ଅଫିସ, ୯।୬- ଅନୁଗୋଳ ଥାନା ହେମସୁରପଡ଼ା ଠାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହେମସୁରପଡ଼ାର ଚନ୍ଦ୍ରକାନ୍ତ ସେଠୀ ଓ ବୃନ୍ଦାବନ ସେଠୀ। ଅମଲାପଡ଼ା ତୃତୀୟ ଲେନ୍‌ର କୀର୍ତ୍ତି ରଞ୍ଜନ ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ୪୧୨/୧୯ରେ ଏକ ମାମଲା ରୁଜୁ କରିଛି। କୀର୍ତ୍ତି ଶନିବାର ରାତି ୮ଟାରେ ହେମସୁରପଡ଼ା ରାସ୍ତା ଦେଇ ଯାଉଥିବା ସମୟରେ ତାଙ୍କୁ ଚନ୍ଦ୍ରକାନ୍ତ ଓ ବୃନ୍ଦାବନ ଅଟକାଇବା ସହ ଭୁଜାଲିରେ ଆକ୍ରମଣ କରିଥିଲେ। ତାଙ୍କ ବାମ ହାତରେ ଶକ୍ତ ଆଘାତ ଲାଗିଥିବା ପୋଲିସ କହିଛି।

### ବସ୍‌ଷ୍ଟାଣ୍ଡରୁ ବାଇକ୍ ଚୋରି

ଅନୁଗୋଳ ଅଫିସ, ୯।୬- ଅନୁଗୋଳ ବସ୍‌ଷ୍ଟାଣ୍ଡ ଭିତରେ ଥିବା ଏକ ହୋଟେଲ ସମ୍ମୁଖରୁ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଡିହଡୋଳ ଗ୍ରାମର ନିରଞ୍ଜନ ସାହୁ ଉକ୍ତ ହୋଟେଲ ସମ୍ମୁଖରେ ଗାଡ଼ି (ଓଡ଼ି-୦୬-ଜି-୪୮୩୩) ରଖି ଭିତରକୁ ଯାଇଥିବାବେଳେ ଫେରିବା ବେଳକୁ ଏହା ନ ଥିଲା। ଅନୁଗୋଳ ଥାନା ପୋଲିସ ଅଭିଯୋଗ ପାଇ ତନାଘନା କରିଥିବା ଜଣାପଡ଼ିଛି।

### ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ, ଥାନାରେ ମାମଲା

କଣିହାଁ,୯।୬(ଡି.ଏନ.ଏ.)-କଣିହାଁ ଥାନା ପୋଲିସ ରବିବାର ପାରିବାରିକ ଗଣ୍ଡଗୋଳକୁ ନେଇ ୨ଟି ମାମଲା ରୁଜୁ କରିଛି।

ଥାନା ସୂତ୍ରରୁ ପ୍ରକାଶ, ଡେରାଙ୍ଗ ଗ୍ରାମର ୨ ଭାଇ ବିଭୂତି ଭୂଷଣ ସାହୁ ଓ ଗିରିଶ ଚନ୍ଦ୍ର ସାହୁଙ୍କ ମଧ୍ୟରେ ଶନିବାର ଜମିବାଡ଼ି ସମସ୍ୟାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଉଭୟଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ୨ଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା କଣିହାଁ ଥାନା ଆଇଆଇସି ପ୍ରଭାତ ତ୍ରିପାଠୀ କହିଛନ୍ତି।

### ଟ୍ରେନରେ କଟି ଯୁବକଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୯।୬ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ରେଳଷ୍ଟେଶନଠାରୁ ଅନତି ଦୂରରେ ରବିବାର ସକାଳେ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ସ୍ଥାନୀୟ ନାଆଁମୀ ଗ୍ରାମର ବାବାଜୀ ଜେନା(୩୮)। ଯାତ୍ରୀବାହୀ ଟ୍ରେନରେ ଯିବା ପାଇଁ ଆସୁଥିବା ଯାତ୍ରୀମାନେ ବାବାଜୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ରେଳଧାରଣାରେ ପଡ଼ିଥିବା ଦେଖିବାକୁ ପାଇଥିଲେ।

## ଘରେ ପଶି ଭୁଜାଲିରେ ହାଣିଲେ, ସୁନାଗହଣା ଲୁଟିନେଲେ

**ଆରଡ଼ି, ୯।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ଧୂଷୁରୀ ଥାନା ସୁନ୍ଦରପୁର ନିକଟସ୍ଥ ଆଖଣ୍ଡଳମଣି–ଭଦ୍ରକ ରାସ୍ତା ପାର୍ଶ୍ୱରେ ଥିବା ଚିତ୍ତରଞ୍ଜନ ଖଟୁଆଙ୍କ ଘରେ ଶନିବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ପଶି ଆକ୍ରମଣ କରିବା ସହ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଆକ୍ରମଣରେ ଗୁରୁତରଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୋଗ କ୍ରମେ ଧୂଷୁରୀ ଥାନାରେ ଏକ ମାମଲା(ନଂ.୧୦୩/୧୯) ରୁଜୁ କରାଯାଇଛି। ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ, ଏଏସ୍‌ଆଇ ପ୍ରଦୀପ ନାୟକ ଓ ପ୍ରଦୀପ ରାଉତ ଘଟଣାର ତଦନ୍ତ ଜାରି ରଖିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଖଟୁଆପାଟଣା ଗ୍ରାମର ଚିତ୍ତରଞ୍ଜନ ଖଟୁଆଙ୍କ ପରିବାର ଲୋକେ ଏଠାରେ ୨୦ ବର୍ଷ ଧରି ରହିଆସୁଛନ୍ତି। ଶନିବାର ରାତିରେ ଚିତ୍ତରଞ୍ଜନ ଓ ତାଙ୍କ ସ୍ତ୍ରୀ ବାହାରକୁ ଉଠିଥିବା ସମୟରେ ୪ ଜଣ ଯୁବକ ତାଙ୍କ ଘର ଭିତରକୁ ଧସେଇ ପଶିଥିଲେ। ପ୍ରତିବାଦ କରିବାରୁ ସେମାନେ ଏକ ଭୁଜାଲିରେ ଚିତ୍ତରଞ୍ଜନଙ୍କ ଗୋଡ଼କୁ ଆକ୍ରମଣ କରିଥିଲେ। ଚିତ୍ତରଞ୍ଜନଙ୍କ ଚିତ୍କାର ଶୁଣି ପୁଅ ଚିନ୍ମୟ କବାଟ ଖୋଲିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହାପରେ ସେମାନେ ପରିବାରର ସମସ୍ତଙ୍କୁ କାବୁକରି ଲକ୍ଷାଧିକ ଟଙ୍କାର ସୁନାଗହଣା ନେଇ ଚାଲିଯାଇଥିବା ଅଭିଯୋଗକାରୀ ଚିନ୍ମୟ ଦର୍ଶାଇଛନ୍ତି। ରବିବାର ଭୋର ସମୟରେ ଗ୍ରାମବାସୀ ସେଠାରେ ପହଞ୍ଚି ଗୁରୁତର ଚିତ୍ତରଞ୍ଜନଙ୍କୁ ଡାକ୍ତରଖାନାକୁ ପଠାଇଥିଲେ।

## ଜମିଜମା ଗଣ୍ଡଗୋଳ ୫ ଗିରଫ

**ଧାମନଗର, ୯।୬ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଖପରପଦା ଗ୍ରାମରେ ଜମିଜମାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟଣାରେ ପୋଲିସ ଉଭୟ ପକ୍ଷରୁ ୫ ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଡମ୍ବରୁଧର ସେଠୀ, ସାବିତ୍ରୀ ସେଠୀ, ବିମଳା ସେଠୀ, ଦଶରଥ ସେଠୀ ଏବଂ ଗୌରୀ ସେଠୀ। ଗତ ୬ ତାରିଖରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ମାରପିଟ ହୋଇଥିଲା। ଗୋଟିଏ ପକ୍ଷରୁ ଗୌରୀ ସେଠୀଙ୍କ ଅଭିଯୋଗ କ୍ରମେ ଧୂଷୁରୀ ଥାନା ପୋଲିସ ଏକ ମାମଲା(ନଂ.୧୦୦/୧୯) ଓ ଅନ୍ୟପକ୍ଷର ଡମ୍ବରୁଧର ସେଠୀଙ୍କ ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା(ନଂ. ୧୦୧/୧୯) ରୁଜୁ କରିଥିଲା। ଥାନା ଏସ୍‌ଆଇ ବିଭୂତି ଭୂଷଣ ସ୍ୱାଇଁ ଘଟଣାର ତଦନ୍ତ କରି ଉଭୟ ପକ୍ଷଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ରବିବାର ପୋଲିସ ଗୋଟିଏ ପକ୍ଷର ୩ ଓ ଅପରପକ୍ଷର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

**ବାସୁଦେବପୁର, ୯।୬ (ଡି.ଏନ୍.ଏ.)**
ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ନବକିଶୋର ମଲିକଙ୍କ ସ୍ତ୍ରୀ ରୁକ୍ମିଣୀ ମଲିକ(୫୮)ଙ୍କର ରବିବାର ପୂର୍ବାହ୍ନରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ପୂର୍ବାହ୍ନରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବ୍ରାହ୍ମଣୀଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ


ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିବା ଗ୍ରାମବାସୀ।

**ସାତମାଇଲ,୯।୬ (ଡି.ଏନ୍.ଏ)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଚିତ୍ତଳପୁର ପଞ୍ଚାୟତ ପଞ୍ଚପଡା ଗ୍ରାମରେ ଚାଲିଥିବା ମା' ବ୍ରାହ୍ମଣୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଶନିବାର ଗ୍ରାମବାସୀ ଏକ କଳସ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା ପରେ ମନ୍ଦିରରେ ଘଟ ସ୍ଥାପନ କରିଥିଲେ। ରବିବାର ସକାଳୁ ନୂତନ ମନ୍ଦିରରେ ଷୋଡଶ ଉପଚାର ପୂଜାର୍ଚ୍ଚନା କରାଯାଇ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଏହାପରେ ମା'ଙ୍କ ପ୍ରତିମାକୁ ପୂଜାର୍ଚ୍ଚନା କରାଯାଇ ନୂତନ ମନ୍ଦିର ଗର୍ଭଗୃହରେ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ବିଦ୍ୟାଧର ପାଳ ଓ ତାଙ୍କ ପତ୍ନୀ ପଭାତି ପାଳ ଦାୟିତ୍ୱ ତୁଲାଇ ଥିଲେ। ଆଚାର୍ଯ୍ୟ ଭାବେ ପଣ୍ଡିତ ଲକ୍ଷ୍ମୀକାନ୍ତ ଦାଶ ଶର୍ମା ଯୋଗ ଦେଇଥିଲେ। ପଞ୍ଚପଡା ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ମନ୍ଦିର ପରିଚାଳନା ସମିତି ପକ୍ଷରୁ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ବିଜେଡିର ସମୀକ୍ଷା ବୈଠକ



ବିଜେଡିର ନିର୍ବାଚନୀ ସମୀକ୍ଷା ବୈଠକରେ ଉପସ୍ଥିତ ବିଧାୟକ ଓ ଏମ୍‌ପି।

**ବାହାନଗା, ୯।୬(ଡି.ଏନ.ଏ.)**

ବାହାନଗା ବ୍ଲକ ଗୋପାଳପୁରଠାରେ ବିଜେଡିର ନିର୍ବାଚନୀ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ସହ ନବାଗତ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ସଭାପତି ଅଜୟ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ବ୍ଲକ ମହିଳା ସଭାପତି ସଂଯୁକ୍ତା ମିଶ୍ର, ଜିଲା ବିଜୁ ମହିଳା ନେତ୍ରୀ ସବିତା ଅଗସ୍ତି, ଜିଲା ଉପସଭାପତି ପ୍ରଦୀପ ଜେନା, ଶିଶିର ଅଗସ୍ତି, ନୀଳାମ୍ବର ମହାଲିକ, ଗିରିଶ ଚନ୍ଦ୍ର ଦାଶ, ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଯୁବ ବିଜେଡି ସଭାପତି ଲକ୍ଷ୍ମୀଧର ଶିଅଳ, ରେମୁଣା ବ୍ଲକ ତାଳପଦା ପଞ୍ଚାୟତର ବିଜେଡି ନେତା ଅନିରୁଦ୍ଧ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସୋରରେ ପୁନର୍ବାର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ପର୍ଶୁରାମ ଧଡା ଓ ଭଦ୍ରକ ସଂସଦୀୟ କ୍ଷେତ୍ରରେ ନବ ନିର୍ବାଚିତ ମହିଳା ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ୧୯ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟା /ସଭ୍ୟ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ନେତା ଯୋଗଦେଇ ନବନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ନିର୍ବାଚନରେ କମ୍ ଭୋଟ ମିଳିବାର କାରଣ ବାବଦରେ ସମୀକ୍ଷା କରାଯାଇଥିଲା। ତେବେ ଆଗାମୀ ଦିନରେ ଦଳକୁ ବାହାନଗା ବ୍ଲକ ରେ ସୁସଙ୍ଗଠିତ କରିବା ସହିତ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ କରିବା ପାଇଁ ଆଲୋଚନା କରାଯାଇଥିଲା।

## ରାଜପଥ ପାର୍ଶ୍ୱରେ ନାହିଁ ଜଳ ନିଷ୍କାସନ ବ୍ୟବସ୍ଥା

**ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ**
- କ୍ଷତିଗ୍ରସ୍ତ ହେଉଛି ଶତାଧିକ ଏକର ଚାଷଜମି
- ପ୍ରତିକାର ନ ନେଲେ ଚାଷୀଙ୍କ ଆନ୍ଦୋଳନ ଚେତାବନୀ

**ବନ୍ତ, ୯।୬ (ଡି.ଏନ.ଏ.)**

ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜ୍ୟପଥର ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇ ଫସଲ ହାନି ହେଉଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ପ୍ରତିକାର କରା ନ ଗଲେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଉଲ୍ଲେଖନୀୟ ଯେ, ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ବନ୍ତ, ଦୁର୍ଗାପୁର, ପୁରୁଷୋତ୍ତମପୁର ଆଦି ଗ୍ରାମର ଶତାଧିକ ଏକର ଚାଷଜମି ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥ ପାର୍ଶ୍ୱରେ ରହିଛି। ଏହି ଚାଷଜମି ଉପରେ ଚାଷୀମାନେ ନିର୍ଭର କରି ଚଳିଥାନ୍ତି। ଉକ୍ତ ରାଜପଥ ନିର୍ମାଣ ବେଳେ ଜଳ ନିଷ୍କାସନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏଥିସହ କେତେକ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ରାଜପଥ ପାର୍ଶ୍ୱରେ ଥିବା ନାଳକୁ ବନ୍ଦ କରିଦେଇଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ତେବେ ଶ୍ରୀବନ୍ତପୁରଠାରୁ ବନ୍ତ ବଜାର ପର୍ଯ୍ୟନ୍ତ ମୁଖ୍ୟ ସଡ଼କର ଉଭୟ ପାର୍ଶ୍ୱ ଏବଂ ବନ୍ତ ବଜାରଠାରୁ ଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ରହିଥିବା ନାଳକୁ ଖୋଳି ଜଳ ନିଷ୍କାସନ ଯୋଗ୍ୟ କରିବା ସହିତ କୁମ୍ଭକରାଳ ମାଇନର କେନାଲ ଓ ମୁଖ୍ୟ ସଡ଼କର ଉଭୟପାର୍ଶ୍ୱରେ ଦୁଇଟି ପକ୍କା ପୋଲ ନିର୍ମାଣ କରାଗଲେ ଜଳ ନିଷ୍କାସନ ହୋଇପାରିବ ବୋଲି ଚାଷୀମାନେ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ କୃପାସିନ୍ଧୁ ସେଠୀ, ଗଙ୍ଗାଧର ନାୟକ, ସୁରେନ୍ଦ୍ର ନାୟକ, ବିଦ୍ୟାଧର ନାୟକ, ମାଳତୀଲତା ବାରିକ, ଆନନ୍ଦ ସାହୁ, ପୁରୁଷୋତ୍ତମ ପାଢ଼ୀ, ଅନାଦି ଯେନା, ଜଗବନ୍ଧୁ ଶତପଥୀ, ଗୌରାଙ୍ଗ ମିଶ୍ରଙ୍କ ସମେତ ବହୁ ଚାଷୀ ତହସିଲଦାର, ଜିଲାପାଳ, ଭଦ୍ରକ ଡ୍ରେନେଜ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ନେଇ ତହସିଲଦାର ମନୋରମା ଜାଲିଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବ ହୋଇପାରି ନାହିଁ।



# ସ୍ୱାସ୍ଥ୍ୟୋପକାରୀ ଗାଜର ପତ୍ର



ପୀତାମ୍ବର କର

ଗାଜରକୁ ସମସ୍ତେ ଅଳ୍ପ ବହୁତେ ଜାଣନ୍ତି। ଭୋଜିଭାତରେ ଏହାର ବହୁଳ ବ୍ୟବହାର ହୋଇଥାଏ। କିନ୍ତୁ ଏହାର ପତ୍ରର ବ୍ୟବହାର ବିଷୟରେ ଆମର ଧାରଣା କମ୍, ସାଧାରଣତଃ ଏହାର ପତ୍ରକୁ ବ୍ୟବହାର ନ କରି ନଷ୍ଟ କରିଥାଉ। କିନ୍ତୁ ପତ୍ରରେ ବହୁ ଔଷଧୀୟ ଗୁଣ ଅଛି। ଆସନ୍ତୁ, ଜାଣିବା ଏହାର ଔଷଧୀୟ ଗୁଣ ବିଷୟରେ।

❖ଏହି ପତ୍ରରେ କ୍ୟାଲୋରି, ଡାଇଟୋରି ତନ୍ତୁ, ପ୍ରୋଟିନ, ଜୀବସାର-ଏ, ସି, କ୍ୟାଲସିୟମ, ଲୌହ ପ୍ରଚୁର ପରିମାଣରେ ଥାଏ।

-ଗାଜରପତ୍ରକୁ ଖାଦ୍ୟରେ ନିୟମିତ ବ୍ୟବହାର କଲେ ଏହା ଶରୀରରେ ଟ୍ୟୁମରର କୋଷକୁ ବୃଦ୍ଧି କରିବାକୁ ଦେଇ ନ ଥାଏ।


❖ଖାଦ୍ୟରେ ନିୟମିତ ଗାଜରପତ୍ର ସାମିଲକଲେ ଶରୀରରେ ଅଧିକ ପାଣି ଜମାଟ ହେବାକୁ ଦେଇ ନ ଥାଏ। ଏହା ଶରୀରର ବର୍ଜ୍ୟବସ୍ତୁକୁ ପରିସ୍ରା ମାଧ୍ୟମରେ ବାହାରକୁ ବାହାର ଦୂରକରିଥାଏ, ଉଚ୍ଚ ରକ୍ତଚାପ ରୋଗୀ ନିୟମିତ ଖାଦ୍ୟରେ ଏହାକୁ ବ୍ୟବହାର କରିବା ଦରକାର।

❖ଗାଜର ପତ୍ରରେ ମ୍ୟାଗ୍ନେସିୟମ, ପୋଟାସିୟମ ଥିବାରୁ ଏହା ଶରୀରର ମାଂସପେଶୀକୁ ମଜଭୁତ କରିବା ସହ ରକ୍ତ ସଞ୍ଚାଳନକୁ ତ୍ୱରାନ୍ୱିତକରି ଶରୀରକୁ ଦିନତମାମ ଶକ୍ତି ପ୍ରଦାନ କରିଥାଏ। ଅଧିକ ପରିଶ୍ରମ କରୁଥିବା ବ୍ୟକ୍ତି ଗାଜରପତ୍ର ଖାଦ୍ୟରେ ବ୍ୟବହାର କରିବା ଦରକାର।

❖ଏହି ପତ୍ରରେ ଅଧିକ ପରିମାଣରେ କ୍ୟାଲସିୟମ, ମ୍ୟାଗ୍ନେସିୟମ ଓ ଜୀବସାର'କେ' ଥିବାରୁ ଏହା ହାଡ଼ର ଡେନ୍‌ସିଟି ବଢ଼ାଇବାରେ ସାହାଯ୍ୟ କରିଥାଏ। ଆଣ୍ଠୁଗଣ୍ଠି ରୋଗୀ ଏହାକୁ ଖାଦ୍ୟରେ ବ୍ୟବହାର କଲେ ସେମାନଙ୍କର ହାଡ଼ ସୁସ୍ଥ ରହିବା ସହ ଆଣ୍ଠୁଗଣ୍ଠି ସମସ୍ୟା ଦୂର ହୋଇଥାଏ।

❖ପତ୍ରରେ ଜୀବସାର'ଏ' ପ୍ରଚୁର ପରିମାଣରେ ଥିବାରୁ ଏହା ଆଖି ପାଇଁ ଅତି ଦରକାରୀ। ଆଖିରେ ସମସ୍ୟା ଥିଲେ ନିୟମିତ ଗାଜର ଓ ଗାଜରପତ୍ର ଖାଦ୍ୟରେ ବ୍ୟବହାର କରିବା ଦରକାର।

❖ରକ୍ତହୀନତା ରୋଗୀଙ୍କ ପାଇଁ ଏହା ମହୌଷଧି ପରି କାମ କରିଥାଏ। ଯଦି ପ୍ରତିଦିନ ଖାଦ୍ୟ ପ୍ରସ୍ତୁତିରେ ଏହାକୁ ବ୍ୟବହାର କରାଯାଏ ଏହା ଲାଲ ରକ୍ତକଣିକାରେ ହିମୋଗ୍ଲୋବିନ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ। ଫଳରେ ରକ୍ତହୀନତା ସମସ୍ୟାରୁ ମୁକ୍ତି ମିଳିଥାଏ।



କରିବାରେ ସାହାଯ୍ୟ କରିଥାଏ।

❖କିଡ୍‌ନୀରେ ପଥୁରୀ ବା ଷ୍ଟୋନ ସମସ୍ୟା ଥିଲେ ପେଟରେ ଯନ୍ତ୍ରଣା ହୋଇଥାଏ, ଗାଜର ପତ୍ର ନିୟମିତ ସେବନ କଲେ ଏହା ଶରୀରକୁ ଡି-ଟୋକ୍‌ସିଫାୟ କରିବା ସହିତ କିଡ୍‌ନୀ ରକ୍ତରୁ କ୍ଷତିକାରକ ବର୍ଜ୍ୟବସ୍ତୁକୁ ଛାଣି ବାହାରକୁ କାଢ଼ିବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିଥାଏ।

❖ଏହା ଖାଦ୍ୟ ହଜମରେ ସାହାଯ୍ୟ କରିବା ସହିତ ଶରୀରରେ ନ୍ୟୁଟ୍ରିଏଣ୍ଟସକୁ ଆବ୍‌ଜରଭ କରିଥାଏ।

❖ଏଥିରେ ପୋଟାସିୟମ ପ୍ରଚୁର ପରିମାଣରେ ଥିବାରୁ ଏହା ରକ୍ତଚାପକୁ କମ୍ କରିବା ସହ ହୃଦ୍‌ଘାତ ଆଶଙ୍କା

❖ଏହା ପିଟ୍ୟୁଟାରି ଗ୍ଲାଣ୍ଡକୁ ଷ୍ଟିମୁଲେଟ କରି ସେକ୍ସ ହର୍‌ମୋନ ସ୍ଖଳନ କରିବାରେ ତ୍ୱରାନ୍ୱିତ କରିଥାଏ ଏବଂ ମହିଳାମାନଙ୍କର ମାସିକ ଋତୁସ୍ରାବକୁ କଣ୍ଟ୍ରୋଲ କରିଥାଏ। ଏହାର ପତ୍ରକୁ ଗର୍ଭବତୀ ସେବନ କରିବା ମନା।

❖ଗାଜରପତ୍ରକୁ ସାଲଟ କରି ବା ଜୁସ୍ କରି ସେବନକଲେ ଏହା ମାଇଗ୍ରେନ୍ ପରି ଯନ୍ତ୍ରଣାଦାୟକ ଅଧକପାଳି ବିନ୍ଧାରୁ ରକ୍ଷା କରିଥାଏ। କିଛିଦିନ ସେବନ କଲେ ଏହା ପୁନର୍ବାର ହୋଇ ନ ଥାଏ।

*-ମୁକୁନ୍ଦ ମିଶ୍ର ନଗର, ଗୋପୀନାଥପୁର, ପୁରୀ-୨*

# ଉପକାରୀ ଅଦା ରସ



ଅଦା ରସରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ୧୦-୨୦ ମିଲିଲିଟର ଅଦା ରସରେ ଅଳ୍ପ ଗୁଡ଼ ମିଶାଇ ପିଅନ୍ତି ତେବେ ତାହା ଆଣ୍ଠୁଗଣ୍ଠି ଦରଦରୁ ଅନେକାଂଶରେ ଉପଶମ ଦେଇଥାଏ। ଅଦାରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଜିଙ୍କ୍ ଏବଂ ମିନେରାଲ ଭରି ରହିଛି। ଆପଣ ଥଣ୍ଡାଜନିତ ସମସ୍ୟାରେ ପୀଡ଼ିତ କି ? ଯଦି ହଁ, ତେବେ ଅଦା ରସ, ମହୁ, ତୁଳସୀ ପତ୍ର ମିଶ୍ରିତ ଚା' ପିଇଲେ ତାହା କେବଳ ଥଣ୍ଡା, ନାକରୁ ପାଣି ଗଡ଼ିବା, ମୁଣ୍ଡ ବିନ୍ଧିବା କମାଇବାରେ ସାହାଯ୍ୟ କରିଥାଏ। ନିୟମିତ ଅଦା ରସ ସେବନ କଲେ ତାହା ପାଚନକ୍ରିୟାକୁ ଆହୁରି ଦୃଢ଼ କରିଥାଏ। ତା' ସହ ବଦହଜମି ସମସ୍ୟା ମଧ୍ୟ ଅନେକାଂଶରେ ଦୂର କରିଥାଏ।

# ସମସ୍ତଙ୍କ ପାଇଁ ସୁରକ୍ଷିତ ରକ୍ତ

ରକ୍ତ ହେଉଛି ଈଶ୍ୱରଙ୍କର ଏକ ଅମୂଲ୍ୟ ଦାନ। କାରଣ ଏହାର କୌଣସି ବିକଳ୍ପ ନ ଥିବାରୁ ରକ୍ତ ବିନା ମଣିଷ ବଞ୍ଚିବା ସମ୍ଭବ ନୁହେଁ। ଦୁର୍ଘଟଣାଗ୍ରସ୍ତ ହୋଇ ବ୍ୟକ୍ତିର ଶରୀରରୁ ପ୍ରଚୁର ରକ୍ତକ୍ଷୟ ହୋଇଥିଲେ ରକ୍ତର ପରିମାଣ ଯଥେଷ୍ଟ କମିଯିବାରୁ ତା'ର ମୃତ୍ୟୁ ହୋଇଯାଇପାରେ। କିନ୍ତୁ ଯଥା ସମୟରେ ତାଙ୍କୁ ରକ୍ତ ଦିଆଯାଇପାରିଲେ ସେ ମୃତ୍ୟୁମୁଖରୁ ରକ୍ଷା ପାଇଯିବା ସମ୍ଭାବନା ଅଧିକ। ସେହିପରି ଥାଲାସିମିଆ, ହେମୋଫିଲିଆ, ସିକଲସେଲ ରୋଗ ଭୋଗୁଥିବା ରୋଗୀଙ୍କୁ ନିୟମିତ ରକ୍ତ ଦେବାକୁ ପଡ଼େ। ରକ୍ତହୀନତା, କ୍ୟାନ୍‌ସର ଓ ଅନ୍ୟାନ୍ୟ କେତେକ ରୋଗୀ ମଧ୍ୟ ଚିକିତ୍ସା ପାଇଁ ବହୁ ସମୟରେ ରକ୍ତ ଦରକାର କରିଥାନ୍ତି।





**ଚଳିତ ମାସ ୧୪ ତାରିଖ ହେଉଛି 'ବିଶ୍ୱ ରକ୍ତଦାତା ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା..**



ଡା. ନିତ୍ୟାନନ୍ଦ ସ୍ୱାଇଁ

> "ରକ୍ତରେ ରହିଛି ଅଲଗା ଅଲଗା ଗ୍ରୁପ୍। ସାଧାରଣ ଭାବେ ଦେଖିଲେ ମୁଖ୍ୟ ରକ୍ତ ପ୍ରଣାଳୀକୁ କୁହାଯାଏ ଏବିଓ। ଏହି ପ୍ରଣାଳୀ ଅନୁସାରେ ରକ୍ତ ଗ୍ରୁପ୍ ୪ ପ୍ରକାର, ଯଥାଃ ଏ, ବି, ଏବି ଏବଂ ଓ। ଆମ ଭିତରୁ କାହାର ରକ୍ତ ଗ୍ରୁପ୍ 'ଏ' ତ କାହାର 'ବି', କାହାର 'ଏବି' ଏବଂ ଅନ୍ୟ କାହାର 'ଓ'। ଯାହାର ରକ୍ତ ଗ୍ରୁପ୍ ଯାହା, ସେ ସେହି ରକ୍ତଗ୍ରୁପ ଥିବା ବ୍ୟକ୍ତିଙ୍କଠାରୁ ସଂଗୃହୀତ ରକ୍ତ ନିରାପଦରେ ନେଇପାରେ। ତା' ଛଡ଼ା ଏବି ଗ୍ରୁପ୍‌ର ବ୍ୟକ୍ତି ଏ, ବି,ଏବି ଏବଂ ଓ - ଏହି ପ୍ରତ୍ୟେକ ଗ୍ରୁପ୍‌ର ବ୍ୟକ୍ତିଙ୍କଠାରୁ ରକ୍ତ ନେଲେ ସେଥିରେ କୌଣସି ସମସ୍ୟା ନାହିଁ। ପୁଣି 'ଓ' ରକ୍ତ ଗ୍ରୁପ୍ ଥିବା ବ୍ୟକ୍ତି ସମସ୍ତଙ୍କୁ ନିରାପଦରେ ରକ୍ତ ଦେଇପାରିବେ।"

ଅସ୍ତ୍ରୋପଚାର ସମୟରେ ରକ୍ତସ୍ରାବ ହେଉଥିବାରୁ ବହୁ କ୍ଷେତ୍ରରେ ରକ୍ତ ଦେଇ ରୋଗୀଙ୍କ ଅପରେଶନ କରାଯାଏ ଏବଂ ଅପରେଶନ ପରେ ମଧ୍ୟ ଆବଶ୍ୟକ ପଡ଼ିପାରେ ରକ୍ତ ସଂଚାରଣ।

ତେବେ ସମସ୍ୟାଟି ହେଉଛି, ଯେକୌଣସି ବ୍ୟକ୍ତିଠାରୁ ସଂଗୃହୀତ ରକ୍ତ ଯେକୌଣସି ବ୍ୟକ୍ତି ପାଇଁ ଉପଯୋଗୀ ହୋଇ ନ ପାରିବା ସମ୍ଭାବନା ଅଛି। କାରଣ ରକ୍ତରେ ରହିଛି ଅଲଗା ଅଲଗା ଗ୍ରୁପ। ସାଧାରଣ ଭାବେ ଦେଖିଲେ ମୁଖ୍ୟ ରକ୍ତ ପ୍ରଣାଳୀକୁ କୁହାଯାଏ ଏବିଓ। ଏହି ପ୍ରଣାଳୀ ଅନୁସାରେ ରକ୍ତ ଗ୍ରୁପ୍ ୪ ପ୍ରକାର, ଯଥା : ଏ, ବି, ଏବି ଏବଂ ଓ। ଆମ ଭିତରୁ କାହାର ରକ୍ତଗ୍ରୁପ୍ 'ଏ' ତ କାହାର 'ବି', କାହାର 'ଏବି' ଏବଂ ଅନ୍ୟ କାହାର 'ଓ'। ଯାହାର ରକ୍ତଗ୍ରୁପ୍ ଯାହା ସେ ସେହି ରକ୍ତଗ୍ରୁପ୍ ଥିବା ବ୍ୟକ୍ତିଙ୍କଠାରୁ ସଂଗୃହୀତ ରକ୍ତ ନିରାପଦରେ ନେଇପାରେ। ତା' ଛଡ଼ା ଏବି ଗ୍ରୁପ୍‌ର ବ୍ୟକ୍ତି ଏ, ବି, ଏବି ଏବଂ ଓ - ଏହି ପ୍ରତ୍ୟେକ ଗ୍ରୁପ୍‌ର ବ୍ୟକ୍ତିଙ୍କଠାରୁ ରକ୍ତ ନେଲେ ସେଥିରେ କୌଣସି ସମସ୍ୟା ନାହିଁ। ପୁଣି ଓ ରକ୍ତ ଗ୍ରୁପ୍ ଥିବା ବ୍ୟକ୍ତି ସମସ୍ତଙ୍କୁ ନିରାପଦରେ ରକ୍ତ ଦେଇପାରିବେ।

ରକ୍ତଦାନ ମହତ ଦାନ। ରୋଗୀ ପାଇଁ ରକ୍ତ ଦାନକଲେ ରକ୍ତଦାତାଙ୍କର କୌଣସି କ୍ଷତି ହୋଇ ନ ଥାଏ। କିନ୍ତୁ ସେ ଦାନ କରିଥିବା ରକ୍ତ ନେଇ ରୋଗୀର ଜୀବନ ରକ୍ଷା ହୋଇଥାଏ। ହେଲେ ରକ୍ତ ଦେବା ପାଇଁ ଅନେକେ ଖୁବ୍ ଭୟ କରିଥାନ୍ତି। ମାତ୍ର ରକ୍ତ ଦେବା ପାଇଁ ଭୟ କରିବା ଅଜ୍ଞତା ଭିନ୍ନ ଆଉ କିଛି ନୁହେଁ। ପୁଣି କେହି ସ୍ୱେଚ୍ଛାରେ ରକ୍ତ ଦେବା ନିମନ୍ତେ ଚାହିଁଲେ ବହୁ କ୍ଷେତ୍ରରେ ତାଙ୍କ ପରିବାର ଲୋକେ ଏହାର ବିରୋଧ କରିଥାନ୍ତି। ଫଳରେ ରକ୍ତ ଦେବା ନିମିତ୍ତ ଇଚ୍ଛୁକ ଥିବା ବ୍ୟକ୍ତି ନିରୁତ୍ସାହିତ ହୋଇପଡ଼େ ଓ ନିଜର ନିରାପତ୍ତା ସମ୍ପର୍କରେ ତା'ଠାରେ ସଂଶୟର ସୂତ୍ରପାତ ହୁଏ। ହେଲେ ଏଭଳି ଭୟ କି ସଂଶୟର ପଶ୍ଚାତରେ କୌଣସି ବିଜ୍ଞାନ ସମ୍ମତ କାରଣ ନାହିଁ। ବରଂ ରକ୍ତ ଦେବାକୁ ଚାହୁଁଥିବା ବ୍ୟକ୍ତି ରକ୍ତ ଦେବା ପାଇଁ ଅନୁପଯୁକ୍ତ ହୋଇଥିଲେ ରକ୍ତଭଣ୍ଡାରର ଡାକ୍ତରମାନେ ତାଙ୍କଠାରୁ ରକ୍ତ ସଂଗ୍ରହ କରି ନ ଥାନ୍ତି।

ସମସ୍ତେ ମନେରଖିବା ଉଚିତ, ଯେକୌଣସି ସୁସ୍ଥ ପୁରୁଷ ଓ ସୁସ୍ଥ ମହିଳା ରକ୍ତଦାନ କରିପାରିବେ। ରକ୍ତ ଦେବାରେ ଦାତାଙ୍କ ଶରୀରର ରଙ୍ଗ, ତାଙ୍କର ଜାତି, ସମ୍ପ୍ରଦାୟ ଓ ଜାତୀୟତା ଆଦୌ ବାଧକ ହୋଇ ନ ଥାଏ। ଯେକୌଣସି ସମ୍ପ୍ରଦାୟର ବ୍ୟକ୍ତି ଯେ କୌଣସି ସମ୍ପ୍ରଦାୟଭୁକ୍ତ ବ୍ୟକ୍ତିଙ୍କଠାରୁ ସଂଗୃହୀତ ରକ୍ତକୁ ନିରାପଦରେ ନେଇପାରିବେ। ପୁରୁଷ ରକ୍ତଦାତା ପ୍ରତି ତିନିମାସରେ ଓ ମହିଳା ରକ୍ତଦାତ୍ରୀ ପ୍ରତି ଚାରିମାସରେ ଥରେ ଲେଖାଏଁ ରକ୍ତ ଦାନକଲେ ସେମାନଙ୍କର କୌଣସି କ୍ଷତି ହୋଇ ନ ଥାଏ। କାରଣ ରକ୍ତ ଦେବାର ପରବର୍ତ୍ତୀ ଅଳ୍ପ କିଛିଦିନ ଭିତରେ ଦାତାଙ୍କର ଶରୀରରେ ତା'ର ଭରଣା ହୋଇଯାଏ। ପୁନଶ୍ଚ ରକ୍ତ ଦେଲେ ରକ୍ତଦାତାଙ୍କଠାରେ ଶରୀରର ରକ୍ତ ତିଆରି ଅଙ୍ଗମାନ ଅଧିକ ସକ୍ରିୟ ହୋଇଉଠନ୍ତି। ତା'ଛଡ଼ା ରକ୍ତ ନ ଦେଲେ ବି ରକ୍ତରେ ଥିବା କୋଷିକାଗୁଡ଼ିକର ଆୟୁକାଳ ସୀମିତ ହୋଇଥିବାରୁ ସେହି ଆୟୁକାଳ ପୂରିଗଲେ ସେଗୁଡିକ ନଷ୍ଟ ହୋଇଯାଏ ଏବଂ ତା'ର ଭରଣା କରିବା ନିମନ୍ତେ ଶରୀରରେ ତିଆରି ହୋଇପଡ଼େ ନୂତନ କୋଷିକାମାନ।

ରକ୍ତ ଦେଇସାରିବା ପରେ ରକ୍ତ ଦେଇଥିବା ଯୋଗୁ ଅଧିକ ଖାଦ୍ୟ ଖାଇବା ଦରକାର ପଡ଼େନି କି ଦାତାଙ୍କର ବିଶ୍ରାମ ନେବା ଦରକାର ପଡ଼େନି। ରକ୍ତଭଣ୍ଡାରରେ ରକ୍ତ ଦେବା ପାଇଁ ଯେତିକି ସମୟ ଲାଗେ, ସେହି ଅଳ୍ପ କିଛି ସମୟର ବ୍ୟୟକୁ ଛାଡ଼ିଦେଲେ ରକ୍ତ ଦାତାଙ୍କୁ ଆଉ କିଛି ବ୍ୟୟ କରିବା ପାଇଁ ପଡ଼ି ନ ଥାଏ। ରକ୍ତଦାନ ସହଜ, ନିରାପଦ ଏବଂ ସ୍ୱାସ୍ଥ୍ୟପ୍ରଦ ମଧ୍ୟ। ରକ୍ତ ଦେଲେ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ଉପରେ ଆଦୌ କୌଣସି ପ୍ରତିକୂଳ ପ୍ରଭାବ ପଡ଼େନି। ତେବେ ରକ୍ତଦାନ କରିବା ପାଇଁ ଚାହୁଁଥିବା ବ୍ୟକ୍ତିଙ୍କ ବୟସ ୧୮ରୁ ୬୫ ବର୍ଷ ଭିତରେ ହୋଇଥିବା ଆବଶ୍ୟକ ଏବଂ ତାଙ୍କ ରକ୍ତରେ ହିମୋଗ୍ଲୋବିନର ମାତ୍ରା ୧୦୦ ମିଲି ଲିଟର ରକ୍ତ ପିଛା ୧୨.୫ ଗ୍ରାମ କିମ୍ବା ତଦୂର୍ଦ୍ଧ୍ୱ ରହିଥିବା ଆବଶ୍ୟକ। ସେହିପରି ବ୍ୟକ୍ତି ସିଫିଲିସ୍, ମ୍ୟାଲେରିଆ, ଏଡ୍‌ସ୍, ହେପାଟାଇଟିସ, ଯକ୍ଷ୍ମା, ହୃଦ୍‌ରୋଗ, ବୃକ୍କ, ଫୁସ୍‌ଫୁସ୍ ଆଦି ଗୁରୁତର ରୋଗରେ ଆକ୍ରାନ୍ତ ହୋଇଥିଲେ ସେ ରକ୍ତଦାନ ପାଇଁ ଅନୁପଯୁକ୍ତ। ଗର୍ଭବତୀମାନଙ୍କଠାରୁ ମଧ୍ୟ ରକ୍ତଦାନ ପାଇଁ ରକ୍ତ ସଂଗ୍ରହ କରାଯାଇ ନ ଥାଏ।

ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ, ପ୍ରତି ୨ ମିନିଟ୍‌ରେ କେହି ନା କେହି ରକ୍ତ ଦରକାର କରିଥାନ୍ତି। ତେଣୁ ରକ୍ତଦାନ ପାଇଁ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି ବର୍ଷକୁ ଅନ୍ତତଃ ୩ ଥର ରକ୍ତ ଦାନ କରିପାରିଲେ ସଞ୍ଚାରଣ ନିମନ୍ତେ ରକ୍ତ ଅଭାବର ସମସ୍ୟା ଦୂରୀଭୂତ ହୋଇପାରିବ। ଅନେକ ଜୀବନ ମଧ୍ୟ ରକ୍ଷା ପାଇଯିବ। ପ୍ରତିବର୍ଷ ପୃଥିବୀରେ ପାଖାପାଖି ୧୧କୋଟି ୟୁନିଟ୍ ରକ୍ତ ସଂଗୃହୀତ ହେଉଥିଲେ ମଧ୍ୟ ନାନା କାରଣରୁ ଟ୍ରାନ୍ସଫ୍ୟୁଜନ ବା ପରିସଞ୍ଚାଳନ ନିମନ୍ତେ ସୁରକ୍ଷିତ ରକ୍ତ ଯୋଗାଣ ଆଜି ବି ଅପର୍ଯ୍ୟାପ୍ତ।

ବିଶ୍ୱର ଉନ୍ନତ ଦେଶଗୁଡ଼ିକରେ ଅଧିକାଂଶ ରକ୍ତଦାତା ସ୍ୱେଚ୍ଛାରେ ରକ୍ତଦାନ କରିଥାନ୍ତି। ବିଶେଷକରି ସେସବୁ ଦେଶରେ ଯଥେଷ୍ଟ ପରିମାଣର ରକ୍ତ ସଂଗୃହୀତ ହୋଇଥାଏ ସ୍ୱେଚ୍ଛା ରକ୍ତଦାତା ଏବଂ ମାଗଣା ରକ୍ତଦାତାଙ୍କଠାରୁ। ମାତ୍ର ଅନ୍ୟ କେତେକ ଦେଶରେ ରୋଗୀ ପରିବାରର ସଦସ୍ୟମାନଙ୍କଠାରୁ କିମ୍ବା ଟଙ୍କା ବିନିମୟରେ ହେଉଥିବା ବ୍ୟକ୍ତିଙ୍କଠାରୁ ସଂଗୃହୀତ ହୋଇଥାଏ ରକ୍ତ।


ଯେଉଁମାନେ ନିଜ ଇଚ୍ଛାରେ ଓ ବିନା ମୂଲ୍ୟରେ ରକ୍ତଦାନ କରିଥାନ୍ତି, ସେମାନଙ୍କଠାରୁ ସଂଗ୍ରହ କରାଯାଉଥିବା ରକ୍ତ ହେଉଛି ସବୁଠାରୁ ନିରାପଦ ଓ ସର୍ବୋତ୍କୃଷ୍ଟ। ଅର୍ଥ ବିନିମୟରେ ରକ୍ତଦାନ କରିବା ସମ୍ପୂର୍ଣ୍ଣ ଅନୁଚିତ କାର୍ଯ୍ୟ। ଯେଉଁମାନେ ଅର୍ଥ ଲୋଭରେ ରକ୍ତ ବିକ୍ରି କରିଥାନ୍ତି, ସେମାନେ ସମାଜରେ ଏଡ୍‌ସ, ହେପାଟାଇଟିସ୍ 'ବି' ଓ ହେପାଟାଇଟିସ୍ 'ସି' ଭଳି ମାରାତ୍ମକ ରୋଗର ସଂକ୍ରମଣକୁ ସୁଗମ କରିଦେଇଥାନ୍ତି। କାରଣ ରକ୍ତ ସଞ୍ଚାରଣ ମାଧ୍ୟମରେ ଏଡ୍‌ସ, ହେପାଟାଇଟିସ ଆଦି ଭୟଙ୍କର ରୋଗ ଜାତ ହେବା ଆଶଙ୍କା ଥିବାରୁ ରକ୍ତଦାତାଙ୍କଠାରୁ ସଂଗୃହୀତ ରକ୍ତ କଠୋର ପରୀକ୍ଷା ନିରୀକ୍ଷା ପରେ ହିଁ ରୋଗୀକୁ ଦିଆଯାଇଥାଏ।

ବିନାମୂଲ୍ୟରେ ଓ ସ୍ୱେଚ୍ଛାରେ ରକ୍ତଦାନ କରିଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କର ଏଭଳି ମହାନ୍ କାର୍ଯ୍ୟପାଇଁ କୃତଜ୍ଞତା ପ୍ରକାଶ କରିବା ଏବଂ ସାଧାରଣ ଜନତାଙ୍କ ମନରୁ ରକ୍ତଦାନ ସମ୍ପର୍କିତ ଭ୍ରାନ୍ତ ଧାରଣାଗୁଡ଼ିକୁ ଦୂରକରି ସେମାନଙ୍କୁ ରକ୍ତଦାନ ନିମିତ୍ତ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ୨୦୦୪ ମସିହାଠାରୁ ପାଳିତ ହୋଇଆସୁଛି ବିଶ୍ୱ ରକ୍ତଦାତା ଦିବସ। ପ୍ରତିବର୍ଷ ଜୁନ୍ ୧୪ ତାରିଖରେ ଏହି ଦିବସଟି ସାରା ବିଶ୍ୱରେ ପାଳନ କରାଯାଇଥାଏ। ଏହାର ପୃଷ୍ଠପୋଷକତା କରିଥାନ୍ତି ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା। ତେବେ ଜୁନ ୧୪ ତାରିଖକୁ ଏଥିପାଇଁ ନିର୍ବାଚନ କରିବାର ତାତ୍ପର୍ଯ୍ୟ କ'ଣ ? ଏହି ଦିବସଟି ହେଉଛି ରକ୍ତର 'ଏ','ବି,' 'ଏବି' ଏବଂ 'ଓ' ଗ୍ରୁପ୍ ବା ଏବିଓ ପ୍ରଣାଳୀର ଆବିଷ୍କର୍ତ୍ତା ଅଷ୍ଟ୍ରିଆର ଡାକ୍ତର କାର୍ଲ ଲ୍ୟାଣ୍ଡଷ୍ଟେନରଙ୍କ ଶୁଭ ଜନ୍ମତିଥି। ସେ ଭୂମିଷ୍ଠ ହୋଇଥିଲେ ୧୮୬୮ ମସିହାରେ ଓ ତାଙ୍କର ଏହି ଅସାଧାରଣ ଆବିଷ୍କାର ପାଇଁ ତାଙ୍କୁ ପ୍ରଦାନ କରାଯାଇଥିଲା ୧୯୩୦ ମସିହାର ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର। ଆଧୁନିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ରକ୍ତ ସଞ୍ଚାରଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ସୁଦୂରପ୍ରସାରୀ।

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନକାଳ ଭିତରେ ଅନ୍ତତଃ ଥରେ ରକ୍ତଦାନ କରିବା ଭଳି ମହତ୍ କାର୍ଯ୍ୟରେ ସମ୍ପୃକ୍ତ ରହିବା ବାଞ୍ଛନୀୟ। ରକ୍ତଦାନ କରିବା ନିମନ୍ତେ ଆପଣ କାହାର ଅନୁରୋଧକୁ ଅପେକ୍ଷା କରନ୍ତୁନାହିଁ। ବରଂ ମୁଁ କେତେବେଳେ ରକ୍ତ ଦେବି ବୋଲି ନିଜ ତରଫରୁ ଅନୁରୋଧ ଜଣାନ୍ତୁ ରକ୍ତଭଣ୍ଡାର କର୍ତ୍ତୃପକ୍ଷଙ୍କ ନିକଟରେ।

*-ଅଭୀପ୍‌ସା, ସେକ୍ଟର-୬, ପ୍ଲଟ୍ ନଂ - ୧୧୩୧, ଅଭିନବ ବିଡ଼ାନାସୀ, କଟକ, ମୋ : ୯୪୩୭୭୬୬୧୧୭*

# ଷ୍ଟୋମାକ କ୍ୟାନ୍‌ସର ଚିହ୍ନିବାର ନୂଆ ଉପାୟ




ଷ୍ଟୋମାକ କ୍ୟାନ୍‌ସରର ଆଦ୍ୟାବସ୍ଥାରୁ ଚିକିତ୍ସା କରାଇଲେ ଏଥିରୁ ଆରୋଗ୍ୟ ଲାଭ କରିବାର କିଛି ଅଂଶ ସୁଯୋଗ ରହିଛି। ହେଲେ ଏହା ଜଟିଳ ଅବସ୍ଥା ଧାରଣ କରିଥିଲେ ଏହି ଆଶା ପ୍ରାୟ କ୍ଷୀଣ। ତେବେ ଷ୍ଟୋମାକ କ୍ୟାନ୍‌ସରକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ନିକଟରେ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ସେମାନେ ଦୀର୍ଘ ୪ବର୍ଷ ଏପରି ବିଷୟବସ୍ତୁ ଉପରେ ଗବେଷଣାକରି ଏ କଥା ଜାଣିପାରିଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି ଯେ, ଜଣେ ବ୍ୟକ୍ତିଙ୍କର ଶ୍ୱାସକ୍ରିୟାରୁ ଏହି କ୍ୟାନ୍‌ସର ବିଷୟରେ କେତେକାଂଶରେ ସୂଚନା ମିଳିପାରିବ। ଗବେଷଣା ସମୟରେ ସେମାନେ ଏହାର ପରିସରଭୁକ୍ତ କେତେଜଣ ବ୍ୟକ୍ତିଙ୍କର ଶ୍ୱାସକ୍ରିୟାକୁ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା କରିଥିଲେ। ଏହି ସମୟରେ ସେମାନେ ଶ୍ୱାସକ୍ରିୟାର ପାଞ୍ଚଟି ରାସାୟନିକ ତତ୍ତ୍ୱକୁ ଗୁରୁତ୍ୱ ଦେଇଥିଲେ। ଏଥିରୁ ସେମାନେ ଷ୍ଟୋମାକ କ୍ୟାନ୍‌ସରର ଲକ୍ଷଣ ସମ୍ପର୍କରେ କେତେକ ତଥ୍ୟ ଜାଣିବାକୁ ପାଇଥିଲେ।

## ସ୍ୱାସ୍ଥ୍ୟ ସୂଚନା

■ଦାନ୍ତ ପରିଷ୍କାର ନ ରହିଲେ ତାହା ଦାନ୍ତ ଏବଂ ମାଢ଼ିଜନିତ ରୋଗ ସୃଷ୍ଟି କରିଥାଏ। ତେଣୁ ଭଲ ଭାବରେ ଦାନ୍ତ ଘଷନ୍ତୁ। କେତେକେ ଏହି କାମକୁ ଚଟାପଟ ଶେଷ କରିଦେଇଥାଆନ୍ତି। ଅତିକମ୍‌ରେ ଦୁଇ ମିନିଟ୍ ଦାନ୍ତ ଘଷନ୍ତୁ।

■ସୁସ୍ଥ ରହିବା ପଛରେ ବିଶ୍ରାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ପ୍ରତିଦିନ ଅତିକମ୍‌ରେ ୬-୭ଘଣ୍ଟା ଶୁଅନ୍ତୁ।

■ବୟସ ବଢ଼ିବା ସହ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ଏହାକୁ କଦାପି ଅବହେଳା କରନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

■କାର୍ଯ୍ୟବ୍ୟସ୍ତତା ଭିତରେ ଅନେକେ ଖାଦ୍ୟପେୟ ପ୍ରତି ଠିକ୍ ଭାବରେ ନଜର ଦେଇପାରି ନ ଥାନ୍ତି। ଏହାଦ୍ୱାରା ଗ୍ୟାଷ୍ଟ୍ରିକ୍, ପାଚନକ୍ରିୟାଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କିଛି ଖାଆନ୍ତୁ।

■କୌଣସି ରୋଗ ଉପରେ କିମ୍ବା ଔଷଧ ଉପରେ ଯଦି ଆପଣ ଠିକ୍ ଭାବରେ ଜାଣିନାହାନ୍ତି ତେବେ ଅନ୍ୟମାନଙ୍କୁ ଏ ନେଇ ପରାମର୍ଶ ନ ଦେବା ଭଲ।



## ସଂକ୍ଷେପରେ

### ଜୁନ୍ ୨୦ରେ ଜିଏସ୍‌ଟି ପରିଷଦ ବୈଠକ




**ନୂଆଦିଲ୍ଲୀ,୯-୬:** ଚଳିତ ମାସ ୨୦ତାରିଖରେ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହେବ। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଅଧୀନରେ ୫୦ କୋଟି ଟଙ୍କାର କାରବାରକୁ ଇ-ଇନଭଏସ୍ ସୀମା ଭାବେ ଲାଗୁ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇପାରେ। ଟିକସ ଠକେଇକୁ ରୋକିବା ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ବିଜ୍‌ନେସ-ଟୁ-ବିଜ୍‌ନେସ (ବିଟୁବି) କ୍ଷେତ୍ରରେ ଏହା ଲାଗୁ କରିବା ନେଇ ପ୍ରସ୍ତାବ ରହିଛି ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ରାଜ୍ୟଗୁଡିକର ମତାମତ ଗ୍ରହଣ ପରେ ପରିଷଦ ଏହା ଉପରେ ନିଷ୍ପତ୍ତି ଗ୍ରହଣ କରିବ। ରିଟର୍ନ ଫାଇଲିଂ ତଥ୍ୟ ମୁତାବକ ୬୮,୦୪୧ ବାଣିଜ୍ୟ ସଂସ୍ଥା ସେମାନଙ୍କ କାରବାର ୫୦ କୋଟି ଟଙ୍କା ରହିଥିବା ଦର୍ଶାଇଛନ୍ତି। ଆଦାୟ ହୋଇଥିବା ମୋଟ ଜିଏସ୍‌ଟି କ୍ଷେତ୍ରରେ ଏହି ସଂସ୍ଥାଗୁଡିକର ଅଂଶ ୬୬.୬% ରହିଛି।

### ପାକିସ୍ତାନରୁ ଆମଦାନୀ ସାମଗ୍ରୀ ୯୨% ହ୍ରାସ



**ନୂଆଦିଲ୍ଲୀ,୯-୬:** ଚଳିତବର୍ଷ ମାର୍ଚ୍ଚ ମାସରେ ଦେଶ ମଧ୍ୟକୁ ପାକିସ୍ତାନରୁ ଆମଦାନୀ ୯୨% ହ୍ରାସ ଘଟି ୨.୮୪ ନିୟୁତ ରହିଛି। ପୁଲଓ୍ବାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନରୁ ଆସୁଥିବା ସାମଗ୍ରୀ ଉପରେ ୨୦୦% ଟିକସ ଲାଗୁ କରିଥିଲା। ଏହା ପରେ ସେଠାରୁ ଭାରତକୁ ହେଉଥିବା ସାମଗ୍ରୀ ରପ୍ତାନି ଉପରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ଭାରତ ଫେବୃୟାରୀ ୧୬ରେ ଏଭଳି କଠୋର ପଦକ୍ଷେପ ନେଇଥିଲା। ପାକିସ୍ତାନରୁ ଆସୁଥିବା କପା, ପନିପରିବା, ସିମେଣ୍ଟ, ପେଟ୍ରୋଲିୟମ ସାମଗ୍ରୀ ଏବଂ ଖଣିଜ ସମେତ ଅନ୍ୟ ସମସ୍ତ ସାମଗ୍ରୀ ଉପରେ ସରକାର ଆମଦାନୀ ଟିକସକୁ ବଢାଇବା ଲାଗି ନିଷ୍ପତ୍ତି ନେଇଥିଲେ। ବାଣିଜ୍ୟ ମନ୍ତ୍ରଣାଳୟ ତଥ୍ୟ ମୁତାବକ ଭାରତ ପାକିସ୍ତାନଠାରୁ ୨୦୧୮ ମାର୍ଚ୍ଚରେ ୩୪.୬୧ ନିୟୁତ ଡଲାରର ସାମଗ୍ରୀ ଆମଦାନୀ କରିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ପାକିସ୍ତାନରୁ ଆସିଥିବା ମୋଟ ୨.୮୪ ନିୟୁତ ଡଲାର ସାମଗ୍ରୀ ମଧ୍ୟରୁ କପାର ଅଂଶ ୧.୧୯ ନିୟୁତ ଡଲାର ରହିଛି। ଭାରତ ଏହି ସମୟ ମଧ୍ୟରେ ପାକିସ୍ତାନରୁ ପ୍ଲାଷ୍ଟିକ, କପଡା, ପାପାରେଲ ସାମଗ୍ରୀ, କେମିକାଲ, ଓଲ୍ ଏବଂ ପାରମ୍ପରିକ ଫିଲାମେଣ୍ଟ ଭଳି ପ୍ରଡକ୍ଟ ଏବଂ ସାମଗ୍ରୀ ମଗାଇଛି। ୨୦୧୮-୧୯ ଜାନୁୟାରୀ-ମାର୍ଚ୍ଚ ସମୟ ମଧ୍ୟରେ ପାକିସ୍ତାନରୁ ଆମଦାନୀ ୪୭% ହ୍ରାସ ହୋଇ ୫୩.୬୫ ନିୟୁତ ଡଲାର ରହିଛି। ସେହିଭଳି ପାକିସ୍ତାନକୁ ଭାରତର ରପ୍ତାନି ୩୨% କମିବା ଫଳରେ ଏହା ୧୭୧.୩୪ ନିୟୁତ ଡଲାର ରହିଛି। ୨୦୧୮-୧୯ରେ ପାକିସ୍ତାନକୁ ମୋଟ ରପ୍ତାନି ୭.୪% ବଢି ୨ ବିଲିୟନ ଡଲାର ଛୁଇଁଛି।

---

> ବିଶ୍ୱ ବାଣିଜ୍ୟ ସଙ୍ଗଠନର ସଂସ୍କାର ପଦକ୍ଷେପ ଏହାର ମୂଳ ଉଦ୍ଦେଶ୍ୟକୁ ଗୌଣ୍ୟ କରିବା ଅନୁଚିତ।
> – ପୀୟୂଷ ଗୋଏଲ, କେନ୍ଦ୍ର ରେଳ ମନ୍ତ୍ରୀ



> ରାଜପଥ ନିର୍ମାଣରେ ନିଜର ଯୋଗଦାନ ଲାଗି ଘରୋଇ କ୍ଷେତ୍ରକୁ ସରକାର ଉତ୍ସାହିତ କରୁଛନ୍ତି।
> – ନୀତିନ ଗଡକରି, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ



### ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲା

# ସାମ୍ନାକୁ ଆସିଲା ଅଡିଟରଙ୍କ କାରସାଦି

**ନୂଆଦିଲ୍ଲୀ,୯-୬**

- ୨୦୧୭ରେ ଜାଣିପାରିଥିଲେ ହ୍ୱିସିଲବ୍ଲୋୟର
- ଶୀର୍ଷ ମ୍ୟାନେଜମେଣ୍ଟ ଅଭିଯୋଗକୁ ଅଣଦେଖା କରିଥିଲା
- ଅଡିଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଗଲା




ଋଣ ସଙ୍କଟରେ ଫସିଥିବା ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ନୂଆ ନୂଆ ଘଟଣା ସାମ୍ନାକୁ ଆସୁଛି। କମ୍ପାନୀକୁ ଗୋଷ୍ଠୀଗତ ଭାବେ ଲୁଟ କରାଯାଇଥିବା ବେଳେ ଏହି ଧାରାରେ ଅଡିଟରମାନେ ମଧ୍ୟ ସମ୍ପୃକ୍ତ ଥିବା ତଦନ୍ତରୁ ସାମ୍ନାକୁ ଆସିଛି। ଅଡିଟରମାନେ କେବଳ କମ୍ପାନୀର ଶୀର୍ଷ ପଦାଧିକାରୀଙ୍କ ସହ ମିଳିତ ହୋଇ ନ ଥିଲେ। ସେମାନଙ୍କ ନିଜ କମ୍ପାନୀର କେତେକ ଉତ୍ପାଦ ଏବଂ ସେବାକୁ ବିକ୍ରି କରିବାକୁ ଚେଷ୍ଟା କରିଥିବା ଏବେ ନଜରକୁ ଆସିଛି। ଜଘନ୍ୟ ଅପରାଧ ତଦନ୍ତ କାର୍ଯ୍ୟାଳୟ(ଏସ୍‌ଏଫ୍‌ଆଇଓ) ଆଇଏଲ୍‌ଏଫ୍‌ଏସ୍ ସମୂହ କମ୍ପାନୀ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡର ଯାଞ୍ଚ କରୁଛି। ଅଡିଟର, ଅଡିଟ ପରିଷଦ ଏବଂ ଶୀର୍ଷ ମ୍ୟାନେଜମେଣ୍ଟ ସ୍ତରରେ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ଏସ୍‌ଏଫ୍‌ଆଇଓ ଜାଣିବାକୁ ପାଇଛି। ବର୍ତ୍ତମାନ ସୁଦ୍ଧା ସରକାର ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପର ପୁନରୁଦ୍ଧାର ଲାଗି ନୂଆ ବୋର୍ଡ ନିଯୁକ୍ତ କରିଛନ୍ତି। ୨୦୧୭ରେ କମ୍ପାନୀରେ ହେଉଥିବା ବେଆଇନ କାର୍ଯ୍ୟକଳାପ ନେଇ ହ୍ୱିସିଲବ୍ଲୋୟର ଜାଣିବା ପରେ ଘଟଣା ଉପରୁ ପର୍ଦ୍ଦା ହଟାଇବା ଲାଗି କହିଥିଲେ। ଏହି ସମୟରେ ଅଡିଟ ବ୍ୟବସ୍ଥା ଉପରେ ଧ୍ୟାନ ଦେଇଥିଲେ ପ୍ରକୃତ ଘଟଣା ସାମ୍ନାକୁ ଆସିଥାନ୍ତା। ମାତ୍ର ଶୀର୍ଷ ମ୍ୟାନେଜମେଣ୍ଟ କଥାକୁ ଅଣଦେଖା କରିବା ସହ ଚପାଇ ରଖିଥିଲା। ଫଳରେ ଅଭିଯୋଗ ହୋଇଥିଲେ ଏହି ପ୍ରସଙ୍ଗ ଆଗକୁ ବଢି ନ ଥିଲା ବୋଲି ଏସ୍‌ଏଫ୍‌ଆଇଓ କହିଛି।

ଏହି ମାମଲାରେ ଏସ୍‌ଏଫ୍‌ଆଇଓ ପ୍ରାୟ ୪୦୦ ସଂସ୍ଥାର ତଥ୍ୟକୁ ତଦନ୍ତ ପରିସରଭୁକ୍ତ କରିଛି। କମ୍ପ୍ୟୁଟର ଏବଂ ଲ୍ୟାପଟପ ସମେତ ବିଭିନ୍ନ କ୍ଷେତ୍ରରୁ ତଦନ୍ତ ଏଜେନ୍ସି ପ୍ରମାଣ ସଂଗ୍ରହ କରିଛି। ଏହା ପରେ ଚାର୍ଜଶିଟ ଦାଏର କରାଯାଇଛି। ଅଡିଟ କରୁଥିବା ଡିଲଏଟ,ହାସକିନ୍ସ ଆଣ୍ଡ ସେଲ୍‌ସ ଭଳି ସଂସ୍ଥା ଋଣଦାତାଙ୍କ ସହ ହେଉଥିବା ଠକେଇ ସମ୍ପର୍କରେ ପୂର୍ବରୁ ଜାଣିଥିଲେ। ବିଶେଷ କରି ସୁଧବାବଦ ଅର୍ଥ ପ୍ରଦାନ ଏବଂ ମୂଳ ଟଙ୍କା ପୈଠ ବେଳେ ଖିଲାପ ଏବଂ ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ମଧ୍ୟ ଅଡିଟର ଜାଣିବାକୁ ପାଇଥିଲେ ମଧ୍ୟ ଏଥି ସମ୍ପର୍କରେ କିଛି କଥା ସାମ୍ନାକୁ ଆଣି ନ ଥିଲେ।

ଯାଞ୍ଚ ଏଜେନ୍ସି ଦେଇଥିବା ସୂଚନା ମୁତାବକ ଆସେଟ ବୁକ୍‌କୁ ଲଗାତର ଭାବେ ଅଣଦେଖା କରିବା, ବର୍ଷ ବର୍ଷ ଧରି ଋଣ ଅସୁଲ କରିବାରେ ବିଳମ୍ବ କରିବା ଭଳି ଘଟଣା ଘଟିଛି। ଏହା ସବୁ ଶୀର୍ଷ ମ୍ୟାନେଜମେଣ୍ଟର ଗୋଚରରେ ହେଉଥିଲା। ଡିଲଏଟ ଗ୍ରୁପ ଏହାର ଏକ କନସଲଟିଂ ଫାର୍ମ ଡିଲଏଟ ଟଚେ ତୋମାସ୍ତୁ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଏକ ପ୍ରଡକ୍ଟ କିଣିବାକୁ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌କୁ କହିଥିଲା। ଜୁନ ୨୦୧୭ର ଏକ ଇମେଲରୁ ଏହା ଜଣା ଯାଇଛି। ଋଣ ଅର୍ଥ ଠିକ୍ ଭାବେ ଖର୍ଚ୍ଚ ହେଉଛି କି ନାହିଁ ଏହାକୁ ଠିକ୍ ଭାବେ ତର୍ଜମା ମଧ୍ୟ କରାଯାଉ ନ ଥିଲା। ଏହି ମାମଲାରେ ସମ୍ପୃକ୍ତ ଥିବା ଅଡିଟରଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଏସ୍‌ଏଫ୍‌ଆଇଓ କହିଛି। ଘଟଣା ଉପରୁ ପର୍ଦ୍ଦା ହଟାଇବା ଲାଗି କାହିଁକି ବିଳମ୍ବ ଘଟିଛି ସେ ନେଇ ରିଜର୍ଭ ବ୍ୟାଙ୍କ ଦ୍ୱାରା ତଦନ୍ତ କରାଇବାକୁ ପ୍ରସ୍ତାବ ଦିଆଯାଇଛି।

ଆଇଏଫ୍‌ଆଇଏନ୍ ମାମଲା ପଛରେ ୯ ସଦସ୍ୟ ବିଶିଷ୍ଟ ଏକ ଗୋଷ୍ଠୀ ସାମିଲ ରହିଥିବା ଏସ୍‌ଏଫ୍‌ଆଇଓ ଏହାର ପ୍ରଥମ ଚାର୍ଜଶିଟରେ ଦର୍ଶାଇଛି। ଷ୍ଟାଟୁଟୋରୀ ଅଡିଟରଙ୍କ ବାଦ ସ୍ୱାଧୀନ ନିର୍ଦ୍ଦେଶକମାନେ ମଧ୍ୟ ଗୋପନୀୟ ଭାବେ ବେଆଇନ କାର୍ଯ୍ୟକଳାପରେ ସାମିଲ ଥିଲେ। ଅଡିଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନ୍ୟାଶନାଲ ଫାଇନାନ୍‌ସିଆଲ ରିପୋର୍ଟିଂ ଅଥରିଟି(ଏନ୍‌ଏଫ୍‌ଆର୍‌ଏ) ଏବଂ ଇନଷ୍ଟିଚ୍ୟୁଟ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ(ଆଇସିଏଆଇ) କାର୍ଯ୍ୟାନୁଷ୍ଠାନ ନେଉ ବୋଲି କୁହାଯାଇଛି। ମାମଲାରେ ୩୦ ସଂସ୍ଥା ଏବଂ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଚାର୍ଜଶିଟ ହୋଇଛି। ବର୍ତ୍ତମାନ ସୁଦ୍ଧା ଏଥିରେ ସମ୍ପୃକ୍ତ କିଛି ବ୍ୟକ୍ତି ବିଚାର ବିଭାଗୀୟ ହାଜତରେ ରହିଛନ୍ତି।


## ଗ୍ରାହକ ସମ୍ପର୍କ ବୃଦ୍ଧି ଲାଗି ଏଲ୍‌ଜିର ପଦକ୍ଷେପ

**ଭୁବନେଶ୍ୱର,୯-୬**




ପ୍ରମୁଖ କମ୍ପାନୀ ଏଲ୍‌ଜି ପକ୍ଷରୁ ଗ୍ରାହକ ସମ୍ପର୍କ ବୃଦ୍ଧି କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥି ଲାଗି କମ୍ପାନୀ ଇନଫୋବିପ ସହ ମିଳିତ ହୋଇଛି। ବିକ୍ରି ପରବର୍ତ୍ତୀ ସେବା କ୍ଷେତ୍ରରେ ହ୍ୱାଟସ ଆପ୍ ବିଜନେସ ସଲ୍ୟୁଶନକୁ ବ୍ୟବହାର କରିବା ଦିଗରେ କମ୍ପାନୀ ଗୁରୁତ୍ୱ ଦେଇଛି। ଏହି ପଦକ୍ଷେପ ମୁତାବକ ଗ୍ରାହକମାନେ ଏଲ୍‌ଜିର କଷ୍ଟମର କେୟାରକୁ ଟୁଓ୍ୱେ ଡାଏଲଗ ଦ୍ୱାରା ମେସେଜ ପ୍ରେରଣ କରିବାକୁ ସକ୍ଷମ ହେବେ। ମେଟ୍ରୋ ସମେତ ଦେଶର ପ୍ରତି ସହରର ଗ୍ରାହକଙ୍କ ସହ ଯୋଡି ହେବାକୁ କମ୍ପାନୀ ଏହା ଦ୍ୱାରା ସକ୍ଷମ ହେବ ବୋଲି କହିଛି। ଗ୍ରାହକ ଅଭିଯୋଗ ଲାଗି ଲମ୍ବା ଲାଇନରେ ଛିଡା ହେବାକୁ ପଡିବ ନାହିଁ। ଦ୍ରୁତ ଭାବେ ଏଲଜି ସହ କଥା ହେବାକୁ ଏହା ସହାୟତା କରିବ। ଏହା ଛବି, ଲିଙ୍କ ଏବଂ ଡକ୍ୟୁମେଣ୍ଟ ଶେୟାର କରିବାକୁ ସୁବିଧା ଦେବ। ଏହା ସହ ଅନ୍ୟ ସେବା ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ବ୍ରାଣ୍ଡେଡ ପୋଷାକ ମେଳାରେ ରିହାତି



**ଭୁବନେଶ୍ୱର,୯-୬**

ସ୍ଥାନୀୟ ହୋଟେଲ ନିୟୁ ମ୍ୟାରିୟନଠାରେ ଆରମ୍ଭ ହୋଇଥିବା ବ୍ରାଣ୍ଡେଡ ପୋଷାକ ମେଳାରେ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଲାଗି ୩୫ ହଜାରରୁ ଊର୍ଦ୍ଧ୍ୱ ଷ୍ଟକ ବର୍ତ୍ତମାନ ସଂଯୋଗ କରାଯାଇଛି। ପାର୍ବଣ ଏବଂ ବିବାହ ସମୟକୁ ଧ୍ୟାନରେ ରଖି ନୂଆ କଲେକ୍ସନ ସଂଯୋଗ ହୋଇଛି। ପୁରୁଷ, ମହିଳା ଏବଂ ଶିଶୁଙ୍କ ବର୍ଗରେ କଲେକ୍ସନ ସାମିଲ ରହିଛି। ଷ୍ଟକଗୁଡିକ ଉପରେ ପ୍ରାୟ ୯୦% ପର୍ଯ୍ୟନ୍ତ ରିହାତି ଅଫର ରହିଛି। ପୁରୁଷଙ୍କ ବର୍ଗରେ ଶାର୍ଟ, ଟିଶାର୍ଟ, ଶର୍ଟସ, ଟ୍ରାଉଜର ଏବଂ ଜିନ୍ସ ରହିଛି। ସେହିଭଳି ମହିଳାଙ୍କ ବର୍ଗରେ କୁର୍ତ୍ତି,ଶୁଟ୍ସ, ଟପ୍ସ, ଜିନ୍ସ, ଅଫିସଓ୍ୱେର, ଶାର୍ଟ ଏବଂ ଟ୍ରାଉଜର ରହିଛି।

## ଫୋଭର ପକ୍ଷରୁ କଳାକୃତି ପ୍ରଦର୍ଶନୀ

**କଲିକତା,୯-୬**





ମୋବେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ କଲିକତା ସ୍ଥିତ ଏହାର ପ୍ରିମିୟମ ବ୍ରାଣ୍ଡ ଶୋ'ରୁମ 'ଫୋଭର'ରେ ଏକ ଆର୍ଟ ଏକ୍‌ଜିବିଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ତର୍ଜାତୀୟ ଫର୍ନିଚର, ଡେକର, କିଚେନ୍ସ, ଲାଇଟସ ଏବଂ ହ୍ୟାଣ୍ଡ କ୍ରାଫ୍ଟ ଫ୍ୟାନ ଉପଲବ୍ଧ ହେଉଛି। ଏଥିରେ କଲେକ୍ସନଗୁଡିକ ଆକର୍ଷଣୀୟ ହୋଇଥିବା ବେଳେ ଫୋଭରର ଟ୍ୟାଗ ଲାଇନ 'ଫର ଏଭର ଲଭ' ରହିଛି। ଭାରତୀୟ କଳାକାର ଅଭନୀଶ ତ୍ରିବେଦୀ, ଜୀବନ ବିଶ୍ୱାସଙ୍କ କାରୁକାର୍ଯ୍ୟ ଏବଂ ଡିଜାଇନକୁ ଏଥିରେ ସାମିଲ କରାଯାଇଛି। ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ଆର୍ଟଓ୍ୱାର୍କ ଦ୍ୱାରା ଅଭନୀଶ ତ୍ରିବେଦୀ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର କାର୍ଯ୍ୟରେ ନିର୍ଦ୍ଦିଷ୍ଟ ସମୟର ସୌନ୍ଦର୍ଯ୍ୟତାକୁ ସାମିଲ କରି ଏକ ସ୍ୱତନ୍ତ୍ରତା ପ୍ରଦାନ କରାଯାଇଥାଏ। ତାଙ୍କର ପ୍ରମୁଖ କଳାକୃତି ମଧ୍ୟରେ କଲିକତା ନଷ୍ଟାଲଜିଆ ଏବଂ ରିକ୍ସା ରହିଛି। ଜୀବନ ବିଶ୍ୱାସଙ୍କ କଳାକୃତିରେ ଆଧ୍ୟାତ୍ମିକତା,ବିଷ୍ଣୁ ଉପାସନା ଏବଂ ମାନବବାଦ ଭଳି ପ୍ରସଙ୍ଗ ସ୍ଥାନିତ ହୋଇଥାଏ।

## ବ୍ୟାଙ୍କିଙ୍ଗ୍ ସଂସ୍କାର, ମିଶ୍ରଣ ନେଇ ହୋଇପାରେ ଘୋଷଣା

**ନୂଆଦିଲ୍ଲୀ,୯-୬**

ଆଗାମୀ ବଜେଟରେ ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସଂସ୍କାର ଏବଂ ବ୍ୟାଙ୍କ ମିଶ୍ରଣ ନେଇ ବିଭିନ୍ନ ପଦକ୍ଷେପ ଉପରେ ସରକାର ଘୋଷଣା କରିପାରନ୍ତି। ଦେଶର ଅର୍ଥନୀତିକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ପରିବର୍ତ୍ତିତ କରିବା ଲାଗି ବ୍ୟାଙ୍କିଙ୍ଗ୍ ଶିଳ୍ପ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ଉକ୍ତ କ୍ଷେତ୍ର ଉପରେ ସରକାର ଧ୍ୟାନ କେନ୍ଦ୍ରିତ କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଏନ୍‌ଡିଏ ସରକାରଙ୍କ ଦ୍ୱିତୀୟ ପାଳିର ବଜେଟ ଜୁଲାଇ ୫ରେ ଆସିବାକୁ ଥିବା ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀଥାରାମନ୍ ଏହାକୁ ଉପସ୍ଥାପନ କରିବେ। ୨୦୧୮-୧୯ ଅଭିବୃଦ୍ଧି ଗତ ୫ ବର୍ଷର ସର୍ବନିମ୍ନ ସ୍ତର ୬.୮%କୁ ଖସିଥିବାରୁ ଉନ୍ନତ ଅଭିବୃଦ୍ଧି ଦିଗରେ ପଦକ୍ଷେପ ସରକାର ନେବେ ବୋଲି ଅନୁମାନ କରାଯାଉଛି। ବ୍ୟାଙ୍କ ଅଫ୍ ବରୋଦା, ବିଜୟା ଏବଂ ଦେନା ବ୍ୟାଙ୍କ ମିଶ୍ରଣ ହୋଇ ସାରିଥିବା ବେଳେ ଛୋଟଛୋଟ ବ୍ୟାଙ୍କଗୁଡିକର ମିଶ୍ରଣ ଧାରା ଜାରି ରହିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଛୋଟଛୋଟ ବ୍ୟାଙ୍କଗୁଡିକୁ ଅଧିଗ୍ରହଣ କରିବା ଲାଗି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, କାନାରା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭଳି ବ୍ୟାଙ୍କ ଭଲ ସ୍ଥିତିରେ ରହିଥିବା ଅଧିକାରୀ ଜଣକ କହିଛନ୍ତି। ବଜେଟରେ ସରକାର ଲୋକମାନଙ୍କୁ ଟିକସ ରିହାତି ପ୍ରଦାନ କରିବା ସହ ନ୍ୟୁନତମ ବିକଳ୍ପ ଟିକସ(ମ୍ୟାଟ)କୁ ବାଦ ଦେବେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏପରି ସ୍ଥିତିରେ ଘରୋଇ ନିବେଶକୁ ପ୍ରୋତ୍ସାହନ କରିବା ଲାଗି ସରକାର ପଦକ୍ଷେପ ନିଅନ୍ତୁ ବୋଲି ଶିଳ୍ପ ସଂଘ ସିଆଇ ସରକାରଙ୍କୁ ନିବେଦନ କରିଛି। ଏହାବାଦ ଟିକସ ଛାଡ ସୀମା ୫ ଲକ୍ଷ ଟଙ୍କାକୁ ବଢାଇବା ଉପରେ ଆସୋଚାମ ଜୋର ଦେଇଛି। ସେହିଭଳି ଅର୍ଥମନ୍ତ୍ରୀ ମଙ୍ଗଳବାର ଦେଶର କୃଷକଙ୍କ ପ୍ରତିନିଧି ଦଳକୁ ଭେଟିବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିଭଳି ଚଳିତ ମାସ ୧୧-୧୩ ତାରିଖ ମଧ୍ୟରେ ଅର୍ଥନୀତିଜ୍ଞ, ଶିଳ୍ପ ଏବଂ ଉଦ୍ୟୋଗ ପ୍ରତିନିଧିଙ୍କୁ ଅର୍ଥମନ୍ତ୍ରୀ ଭେଟିବେ।

## ୟୁକ୍ରେନରେ ଡାକ୍ତରୀ ଶିକ୍ଷାର ସୁଯୋଗ

**ଭୁବନେଶ୍ୱର,୯-୬(ବ୍ୟୁରୋ)**




**ଗ୍ଲୋବାଲ ଫୋକସ୍ ପକ୍ଷରୁ ସେମିନାର**

ଗ୍ଲୋବାଲ ଫୋକସ୍ ଏଜୁକେଶନ ଗ୍ରୁପ ପକ୍ଷରୁ ୟୁକ୍ରେନରେ ଏମ୍‌ବିବିଏସ୍ ଶିକ୍ଷା ଶୀର୍ଷକ ଏକ ସେମିନାର ସ୍ଥାନୀୟ ଏକ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ମେଡିକାଲ କଲେଜଗୁଡିକରେ ସିଟ୍ କମ୍ ରହିବା ଏବଂ ବ୍ୟୟବହୁଳ ମେଡିକାଲ ଶିକ୍ଷା ଯୋଗୁ ଏହା ଅଭିଭାବକଙ୍କ ଚିନ୍ତାର କାରଣ ହୋଇଥାଏ। ଏପରି ସ୍ଥିତିରେ ୟୁକ୍ରେନରେ ନ୍ୟାଶନାଲ ମେଡିକାଲ ୟୁନିଭର୍ସିଟି ସମେତ ଅନ୍ୟାନ୍ୟ ଜାତୀୟ ସ୍ତରର ମେଡିକାଲ ପ୍ରତିଷ୍ଠାନଗୁଡିକରେ ଡାକ୍ତରୀ ପଢିବାର ସୁଯୋଗ ଗ୍ଲୋବାଲ ଫୋକସ୍ ପକ୍ଷରୁ ପ୍ରଦାନ କରାଯାଉଛି। ସେମିନାରରେ ବର୍ତ୍ତମାନ ୟୁକ୍ରେନରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନିମନ୍ତ୍ରିତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି। ୟୁକ୍ରେନରେ ଶିକ୍ଷା ଗ୍ରହଣ, ରହିବା, ଖାଦ୍ୟପେୟ ଏବଂ ସଂସ୍କୃତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ଲାଗି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେମିନାର ଆୟୋଜନ କରାଯାଉଛି।

ଏଥିରେ ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଗ୍ଲୋବାଲ ଫୋକସ୍‌ର କାଉନସେଲରମାନେ ରଖିଛନ୍ତି। ୟୁକ୍ରେନର ଏହି ପ୍ରତିଷ୍ଠାନଗୁଡିକ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ମେଡିକାଲ କାଉନସିଲ ଅଫ୍ ଇଣ୍ଡିଆ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଛାତ୍ରୀଛାତ୍ର ନିଟ୍‌ରେ ସଫଳ ହୋଇଥିଲେ ନାମ ଲେଖାର ସୁଯୋଗ ପାଇପାରିବେ। ବର୍ତ୍ତମାନ ସାରା ଦେଶରେ ୬ ହଜାରରୁ ଊର୍ଦ୍ଧ୍ୱ ଏବଂ ଓଡ଼ିଶାରୁ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉକ୍ତ ସ୍ଥାନଗୁଡିକରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଏଥିରେ ଗ୍ଲୋବାଲ ଫୋକସ୍‌ର ଏମ୍‌ଡି ଅବଦୁଲ ଜାହିର କହିଛନ୍ତି ଯେ, ରାଜ୍ୟରେ ମାତ୍ର ୧୧୦୦ ମେଡିକାଲ ସିଟ୍ ରହିଥିବା ବେଳେ ୫୦,୦୦୦ ଛାତ୍ରୀଛାତ୍ର ମେଡିକାଲ ପଢିବା ଲାଗି ପ୍ରବେଶିକା ପରୀକ୍ଷା ଦେଉଛନ୍ତି। ଘରୋଇ ମେଡିକାଲ କଲେଜଗୁଡିକ ତୁଳନାରେ ୟୁକ୍ରେନରେ ଡାକ୍ତରୀ ପଢିବାର ଏକ ବିକଳ୍ପ ରହିଛି। ଚଳିତ ବର୍ଷ ଲାଗି ପ୍ରଥମ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଲାଗି ଏବେ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଗରିବ ମେଧାବୀଙ୍କ ଡାକ୍ତର ହେବା ସ୍ୱପ୍ନକୁ କରୁଛି ସାକାର

**ଏ.ବି.ସିଂଙ୍କ 'ଜିନ୍ଦେଗୀ' ପଦକ୍ଷେପ**

**ଭୁବନେଶ୍ୱର,୯-୬(ବ୍ୟୁରୋ)**




ଦିନେ ଡାକ୍ତର ହେବେ ବୋଲି ସେ ସ୍ୱପ୍ନ ଦେଖିଥିଲେ। ସେଥିଲାଗି ମେଡିକାଲ କୋଚିଂରେ ମଧ୍ୟ ନାମ ଲେଖାଇଥିଲେ। ହେଲେ ସମୟର ସୁଅରେ ତାଙ୍କର ସେ ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ତାଙ୍କ ବାପା କିଡନୀ ରୋଗରେ ଆକ୍ରାନ୍ତ ହେବା ପରେ ଆକସ୍ମିକ ଭାବେ ପରିବାରର ସ୍ଥିତି ଖରାପ ହେଲା। ଆର୍ଥିକ ବୋଝ ଯୋଗୁ ଡାକ୍ତର ହେବା ସ୍ୱପ୍ନ ଅଧାରେ ରହିଗଲା। ପାଠ ପଢିବା ଲାଗି ବିବାହ ବେଳେ ଆଇସକ୍ରିମ ଯୋଗାଣ, ଚା,ସର୍ବତ ଷ୍ଟଲ ବସାଇ ରୋଜଗାର ସହ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ କରିଛନ୍ତି। ହେଲେ ଜୀବନରେ ପଛକୁ ହଟି ନ ଯାଇ ସେହି ବ୍ୟକ୍ତି ଜଣକ ସବୁ ବେଳେ ଆଗକୁ ବଢିବାର ଉତ୍ସାହ ରଖିଛନ୍ତି। ବହୁ କଷ୍ଟରେ ଗ୍ରାଜୁଏଶନ ଯାଏ ପଢିବାର ସୁଯୋଗ ପାଇଥିବା ସେହି ବ୍ୟକ୍ତି ଜଣକ କିନ୍ତୁ ଏବେ ଅନ୍ୟମାନଙ୍କୁ ଜୀବନରେ ଆଗକୁ ବଢିବାର ରାସ୍ତା ଦେଖାଉଛନ୍ତି। ଜୀବନରେ ରହିଯାଇଥିବା ସେହି ଶୂନ୍ୟସ୍ଥାନ ଏବଂ ଲକ୍ଷ୍ୟ କିନ୍ତୁ ତାଙ୍କ ମନରୁ କେବେ ହଟି ନ ଥିଲା। ନିଜେ ସ୍ୱଚ୍ଛଳ ହେବା ପରେ ଏବେ ଗରିବ ମେଧାବୀଙ୍କ ଡାକ୍ତର ହେବାର ସ୍ୱପ୍ନକୁ ପୂରଣ କରିବା ଲାଗି ସେ ଆରମ୍ଭ କରିଛନ୍ତି ଜିନ୍ଦେଗୀ ଫାଉଣ୍ଡେଶନ। ଏହି ଅନୁଷ୍ଠାନ ଦ୍ୱାରା ଯେଉଁ ଆର୍ଥିକ ଦୁର୍ବଳ ବର୍ଗର ମେଧାବୀ ଛାତ୍ରୀଛାତ୍ର ମେଡିକାଲ ପ୍ରସ୍ତୁତି ଲାଗି ଅର୍ଥର ବାଧକ ସାମ୍ନା କରୁଛନ୍ତି ତାଙ୍କୁ ମାଗଣାରେ ରହିବା ଖାଇବା ବ୍ୟବସ୍ଥା କରିବା ସହ ପ୍ରସ୍ତୁତିରେ ସହଯୋଗ କରୁଛନ୍ତି। ସେ ହେଉଛନ୍ତି ଅଜୟ ବାହାଦୁର ସିଂ। ୧୯୭୨ରେ ଝାଡଖଣ୍ଡର ଦେଓଘର ବୈଦ୍ୟନାଥଧାମ ସହରରେ ଜନ୍ମିତ ଅଜୟ ବାହାଦୁର ଭୁବନେଶ୍ୱରକୁ ତାଙ୍କର କର୍ମଭୂମି ଭାବେ ବାଛି ନେଇଛନ୍ତି। ଏଠାରେ ସେ ଏବେ ଆକାଶ ଭୁବନେଶ୍ୱରର ସେଣ୍ଟରର ନିର୍ଦ୍ଦେଶକ ଥିବା ବେଳେ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି।

ଧରିତ୍ରୀ ସହ ବାର୍ତ୍ତାଳାପ ଅବସରରେ ସେ ପୁରୁଣା ଦିନକୁ ମନେ ପକାଇ କହିଛନ୍ତି, ମୁଁ ଡାକ୍ତର ନ ହେଲି କ'ଣ ହେଲା ଆଜି ଗରିବ ମେଧାବୀଙ୍କୁ ଡାକ୍ତର କରିବା ଦିଗରେ ଯୋଗଦାନ ରଖୁଛି। ଚଳିତ ବର୍ଷ ଜିନ୍ଦେଗୀ ଫାଉଣ୍ଡେଶନରେ କୋଚିଂ ନେଉଥିବା ୧୪ରୁ ୧୪ ଛାତ୍ରୀଛାତ୍ର ମେଡିକାଲ ପ୍ରବେଶିକାରେ ସଫଳ ହୋଇଛନ୍ତି। ୨୦୧୮ରେ ଫାଉଣ୍ଡେଶନର ମୋଟ ୨୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୮ ସଫଳ ହେବା ସହ ୧୨ ଜଣ ସରକାରୀ ମେଡିକାଲ କଲେଜରେ ପଢିବାର ସୁଯୋଗ ପାଇଥିଲେ। ଏହି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଅବସରରେ ସେ ଖୁସି ବ୍ୟକ୍ତ କରି କହିଛନ୍ତି, ମେଧାବୀ ଛାତ୍ରୀଛାତ୍ର ଆଗକୁ ବଢିବା ଦିଗରେ ଅର୍ଥ ଯେଭଳି ବାଧକ ନ ସାଜୁ ତାକୁ ବିଚାର କରି ଜିନ୍ଦେଗୀ ଫାଉଣ୍ଡେଶନ ଗଠନ ହୋଇଛି। ଛାତ୍ରୀଛାତ୍ରଙ୍କ ମେଡିକାଲ କୋଚିଂ, ରହିବା, ଖାଦ୍ୟ ଏବଂ ପାଠ୍ୟପୁସ୍ତକ ପ୍ରଦାନ କରିବା ସହ ପ୍ରସ୍ତୁତିରେ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। ୨୦୦୭ରେ ସେ ଆରମ୍ଭ କରିଥିବା ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁର୍ବଳ ଛାତ୍ରୀଛାତ୍ରଙ୍କ ଲାଗି ଆଟମ-୫୦ ନାମରେ ମାଗଣା ଶିକ୍ଷା, ରହିବା ବ୍ୟବସ୍ଥା କରିଛନ୍ତି। ବିହାରରେ ସୁପର-୩୦ର ପ୍ରତିଷ୍ଠାତା ଆନନ୍ଦ କୁମାରଙ୍କ ସହ ଭେଟ ହେବା ପରେ ଏହି ଧାରାକୁ ନୂଆ ଦିଶା ମିଳିଥିବା ସେ କହିଛନ୍ତି।

**CHIKITI MAHAVIDYALAYA, CHIKITI, GANJAM**
**SHORT QUOTATION CALL NOTICE**
**No.: 763/CM** **Date: 07.06.2019**
Chikiti Mahavidyalaya invites quotation from reputed authorized dealers for procurement of Interactive Board with Projector, Computer (Laptop), Copier Machine, Computer (all in one) with Touch Screen, AC 2 ton, Distemper and paint materials (Dulux/Asian), Plumbing and Sanitary Materials, Sports materials and Electrical goods etc. as per details with specification and terms & conditions available in the website: **www.cmvedu.in**. The quotation shall be submitted by Registered/Speed Post in person to Chikiti Mahavidyalaya. Last date of submission of quotation document is 17th June 2019 (2.00 P.M.) and Quotation will be opened at 3.00 P.M. on the same day.
**Sd./- Principal, Chikiti Mahavidyalaya, Chikiti**

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଜୁନାଗଡ଼**
ପତ୍ର ସଂ.: ୧୭୩୭ ତା୦୭।୦୬।୨୦୧୯
**ବିଜ୍ଞାପନ**
ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକର ଠିକା ପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ତା୧୮।୦୬।୨୦୧୯ରିଖ ଅପରାହ୍ନ ଘ୧.୦୦ଣ୍ଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ଅମାନତ ରାଶିର ବ୍ୟାଙ୍କ ଡ୍ରାଫ୍ଟ ସହ ଟେଣ୍ଡର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ଦାଖଲ କରିପାରିବେ। ଯେଉଁମାନଙ୍କ ଉପରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଯେକୌଣସି ଦେୟ ବକେୟା ଥିଲେ ସେମାନେ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ନାହିଁ। ଠିକା ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ନାମରେ ସାବ୍ୟସ୍ତ କରାଯିବ। ଠିକା ସାବ୍ୟସ୍ତର ୩ଦିନ ମଧ୍ୟରେ ସମୁଦାୟ ଠିକା ମୂଲ୍ୟର ଶତକଡ଼ା ୫୦ଭାଗ ଅର୍ଥ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଜମା ଦେବାକୁ ପଡ଼ିବ। ନଚେତ୍ ସାବ୍ୟସ୍ତ କରାଯାଇଥିବା ଠିକା ବାତିଲ କରାଯାଇ ସାନିଟେଣ୍ଡର କରାଯିବ। ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଟେଣ୍ଡରକୁ ବିଚାରକୁ ନିଆଯିବ ନାହିଁ। ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ ଯେକୌଣସି ସମୟରେ ବିନା କାରଣରେ ଟେଣ୍ଡର ପ୍ରକ୍ରିୟାକୁ ରଦ୍ଦ କରିପାରିବେ। ଏହା ବିଜ୍ଞାପିତ ଅଞ୍ଚଳ ପରିଷଦର ନିଜସ୍ୱ ୱେବସାଇଟ୍ **www.junagarhnac.in**ରେ ମଧ୍ୟ ଉପଲବ୍ଧ ଅଟେ।

| କ୍ରମିକ ନଂ. | ସମ୍ପତ୍ତି ଗୁଡ଼ିକର ନାମ | ଠିକା ଅବଧି | ଅମାନତ ଟଙ୍କା | ସର୍ବନିମ୍ନ ଠିକା ମୂଲ୍ୟ |
|---|---|---|---|---|
| ୧. | ଶିବ ସାଗର ବନ୍ଧ | ୨୦୧୯-୨୦ ଠାରୁ ୨୦୨୧-୨୨ (୩ବର୍ଷ) (ଜୁନ୍ ୨୦୨୨ ପର୍ଯ୍ୟନ୍ତ) | ଟ.୩୦,୦୦୦/- | ଟ.୬,୬୦,୦୦୦.୦୦ |
| ୨. | ପୌର ବ୍ୟାୟାମଶାଳା | ୨୦୧୯-୨୦ ରୁ ୨୦୨୧-୨୨ | ଟ.୧୦,୦୦୦/- | ଟ.୯୦,୦୦୦.୦୦ |

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼**

# ଭାରତର ଦମ୍‌ଦାର ବିଜୟ

**ଲଣ୍ଡନ, ୯।୬**

ଆଇସିସି ବିଶ୍ୱକପର ରବିବାର ଅନୁଷ୍ଠିତ ହାଇ ଭୋଲ୍‌ଟେଜ୍ ମ୍ୟାଚରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୩୬ ରନରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ। ଭାରତ ବିଜୟର ହିରୋ ସାଜିଛନ୍ତି ଶତକ ହାସଲକାରୀ ଶିଖର ଧାୱନ। ଧାୱନଙ୍କ ଶତକ, ଅଧିନାୟକ ବିରାଟ କୋହଲିଙ୍କ ଲଢୁଆ ବ୍ୟାଟିଂ ଓ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୫୨ ରନ କରିଥିଲା। ଜବାବରେ ଡେଭିଡ ୱାର୍ନର, ଷ୍ଟିଭେନ ସ୍ମିଥ ଓ ଆଲେକ୍ସ କାରେଙ୍କ ଅର୍ଦ୍ଧଶତକ ସହାୟତାରେ ଲଢ଼େଇ କରିଥିବା ଅଷ୍ଟ୍ରେଲିଆ ୫୦ ଓଭରରେ ୩୧୬ ରନ କରି ଅଲଆଉଟ ହୋଇ ଯାଇଥିଲା। ଚଳିତ ବିଶ୍ୱକପରେ କ୍ରମାଗତ ଦ୍ୱିତୀୟ ବିଜୟ ପରେ ଅଷ୍ଟ୍ରେଲିଆର ଏହା ପ୍ରଥମ ପରାଜୟ। ନିଜର ପ୍ରଥମ ୨ ମ୍ୟାଚରେ ଏହି ଦଳ ଆଫଗାନିସ୍ତାନକୁ ୭ ଉଇକେଟରେ ଓ ୱେଷ୍ଟଇଣ୍ଡିଜକୁ ୧୫ ରନରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଚଳିତ ଟୁର୍ନାମେଣ୍ଟରେ ଭାରତର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ପ୍ରଥମ ମ୍ୟାଚରେ କୋହଲିଙ୍କ ଦଳ ଦକ୍ଷିଣ ଆଫ୍ରିକାକୁ ୬ ଉଇକେଟରେ ହରାଇଥିଲା।

୩୫୩ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ଓପନିଂ ଯୋଡ଼ିରେ ୬୧ ରନ ସଂଗ୍ରହ ପରେ ଅଧିନାୟକ ଆରନ ଫିଞ୍ଚଙ୍କ ଉଇକେଟ ହରାଇଥିଲା। ହାଇ ସ୍କୋରିଂ ମ୍ୟାଚରେ ଆତ୍ମବିଶ୍ୱାସର ସହ ବ୍ୟାଟିଂ ଆରମ୍ଭ କରିଥିବା ଫିଞ୍ଚ୍ ୩୫ ବଲ୍‌ରୁ ୩୬(୩ ଚୌକା, ୧ ଛକା) ରନ କରିଥିବାବେଳେ ଦୁର୍ଭାଗ୍ୟଜନକଭାବେ ରନଆଉଟ ହୋଇ ଯାଇଥିଲେ। ଡେଭିଡ ୱାର୍ନରଙ୍କ ସହ ଷ୍ଟିଭେନ ସ୍ମିଥ କ୍ରିଜ୍‌ରେ ଯୋଗଦେବାପରେ ଅଷ୍ଟ୍ରେଲିଆ ଯୋଜନାବଦ୍ଧଭାବେ ଆଗକୁ ବଢ଼ିଥିଲା। ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୭୨ ରନ ଯୋଗପରେ ଆଉଟ ହୋଇଥିଲେ ୱାର୍ନର। ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାଭାବିକ ଆକ୍ରମଣାତ୍ମକ ବ୍ୟାଟିଂ ନ କରି ୱାର୍ନର ଏଠାରେ ୮୪ ବଲ୍‌ରୁ ୫ ଚୌକା ସହାୟତାରେ ୫୬ ରନ ସ୍କୋର କରିଥିଲେ। ଷ୍ଟିଭେନ୍ ସ୍ମିଥ ଓ ଉସମାନ ଖ୍ୱାଜାଙ୍କ ଯୋଡ଼ି ମଧ୍ୟ ବେଶ୍ ଜମିଥିଲା। ଦୁହେଁ ଦ୍ରୁତ ହାରରେ ରନ ସଂଗ୍ରହ କରି ନ ଥିଲେ ହେଁ ରଣନୀତି ଅନୁସାରେ ସ୍କୋରକୁ ଆଗେଇ ନେଇଥିଲେ। ବିଜୟ ପାଇଁ ଆବଶ୍ୟକ ରନ ହାର କ୍ରମେ ବଢ଼ି ଚାଲିଥିବାବେଳେ ଯଶପ୍ରୀତ୍ ବୁମ୍‌ରାଙ୍କ ଏକ ବଲ୍‌କୁ ଭିନ୍ନ ଢଙ୍ଗରେ ଉଇକେଟ କିପର ମହେନ୍ଦ୍ର ସିଂ ଧୋନୀଙ୍କ ମୁଣ୍ଡ ଉପରେ ମାରିବା ଚକ୍କରରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ ଖ୍ୱାଜା। ସେ ୩୯ ବଲ୍‌ରୁ ୪ ଚୌକା ଓ ୧ ଛକା ସହ ୪୨ ରନ ସ୍କୋର କରିଥିଲେ। ସ୍ମିଥ ଓ ଖ୍ୱାଜାଙ୍କ ୩ୟ ଉଇକେଟ ଯୋଡ଼ିରୁ ୬୯ ରନ ସଂଗୃହୀତ ହୋଇଥିଲା। ୫ମ ବ୍ୟାଟ୍ସମ୍ୟାନଭାବେ କ୍ରିଜ୍‌କୁ ଆସିଥିବା ଗ୍ଲେନ ମ୍ୟାକ୍ସୱେଲ ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ। ତେବେ ୪୦ତମ ଓଭରର ଦ୍ୱିତୀୟ ବଲ୍‌ରେ ସ୍ମିଥଙ୍କ ପ୍ରାଇଜ୍ ଉଇକେଟ ହାସଲ କରି ଭୁବନେଶ୍ୱର କୁମାର ଭାରତର ବିଜୟ ସମ୍ଭାବନାକୁ ଦୃଢ଼ୀଭୂତ କରିଥିଲେ। ଅମ୍ପାୟର ପ୍ରଥମେ ଏଲବିଡବ୍ଲ୍ୟୁ ଦେଇ ନ ଥିଲେ ହେଁ ବିରାଟ କୋହଲି ରିଭ୍ୟୁ ମାଗିବାପରେ ରିପ୍ଲେରେ ବଲ୍ ସିଧା ଷ୍ଟମ୍ପ୍‌କୁ ହିଟ୍ କରୁଥିବା ପରିଲକ୍ଷିତ ହୋଇଥିଲା। ଫଳରେ ଅମ୍ପାୟର ନିଜ ନିଷ୍ପତ୍ତି ପରିବର୍ତ୍ତନ କରି ସ୍ମିଥଙ୍କୁ ଆଉଟ ଦେଇଥିଲେ। ୭୦ ବଲ୍ ଖେଳିଥିବା ସ୍ମିଥ ୫ ଚୌକା ଓ ୧ ଛକା ସହ ୬୯ ରନ ସ୍କୋର କରିଥିଲେ। ଗୋଟିଏ ବଲ୍ ବ୍ୟବଧାନରେ ମାର୍କୁସ ଷ୍ଟୋଇନ୍ସ ଭୁବନେଶ୍ୱରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହେବାସହ ଅଷ୍ଟ୍ରେଲିଆ କ୍ରମେ ପରାଜୟ ମୁହାଁ ହୋଇଥିଲା। ଚାପ ପରିସ୍ଥିତିରେ ମ୍ୟାକ୍ସୱେଲ ୨୮(୧୪ ବଲ, ୫ ଚୌକା) କରି ଆଉଟ ହୋଇ ଯାଇଥିଲେ। ଶେଷଭାଗରେ ଆଲେକ୍ସ କାରେ କେତୋଟି ଦର୍ଶନୀୟ ଶଟ୍ ଖେଳିଥିଲେ ହେଁ ତାହା ଅଷ୍ଟ୍ରେଲିଆ ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ସେ ୩୫ ବଲ୍ ଖେଳି ୫ ଚୌକା ଓ ୧ ଛକା ସହାୟତାରେ ୫୫ ରନକରି ଅପରାଜିତ ରହିଥିଲେ। ବ୍ୟାଟିଂ ସମୟରେ ଅଙ୍ଗୁଳିରେ ଆଘାତ ପାଇଥିବାରୁ ଶିଖର ଧାୱନ ଫିଲ୍ଡିଂ କରି ନ ଥିଲେ। ତାଙ୍କ ସ୍ଥାନରେ ରବୀନ୍ଦ୍ର ଜାଡେଜା ଫିଲ୍ଡିଂ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ଓ ଭୁବନେଶ୍ୱର କୁମାର ୩ଟି ଲେଖାଏ ଏବଂ ଯୁଜବେନ୍ଦ୍ର ଚହଲ ୨ଟି ଉଇକେଟ ନେଇଥିଲେ।

କେନିଂଟନ ଓଭାଲ ପିଚ୍‌ର ପ୍ରକୃତିକୁ ଦେଖି ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ ଦୁଇ ଓପ୍‌ନର ରୋହିତ ଶର୍ମା ଓ ଶିଖର ଧାୱନ। ବ୍ୟାଟିଂ ଫ୍ରେଣ୍ଡ୍‌ଲୀ ପିଚ୍‌ରେ ଦୁହେଁ ଅଷ୍ଟ୍ରେଲୀୟ ବୋଲରଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରି ଶତକୀୟ ଭାଗୀଦାରି ଗଢ଼ିଥିଲେ। ୨୩ତମ ଓଭରର ୩ୟ ବଲ୍‌ରେ ଯାଇ ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ମିଳିଥିଲା। ୨୨.୩ ଓଭରରେ ରୋହିତ ଶର୍ମାଙ୍କୁ ଆଲେକ୍ସ କେରେଙ୍କ ହାତରେ କ୍ୟାଚ୍ କରାଇ ଦଳକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ନାଥାନ କୁଲ୍ଟର-ନାଇଲ। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଶତକ ହାସଲ କରିଥିବା ରୋହିତ ଏଠାରେ ମଧ୍ୟ ଭଲ ଆରମ୍ଭ କରି ୭୦ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ୫୭ ରନ୍ ସ୍କୋର କରିଥିଲେ। ବିରାଟ କ୍ରିଜ୍‌ରେ ଯୋଗଦେବା ପରେ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ। ପିଚ୍‌ରୁ ବୋଲରଙ୍କୁ ବିଶେଷ ସହାୟତା ମିଳି ନ ଥିଲା। ଏଥିରୁ ଭାରତୀୟ ବ୍ୟାଟ୍ସମ୍ୟାନମାନେ ପୂରା ଫାଇଦା ଉଠାଇଥିବାବେଳେ କ୍ୟାରିୟରର ୧୭ତମ ଶତକ ହାସଲ କରିଥିଲେ ଧାୱନ। ୯୫ ବଲ୍‌ରୁ ୧୦୦ ରନ୍ ପୂରଣ କରିଥିବା ଏହି ବାମହାତୀ ବ୍ୟାଟ୍ସମ୍ୟାନ ୧୦୯ ବଲ୍‌ରୁ ୧୬ ଚୌକା ସହାୟତାରେ ୧୧୭ ରନ୍ କରି ମିଚେଲ ଷ୍ଟାର୍କଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଧାୱନ ଓ କୋହଲିଙ୍କ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୯୩ ରନ୍ ସଂଗୃହୀତ ହୋଇଥିଲା। ୪ ନମ୍ବର ବ୍ୟାଟ୍ସମ୍ୟାନ ଭାବେ ପଡ଼ିଆକୁ ଓହ୍ଲାଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତହାରରେ ରନ୍ ସଂଗ୍ରହ କରିଥିଲେ। ସେ ୨୭ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୩ ଛକା ସହାୟତାରେ ୪୮ ରନ୍ କରି ଆଉଟ ହେବାବେଳକୁ କୋହଲିଙ୍କ ସହ ୪ର୍ଥ ଉଇକେଟ ଭାଗୀଦାରିରେ ୮୧ ରନ୍ ଯୋଗକରିଥିଲେ। ଶେଷ ଓଭରରେ ଆଉଟ୍ ହୋଇଥିଲେ ମହେନ୍ଦ୍ର ସିଂ ଧୋନୀ ଓ ବିରାଟ। ଦ୍ରୁତହାରରେ ରନ୍ ସଂଗ୍ରହ ଚକ୍କରରେ ଧୋନୀ ୧୪ ବଲ୍‌ରୁ ୨୭(୩ ଚୌକା, ୧ ଛକା) ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ବିରାଟ ୭୭ଟି ବଲ୍ ଖେଳି ୪ ଚୌକା ଓ ୨ ଛକା ସହାୟତାରେ ୮୨ ରନ କରିଥିବାବେଳେ ମାର୍କୁସ ଷ୍ଟୋଇନ୍ସଙ୍କ ବଲ୍‌କୁ ପଏଣ୍ଟ ଉପରେ ମାରିବାକୁ ଯାଇ ପ୍ୟାଟ୍ କୁମିନ୍ସଙ୍କ ହାତରେ ଧରାପଡ଼ିଥିଲେ। ଇନିଂସ୍‌ର ଅନ୍ତିମ ବଲ୍‌କୁ ଚୌକାରେ ପରିଣତ କରି ଲୋକେଶ ରାହୁଲ ଭାରତର ସ୍କୋରକୁ ୩୫୦ ଅତିକ୍ରମ କରାଇଥିଲେ। ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୫୨ ରନ୍ ସ୍କୋର କରିଥିଲା। ଶେଷ ୧୦ ଓଭରରେ ଭାରତ ୧୧୬ ରନ୍ ସଂଗ୍ରହ କରିଥିଲା। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଷ୍ଟୋଇନ୍ସ ୨ଟି ଏବଂ କୁମିନ୍ସ, ଷ୍ଟାର୍କ ଓ ନାଥାନ କୁଲ୍ଟର-ନାଇଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ଭାରତୀୟ ଅଧିନାୟକ ବିରାଟ କୋହଲି ।

## ସ୍କୋର ବୋର୍ଡ

■ ଭାରତ ଇନିଂସ
ରୋହିତ-କ-କାରେ-ବୋ-କୁଲ୍‌ଟର ନାଇଲ-୫୭
ଧାୱନ-କ-ଲିୟନ (ବଦଳ)-ବୋ-ଷ୍ଟାର୍କ-୧୧୭
କୋହଲି-କ-କୁମିନ୍ସ-ବୋ-ଷ୍ଟୋଇନିସ-୮୨
ପାଣ୍ଡ୍ୟା-କ-ଫିଞ୍ଚ୍-ବୋ-କୁମିନ୍ସ-୪୮
ଧୋନୀ-କ ଆଣ୍ଡ୍ ବୋ-ଷ୍ଟୋଇନିସ-୨୭
ଲୋକେଶ-ନଟଆଉଟ-୧୧
କେଦାର-ନଟଆଉଟ-୦
ଅତିରିକ୍ତ-୧୦
ମୋଟ- (୫୦ ଓଭର, ୫ ଉଇକେଟ) ୩୫୨।
ଉଇକେଟ ପତନ: ୧/୧୨୭, ୨/୨୨୦, ୩/୩୦୧, ୪/୩୩୮, ୫/୩୪୮।
ବୋଲିଂ (ଅଷ୍ଟ୍ରେଲିଆ)
ପ୍ୟାଟ କୁମିନ୍ସ ୧୦-୦-୫୫-୧
ମିଚେଲ ଷ୍ଟାର୍କ ୧୦-୦-୭୪-୧
କୁଲଟର ନାଇଲ ୧୦-୧-୬୩-୧
ଗ୍ଲେନ ମାକ୍ସୱେଲ ୭-୦-୪୫-୦
ଆଡାମ ଜାମ୍ପା ୬-୦-୫୦-୦
ମାର୍କସ ଷ୍ଟୋଇନିସ ୭-୦-୬୨-୨।

■ ଅଷ୍ଟ୍ରେଲିଆ ଇନିଂସ
ୱାର୍ନର-କ-ଭୁବନେଶ୍ୱର-ବୋ-ଚହଲ-୫୬
ଫିଞ୍ଚ୍-ରନଆଉଟ (କେଦାର/ହାର୍ଦ୍ଦିକ)-୩୬
ସ୍ମିଥ୍-ଏଲବିଡବ୍ଲ୍ୟୁ-ଭୁବନେଶ୍ୱର-୬୯
ଖ୍ୱାଜା-ବୋ-ବୁମ୍‌ରା-୪୨
ମାକ୍ସୱେଲ-କ-ଜାଡେଜା(ବଦଳ)-ବୋ-ଚହଲ-୨୮
ଷ୍ଟୋଇନିସ୍-ବୋ-ଭୁବନେଶ୍ୱର-୦
କାରେ-ନଟଆଉଟ-୫୫
କୁଲ୍‌ଟର ନାଇଲ-କ-କୋହଲି-ବୋ-ବୁମ୍‌ରା-୪
କୁମିନ୍ସ-କ-ଧୋନୀ-ବୋ-ବୁମ୍‌ରା-୮
ଷ୍ଟାର୍କ-ରନଆଉଟ-୩
ଜାମ୍ପା-କ-ଜାଡେଜା-ବୋ-ଭୁବନେଶ୍ୱର-୧
ଅତିରିକ୍ତ-୧୪
ମୋଟ (୫୦ଓଭର, ଅଲଆଉଟ ) ୩୧୬।
ଉଇକେଟ ପତନ: ୧/୬୧, ୨/୧୩୩, ୩/୨୦୨, ୪/୨୩୮, ୫/୨୩୮, ୬/୨୪୪, ୭/୨୮୩, ୮/୩୦୦, ୯/୩୧୩, ୧୦/୩୧୬।
ବୋଲିଂ (ଭାରତ)
ଭୁବନେଶ୍ୱର କୁମାର ୧୦-୦-୫୦-୩
ଯଶପ୍ରୀତ ବୁମ୍‌ରା ୧୦-୧-୬୧-୩
ହାର୍ଦ୍ଦିକ ପାଣ୍ଡ୍ୟା ୧୦-୦-୬୮-୦
କୁଲଦୀପ ଯାଦବ ୯-୦-୫୫-୦
ଯୁଜବେନ୍ଦ୍ର ଚହଲ ୧୦-୦-୬୨-୨
କେଦାର ଯାଦବ ୧-୦-୧୪-୦

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୦ | ୦ | ୬ | +୨.୧୬୩ |
| ଇଂଲଣ୍ଡ | ୩ | ୨ | ୧ | ୦ | ୦ | ୪ | +୧.୩୦୭ |
| ଭାରତ | ୨ | ୨ | ୦ | ୦ | ୦ | ୪ | +୦.୫୩୯ |
| ଅଷ୍ଟ୍ରେଲିଆ | ୩ | ୨ | ୧ | ୦ | ୦ | ୪ | +୦.୪୮୩ |
| ଶ୍ରୀଲଙ୍କା | ୩ | ୧ | ୧ | ୦ | ୧ | ୩ | -୧.୫୧୭ |
| ପାକିସ୍ତାନ | ୩ | ୧ | ୧ | ୦ | ୧ | ୩ | -୨.୪୧୨ |
| ୱେଷ୍ଟଇଣ୍ଡିଜ | ୨ | ୧ | ୧ | ୦ | ୦ | ୨ | +୨.୦୫୪ |
| ବାଂଲାଦେଶ | ୩ | ୧ | ୨ | ୦ | ୦ | ୨ | -୦.୭୧୪ |
| ଦକ୍ଷିଣ ଆଫ୍ରିକା | ୩ | ୦ | ୩ | ୦ | ୦ | ୦ | -୦.୯୫୨ |
| ଆଫଗାନିସ୍ତାନ | ୩ | ୦ | ୩ | ୦ | ୦ | ୦ | -୧.୪୯୩ |

**ଆଜିର ମ୍ୟାଚ୍**
ଦକ୍ଷିଣ ଆଫ୍ରିକା
ବନାମ
ୱେଷ୍ଟଇଣ୍ଡିଜ
ସ୍ଥାନ: ସାଉଥାମ୍ପଟନ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଖେଳାଳି, ଅଫିସିଆଲ, ଅମ୍ପାୟରଙ୍କ ଲାଗି ଡେବିଟ୍ କାର୍ଡ

**ଲଣ୍ଡନ,୯।୬(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌କୁ ଦୁର୍ନୀତିମୁକ୍ତ କରିବା ଲାଗି ଇସିବି (ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ ବୋର୍ଡ) ପକ୍ଷରୁ ସମସ୍ତ ଖେଳାଳି, ଅଫିସିଆଲ, ଅମ୍ପାୟର ଏବଂ ମ୍ୟାଚ ରେଫରିମାନଙ୍କୁ ସ୍ୱତନ୍ତ୍ର ଡେବିଟ୍ କାର୍ଡ ଇସୁ କରାଯାଇଛି। ଟୁର୍ନାମେଣ୍ଟ ବେଳେ ଯଥାସମ୍ଭବ ଅର୍ଥ କାରବାରକୁ ଏଡାଇ ଡେବିଟ୍ କାର୍ଡର ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଛି। ମିଡିଆ ରିପୋର୍ଟ ଅନୁସାରେ, ଇସିବି ଜୁନ୍ ୬ରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଶେଷ ପର୍ଯ୍ୟନ୍ତ ଖେଳାଳିମାନଙ୍କୁ ସମସ୍ତ ପ୍ରକାର ପାଉଣା/ଭତ୍ତା ନଗଦ ଅର୍ଥ ଅବା ଚେକ୍ ଆକାରରେ ନ ଦେଇ ଡେବିଟ୍ କାର୍ଡରେ ଜମା କରିଛି। କାର୍ଡଟିର ବୈଧତା ଅଗଷ୍ଟ ପର୍ଯ୍ୟନ୍ତ ରହିବ। ଡେବିଟ୍ କାର୍ଡଟିକୁ ଶପିଂ, ପେମେଣ୍ଟ ଏବଂ ରେସ୍ତୋରାଁରେ ବ୍ୟବହାର କରାଯାଇପାରିବ। ଏପର୍ଯ୍ୟନ୍ତ ଆୟୋଜକ ଦେଶ ଖେଳାଳି ଏବଂ ଟିମ୍ ଅଫିସିଆଲମାନଙ୍କୁ ସେମାନଙ୍କ ଦୈନିକ ଭତ୍ତା ଏବଂ ଅନ୍ୟାନ୍ୟ ପେମେଣ୍ଟ ବାବଦ ଅର୍ଥକୁ ଟିମ୍ ମ୍ୟାନେଜରଙ୍କ ଜରିଆରେ ବାଣ୍ଟି ଆସୁଥିଲା। ଇଭେଣ୍ଟକୁ ଦୁର୍ନୀତିମୁକ୍ତ କରିବା ସହ ଖେଳାଳିମାନଙ୍କୁ ଅନିଚ୍ଛାକୃତ ବାହ୍ୟ ପ୍ରଲୋଭନରୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଲ' ଏନ୍‌ଫୋର୍ସିଂ ଏଜେନ୍ସିଗୁଡ଼ିକର ସହଯୋଗରେ କିଛି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ବୋଲି ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) କହିଛି। ରିପୋର୍ଟରେ କୁହାଯାଇଛି, ଡେବିଟ୍ କାର୍ଡର ବ୍ୟବହାର ଦ୍ୱାରା ଟୁର୍ନାମେଣ୍ଟ ବେଳେ ଆଇସିସିର ଦୁର୍ନୀତି ନିରୋଧୀ ଗୋଇନ୍ଦାମାନେ ଖେଳାଳି, ଟିମ୍ ଏବଂ ମ୍ୟାଚ ଅଫିସିଆଲଙ୍କ ଆର୍ଥିକ କାରବାର ଉପରେ ନଜର ରଖିପାରିବେ। ଆଇସିସିର ସ୍ୱୀକୃତିପ୍ରାପ୍ତ କ୍ରିକେଟ ବୋର୍ଡଗୁଡ଼ିକ ଏହି ଉଦ୍ୟମ ପ୍ରତି ସମର୍ଥନ ଜଣାଇଛନ୍ତି।

# ନ୍ୟୁଜିଲାଣ୍ଡ ୭ ଉଇକେଟରେ ବିଜୟୀ

**ଟଣ୍ଟନ, ୯।୬ (ଏଏଫ୍‌ପି)**

ଚଳିତ ବିଶ୍ୱକପ୍‌ର ୧୩ତମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଶନିବାର ୧୦୭ଟି ବଲ ବାକିଥାଇ ୭ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ସ୍ଥାନୀୟ କାଉଣ୍ଟି ଗ୍ରାଉଣ୍ଡରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୪୧.୧ ଓଭରରେ ୧୭୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩୨.୧ ଓଭରରେ ୩ ଉଇକେଟ ହରାଇ ୧୭୩ ରନ କରି ବିଜୟୀ ହୋଇଛି। ଦଳ ତରଫରୁ ଅଧିନାୟକ କେନ୍ ୱିଲିୟମସନ ଅପରାଜିତ ୭୯, ରସ ଟେଲର ୪୮, କଲିନ ମୁନରୋ ୨୨ରନ କରିଥିବାବେଳେ ଟମ ଲଥାମ ୧୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ଅଫତାବ ଆଲମ ୩ଟି ଯାକ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା ଓ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା। ଦଳର ୭ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଓପନର ହଜରତୁଲ୍ଲା ଜାଜାଇ ୩୪, ନୁର ଅଲି ଜଡ୍ରାନ ୩୧, ଆଫତାବ ଆଲମ ୧୪ ରନ କରି ଆଉଟ ହୋଇଥିଲେ। ତେବେ ଦଳ ତରଫରୁ ହଶମାତୁଲ୍ଲା ଶାହିଦି ସର୍ବାଧିକ ୫୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପକ୍ଷରୁ ଜେମ୍ସ ନିଶାମ ସର୍ବାଧିକ ୫, ଲୋକି ଫର୍ଗୁଶନ ୪ ଓ କଲିନ୍ ଡି ଗ୍ରାଣ୍ଡହୋମ ଗୋଟିଏ ଉଇକେଟ ହାସଲ କରିଥିଲେ।


ଆଇସିସି ବିଶ୍ୱକପରେ ଆଫଗାନିସ୍ତାନ ବିପକ୍ଷରେ ୫ ଉଇକେଟ ଅକ୍ତିଆର କରିଥିବା ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଜେମ୍ସ ନିଶାମ।

# ଦକ୍ଷିଣ ଆଫ୍ରିକା ଦୃଢ଼ ପ୍ରତ୍ୟାବର୍ତ୍ତନ କରିବ

**ଜ୍ୟାକ୍ କାଲିସ୍**

ଦକ୍ଷିଣ ଆଫ୍ରିକାର ପ୍ରଦର୍ଶନ ନେଇ ସମସ୍ତେ ନିରାଶ ଥିବେ। ସତ କଥା କହିବାକୁ ଗଲେ ଏହା ଠିକ୍ ଓ ବୋଧଗମ୍ୟ ମଧ୍ୟ। ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ତା'ର ପ୍ରଥମ ୩ଟି ମ୍ୟାଚ୍‌ରେ ଆଶାଠାରୁ କମ୍ ପ୍ରଦର୍ଶନ କରିଛି। କେବଳ ସେତିକି ନୁହଁ ଦକ୍ଷିଣ ଆଫ୍ରିକା ପ୍ରତ୍ୟାବର୍ତ୍ତନ କରିବାର ଆଶା ମଧ୍ୟ କମ୍। ଏହା ଦଳର ପ୍ରଦର୍ଶନରୁ ନୁହଁ, ଖେଳାଳିଙ୍କ ହାବଭାବରୁ ସ୍ପଷ୍ଟଭାବେ ପ୍ରତୀୟମାନ ହେଉଛି। କିନ୍ତୁ ମୁଁ ଦକ୍ଷିଣ ଆଫ୍ରିକ ଦଳ ସହ ପ୍ରତ୍ୟକ୍ଷଭାବେ ପାଖାପାଖି ଦେଢ ଦଶନ୍ଧି ଧରି ଜଡିତ ରହିଆସିଛି ଓ ଏହି ଦଳ ପୁରା ଢଙ୍ଗରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିବ ବୋଲି ଭଲଭାବେ ଜାଣିଛି। ବିଶ୍ୱବ୍ୟାପୀ କ୍ରିକେଟ ପ୍ରଶଂସକ ଦକ୍ଷିଣ ଆଫ୍ରିକା ଉପରୁ ଆଶା ଛାଡିଛନ୍ତି। ଦୁର୍ଭାଗ୍ୟଜନକ ଭାବେ ଦକ୍ଷିଣ ଆଫ୍ରିକାର କେତେକ ସମର୍ଥକ ଦଳର ପ୍ରତ୍ୟାବର୍ତ୍ତନ କରିବ ସେ ଆଶା ଛାଡିଦେଇଛନ୍ତି। ତେବେ ଫାଫ୍ ଡୁପ୍ଲେସିଙ୍କ ଦଳ ଦୃଢ ପ୍ରତ୍ୟାବର୍ତ୍ତନ କରିବ ବୋଲି ମୁଁ ଜୋର ଦେଇ କହୁଛି। ପୂର୍ବରୁ ମଧ୍ୟ ଦକ୍ଷିଣ ଆଫ୍ରିକା ଏଭଳି ପରିସ୍ଥିତିରେ ନିଜର ଦକ୍ଷତା ପ୍ରମାଣିତ କରିଛି। ପୁଣିଥରେ ଦକ୍ଷିଣ ଆଫ୍ରିକା ନିଜର ଶକ୍ତି ତଥା ସାମର୍ଥ୍ୟ ପ୍ରମାଣ କରିବ ବୋଲି ଆଶା ରଖିଛି।

ଦକ୍ଷିଣ ଆଫ୍ରିକା ଏବେ ସେମିଫାଇନାଲରେ ପହଞ୍ଚିବ ବୋଲି କହୁନାହିଁ। ତେବେ ସେମିକୁ ଉଠିବାର ସମ୍ଭାବନାକୁ ମଧ୍ୟ ଏଡାଇ ଦେଉନାହିଁ। ତେବେ ଯଦି ଦକ୍ଷିଣ ଆଫ୍ରିକା ଖୁବ୍‌ଶୀଘ୍ର ପ୍ରତ୍ୟାବର୍ତ୍ତନ ନ କରି ଜିତିବା ଆରମ୍ଭ ନ କରେ ତାହେଲେ ଆଶ୍ଚର୍ଯ୍ୟ ହେବି।

ଇତିମଧ୍ୟରେ କେତେକ ଦଳ ବେଶ୍ ଦୃଢ ତଥା ଶକ୍ତିଶାଳୀ ମନେ ହେଉଛନ୍ତି। ବିଶ୍ୱକପ୍ ଆରମ୍ଭରୁ ବେଶ୍ ଆକର୍ଷଣୀୟ ହୋଇପାରିଛି। ସାରା ବ୍ରିଟେନରେ ପ୍ରଥମ ୧୦ ଦିନ ଭ୍ରମଣ କରିଛି। ବ୍ରିଟେନ ଜନସଂଖ୍ୟାର କସ୍‌ମୋପଲିଟାନ ଆଚରଣ ବିଶ୍ୱକପ୍ ପାଇଁ ଅତି ଉଚ୍ଚକୋଟୀର ଦର୍ଶକ ସୃଷ୍ଟି କରିପାରିଛି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ସବୁ ୧୦ଟି ଦେଶର ପ୍ରଶଂସକ ବ୍ରିଟେନରେ ଏକାଠି ହୋଇଛନ୍ତି। ଏହି ପ୍ରଶଂସକମାନେ ବେଶ୍ ଉତ୍ସାହି ଓ ଜ୍ଞାନୀ ସ୍ୱଭାବର। ତେବେ ଅନ୍ୟ ଦେଶମାନଙ୍କଠାରୁ ଭାରତର ପ୍ରଶଂସକ ଅଧିକ ବୋଲି କେହି ଭୁଲିବା ଉଚିତ୍ ନୁହଁ। ଏପରି ଆୟୋଜକ ତଥା ଘରୋଇ ଇଂଲଣ୍ଡଠାରୁ ଭାରତର ପ୍ରଶଂସକ ବିଶ୍ୱକପ୍‌ରେ ଅଧିକ ବୋଲି ମୁଁ ଦେଖିପାରୁଛି। ଓଭାଲରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରୁ ଏହା ସ୍ପଷ୍ଟ ହୋଇଛି। ଷ୍ଟାଡିୟମରେ ୨୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ନୀଳ ଶାର୍ଟ ପିନ୍ଧିଥିଲେ। ଅର୍ଥାତ୍ ଷ୍ଟାଡିୟମରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦର୍ଶକ ଭାରତକୁ ସମର୍ଥନ କରୁଥିଲେ। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ତାରକା ଓପନର ରୋହିତ ଶର୍ମା ଯେପରି ବ୍ୟାଟିଂ କଲେ ତାହା ପ୍ରଶଂସନୀୟ। ଧୈର୍ଯ୍ୟର ସହ ବ୍ୟାଟିଂ କରି ସେ ଉପଯୋଗୀ ଶତକ ହାସଲ କରିଥିଲେ ଓ ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ସହ ଭାରତ ୨ ପଏଣ୍ଟ ମଧ୍ୟ ହାସଲ କରିଥିଲା। ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ୍ ଭଳି ଅଷ୍ଟ୍ରେଲିଆ ମଧ୍ୟ ଶକ୍ତିଶାଳୀ ମନେହେଉଛି। ପାକିସ୍ତାନକୁ ଆଦୌ ହେୟ ମନେ କରିହେବ ନାହିଁ କିମ୍ବା ଅଣଦେଖା କରିହେବ ନାହିଁ। ଇଂଲଣ୍ଡ ଓ ଭାରତ ଫେଭରାଇଟ୍ ବୋଲି ଟୁର୍ନାମେଣ୍ଟ ଆରମ୍ଭରୁ କହିଛି।

(ଗେମ୍ ପ୍ଲାନ୍/ ଟିଭାକ୍ ସ୍ପୋର୍ଟ୍ସ)

THE ULTIMATE INVERTER BATTERY
EXIDE INVATUBULAR





## ସଂକ୍ଷେପରେ

### ଫିଡେ ରେଟିଂ ଚେସ୍: ସତ୍ୟଜିତ ଆଗୁଆ

**କଟକ ଅଫିସ,୯।୬:** ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମ ଠାରେ ଟ୍ରିପଲ ସି ଚେସ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଫିଡ଼େ ରେଟିଂ(୧୬୦୦ରୁ କମ୍) ଚେସ୍‌ରେ ରବିବାର ୬ ରାଉଣ୍ଡ ଖେଳ ଶେଷ ହୋଇଛି । ଏଥିରେ ପଶ୍ଚିମବଙ୍ଗର ସତ୍ୟଜିତ ସରକାର ୬ ପଏଣ୍ଟ ପାଇ ଅଗ୍ରଣୀ ରହିଛନ୍ତି । କେ.ଆର ପ୍ରସଥ ଓ ଧ୍ରମନ ମିତ୍ର ସମାନ ପଏଣ୍ଟ ପାଇ ଯଥାକ୍ରମେ ଦ୍ୱିତୀୟ ଓ ୩ୟ ସ୍ଥାନରେ ଅଛନ୍ତି। ଓଡ଼ିଶାର ପି.ସାଇରୂପା ୫.୫ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ଅଛନ୍ତି । ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହେବ ।

### ୨୦୩୨ ଅଲିମ୍ପିକ୍ସ ବିଡ୍ ଦାଖଲ କରିବ ଭାରତ

**ବେଙ୍ଗାଲୁରୁ,୯।୬:** ୨୦୩୨ ଅଲିମ୍ପିକ୍ସ ପାଇଁ ଭାରତ ବିଡ୍ ଦାଖଲ କରିବାକୁ ନିଷ୍ପତ୍ତି ନେଇଛି। କେବଳ ମୁମ୍ବାଇ ଓ ନୂଆଦିଲ୍ଲୀ ନୁହେଁ ବରଂ ବେଙ୍ଗାଲୁରୁ ମଧ୍ୟ ଏହି ମେଗା ଇଭେଣ୍ଟ ଆୟୋଜନ କରିବ ବୋଲି ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରା କହିଛନ୍ତି। ଅଲିମ୍ପିକ୍ସ ଭଳି ଇଭେଣ୍ଟ ଆୟୋଜନ କରିବା ଲାଗି ସହରରେ ଗୋଟିଏ ଅନ୍ତର୍ଜାତୀୟ ବିମାନବନ୍ଦର ଦରକାର। ଦେଶର କ୍ରୀଡ଼ା ରାଜଧାନୀ କୁହାଯାଉଥିବା ଭୁବନେଶ୍ୱରକୁ ମଧ୍ୟ ଏଥିନେଇ ଗୁରୁତ୍ୱ ଦିଆଯାଉଛି। ହେଲେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ସମୟ ରହିଛି। ୨୦୨୬ ୟୁଥ ଅଲିମ୍ପିକ୍ସ ଗେମ୍ସ ଆୟୋଜନ ଅଧିକାର ପାଇଁ ମଧ୍ୟ ବିଡ୍ ଦାଖଲ କରିବୁ। ଏହାବାଦ୍ ୨୦୩୦ ଏସିଆନ୍ ଗେମ୍ସ ଆୟୋଜନ ନିମନ୍ତେ ମଧ୍ୟ ଇଚ୍ଛା ପ୍ରକାଶ କରିଛୁ। ଏଣୁ ଭିତ୍ତିଭୂମି କାର୍ଯ୍ୟ ଶୀଘ୍ର ଶେଷ ହେବା ଦରକାର ବୋଲି ସେ ଏଠାରେ ଫିବା ଏସିଆ କପ୍ ବାସ୍କେଟବଲ ୨୦୨୧ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ଯୋଗଦେଇ କହିଛନ୍ତି।

### ହରିୟାଣାର ବୃହତ ବିଜୟ

**କଟକ ଅଫିସ,୯।୬:** ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫ୍‌ଏଫ) ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ହରିୟାଣା ୨୨ ଗୋଲ ବ୍ୟବଧାନରେ ତ୍ରିପୁରାକୁ ପରାସ୍ତ କରିଛି । ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ହରିୟାଣା ଫରୱାର୍ଡ ପୁଷ୍ପା ଦେବୀ ସର୍ବାଧିକ ୯ଟି ଗୋଲ ସ୍କୋର କରିଥିଲେ ।

# ପୋଲାଣ୍ଡକୁ ହରାଇଲା ରୁଷିଆ

**ଭୁବନେଶ୍ୱର, ୯।୬(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ରୁଷିଆ ୩-୨ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚରୁ ୬ ପଏଣ୍ଟ ସହିତ ରୁଷିଆ ପୁଲ୍‘ଏ’ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଗ୍ରୁପରେ ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ପାଇଥିବାରୁ ଶୀର୍ଷସ୍ଥାନ ବଜାୟ ରଖିଛି। ସୋମବାର ଭାରତ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ୪୩ତମ ର୍‌ୟାଙ୍କ୍‌ପ୍ରାପ୍ତ ଉଜ୍‌ବେକିସ୍ତାନକୁ ଭେଟିବ। ଏହି ମ୍ୟାଚରେ ଉଜ୍‌ବେକିସ୍ତାନ ଯଦି ସେମିତି ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି ନ କରେ ତେବେ ଭାରତ ସେମିଫାଇନାଲରେ ପ୍ରବେଶ କରିବ। ଏ କ୍ଷେତ୍ରରେ ରୁଷିଆ ଓ ପୋଲାଣ୍ଡ କ୍ରସ୍‌ଓଭର ମ୍ୟାଚ ଖେଳିବେ। ପରିସଂଖ୍ୟାନ ଦୃଷ୍ଟିରୁ ଭାରତର ସେମିଫାଇନାଲ ପ୍ରବେଶ ଏକପ୍ରକାର ନିଶ୍ଚିତ ହୋଇଛି। କାରଣ ୬ ପଏଣ୍ଟ ପାଇଥିବା ଭାରତର ଗୋଲ ବ୍ୟବଧାନ +୧୨ ରହିଛି। ଅନ୍ୟପକ୍ଷରେ ରୁଷିଆର ଗୋଲ ବ୍ୟବଧାନ +୨ ରହିଛି। ତେଣୁ ଶେଷ ଲିଗ୍ ମ୍ୟାଚରେ ଉଜ୍‌ବେକିସ୍ତାନଠାରୁ କମ୍ ଗୋଲ ବ୍ୟବଧାନରେ ହାରିଲେ ମଧ୍ୟ ଭାରତ ସେମିଫାଇନାଲରେ ପ୍ରବେଶ କରିବାରେ କୌଣସି ଅସୁବିଧା ହେବନାହିଁ।


ରୁଷିଆ-ପୋଲାଣ୍ଡ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଫଳସ୍ୱରୂପ ପ୍ରଥମ କ୍ୱାର୍ଟର ଖେଳ ଗୋଲଶୂନ୍ୟ ରହିଥିଲା। ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ତାହାକୁ ଗୋଲରେ କନ୍‌ଭର୍ଟ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ମ୍ୟାଚର ୧୭ତମ ମିନିଟରେ ପାଭେଲ ଗୋଲୁବେଭ୍ ଏକ ଫିଲ୍ଡ ଗୋଲ ଦେଇ ରୁଷିଆକୁ ଅଗ୍ରଣୀ କରାଇଥିଲେ। ଏହି କ୍ୱାର୍ଟର ଶେଷ ହେବା ପାଇଁ ମାତ୍ର ୨ ମିନିଟ ଥିବାବେଳେ ୨୮ତମ ମିନିଟରେ ପୋଲାଣ୍ଡର ମାଟେଉଜ୍ ହୁଲ୍‌ବୋଜ୍ ଗୋଲଟି ପରିଶୋଧ କରିଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିରେ ରହିଥିଲା।



ପୋଲାଣ୍ଡ ଓ ରୁଷିଆ ମଧ୍ୟରେ ରବିବାର ଖେଳାଯାଇଥିବା ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।



ପରାଜୟ ଗ୍ଲାନିରେ ମ୍ରିୟମାଣ ପୋଲାଣ୍ଡ ଖେଳାଳି।




ମୁଖ୍ୟ ଅତିଥି ବିଶାଳ ଦେବ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ।

### ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ଡ୍ର | ହାରିଛି | ଗୋଲ ସ୍କୋର | ଗୋଲ ବରଣ | ବ୍ୟବଧାନ | ପଏଣ୍ଟ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଭାରତ | ୨ | ୨ | ୦ | ୦ | ୧୩ | ୧ | +୧୨ | ୬ |
| ରୁଷିଆ | ୩ | ୨ | ୦ | ୧ | ୧୫ | ୧୩ | +୨ | ୬ |
| ପୋଲାଣ୍ଡ | ୩ | ୧ | ୦ | ୨ | ୭ | ୬ | +୧ | ୩ |
| ଉଜ୍‌ବେକିସ୍ତାନ | ୨ | ୦ | ୦ | ୨ | ୧ | ୧୬ | -୧୫ | ୦ |
| **ପୁଲ୍‘ବି’** | | | | | | | | |
| ଆମେରିକା | ୨ | ୨ | ୦ | ୦ | ୧୧ | ୦ | +୧୧ | ୬ |
| ଜାପାନ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ଦକ୍ଷିଣ ଆଫ୍ରିକା | ୨ | ୦ | ୦ | ୨ | ୧ | ୧୨ | -୧୧ | ୦ |
| ମେକ୍ସିକୋ | ୨ | ୦ | ୦ | ୨ | ୧ | ୧୨ | -୧୧ | ୦ |

**ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ**

**ଆଜିର ମ୍ୟାଚ**

- ଆମେରିକା ବନାମ ଜାପାନ
  ସକାଳ ୮ଟା ୪୫
- ଦକ୍ଷିଣ ଆଫ୍ରିକା ବନାମ ମେକ୍ସିକୋ
  ଅପରାହ୍ନ ୫ଟା
- ଭାରତ ବନାମ ଉଜ୍‌ବେକିସ୍ତାନ
  ରାତି ୭ଟା

ତୃତୀୟ କ୍ୱାର୍ଟରରେ ଅଗ୍ରଣୀ ନେବା ପାଇଁ ମୁକାବିଲା ଜୋରଦାର ହୋଇଥିଲା। ଏହି କ୍ୱାର୍ଟର ଶେଷ ହେବା ପାଇଁ ଅଳ୍ପକିଛି ସେକେଣ୍ଡ ଥିବାବେଳେ ରୁଷିଆ ଖେଳାଳିଙ୍କ ବିପଜ୍ଜନକ ଖେଳ ପାଇଁ ପୋଲାଣ୍ଡକୁ ପେନାଲ୍ଟି ଷ୍ଟ୍ରୋକ୍ ଅଫର ଦିଆ ଯାଇଥିଲା। ଅଧିନାୟକ ପାୱେଲ ବ୍ରାଟ୍‌କୋୱସ୍କି ଏହାକୁ ଗୋଲରେ ପରିଣତ କରି ପୋଲାଣ୍ଡକୁ ଅଗ୍ରଣୀ କରାଇଥିଲେ। ଅନ୍ତିମ କ୍ୱାର୍ଟର ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ରୁଷିଆ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ୫୬ ମିନିଟ ପର୍ଯ୍ୟନ୍ତ ଅଗ୍ରଣୀ ରହିଥିବାରୁ ପୋଲାଣ୍ଡ ବିଜୟୀ ହେବା ଆଶା କରାଯାଉଥିଲା। ମାତ୍ର ରୁଷିଆ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ଶେଷ ପର୍ଯ୍ୟାୟରେ ଦଳ ବଲ୍‌କୁ ପୋଲାଣ୍ଡ ଡି ଏରିଆ ମଧ୍ୟରେ ରଖି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି ପାଇଁ ଉଦ୍ୟମ କରିଥିଲା। ୫୭ତମ ମିନିଟରେ ଦଳକୁ ପେନାଲ୍ଟି କର୍ନର ମିଳିଥିଲା। ସେମେନ ମାଟ୍‌କୋଭସ୍କି ଏହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ଏହାର ୨ ମିନିଟ ପରେ ଅର୍ଥାତ୍ ୫୯ତମ ମିନିଟରେ ଦଳକୁ ମିଳିଥିବା ଆଉ ଏକ ପେନାଲ୍ଟି କର୍ନରକୁ ପାଭେଲ ଗୋଲରେ ପରିଣତ କରି ରୁଷିଆକୁ ବିଜୟୀ କରାଇଥିଲେ। ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ପୋଲାଣ୍ଡ ହାତରେ ଆଉ ପର୍ଯ୍ୟାପ୍ତ ସମୟ ନ ଥିଲା। ଚଳିତ ମ୍ୟାଚରେ ପାଭେଲଙ୍କର ଏହାଥିଲା ଦ୍ୱିତୀୟ ଗୋଲ। କ୍ରୀଡ଼ା ସଚିବ ବିଶାଳ ଦେବ ଅତିଥିଭାବେ ଯୋଗଦେଇ ରୁଷିଆର ଡବଲ ଗୋଲ ସ୍କୋରର ପାଭେଲ ଗୋଲୁବେଭ୍‌ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ସେମିଫାଇନାଲ ଲକ୍ଷ୍ୟରେ ଭାରତ

**ଭୁବନେଶ୍ୱର,୯।୬(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସିରିଜ ଫାଇନାଲ୍ସରେ ଫେଭରାଇଟ୍ ବିବେଚିତ ହେଉଥିବା ଆୟୋଜକ ଭାରତ ସୋମବାର ତା’ର ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ଉଜ୍‌ବେକିସ୍ତାନକୁ ଭେଟିବ। ଏହି ମ୍ୟାଚ୍‌ରେ ବିଜୟୀ ହୋଇ ଭାରତ ସେମିଫାଇନାଲକୁ ଉଠିବା ଲକ୍ଷ୍ୟରେ ରହିଛି।

ଭାରତ ତା’ର ପ୍ରଥମ ମ୍ୟାଚ୍‌ରେ ରୁଷିଆକୁ ୧୦-୦ ଗୋଲରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ବିଶ୍ୱର ୫ ନମ୍ବର ଦଳ ଭାରତ ୩-୧ ଗୋଲରେ ୨୧ ନମ୍ବର ଦଳ ପୋଲାଣ୍ଡକୁ ପରାସ୍ତ କରିଥିଲା। ଏହି ଦୁଇଟି ବିଜୟ ସହ ଭାରତ ସର୍ବାଧିକ ପଏଣ୍ଟ ପାଇ ପୁଲ୍ ଏ’ର ଶୀର୍ଷ ସ୍ଥାନରେ ରହିଛି। ତେଣୁ ଉନ୍ନତ ଗୋଲ ବ୍ୟବଧାନ ସହିତ ଭାରତ ସ୍ୱତଃ ସେମିଫାଇନାଲକୁ ଉଠିବ ବୋଲି କୁହାଯାଇପାରେ। ତେବେ ଏଫ୍‌ଆଇଏଚ୍ ବିଶ୍ୱ ର୍‌ୟାଙ୍କିଙ୍ଗ୍‌ରେ ୪୩ ନମ୍ବର ସ୍ଥାନରେ ରହିଥିବା ଉଜ୍‌ବେକିସ୍ତାନକୁ ଆଦୌ ହାଲ୍‌କା ଭାବେ ଭାରତ ନେବ ନାହିଁ। ଆସନ୍ତା ଅକ୍ଟୋବର-ନଭେମ୍ବରରେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟରରେ ସ୍ଥାନ ପାଇବାକୁ ହେଲେ ଭାରତକୁ ସବୁ ମ୍ୟାଚ୍‌ରେ ବିଜୟୀ ହେବା ଆବଶ୍ୟକ।

ଦୁଇ ଦଳ ମଧ୍ୟରେ ସେତେଟା ପାର୍ଥକ୍ୟ ନାହିଁ। ତେଣୁ ର୍‌ୟାଙ୍କିଙ୍ଗ ସେତେଟା ଗୁରୁତ୍ୱ ବହନ କରୁନାହିଁ। ଦଳଗୁଡ଼ିକୁ ଠିକ୍ ଢଙ୍ଗରେ ସଜାଇ ରଖିବା ପାଇଁ ଏଫ୍‌ଆଇଏଚ୍ ର୍‌ୟାଙ୍କିଙ୍ଗ୍ ବ୍ୟବସ୍ଥା ଲାଗୁ କରିଛି ବୋଲି ଭାରତୀୟ କୋଚ୍ ଗ୍ରାହମ ରିଡ କହିଛନ୍ତି। ରୁଷିଆ ବିପକ୍ଷରେ ଭାରତ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ ପୋଲାଣ୍ଡ ବିପକ୍ଷରେ ଚମକହୀନ ବିଜୟ ହାସଲ କରିଥିଲା। ଫଳରେ ଭାରତର ପ୍ରଦର୍ଶନରେ ସ୍ଥିରତା ନ ଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। ତେଣୁ ଭାରତ ପ୍ରଦର୍ଶନରେ ସ୍ଥିରତା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ପୋଲାଣ୍ଡ ବିପକ୍ଷରେ ଭାରତ ଏକାଧିକ ଗୋଲ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଫରୱାର୍ଡ- ଲାଇନ୍ ଫିନିଶ କରିବାରେ ବିଫଳ ହୋଇଥିଲା। ଫଳରେ ଭାରତ ବାଜି ମାରିଥିଲେ ମଧ୍ୟ ବଡ଼ ବ୍ୟବଧାନରେ ବିଜୟୀ ହୋଇପାରି ନ ଥିଲା। ତେଣୁ ପ୍ରଦର୍ଶନରେ ସ୍ଥିରତା ଆଣିବା ମୋର ମୁଖ୍ୟ ଲକ୍ଷ୍ୟ ବୋଲି ରିଡ କହିଛନ୍ତି।

ଶ୍ରେଷ୍ଠ ସ୍ତରରେ କିପରି ଖେଳିବାକୁ ହୁଏ ତାହା ଅବଶ୍ୟ ଶିକ୍ଷା କରିବା ଆବଶ୍ୟକ। ପୁଣି ବିଜୟୀ ହେବା ସହ ଏହିଧାରାକୁ ବଜାୟ ରଖିବା ମଧ୍ୟ ଜାଣିବା ଆବଶ୍ୟକ ହୋଇଥାଏ। କାରଣ ସବୁ ଟୁର୍ନାମେଣ୍ଟର ଫାଇନାଲରେ ଆମେ ଅଷ୍ଟ୍ରେଲିଆକୁ ହିଁ ଭେଟିବୁ ଓ ଏହା ଆମର ମଧ୍ୟ ଲକ୍ଷ୍ୟ ବୋଲି ରିଡ କହିଛନ୍ତି। ପ୍ରତିପକ୍ଷ ଦଳ ଶ୍ରେଷ୍ଠ ହୋଇ ନ ଥିଲେ ମଧ୍ୟ ଭାରତ ହାଲ୍‌କା ଭାବେ ପ୍ରଦର୍ଶନ କରିବ ନାହିଁ। ଗତ ଦୁଇଟି ମ୍ୟାଚ୍‌ରେ ରିଡ ଦୁଇ ଗୋଲକିପର ପି.ଆର. ଶ୍ରୀଜେଶ୍ ଓ କ୍ରିଷନ ବାହାଦୁର ପାଠକଙ୍କୁ ୪ଟି କ୍ୱାର୍ଟରରେ ଅଦଳବଦଳ କରି ଖେଳାଇଛନ୍ତି। ଫଳରେ ଦୁଇ ଗୋଲକିପରଙ୍କୁ ଖେଳିବାର ଅଧିକ ସୁଯୋଗ ମିଳିଛି। ତେବେ ଦୁଇଜଣ ଏପର୍ଯ୍ୟନ୍ତ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହୋଇପାରିନାହାନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅଧିନାୟକ ମନପ୍ରୀତ ସିଂ ଓ ନୀଳକାନ୍ତ ଶର୍ମା ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ମିଡଫିଲ୍ଡ ଦାୟିତ୍ୱରେ ରହିବା ସହ ଏମାନେ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇଛନ୍ତି। ତେବେ ଭାରତୀୟ ଷ୍ଟ୍ରାଇକରମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ଏ ନେଇ କୋଚ୍ ରିଡ୍ ନିଶ୍ଚିତ ଭାବେ ଚିନ୍ତିତ ଥିବେ। ତେଣୁ ଆକାଶଦୀପ ସିଂ, ମନଦୀପ ସିଂ ଓ ଦୀର୍ଘଦିନରେ ଫିଟ୍ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ରମନଦୀପ ସିଂଙ୍କୁ ଅଧିକ ଦାୟିତ୍ୱର ସହ ଖେଳିବାକୁ ହେବ। ତେଣୁ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ହେଲେ ଖେଳାଳିମାନଙ୍କୁ ଅଧିକ ଦାୟିତ୍ୱର ସହ ପ୍ରଦର୍ଶନ କରିବାକୁ ହେବ।

ଟୁର୍ନାମେଣ୍ଟର ନିୟମ ଅନୁସାରେ ପ୍ରତ୍ୟେକ ପୁଲ୍‌ର ଦୁଇଟି ଶ୍ରେଷ୍ଠ ଦଳ ସେମିଫାଇନାଲକୁ ସିଧାସଳଖ ପ୍ରବେଶ କରିବେ। ତେବେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବାକୁ ଥିବା ଦଳଗୁଡ଼ିକୁ ସେମିଫାଇନାଲରେ ସ୍ଥାନ ହାସଲ କରିବାକୁ ହେଲେ କ୍ରସ୍- ଓଭର ମ୍ୟାଚ୍ ଖେଳିବାକୁ ହେବ। ସୋମବାର ଖେଳାଯିବାକୁ ଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଆମେରିକା ଏସିଆନ ଚାମ୍ପିୟନ ଜାପାନକୁ ପୁଲ୍ ବି’ରେ ଭେଟିବ।

### ଭାରତ-ବୁଲ୍‌ଗେରିଆ ମ୍ୟାଚ ଡ୍ର

**ନୂଆଦିଲ୍ଲୀ, ୯।୬ (ପି.ଟି.)**

ସେଣ୍ଟପିଟର୍ସବର୍ଗଠାରେ ଚାଲିଥିବା ଗ୍ରାନାଟକିନ୍ ମେମୋରିଆଲ ୧୯ ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟରେ ଭାରତ ରବିବାର ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚ ବୁଲଗେରିଆ ବିପକ୍ଷରେ ଖେଳିଥିଲା। ଆକାଶ ମିଶ୍ରଙ୍କ ହେଡର ଜରିଆରେ ଭାରତ ଏହି ମ୍ୟାଚକୁ ୧-୧ ଗୋଲ୍‌ରେ ଅମୀମାଂସିତ ରଖିଛି। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୩ ମ୍ୟାଚ ଖେଳି ମାତ୍ର ୧ ପଏଣ୍ଟ ଅର୍ଜନ କରିପାରିଛି।

### ବାର୍ଟିଙ୍କୁ ଆଇସିସିର ଶୁଭେଚ୍ଛା


**ଦୁବାଇ,୯।୬**

ଦୀର୍ଘ ୪୬ ବର୍ଷର ବ୍ୟବଧାନ ପରେ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ଟାଇଟଲ ହାତେଇଥିବା ପ୍ରଥମ ଅଷ୍ଟ୍ରେଲିଆନ ଆସ୍‌ଲ ବାର୍ଟିଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଶୁଭେଚ୍ଛା ଦିଆଯାଇଛି। ତୁମେ କ୍ରିକେଟରୁ ଆଥ୍‌ଲେଟଙ୍କୁ ନେଇପାରିବ। ହେଲେ ଉକ୍ତ ଆଥ୍‌ଲେଟଙ୍କଠାରୁ କ୍ରିକେଟ ଦୂରେଇ ପାରିବ ନାହିଁ। ଫ୍ରେଞ୍ଚ ଓପନ ଜିତିବା ପାଇଁ ବାର୍ଟିଙ୍କୁ ଅନେକ ଅନେକ ଶୁଭେଚ୍ଛା ବୋଲି ଆଇସିସି ପକ୍ଷରୁ ଟୁଇଟ୍ କରାଯାଇଛି। ଉଲ୍ଲେଖଥାଉ କି, ବାର୍ଟି ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆର ମହିଳା ବିଗ୍ ବାଶ ଲିଗ୍ (ବିବିଏଲ)ରେ ଖେଳିଥିଲେ। ସେ ବ୍ରିସ ବେନ ହିଟ୍ ପାଇଁ ୯ ମ୍ୟାଚ୍ ଖେଳି ୬୮ ରନ୍ କରିଥିଲେ। ବିବିଏଲ ବ୍ୟତୀତ କୁଇନ୍ସଲାଣ୍ଡ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ୍ ମଧ୍ୟ ଖେଳିଥିଲେ। କିନ୍ତୁ ୨୦୧୬ରେ ସେ ପୁଣି ଟେନିସକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ।

### ମ୍ଲାଡେନୋଭିଚ୍‌ଙ୍କୁ ଦ୍ୱିତୀୟ ଫ୍ରେଞ୍ଚ୍ ଓପନ ଟାଇଟଲ

**ପ୍ୟାରିସ, ୯।୬**

ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଦ୍ୱିତୀୟ ଥର ଫ୍ରେଞ୍ଚ ଓପନ୍ ମହିଳା ଡବଲ୍ସ ଟାଇଟଲ ଜିତିଛନ୍ତି। ରବିବାର ଏଠାରେ ଅନୁଷ୍ଠିତ ଫାଇନାଲରେ ସେ ଏବଂ ହଙ୍ଗେରୀର ତାଙ୍କ ପାର୍ଟନର ଟିମିଆ ବାବୋସ ୬-୨, ୬-୩ ସେଟ୍‌ରେ ଚାଇନିଜ୍ ଅଣସିଡ୍ ଯୋଡ଼ି ଡୁଆନ୍ ୟିଙ୍ଗ୍‌ୟିଙ୍ଗ୍ ଏବଂ ଝେଙ୍ଗ ସାଇସାଇଙ୍କୁ ପରାସ୍ତ କରି ସେମାନଙ୍କ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ଏହି ଯୋଡ଼ି ୨୦୧୮ରେ ଅଷ୍ଟ୍ରେଲିଆନ ଓପନ ଜିତିଥିଲେ। ଚଳିତ ବର୍ଷ ଆରମ୍ଭରେ ବାବୋସ ଏବଂ ମ୍ଲାଡେନୋଭିଚ୍ ମେଲବୋର୍ନଠାରେ ରନର୍ସଅପ୍ ହୋଇଥିଲେ। ମ୍ଲାଡେନୋଭିଚ୍ ୨୦୧୬ରେ କାରୋଲିନ୍ ଗାର୍ସିଆଙ୍କ ସହିତ ତାଙ୍କ ପ୍ରଥମ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ। ଆସନ୍ତା ଡବଲ୍ସ ର୍‌ୟାଙ୍କିଙ୍ଗରେ ସେ ଶୀର୍ଷ ସ୍ଥାନରେ ରହିବେ। ସୂଚନାଯୋଗ୍ୟ, ମ୍ଲାଡେନୋଭିଚ୍‌ଙ୍କ ବୟଫ୍ରେଣ୍ଡ୍ ହେଉଛନ୍ତି ଟେନିସ ଖେଳାଳି ଡୋମିନିକ୍ ଥିମ୍।




ଫ୍ରେଞ୍ଚ ଓପନ୍ ମହିଳା ଡବଲ୍ସ ଟାଇଟଲ ବିଜୟିନୀ କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଏବଂ ଟିମିଆ ବାବୋସ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ଜୁନ ୧୦ /୨୦୧୯ Dhenkanal, Monday, June 10 / 2019

## ସଂକ୍ଷେପରେ

### ଦିନକରେ ବଢ଼ିଲା ୩ ଡିଗ୍ରୀ

ଅନୁଗୋଳ ଅଫିସ, ୯।୬- ଅନୁଗୋଳରେ ପୁଣି ତାପମାତ୍ରା ବଢ଼ିଛି। ଶନିବାର ଏଠାରେ ୩୭.୬ ଡିଗ୍ରୀ ଥିବାବେଳେ ରବିବାର ୩ ଡିଗ୍ରୀ ବୃଦ୍ଧିପାଇ ତାପମାତ୍ରା ୪୦.୭ରେ ପହଞ୍ଚିଛି। ଫଳରେ ଦିନସାରା ପ୍ରବଳ ଗରମ ଓ ଗୁଳୁଗୁଳି ଲାଗିରହିଥିଲା। ପୂର୍ବାହ୍ନରେ ସର୍ବନିମ୍ନ ତାପମାତ୍ରା ୨୧.୬ ଡିଗ୍ରୀ ଥିବାବେଳେ ଅପରାହ୍ନରେ ଏହା ବୃଦ୍ଧି ପାଇ ୪୦ ଡିଗ୍ରୀ ଟପିଯାଇଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଆଗକୁ ମୌସୁମୀ ଆସୁଛି। ମୌସୁମୀ ପୂର୍ବରୁ ପ୍ରାକ୍ ବର୍ଷା ହେଲେ ତାତି ଓ ଗୁଳଗୁଳି କମ୍ ହେବ।

### ବିଦ୍ୟାଳୟ ଆଜବେଷ୍ଟସ ଭାଙ୍ଗିଲା



ଛେଣ୍ଡିପଦା,୯।୬(ସ୍ୱ.ପ୍ର)- ଛେଣ୍ଡିପଦା ବ୍ଲକ ରାଇଝରଣ ପଞ୍ଚାୟତ ଧୋବାମଳିହା ଗ୍ରାମରେ ଗତ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଅଜବେଷ୍ଟସ ଉଡ଼ିଯାଇଥିବା ଜଣାପଡ଼ିଛି। ବିଦ୍ୟାଳୟ ରୋଷେଇ ଘର ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ସ୍କୁଲର ସମସ୍ତ ସାମଗ୍ରୀ ଅସୁରକ୍ଷିତ ଅବସ୍ଥାରେ ରହିଛି। ଆସନ୍ତା ୧ରେ ବିଦ୍ୟାଳୟ ଖୋଲିବାକୁ ଯାଉଥିବାବେଳେ ଘରର ମରାମତି ତୁରନ୍ତ କରା ନ ଗଲେ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି। ତୁରନ୍ତ ପ୍ରଶାସନ ପକ୍ଷରୁ ଏହାର ସମାଧାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ନନ୍ଦିନୀ ଦେବୀ ଥିଲେ ସାଲିସ୍‌ବିହୀନ ନେତ୍ରୀ

ଢେଙ୍କାନାଳ ଅଫିସ,୯।୬

ଢେଙ୍କାନାଳ ଗୋପବନ୍ଧୁ ଟାଉନହଲଠାରେ ରବିବାର ସନ୍ଧ୍ୟା ୬ଟାରେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ମହାନ ଜନନାୟିକା ନନ୍ଦିନୀ ଶତପଥୀଙ୍କ ୮୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ପ୍ରଭାସିନୀ ମହାଖୁଡ କହିଲେ ଯେ, ନନ୍ଦିନୀ ଦେବୀ ଜଣେ ସାଲିସବିହୀନ ନେତ୍ରୀ ଓ ସୁସାହିତ୍ୟିକା ଥିଲେ। ରାଜ୍ୟ ମହିଳା ବିଜେଡି ନେତ୍ରୀ ସାଗରିକା ମିଶ୍ର ଅତିଥି ଭାବେ ଯୋଗଦେଇ ନନ୍ଦିନୀ ଦେବୀଙ୍କ କୃତି ଓ ଅବଦାନ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ ଉତ୍ସବରେ ଅଧ୍ୟକ୍ଷତା କରି ନନ୍ଦିନୀ ଦେବୀ ବାସ୍ତବରେ ଅଗ୍ନିକନ୍ୟା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କର ଅତୁଳନୀୟ ଭୂମିକା ରହିଛି। ସାମ୍ୟବାଦ ଚେତନାରେ ପ୍ରଭାବିତ ହୋଇ ଗରିବ ଲୋକଙ୍କ ସେବାକରି ସେ ଜନନାୟିକା ଭାବେ ଆଦୃତ ହୋଇଥିଲେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସମାଜ ଗଠନରେ ନାରୀର ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ଛାତ୍ର ମଙ୍ଗରାଜ ମହାପାତ୍ର, ଛାତ୍ରୀ ଆଦ୍ୟାଶା ନନ୍ଦ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ପରେ ନନ୍ଦିନୀ ଦେବୀ ସମ୍ମାନରେ କବି ଅଥୟ କୁମାର ସାହୁ, ସାମାଜିକ କର୍ମୀ ଶାନ୍ତିଲତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ହେମନ୍ତ କୁମାର ନାୟକ, ଅମରେଶ ମହାପାତ୍ର, ଅନୁପମ ଦେବାଶିଷ ମିଶ୍ର ଓ ନୃତ୍ୟଗୁରୁ ଆଶିଷ କୁମାର ପାଲଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ମାନସ କୁମାର ନନ୍ଦ ସ୍ୱାଗତ ଭାଷଣ ଓ ଡ. ଦେବୀ ପ୍ରସାଦ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିପୂର୍ବରୁ ଅପରାହ୍ନରେ ସଂଯୁକ୍ତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ମାକ୍ଷିତମାମି ମହାପାତ୍ର ଓ କବିତା ମହାପାତ୍ର କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନନ୍ଦିନୀ ଦେବୀଙ୍କ ଜୟନ୍ତୀ ପାଳନ କରିବାକୁ ସଭାରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଉତ୍ସବରେ ବହୁ ସଂଖ୍ୟାରେ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।




ଗୋପବନ୍ଧୁ ଟାଉନହଲଠାରେ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

## ସ୍ପଷ୍ଟବାଦୀ, ନିର୍ଭୀକ ବ୍ୟକ୍ତିତ୍ୱ

ତାଳଚେର, ୯।୬(ନି.ପ୍ର.)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ରବିବାର ନନ୍ଦିନୀ ଦେବୀ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ କଂଗ୍ରେସ ନେତ୍ରୀ ସସ୍ମିତା ବେହେରା, ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର, କିନ୍ନର ମହାସଂଘର ସଭାପତି କାଜଲ ନାୟକ, ପ୍ରଦୀପ ସେବା ଟ୍ରଷ୍ଟର ସଭାପତି ପ୍ରଦୀପ ପୃଷ୍ଟି, ରତୁରାଣୀ ସାମଲ ପ୍ରମୁଖ ଯୋଗ ଦେଇ ଥିଲେ। ନନ୍ଦିନୀ ଦେବୀ ଜଣେ ସ୍ପଷ୍ଟବାଦୀ ଓ ନିର୍ଭୀକ ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜଣେ ରାଜନୈତିଜ୍ଞ ସହ ସୁସାହିତ୍ୟିକା ଭାବେ ମଧ୍ୟ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ତାଙ୍କର ପ୍ରତ୍ୟେକ କାର୍ଯ୍ୟ ଆମ ପାଇଁ ପ୍ରେରଣାଦାୟକ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ପ୍ରଦୀପ କୁମାର ମହାରଣା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଜିତେନ୍ଦ୍ର ମହାପାତ୍ର ସଂଯୋଜନା କରିଥିଲେ। ସାମାଜିକ କର୍ମୀ ବାପି ମହାନ୍ତି ଧନ୍ୟବାଦ ଦେଇଥିଲେ। ସେହିପରି ତାଳଚେର ଧରିତ୍ରୀ କାର୍ଯ୍ୟାଳୟରେ ମଧ୍ୟ ନନ୍ଦିନୀ ଶତପଥୀଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି।

# ୩ ଚୋରା ମଦ ବ୍ୟବସାୟୀ ଗିରଫ

ଅନୁଗୋଳ ଅଫିସ, ୯।୬



ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନର ଚଢ଼ାଉ କରାଯାଇ ଚୋରା ମଦ ଚାଲାଣ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ଦୁଇଟି ବାଇକ୍, ୧୦୩ ଲିଟର ଦେଶୀ ମଦ ଓ ୨ ହଜାର କିଲୋଗ୍ରାମର ପୋଚ ଜବତ କରାଯାଇଥିବା ଅବକାରୀ ମୋବାଇଲ ଫ୍ଲାଇଂ ସ୍କ୍ୱାଡ ଇନ୍ସପେକ୍ଟର କେଏସ୍ ତିୱାରି ସୂଚନା ଦେଇଛନ୍ତି। ଅନୁଗୋଳ ଅବକାରୀ ମୋବାଇଲ ଫ୍ଲାଇଂ ସ୍କ୍ୱାଡ ପକ୍ଷରୁ ଜରାସିଂହା, ପରଙ୍ଗ ଓ ଆମ୍ବପାଳଠାରେ ଚଢ଼ାଉ କରାଯାଇଥିଲା। ଜିନ୍ଦଲ ରୋଡରୁ ଦୁଃଶାସନ ବେହେରା, ଅଭୟ ସାହୁ ଓ ପ୍ରତାପ ସାହୁଙ୍କୁ ଅବକାରୀ ବିଭାଗ ଗିରଫ କରିଥିଲା। ଗିରଫ ସମୟରେ ବାଇକ୍ (ଓଆର୍-୧୯ ଏଚ୍-୪୬୨୦)ରୁ ୪୮ ଲିଟର ଦେଶୀ ମଦ, ଅନ୍ୟଏକ ବାଇକ୍ (ଓଡ଼ି-୧୯-ଇ-୨୧୯୯)ରୁ ୨ ହଜାର କେଜି ପୋଚ ଓ ୬୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ପୋଚକୁ ଜରାସିଂହାର ନାଳରେ ନଷ୍ଟ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ୧୫ରେ ଜିଲାସ୍ତରୀୟ ପୁରାଣ ପ୍ରତିଯୋଗିତା

ତାଳଚେର, ୯।୬(ନି.ପ୍ର.)

ରଜ ସଂକ୍ରାନ୍ତି ଉପଲକ୍ଷେ ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ପକ୍ଷରୁ ସପ୍ତମ ଜିଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠରେ ଆସନ୍ତା ୧୫ ତାରିଖରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବ୍ୟାସଦେବକୃତ ହରିବଂଶ, ଅଚ୍ୟୁତାନନ୍ଦକୃତ ହରିବଂଶ ଓ ଶ୍ରୀମଦ୍ ଭାଗବତର ଶ୍ରୀକୃଷ୍ଣ ଚରିତରୁ ପ୍ରଶ୍ନ ପଚରାଯିବ। ପ୍ରତ୍ୟେକ ଗ୍ରାମ କିମ୍ବା ଅନୁଷ୍ଠାନରୁ ଉଭୟ ମହିଳା ପୁରୁଷ ୪ ଜଣ ଲେଖାଏ ପ୍ରତିଯୋଗୀ ଗୋଟିଏ ଦଳ ହିସାବରେ ଅଂଶଗ୍ରହଣ କରିପାରିବେ। ସମସ୍ତ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ପ୍ରଦାନ କରାଯିବ। ଶ୍ରେଷ୍ଠ ୩ଟି ଦଳକୁ ବିଶେଷ ପୁରସ୍କାର ଦେଇ ସମ୍ବର୍ଦ୍ଧନା କରାଯିବ। ଏ ସମ୍ବନ୍ଧରେ ଅଧିକ ସୂଚନା ପାଇଁ ପରିଷଦର ସମ୍ପାଦକ ଜଗନ୍ ମୋହନ ଗଡନାୟକ, ବିଭୂତି ଭୂଷଣ ସାହୁ ଓ ଅରୁଣ କୁମାର ଗଡନାୟକଙ୍କୁ ଯୋଗାଯୋଗ କରିବାକୁ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି। ସମସ୍ତ ଭଗବତ୍‌ପ୍ରେମୀ ଜନସାଧାରଣ ବିପୁଳ ମାତ୍ରାରେ ଏଥିରେ ଭାଗ ନେବାକୁ ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦର ସମ୍ପାଦକ ନିବେଦନ କରିଛନ୍ତି।

MARUTI SUZUKI ARENA

PERFORMANCE MATTERS

Get your new Diesel Swift or Dzire and go in for a power-packed performance with high fuel efficiency.




DDiS 190
The Power Packed Diesel Engine

DIESEL MT 28.40# km/l
DIESEL AMT 28.40# km/l
These figures reflect the fuel efficiency for both Swift and Dzire.

DZIRE - SAVE UP TO ₹45,000*
SWIFT - SAVE UP TO ₹40,000*

Scratch & Win Contest
MGA Worth Up to ₹10,000*

DZIRE SWIFT

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in

SKY AUTOMOBILES
• BHUBANESWAR: 9776645711
• CUTTACK: 9776677771, 7381873818
• DHENKANAL: 9776900005 • JAJPUR: 9776900777

NARAYANI MOTORS
• BHUBANESHWAR: 7381094890/ 0674-2588474, 0674-2588475, 0674-2588473
• PURI: 9583022035
• PARADEEP: 9583022034/ 06722-228044

ODYSSEY MOTORS
• ANGUL: 7752076136, 9776901481
• PALLAHARA: 7873565435, 9437831123

JYOTE MOTORS
• BHUBANESWAR: LEWIS ROAD-9776615020, 9776615035, 9776615032
NAYAPALLI- 7381355999, 7381366999 • KEONJHAR: 8599019854, 7064493469
• BARIPADA: 9437102597 • BHADRAK: 7381064240 • NAYAGARH: 7381028515
• BALASORE: 7064499108

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes applicable consumer offer and exchange bonus and is valid till 30th June '19. Savings mentioned above is of Swift and Dzire Diesel variant. In Scratch and Win offer, upon invoicing of vehicle from 5th June'19 to 30th June'19, customer can win upto ₹10000 worth of MGA. It is applicable on all models except New Ertiga and Super Carry.Offers as shown above may change without any prior notice.



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ